



RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-103 •THURSDAY •9 OCTOBER 2025 •PAGE-12 •₹ 6.00 | SAMBALPUR | •ବର୍ଷ-୪୩ •ସଂଖ୍ୟା-୧୦୩ •ଗୁରୁବାର •୯ ଅକ୍ଟୋବର ୨୦୨୫ •ପୃଷ୍ଠା-୧୨ •ଟ.୬.୦୦


## ପୁଲିସ ଚାକିରି ବିକ୍ରି

# କାଠଗଡ଼ାରେ ଓପିଆର୍‌ବି

## ଟେଣ୍ଡର ସର୍ତ୍ତାବଳୀ ଉଲ୍ଲଙ୍ଘନ ସତ୍ତ୍ୱେ କାହିଁକି ଚୁପ୍ ଥିଲେ କର୍ତ୍ତୃପକ୍ଷ ?

### ଅନୁମତି ନ ଥିବା ସତ୍ତ୍ୱେ ପ୍ରଶ୍ନପତ୍ର ପ୍ରସ୍ତୁତ କରିଥିଲେ ସିଲିକନ୍ ଓ ପଞ୍ଚସଫ୍ଟ

### ଓପିଆର୍‌ବି ଓ ଆଇଟିଆଇ ଅଧିକାରୀଙ୍କ ପ୍ରତି କୋହଳ ମନୋଭାବ କାହିଁକି

■ **ଭୁବନେଶ୍ୱର, ୮।୧୦ (ସମିସ):** ପୁଲିସ ଏସ୍‌ଆଇ ଚାକିରି ବିକ୍ରି ଘଟଣାକୁ ନେଇ ସାରା ରାଜ୍ୟ ଦୁଲୁକୁଛି । ୨୫ରୁ ୩୦ ଲକ୍ଷ ଟଙ୍କାରେ ପୁଲିସ ଚାକିରି ବିକ୍ରି ଷଡ଼ଯନ୍ତ୍ର ଧରାପଡ଼ିବା ପରେ ଯେତିକି ତଥ୍ୟ ଲୋକଲୋଚନକୁ ଆସିଛି, ସେଥିରେ ଓଡ଼ିଶା ପୁଲିସ ରିକ୍ରୁଟମେଣ୍ଟ ବୋର୍ଡ (ଓପିଆର୍‌ବି) ଓ ପରୀକ୍ଷା ପରିଚାଳନା ନିମନ୍ତେ ଦାୟିତ୍ୱ ପାଇଥିବା ଆଇଟିଆଇର ଭୂମିକାକୁ ନେଇ ସନ୍ଦେହ ଘନୀଭୂତ ହେବାରେ ଲାଗିଛି। ରାଷ୍ଟ୍ରାୟତ୍ତ ସଂସ୍ଥା ଆଇଟିଆଇରୁ ସବ୍‌ଲେଟ୍ ନେଇଥିବା ସିଲିକନ୍ ଟେକ୍‌ଲାବ୍ ଓ ପଞ୍ଚସଫ୍‌ଟ ମୁଖ୍ୟ ଶଙ୍କର ପୃଷ୍ଟିର କାର୍ଯ୍ୟକଳାପ ସମ୍ପର୍କରେ ଓପିଆର୍‌ବି ସବୁ ଜାଣି ବି ନିରବ ଥିବା ସ୍ପଷ୍ଟ ହେବାରେ ଲାଗିଛି। ପରୀକ୍ଷା ପରିଚାଳନା ନିମନ୍ତେ ଆଇଟିଆଇକୁ ଟେଣ୍ଡର ଦେବା ବେଳେ ଓପିଆର୍‌ବି କେବଳ ଅନ୍ୟ କମ୍ପାନୀଠାରୁ ମାନବ ସମ୍ବଳ ସହଯୋଗ ନିମନ୍ତେ ଅନୁମତି ଦେଇଥିଲା। ମାତ୍ର ଆଇଟିଆଇ ପୂରା ପରୀକ୍ଷା ପରିଚାଳନା ବ୍ୟବସ୍ଥାକୁ ସିଲିକନ୍ ଟେକ୍‌ଲାବକୁ ହସ୍ତାନ୍ତର କରିଥିବା ବେଳେ କାହିଁକି ଓପିଆର୍‌ବି ନିରବ ରହିଲା ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେହିପରି ସିଲିକନ୍ ଟେକ୍‌ଲାବ୍ ସହ ମିଶି ପଞ୍ଚସଫ୍ଟ କମ୍ପାନୀ ଅନୁମତି ନ ଥିବା ସତ୍ତ୍ୱେ କିପରି ପ୍ରଶ୍ନପତ୍ର ପ୍ରସ୍ତୁତି ସହ ପରିଚାଳନା ଦାୟିତ୍ୱ ପାଇଲେ, ତାହାକୁ ଦେଖିଲେ ଚାକିରି ବିକ୍ରି ପାଇଁ ମୂଳରୁ ଷଡ଼ଯନ୍ତ୍ର ହୋଇଥିବା ଜଳଜଳ ଦିଶୁଛି। ▶ପୃଷ୍ଠା-୭

## ଗିରଫ ୧୧୯ ଜଣଙ୍କ ଜାମିନ ଖାରଜ

■ **ବ୍ରହ୍ମପୁର,୮।୧୦ (ସମିସ):** ବହୁଚର୍ଚ୍ଚିତ ପୁଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ଘଟଣାରେ ଗିରଫ ହୋଇ ବ୍ରହ୍ମପୁର ମଣ୍ଡଳ କାରାଗାରରେ ବନ୍ଦୀ ଥିବା ୧୧୪ଜଣ ପରୀକ୍ଷାର୍ଥୀ ଓ ୫ଜଣ ଦଲାଲଙ୍କ ଜାମିନ ଆବେଦନ ଖାରଜ ହୋଇଯାଇଛି।

### ୬ ବସ୍ କର୍ମଚାରୀଙ୍କ ବୟାନ ରେକର୍ଡ

ଗିରଫ ଅଭିଯୁକ୍ତଙ୍କୁ ଜାମିନ ପ୍ରଦାନ ପାଇଁ ସେମାନଙ୍କ ଅଧିବକ୍ତାମାନେ ପୂର୍ବରୁ ବ୍ରହ୍ମପୁର ଜେଏମ୍‌ଏଫସି (ଗ୍ରାମୀଣ)ଙ୍କ ଅଦାଲତରେ ଆବେଦନ କରିଥିଲେ। ବୁଧବାର ଉକ୍ତ ଆବେଦନଗୁଡ଼ିକର ଶୁଣାଣି ହୋଇଥିଲା। ସରକାରୀ ଓକିଲ ଜାମିନ ଆବେଦନର ତୀବ୍ର ବିରୋଧ କରିଥିଲେ। ସେହିକ୍ରମରେ ବିଚାରପତି ସମସ୍ତ ୧୧୯ଜଣ ଅଭିଯୁକ୍ତର ଜାମିନ ଆବେଦନକୁ ଖାରଜ କରିଦେଇଥିବା ପିପି ବିଶ୍ୱଜିତ ବରାଳ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଏହି ୧୧୪ଜଣ ଚାକିରି ଆଶାୟୀ ଓ ୩ ଜଣ ଦଲାଲଙ୍କୁ ନେଇ ବିଜୟନଗରମ ଅଭିମୁଖେ ଯାଉଥିବା ୩ଟି ବସ୍‌ର ୬ଜଣ କର୍ମଚାରୀଙ୍କ ବୟାନ ରେକର୍ଡ କରାଯାଇଛି। ▶ପୃଷ୍ଠା-୭

## ମିଆଁମାର ସେନାର ବର୍ବରତା

# ବୌଦ୍ଧ ମହୋତ୍ସବରେ ବୋମାମାଡ଼

### ୪୭ ମୃତ, ୮୦ ଆହତ



■ **ନେପିଡୋ, ୮।୧୦ (ସମିସ):** ମିଆଁମାରରେ ବୌଦ୍ଧ ମହୋତ୍ସବ ପାଳନ କରାଯାଉଥିବା ବେଳେ ସେନା ଆକ୍ରମଣ କରିଛି। ଚାଉଙ୍ଗ ୟୁ ସହରରେ 'ଥାଡିଙ୍ଗ୍ୟୁଟ୍ ପୂର୍ଣ୍ଣିମା' ପାଳନ କରିବାକୁ ଲୋକେ ଏକାଠି ହୋଇଥିବା ବେଳେ ସେନା ବୋମାମାଡ଼ କରିଛି। ଏଥିରେ ୪୭ଜଣ ଲୋକ ପ୍ରାଣ ହରାଇଛନ୍ତି ଏବଂ ୮୦ରୁ ଅଧିକ ଆହତ ହୋଇଛନ୍ତି। ଏହି ଉତ୍ସବ ପାଳନ ବେଳେ ସମବେତ ଲୋକେ ସାମରିକ ଶାସନ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ସମୟରେ ସେନା ପକ୍ଷରୁ ୭ଟି ବୋମାମାଡ଼ କରାଯାଇଥିବା ଜଣାପଡ଼ିଛି।

ଏକ ମୋଟରଚାଳିତ ପାରା ଗ୍ଲାଇଡର ଘଟଣାସ୍ଥଳରେ ଉଡିଥିଲା ଓ ଏଥିରୁ ବୋମାମାଡ଼ କରାଯାଇଥିଲା। ଏଭଳି ଆକ୍ରମଣ ହେବ ବୋଲି ଲୋକଙ୍କୁ ଆଗୁଆ ସୂଚନା ମଧ୍ୟ ଦିଆଯାଇଥିଲା। ସୂଚନା ପାଇ ଏକ ତୃତୀୟାଂଶ ଲୋକ ସେଠାରୁ ପଳାଇଥିଲେ। ବୋମାମାଡ଼ ପରେ ସଂପୃକ୍ତ ଅଞ୍ଚଳରେ ଖଣ୍ଡିବିଖଣ୍ଡିତ ମରଶରୀର ଚାରିଆଡ଼େ ବିଛାଡ଼ି ହୋଇ ପଡ଼ିଥିବା ବେଳେ ମୃତଦେହଗୁଡିକୁ ଚିହ୍ନଟ କରିବା କଷ୍ଟକର ହୋଇ ପଡ଼ିଛି। ମୃତ୍ୟୁସଂଖ୍ୟା ଆହୁରି ବୃଦ୍ଧି ପାଇବ ବୋଲି ଆଶଙ୍କା କରାଯାଉଛି। ଉଲ୍ଲେଖଥାଉ କି ୨୦୨୧ରେ ସେନା ଶାସନଭାର ହାତକୁ ନେବା ପରେ ମିଆଁମାରରେ ଗୃହଯୁଦ୍ଧ ସ୍ଥିତି ସୃଷ୍ଟିହୋଇଛି। ଗଣତନ୍ତ୍ରର ସମର୍ଥକ ଅନ୍ୟ ଉଗ୍ରବାଦୀ ସଂଗଠନ ସହ ମିଶି ସାମରିକ ଶାସନ ବିରୋଧରେ ଲଢ଼େଇ ଜାରି ରଖିଛନ୍ତି। ତେବେ ମିଆଁମାରରେ ଆଗାମୀ ଡିସେମ୍ବର ୨୮ରେ ସାଧାରଣ ନିର୍ବାଚନ ହେବ ବୋଲି କୁହାଯାଇଛି। କିନ୍ତୁ ଏଥିରେ ବ୍ୟାପକ ଜାଲିଆତି ହେବ ବୋଲି ଆଶଙ୍କା ପ୍ରକଟ କରି ବିଦ୍ରୋହୀ ଓ ଗଣତନ୍ତ୍ରର ସମର୍ଥକମାନେ ଏହି ନିର୍ବାଚନକୁ ବର୍ଜନ କରିବାକୁ ଘୋଷଣା କରିଛନ୍ତି।

# ସରକାରଙ୍କୁ ଆଇନଶୃଙ୍ଖଳା ଚିନ୍ତା

### ଅସାମାଜିକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଲାଗି ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ



■ **ଭୁବନେଶ୍ୱର, ୮।୧୦ (ସମିସ):** ଗତ କିଛିଦିନ ମଧ୍ୟରେ ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ଭୟଙ୍କର ସମୟ ଦେଇ ଗତି କରୁଛି। ଅରାଜକତା ସୀମା ଅତିକ୍ରମ କରିଛି। କଟକ ଚୌଦ୍ୱାର ଜେଲ୍‌ରୁ ଦୁଇଜଣ କୁଖ୍ୟାତ ହତ୍ୟାକାରୀ ଫେରାର ହୋଇ ଯାଇଛନ୍ତି। ଭଦ୍ରକ ଅଞ୍ଚଳରେ ମାନସିକ ବିକାରଗ୍ରସ୍ତ ମହିଳାଙ୍କୁ ଉଠାଇ ନିଆଯାଇ ଦୁଷ୍କର୍ମ କରାଯାଇଛି। କଟକରେ ସାମ୍ପ୍ରଦାୟିକ ସଦ୍‌ଭାବ ନଷ୍ଟ ହୋଇଛି। ସହରରେ କର୍ଫ୍ୟୁ ଜାରି କରାଯାଇଛି। ବ୍ରହ୍ମପୁରରେ ଖୋଦ ଶାସକ ଦଳର ଜଣେ ନେତା ତଥା ଆଇନଜୀବୀଙ୍କୁ ଗୁଳି ମାରି ହତ୍ୟା କରାଯାଇଛି। ଏହି ସମୟରେ ପୁଲିସ ଏସ୍‌ଆଇ ଚାକିରି ବିକ୍ରି ଘଟଣା ରାଜ୍ୟ ସରକାରଙ୍କ ଛବିକୁ ମଳିନ କରିଛି। ଏହାର ଅନୁଧ୍ୟାନ ନିମନ୍ତେ ବୁଧବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଡାକିଛନ୍ତି ଗୁରୁତ୍ୱପୂର୍ଣ୍ଣ ବୈଠକ। ଆଇନଶୃଙ୍ଖଳା ଖରାପ କରୁଥିବା ଅସାମାଜିକ ତତ୍ତ୍ୱଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଓ ଦୃଢ଼ ହସ୍ତରେ ଦମନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ।

ନିକଟରେ ରାଜ୍ୟରେ ଘଟିଥିବା ବିଭିନ୍ନ ଅପରାଧଗୁଡ଼ିକ ସମ୍ପର୍କରେ ପୁଲିସ ଡ଼ିଜିଙ୍କଠାରୁ ରିପୋର୍ଟ ତଲବ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କଟକରେ ପରିସ୍ଥିତି ସ୍ୱାଭାବିକ ହେଲେ ମଧ୍ୟ ପୁଲିସକୁ ସତର୍କ ରହିବାକୁ ପଡିବ ଏବଂ କୌଣସି ପରିସ୍ଥିତିରେ କୋହଳ ମନୋଭାବ ପୋଷଣ କରିବା ଉଚିତ୍ ନୁହେଁ। ବର୍ତ୍ତମାନ ପରିସ୍ଥିତିରେ ସବୁ ସମ୍ବେଦନଶୀଳ ଅଞ୍ଚଳରେ ପୁଲିସ ଫୋର୍ସ ମୁତୟନ ସହିତ ପାଟ୍ରୋଲିଙ୍ଗ୍ ଜାରି ରଖାଯାଉ ବୋଲି ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଭାଇଚାରାର ସହରରେ ଯେପରି ସାମାଜିକ ସଦ୍‌ଭାବ ଫେରି ଆସିବ ସେଥିପାଇଁ ବିଭିନ୍ନ ଗୋଷ୍ଠୀର ନେତୃବୃନ୍ଦଙ୍କ ସହିତ ପୁଲିସ ଉଚ୍ଚ ପଦାଧିକାରୀମାନେ ଆଲୋଚନା ଜାରି ରଖିବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ▶ପୃଷ୍ଠା-୭

## ନୂଆପଡ଼ା ଲଢ଼େଇ

# ନବୀନ ଗଢ଼ିଲେ କମିଟି

**ଷ୍ଟିଅରିଂ କମିଟିରେ ଦଳର ୬ ବରିଷ୍ଠ ନେତା**

**ଜୋନାଲ କମିଟିରେ ୧୦, ଆକ୍ସନ କମିଟିରେ ୩**

■ **ଭୁବନେଶ୍ୱର, ୮।୧୦ (ସମିସ):** ନୂଆପଡ଼ା ଉପନିର୍ବାଚନ ପ୍ରରିପେକ୍ଷୀରେ ବିଜେଡି ସଭାପତି ନବୀନ ପଟ୍ଟନାୟକ ବରିଷ୍ଠ ନେତାଙ୍କୁ ନେଇ ୩ଟି କମିଟି ଗଠନ କରିଛନ୍ତି। ଷ୍ଟିୟରିଂ କମିଟି, ଜୋନାଲ କମିଟି ଏବଂ ଲୋକାଲ ଆକ୍ସନ କମିଟିରେ ସ୍ଥାନୀତ ସଦସ୍ୟମାନେ ନିର୍ବାଚନ ପରିଚାଳନା କରିବେ ବୋଲି ବିଜେଡି ପକ୍ଷରୁ ବୁଧବାର ସୂଚନା ଦିଆଯାଇଛି।

ଉପନିର୍ବାଚନର ପରିଚାଳନା ଦାୟିତ୍ୱ ଷ୍ଟିୟରିଂ କମିଟି ଉପରେ ନ୍ୟସ୍ତ ହୋଇଛି। ଦଳର ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ, ନିରଞ୍ଜନ ପୂଜାରୀ, ସ୍ନେହାଙ୍ଗିନୀ ଛୁରିଆ, ଟୁକୁନି ସାହୁ, ନିରଞ୍ଜନ ବିଶି ଓ ମହମ୍ମଦ ଆୟୁବ ଖାନ୍ ପ୍ରମୁଖ ଏହି କମିଟିରେ ରହିଛନ୍ତି। ସେହିପରି ଜିଲ୍ଲା ପରିଷଦ ଜୋନ୍ ଏବଂ ପୌରାଞ୍ଚଳ ଜୋନକୁ ନେଇ ଗଠିତ ଜୋନାଲ କମିଟିରେ ମୋଟ ୧୦ ଜଣ ସ୍ଥାନ ପାଇଛନ୍ତି। ନୂଆପଡା ଏନଏସି ପାଇଁ କଳିକେଶ ନାରାୟଣ ସିଂହଦେଓ ଓ ଶାରଦା ନାୟକଙ୍କୁ ଦାୟିତ୍ୱ ମିଳିଥିବା ବେଳେ ଖରିଆର ରୋଡ୍ ଏନଏସି ପାଇଁ ରୋହିତ ପୂଜାରୀ ଓ ବିକ୍ରମ ପଣ୍ଡାଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ସେହିପରି ସୁଦାମ ମାର୍ଣ୍ଡି, ଦେବେଶ ଆଚାର୍ଯ୍ୟ, ସରୋଜ ମେହେର, ମନୋହର ରନ୍ଧାରୀ, ପ୍ରଦୀପ ମାଝୀ, ଯୋଗେଶ ସିଂଙ୍କୁ ଜିଲ୍ଲା ପରିଷଦ ଜୋନ ଦାୟିତ୍ୱରେ ଅବସ୍ଥାପିତ କରାଯାଇଛି। ଲୋକାଲ ଆକ୍ସନ କମିଟିରେ ବିଧାୟକ ଅଧିରାଜ ପାଣିଗ୍ରାହୀ, ଅବନୀ ଯୋଶୀ ଓ ମନୋଜ ମିଶ୍ର ରହିଛନ୍ତି। ଏହି ୩ କମିଟି ତତ୍ତ୍ୱାବଧାନରେ ବିଜେଡି ନିଜର ଉପ ନିର୍ବାଚନ ରଣନୀତି ପରିଚାଳନା କରିବ ବୋଲି ଜଣାପଡ଼ିଛି।

## ଟ୍ରମ୍ପଙ୍କ ଏଚ୍ ୧-ବି ଭିସା ବୋମା

# କମୁଛି ଏନ୍‌ଆର୍‌ଆଇ ବରଙ୍କ କ୍ରେଜ୍

### ସଫ୍ଟୱେର ବୃତ୍ତିଧାରୀଙ୍କୁ ବାହା ହେବାକୁ ଅରାଜି ଭାରତୀୟ ଝିଅ

■ **ନୂଆଦିଲ୍ଲୀ, ୮।୧୦ (ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଏଚ୍‌୧-ବି ଭିସା କଟକଣାର ପ୍ରଭାବ ଏବେ ଚାରିଆଡେ ଜୋରଦାର ଅନୁଭୂତ ହେବାରେ ଲାଗିଛି। ବିଶେଷକରି ଭାରତ ଉପରେ ଏହାର ପ୍ରଭାବ ଦେଖିବାକୁ ମିଳିଛି। ଭାରତ ।।ରେ ବିବାହ ବଜାର ଏହାଦ୍ୱାରା ପ୍ରଭାବିତ ହୋଇଛି। ଟ୍ରମ୍ପ୍ ଏହି ଭିସା ନିମନ୍ତେ ଆବେଦନକାରୀଙ୍କ ପାଇଁ ଫି' ୧୦୦,୦୦୦ ଡଲାର (ପ୍ରାୟ ୮୮ ଲକ୍ଷ ଟଙ୍କା) ବୃଦ୍ଧି କରିବା ପରେ ଆମେରିକାରେ କାମ କରୁଥିବା ପ୍ରବାସୀ ଭାରତୀୟ ବା ଏନ୍‌ଆର୍‌ଆଇ ବରଙ୍କ ଚାହିଦା ହ୍ରାସ ପାଇଥିବା 'ଭାଓଜ୍ ଫର୍ ଇଟରନିଟି ରିପୋର୍ଟ'ରେ କୁହାଯାଇଛି। ସୂଚନା ଅନୁସାରେ ଭାରତର ଯେଉଁ ପରିବାରଗୁଡ଼ିକ ଏ ପର୍ଯ୍ୟନ୍ତ ସେମାନଙ୍କ ପିଲାମାନଙ୍କ ପାଇଁ ଅନ୍ତର୍ଜାତୀୟ ଜୀବନସାଥୀ ଖୋଜିବାରେ ବ୍ୟସ୍ତ ଥିଲେ, ସେମାନେ ଏବେ ଟ୍ରମ୍ପଙ୍କ ଏପରି ନୀତିରେ ବିବ୍ରତ ▶ପୃଷ୍ଠା-୭





## ଆପଣଙ୍କ ପୁରୁଣା ବ୍ୟାଙ୍କ ଖାତାରେ ଟଙ୍କା ରଖି ଭୁଲିଯାଇଛନ୍ତି କି?



ଯାହା ଆପଣଙ୍କର ତାହାକୁ ପ୍ରାପ୍ତ କରିବାରେ ଆର୍‌ବିଆଇ ଆପଣଙ୍କୁ ସାହାଯ୍ୟ କରିବ ।


ଆପଣଙ୍କ ବ୍ୟାଙ୍କରେ ଅଚଳ ଖାତା (2 ବର୍ଷରୁ ଅଧିକ ଓ 10 ବର୍ଷ ପର୍ଯ୍ୟନ୍ତ ସମୟ ଧରି ନିଷ୍କ୍ରିୟ ଥିବା)ରେ ପଡ଼ିରହିଥିବା ଟଙ୍କା / ଦାବିହୀନ ଜମା (10 ବର୍ଷରୁ ଅଧିକ ସମୟ ଧରି)ଗୁଡ଼ିକୁ ଆର୍‌ବିଆଇର ଡିଇଏ ପାଣ୍ଠିକୁ ସ୍ଥାନାନ୍ତର କରିଦିଆଯାଇଥାଏ । ଆପଣ କିମ୍ବା ଆପଣଙ୍କର ଆଇନଗତ ଉତ୍ତରାଧିକାରୀ ତାହାକୁ ଯେକୌଣସି ସମୟରେ ଦାବି କରିପାରିବେ ।

### ନିଜ ଟଙ୍କାକୁ ଦାବି କରିବାର 3ଟି ସହଜ ସୋପାନ

1. ଆପଣଙ୍କ ବ୍ୟାଙ୍କର ଯେକୌଣସି ଶାଖା ପରିଦର୍ଶନ କରନ୍ତୁ, ତାହା ଆପଣଙ୍କ ନିୟମିତ ଶାଖା ନ ହୋଇଥିଲେ ମଧ୍ୟ କିଛି ଅସୁବିଧା ନାହିଁ
2. କେୱାଇସି ଦସ୍ତାବିଜ (ଆଧାର, ପାସ୍‌ପୋର୍ଟ, ମତଦାତା ପରିଚୟପତ୍ର କିମ୍ବା ଡ୍ରାଇଭିଂ ଲାଇସେନ୍ସ) ସହ ଏକ ଫର୍ମ ଦାଖଲ କରନ୍ତୁ
3. ଯାଞ୍ଚ ପରେ, ଯଦି ଆପଣଙ୍କର କୌଣସି ଅର୍ଥରାଶି ପ୍ରାପ୍ୟ ହୋଇଥାଏ ତେବେ ତାହାକୁ ସୁଧ ସହ ପ୍ରାପ୍ତ କରନ୍ତୁ

### ଆପଣଙ୍କର ଦାବିହୀନ ଜମାକୁ ଠାବ କରିବା ପାଇଁ

ଆପଣଙ୍କ ବ୍ୟାଙ୍କର ୱେବ୍‌ସାଇଟ୍‌ରେ ସନ୍ଧାନ କରନ୍ତୁ କିମ୍ବା ସମ୍ପ୍ରତି 30ଟି ବ୍ୟାଙ୍କକୁ ଅନ୍ତର୍ଭୁକ୍ତ କରୁଥିବା ଆର୍‌ବିଆଇର ଉଦ୍‌ଗମ ପୋର୍ଟାଲ **(https://udgam.rbi.org.in)** ଯାଞ୍ଚ କରନ୍ତୁ ।




ଅଧିକ ବିବରଣୀ ପାଇଁ,
ପରିଦର୍ଶନ କରନ୍ତୁ: **https://rbikehtahai.rbi.org.in**
ମତାମତ ପାଇଁ, **rbikehtahai@rbi.org.in** କୁ ଲେଖନ୍ତୁ
କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ
**ଆନୁଷ୍ଠାନିକ ହ୍ୱାଟ୍ସଆପ୍ ନମ୍ବର 99990 41935**

ଜନହିତରେ ଜାରି କରିଛନ୍ତି
भारतीय रिज़र्व बैंक
RESERVE BANK OF INDIA
www.rbi.org.in

## ରଶ୍ମିକା-ବିଜୟଙ୍କ ନିର୍ବନ୍ଧକୁ ନେଇ ଚର୍ଚ୍ଚା

ସାଉଥ୍ ଇଣ୍ଡଷ୍ଟ୍ରିର ଲୋକପ୍ରିୟ ଯୋଡ଼ି ଭାବେ ଜଣାଯାନ୍ତି ରଶ୍ମିକା ମନ୍ଦାନା ଓ ବିଜୟ ଦେବରକୋଣ୍ଡା। ଦୀର୍ଘଦିନ ପ୍ରେମ ସମ୍ପର୍କରେ ରହିବା ପରେ ଏହି ଯୋଡ଼ିଙ୍କର ନିକଟରେ ନିର୍ବନ୍ଧ ପର୍ବ ଅନୁଷ୍ଠିତ ହୋଇଥିବା ଚର୍ଚ୍ଚା ହେଉଛି। ଖୁବ୍ ଶୀଘ୍ର ସେମାନେ ନିର୍ବନ୍ଧ କଥା ଘୋଷଣା କରିପାରନ୍ତି ବୋଲି କୁହାଯାଉଛି। କେବଳ ସେତିକି ନୁହେଁ ରଶ୍ମିକା ଓ ବିଜୟ ଆସନ୍ତା ଫେବୃଆରୀ ମାସରେ ବିବାହ ବନ୍ଧନରେ ବାନ୍ଧି ହୋଇ ପାରନ୍ତି ବୋଲି ମଧ୍ୟ କୁହାଯାଉଛି। ତେବେ ଏହି ନିର୍ବନ୍ଧ ସମୟରେ କେବଳ ଉଭୟଙ୍କ ପରିବାର ସଦସ୍ୟ ଉପସ୍ଥିତ ଥିବା କଥା କୁହାଯାଉଛି। ଯଦିଓ ଅନେକ ଦିନରୁ ଉଭୟଙ୍କ ଡେଟିଂ କଥା ସାମ୍ନାକୁ ଆସିଛି କିନ୍ତୁ ଏନେଇ ଦୁହେଁ ଏଯାବତ୍ ବିଧିବଦ୍ଧ ଭାବେ କିଛି କହିନାହାନ୍ତି। ସାଧାରଣତଃ ସେଲିବ୍ରିଟିଙ୍କ ନିର୍ବନ୍ଧ ବେଳର ଫଟୋ ଓ ଭିଡିଓଗୁଡ଼ିକ ଭାଇରାଲ ହେଉଥିବାବେଳେ ରଶ୍ମିକା-ବିଜୟଙ୍କ ନିର୍ବନ୍ଧକୁ ଏଯାବତ୍ ଗୁପ୍ତ ରଖାଯାଇଛି। ତେବେ ଏହି ଖବର ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ଦର୍ଶକେ ଏବେ ସେମାନଙ୍କର ନିର୍ବନ୍ଧ ସମୟର ଫଟୋ ଓ ଭିଡିଓକୁ ଅପେକ୍ଷା କରିଛନ୍ତି। 'ଗୀତା ଗୋବିନ୍ଦମ୍' ଫିଲ୍ମରୁ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଆରମ୍ଭ ହୋଇଥିବା ଚର୍ଚ୍ଚା ହୁଏ।



## ବିଶ୍ୱ ଡାକ ଦିବସ



ଆଜି ବିଶ୍ୱ ଡାକ ଦିବସ। ଅକ୍ଟୋବର ୯କୁ ସମଗ୍ର ବିଶ୍ୱରେ ଡାକ ଦିବସ ଭାବରେ ପାଳନ କରାଯାଉଛି। ଏହି ଦିନଟି ପାଳନ କରିବାର ଉଦ୍ଦେଶ୍ୟ ହେଉଛି, ଡାକ ସେବା ଏବଂ ଡାକ ବିଭାଗ ବିଷୟରେ ଲୋକଙ୍କୁ ଅବଗତ କରାଇବା। ୧୮୭୪ ମସିହା ଆଜିର ଦିନରେ ୨୨ଟି ଦେଶ ସ୍ୱିଜରଲ୍ୟାଣ୍ଡର ରାଜଧାନୀ ବର୍ନରେ ୟୁନିଭର୍ସାଲ ପୋଷ୍ଟାଲ ୟୁନିଅନ ଗଠନ ପାଇଁ ଏକ ଚୁକ୍ତିନାମା ସ୍ୱାକ୍ଷର କରିଥିଲେ। ଏହାପରେ ଜାପାନର ଟୋକିଓରେ ୧୯୬୯ରେ ଅନୁଷ୍ଠିତ 'ୟୁନିଭର୍ସାଲ ପୋଷ୍ଟାଲ ୟୁନିଅନ୍'ର ଅଧିବେଶନରେ, ଅକ୍ଟୋବର ୯କୁ 'ବିଶ୍ୱ ଡାକ ଦିବସ' ରୂପେ ପାଳିବା ପାଇଁ ଭାରତୀୟ ପ୍ରତିନିଧି ଆନନ୍ଦ ମୋହନ ନରୁଲା ପ୍ରସ୍ତାବ ଦେଇଥିଲେ। ତାଙ୍କ ପ୍ରସ୍ତାବ ସର୍ବସମ୍ମତିକ୍ରମେ ଅନୁମୋଦନ ଲାଭ କରିଥିଲା ଏବଂ ତାହା ପରଠାରୁ ଏହି ଦିବସ ପାଳିତ ହେଉଛି। ଡାକ ସେବା ହେଉଛି ଯୋଗାଯୋଗର ପୁରାତନ ମାଧ୍ୟମ। ଆଜିର ଏହି ଡିଜିଟାଲ ଯୁଗରେ ଡାକସେବାରୁ ଯଦିଓ ଲୋକେ ଟିକେ ଦୂରେଇ ଯାଇଛନ୍ତି ତଥାପି ଅନେକ କାମ ଏହି ଡାକ ମାଧ୍ୟମରେ କରାଯାଉଛି। ଦୀର୍ଘଦିନରୁ ସବୁଠାରୁ ନିର୍ଭରଯୋଗ୍ୟ ଏବଂ ଶସ୍ତା ମାଧ୍ୟମ ପାଲଟିଛି ଡାକସେବା। ଆଜିବି ପ୍ରାଇଭେଟ୍ କୋରିଅର କମ୍ପାନିଗୁଡ଼ିକ ଯେଉଁ ସ୍ଥାନକୁ ପହଞ୍ଚି ପାରୁନାହାନ୍ତି ଡାକ ବିଭାଗ ସେଠାରେ ପହଞ୍ଚିଛି। ଯୋଗାଯୋଗର ଏହି ପୁରୁଣା ଉତ୍ସକୁ ମନେ ରଖିବା ପାଇଁ ଏହି ଦିବସ ପାଳନ କରାଯାଉଛି। ୧୮୭୬ ଜୁଲାଇ ୧ରେ ଭାରତ ପ୍ରଥମ ଏସୀୟ ଦେଶ ଭିସେବି, ୟୁନିଭର୍ସାଲ ପୋଷ୍ଟାଲ ୟୁନିଅନର ସଦସ୍ୟ ହୋଇଥିଲା। ୧୮୫୪ ଅକ୍ଟୋବର ୧ରେ ଭାରତ ସରକାର ଡାକ ପାଇଁ ଏକ ବିଭାଗ ପ୍ରତିଷ୍ଠା କରିଥିଲେ। ବିଶ୍ୱର ସର୍ବାଧିକ ଡାକଘର ଥିବା ଦେଶରେ ଅଛି। କୋଲକାତାରେ ଭାରତର ପ୍ରଥମ ଡାକଘର ସ୍ଥାପିତ ହୋଇଥିଲା। ବିଶ୍ୱର ସର୍ବାଧିକ ଉଚ୍ଚତାରେ ଥିବା ଡାକଘର ହେଉଛି ହିମାଚଳ ପ୍ରଦେଶ ଅନ୍ତର୍ଗତ ହିକିମ ଡାକଘର। ସ୍ମାର୍ଟ ଫୋନ୍, ଇଣ୍ଟରନେଟ ଯୁଗରେ ଯୁବ ପିଢ଼ି ଡାକ ସେବାକୁ ଭୁଲି ଯାଇଛନ୍ତି। ହେଲେ ଆଜି ବି ଯେଉଁଠି ଇଣ୍ଟରନେଟ୍ କିମ୍ବା ଫୋନ୍‌ର ନେଟୱର୍କ ପହଞ୍ଚିପାରେନି ସେଠାରେ ପହଞ୍ଚିଯାଉଛି ଡାକ ସେବା। ଗ୍ରାମାଞ୍ଚଳରେ ସବୁଠି ବ୍ୟାଙ୍କ ନାହିଁ କିନ୍ତୁ ପୋଷ୍ଟ ଅଫିସ ଥିବା ନିଶ୍ଚିତ। ଏହାଦ୍ୱାରା ଲୋକଙ୍କ ଆବଶ୍ୟକତାକୁ ଆଖିରେ ରଖି ଏବେ ପୋଷ୍ଟ ଅଫିସରେ ବ୍ୟାଙ୍କ ଭଳି ସୁବିଧା ଯୋଗାଇ ଦିଆଯାଉଛି। ସେହିପରି ବିଭିନ୍ନ ସ୍କିମରେ ଟଙ୍କା ରଖି ଭଲ ରିଟର୍ଣ୍ଣ ପାଉଛନ୍ତି ଲୋକେ। ଦେଶର ସାମାଜିକ ଓ ଆର୍ଥିକ ବିକାଶରେ ଡାକ ବିଭାଗର ଯୋଗଦାନ ବିଷୟରେ ଲୋକଙ୍କୁ ଅବଗତ କରାଇବା ଏହି ଦିବସ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ। ଡାକ ବିଭାଗର ଅଧିକାରୀ, କର୍ମଚାରୀ ଏବଂ ଏଥିରେ ସମ୍ପୃକ୍ତ ସମସ୍ତଙ୍କୁ ସମ୍ମାନ ଓ କୃତଜ୍ଞତା ଜଣାଇବାର ବିଶ୍ୱ ଡାକ ଦିବସ ଏକ ଉତ୍ତମ ମଞ୍ଚ। ଏହି ଦିନ ସମଗ୍ର ବିଶ୍ୱରେ ଡାକ ସାମଗ୍ରୀ ଓ ଡାକ ସେବାର ପ୍ରୋତ୍ସାହନ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଏ।

## ଆଜିର ଇତିହାସ

- ୧୯୨୦ - ଆଲିଗଡ଼ର ଆଙ୍ଗଲୋ ଓରିଏଣ୍ଟାଲ କଲେଜ ଆଲିଗଡ଼ ମୁସଲିମ୍ ବିଶ୍ୱବିଦ୍ୟାଳୟରେ ରୂପାନ୍ତରିତ ହେଲା।
- ୧୯୫୪- ଆଫ୍ରିକୀୟ ଦେଶ ଆଲ୍‌ଜେରିଆରେ ଭୂମିକମ୍ପରେ ୧୪୦୦ ଲୋକଙ୍କ ମୃତ୍ୟୁ।
- ୧୯୯୧- ଜାପାନ ବାହାରେ ପ୍ରଥମ ଥର ଲଣ୍ଡନର ରୟାଲ ଆଲବର୍ଟ ହଲ୍‌ରେ ସୁମୋ ରେସଲିଂ ପ୍ରତିଯୋଗିତା ଆୟୋଜନ କରାଗଲା।
- ୨୦୦୫- ୟୁରୋପୀୟ ଉପଗ୍ରହ 'କ୍ରାୟୋସେଟ୍' ପ୍ରକ୍ଷେପଣ ବିଫଳ ହେଲା।
- ୨୦୦୬- ଗୁଗଲ୍ ୟୁଟ୍ୟୁବ୍ ଅଧିଗ୍ରହଣ କଥା ଘୋଷଣା କଲା।


## ଶୋଇ ଶୋଇ ଲକ୍ଷପତି



ଡିଜିଟାଲ ଯୁଗରେ ଲୋକେ ଅର୍ଥ ଉପାର୍ଜନ ପାଇଁ ଅଜବ ଉପାୟ ସବୁ ଆପଣାଉଛନ୍ତି। ସୋସିଆଲ ମିଡିଆରେ ଭଳିକି ଭଳି କଣ୍ଟେଟ ପ୍ରସ୍ତୁତ କରି ଏଥିରୁ ବେଶ୍ ମୋଟା ଅଙ୍କର ଅର୍ଥ ରୋଜଗାର କରିପାରୁଛନ୍ତି। ଏହି କ୍ରମରେ ଜଣେ ମହିଳା ଶୋଇ ଶୋଇ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରନ୍ତି। ଡେବୋରା ପିକ୍ସୋଟୋ ନାମ୍ନୀ ଏହି ୩୨ ବର୍ଷିୟା ମହିଳା ବ୍ରାଜିଲରେ ରୁହନ୍ତି। ତେବେ ଲୋକେ ମହିଳାଙ୍କୁ ଶୋଇଥିବା ଅବସ୍ଥାରେ ଦେଖିବା ପାଇଁ ଟଙ୍କା ଦେଇଥାନ୍ତି। ଡେବୋରା ଜଣେ ସୋସିଆଲ ମିଡିଆ ଇନଫ୍ଲୁଏନ୍ସର। ତେବେ ତାଙ୍କୁ ଲୋକେ ଲାଇଭ୍ ଷ୍ଟ୍ରିମିଂରେ ଶୋଉଥିବାର ଦେଖନ୍ତି। ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା, ଡେବୋରାଙ୍କୁ ଶୋଇବାବେଳେ ଦେଖିବା ପାଇଁ ଲୋକେ ଟଙ୍କା ମଧ୍ୟ ଦେଇଥାନ୍ତି। ତେବେ ସେ ଏହି ଲାଇଭ୍ ଷ୍ଟ୍ରିମିଂର ନାମ 'ନାଇଟ୍ ଟାଇମ୍ ରିୟାଲିଟି ଶୋ' ରଖିଛନ୍ତି। ଏଥିରେ ପ୍ରତିଦିନ ତାଙ୍କୁ ୪୦ ଜଣ ଲୋକ ଶୋଇବାର ଦେଖନ୍ତି। ସେହିପରି ତାଙ୍କୁ ଲାଇଭ୍ ଷ୍ଟ୍ରିମିଂରେ ଗୋଟିଏ ରାତି ଦେଖିବା ପାଇଁ ଡେବୋରା ଭାରତୀୟ ମୁଦ୍ରାରେ ୯,୫୦୦ ଟଙ୍କା ଚାର୍ଜ କରିଥାନ୍ତି। ଏହିପରି ଭାବେ ସେ ଶୋଇ ଶୋଇ ମାସିକ ଲକ୍ଷାଧିକ ଟଙ୍କା ରୋଜଗାର କରିଥାନ୍ତି। ଅବଶ୍ୟ ଆରମ୍ଭରୁ ଡେବୋରାଙ୍କୁ ଏପରି ଲାଇଭ୍ ଷ୍ଟ୍ରିମିଂ କରିବାକୁ ଟିକେ ଅଜବ ଲାଗୁଥିଲା। ସେହିପରି ତାଙ୍କୁ ଅଧିକାଂଶ ପୁରୁଷ ଲାଇଭ୍ ଷ୍ଟ୍ରିମିଂରେ ଦେଖିବାକୁ ପସନ୍ଦ କରନ୍ତି। ତେବେ ଏଥିପାଇଁ ଡେବୋରା ବେଶୀ କିଛି କରନ୍ତିନି ସେ ନିଜ କୋଠରୀକୁ ସୁନ୍ଦର ଭାବେ ସଜାଇଛନ୍ତି। କୋଠରୀରେ ଲାଇଟ୍ ଓ କ୍ୟାମେରା ବ୍ୟବସ୍ଥା ସେ କରିଛନ୍ତି। ସେହିପରି ଏହି ଲାଇଭ ଷ୍ଟ୍ରିମିଂରେ କୌଣସି ପ୍ରକାର କଟ୍ ନ ଥାଏ। ଏହି ଲାଇଭ୍ ଷ୍ଟ୍ରିମିଂ ମାଧ୍ୟମରେ ଲୋକେ ଡେବୋରାଙ୍କୁ ସତରେ ଦେଖିବା ପରି ଅନୁଭୂତି ନେଇଥାନ୍ତି। କୋଠରୀକୁ ଏପରି ଡିଜାଇନ୍ କରାଯାଇଛି ଯାହାକୁ ଦେଖି ଲୋକେ ଭାବିବେ ସେ ଡେବୋରାଙ୍କୁ ସତସତିକା ଘରେ ବସି ପାଖରୁ ଦେଖୁଛନ୍ତି। ତେବେ ୪୦ରୁ ଅଧିକ ଲୋକ ତାଙ୍କର ସବ୍‌ସ୍କ୍ରିପସନ୍ ନେଇଛନ୍ତି। ନିକଟରେ ସେ ଇନ୍‌ଷ୍ଟାଗ୍ରାମ୍‌ରେ ଏକ ଭିଡିଓ ସେୟାର କରିଥିଲେ। ଯେଉଁଥିରେ ସେ ଏକ ଧଳା ରଙ୍ଗର ବେଡ୍‌ସିଟ୍ ଘୋଡ଼ାଇ ହୋଇ ଶୋଇଥିବାର ଦେଖିବାକୁ ମିଳିଥିଲେ।

## ଆଜି ଆସିଥିଲେ...


## ଉତ୍କଳମଣି ଗୋପବନ୍ଧୁ



"ମିଶୁ ମୋର ଦେହ ଏ ଦେଶ ମାଟିରେ, ଦେଶବାସୀ ଚାଲି ଯାଆନ୍ତୁ ପିଠିରେ।" ଗୋପବନ୍ଧୁ ଦାସଙ୍କ ଏହି ଦୁଇ ଧାଡ଼ି କବିତାରୁ ବାରି ହୁଏ ତାଙ୍କ ତ୍ୟାଗ ଓ ବଳିଦାନର ଗାଥା। ସେ ନିଃସ୍ୱାର୍ଥ ସେବାର ମୂର୍ତ୍ତିମନ୍ତ ବିଗ୍ରହ ଥିଲେ। ଆଜୀବନ ତ୍ୟାଗମନ୍ତ୍ରରେ ଦୀକ୍ଷିତ ଗୋପବନ୍ଧୁ ଦୀନ ଦରିଦ୍ରଙ୍କର ବନ୍ଧୁ ଭାବରେ ବେଶ୍ ଜଣାଶୁଣା ଥିଲେ। ଏକାଧାରରେ ସେ ଥିଲେ ସମାଜସେବୀ, ଦେଶପ୍ରେମୀ, ରାଷ୍ଟ୍ରନୀତିଜ୍ଞ, ସଂସ୍କାରକ, ସାମ୍ବାଦିକ, ସୁଲେଖକ, କବି, ଶିକ୍ଷାବିତ୍ ଏବଂ ଆଇନଜ୍ଞ। ଆଧୁନିକ ଯୁଗର ପଞ୍ଚସଖାମାନଙ୍କ ମଧ୍ୟରେ ସେ ଥିଲେ ଅନ୍ୟତମ। ଭକ୍ତକବି ମଧୁସୂଦନ ରାଓଙ୍କ ନିଷ୍ପତ୍ତି କ୍ରମେ ଗୋପବନ୍ଧୁ ସାକ୍ଷୀଗୋପାଳର ବକୁଳ ଓ ଛୁରିଅନା କୁଞ୍ଜରେ ସତ୍ୟବାଦୀ ବନ ବିଦ୍ୟାଳୟର ପ୍ରତିଷ୍ଠା କରିଥିଲେ। ଏହି ବିଦ୍ୟାଳୟରୁ ସେତେବେଳେ ଜାତୀୟ ସ୍ୱାଧୀନତା ଆନ୍ଦୋଳନ ପରିଚାଳିତ ହେଉଥିଲା।

ପଣ୍ଡିତ ଗୋପବନ୍ଧୁ ଦାସ ୧୮୭୭ ମସିହା ଆଜିର ଦିନରେ ଦୈତାରି ଦାସ ଓ ସ୍ୱର୍ଣ୍ଣମୟୀ ଦେବୀଙ୍କ ସନ୍ତାନ ଭାବେ ପୁରୀ ଜିଲ୍ଲାର ସୁଆଣ୍ଡୋ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ତାଙ୍କୁ ଖୁବ୍ ଅଳ୍ପ ବୟସ ହୋଇଥିବାବେଳେ ତାଙ୍କ ମାତାଙ୍କର ମୃତ୍ୟୁ ହୋଇଯାଇଥିଲା। ଗୋପବନ୍ଧୁ ଦାସ ମାତ୍ର ୧୨ ବର୍ଷ ବୟସରେ ଅପତୀ ଦେବୀଙ୍କୁ ବିବାହ କରିଥିଲେ। ବିବାହ ପରେ ମଧ୍ୟ ସେ ପାଠପଢ଼ା ଜାରି ରଖିଥିଲେ। ପୁରୀରୁ ମାଟ୍ରିକ୍ ପାସ୍ କରି, ସେ କଟକର ରେଭେନ୍ସା ମହାବିଦ୍ୟାଳୟରେ ଅଧ୍ୟୟନ କଲେ। କଟକରେ ଅଧ୍ୟୟନ ସମୟରେ ଓଡ଼ିଆ ଭାଷାର ବିଲୋପ ଚକ୍ରାନ୍ତ ବିରୋଧରେ ଆନ୍ଦୋଳନ ଆରମ୍ଭ ହୋଇଥିଲା। ଗୋପବନ୍ଧୁ, 'କର୍ତ୍ତବ୍ୟ ବୋଧିନୀ ସମିତି' ଗଠନ କରି ଓଡ଼ିଆ ଭାଷା ବିଲୋପର ତୀବ୍ର ପ୍ରତିବାଦ କଲେ। ୧୯୦୩ରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଦ୍ୱାରା ଆହୂତ ଉତ୍କଳ ସମ୍ମିଳନୀରେ ଗୋପବନ୍ଧୁ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଏହି ସମୟରେ, ତାଙ୍କର ପ୍ରଥମ ପୁତ୍ର ସନ୍ତାନଟିର ଅକାଳ ମୃତ୍ୟୁ ଘଟିଥିଲା। ଏହିପରି ନାନାଦି ବାଧାବିଘ୍ନ ସତ୍ତ୍ୱେ ସେ ୧୯୦୪ ମସିହାରେ ରେଭେନ୍ସା ମହାବିଦ୍ୟାଳୟରୁ ବିଏ ପାସ୍ କଲେ ଓ କଲିକତାରେ ବିଏଲ୍ ପଢ଼ିଲେ। ସେଠାରେ ପ୍ରବାସୀ ଓଡ଼ିଆଙ୍କ ଦୁଃଖଦୁର୍ଦ୍ଦଶାରେ ବ୍ୟଥିତ ହୋଇ, ସେ 'ଓଡ଼ିଆ ଶ୍ରମିକ ସଂଘ' ଓ 'ସାନ୍ଧ୍ୟ ବିଦ୍ୟାଳୟ' ପ୍ରତିଷ୍ଠା କରିଥିଲେ। ଇତିମଧ୍ୟରେ ତାଙ୍କର ଦ୍ୱିତୀୟ ପୁତ୍ରଟିର ମଧ୍ୟ ମୃତ୍ୟୁ ଘଟିଥିଲା। ଏପରିକି, ଯେଉଁଦିନ ସେ ବିଏଲ୍ ପାସ୍ କରିଛନ୍ତି ବୋଲି ଖବର ପାଇଥିଲେ, ସେହିଦିନ ତାଙ୍କୁ ନିଜ ପତ୍ନୀଙ୍କର ମୃତ୍ୟୁ ସମ୍ବାଦ ମଧ୍ୟ ମିଳିଥିଲା। ଏତେ ସବୁ ଦୁଃଖ କିନ୍ତୁ ତାଙ୍କୁ ନିଜ କର୍ମରୁ ବିଚ୍ୟୁତ କରିପାରିନଥିଲା। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ତାଙ୍କର ଯୋଗଦାନ ଅତୁଳନୀୟ ରହିଥିଲା। ୧୯୧୮ରୁ ୧୯୨୦ ମଧ୍ୟରେ ଓଡ଼ିଶାରେ ଘଟିଥିବା ବନ୍ୟା, ମରୁଡ଼ି, ଦୁର୍ଭିକ୍ଷ ଓ ଅନାବୃଷ୍ଟି ତାଙ୍କୁ ମର୍ମାହତ କରିଥିଲା। ସେ ଚୁଡ଼ା, ଚାଉଳ ଧରି ବନ୍ୟା ପ୍ରପୀଡ଼ିତ ଅଞ୍ଚଳରେ ବାଣ୍ଟିବା ସହ ମାନବ ସେବାରେ ଲାଗି ପଡ଼ିଥିଲେ। ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରରୋଚନାରେ ଗୋପବନ୍ଧୁ ୧୯୧୭ରୁ ୧୯୨୧ ପର୍ଯ୍ୟନ୍ତ ବିହାର-ଓଡ଼ିଶା ବିଧାନସଭାର ସଦସ୍ୟ ରୂପେ ନିର୍ବାଚିତ ହୋଇଥିଲେ। ୧୯୨୧ ମସିହାରେ ଗୋପବନ୍ଧୁ ଦାସ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ପ୍ରଥମ ଅଧ୍ୟକ୍ଷ ହୋଇଥିଲେ। ଗୋପବନ୍ଧୁଙ୍କ ପ୍ରଚେଷ୍ଟାରେ ଓଡ଼ିଶାରେ ଜନ୍ମ ନେଇଥିଲା ଦୈନିକ ଖବରକାଗଜ 'ସମାଜ'। 'ଅବକାଶ ଚିନ୍ତା', 'ଧର୍ମପଦ', 'କାରା କବିତା' ଓ 'ବନ୍ଦୀର ଆତ୍ମକଥା' ପ୍ରମୁଖ ଥିଲା ତାଙ୍କର ସ୍ମରଣୀୟ କାବ୍ୟକୃତି। ୧୯୨୮ ଜୁନ୍ ୧୭ରେ ପଣ୍ଡିତ ଗୋପବନ୍ଧୁ ଶେଷନିଃଶ୍ୱାସ ତ୍ୟାଗ କରିଥିଲେ।

## ମେକ୍‌ଅପ୍ ନ କରିବା ପାଇଁ ଟାଟୁ



ସୁନ୍ଦର ଓ ଆକର୍ଷଣୀୟ ଦେଖାଯିବା ପାଇଁ ମହିଳାମାନେ ମେକ୍‌ଅପ୍ ନେବାକୁ ପସନ୍ଦ କରନ୍ତି। ଯଦି ମେକ୍‌ଅପ୍ ମାପଚୁପରେ କରା ନ ଯାଏ ତାହେଲେ ଏଥିପାଇଁ ଜଣେ ସମାଲୋଚନାର ମଧ୍ୟ ଶିକାର ହୋଇଥାନ୍ତି। ବିଶେଷକରି ମହିଳାମାନେ ପାର୍ଟି, ଫଙ୍କସନ୍‌ଗୁଡ଼ିକୁ ଯିବା ସମୟରେ ମେକ୍‌ଅପ୍ ନେବାକୁ ପସନ୍ଦ କରନ୍ତି। ହେଲେ ଏବେ ଜଣେ ମହିଳା ବାରମ୍ବାର ମେକ୍‌ଅପ୍ ନ କରିବା ପାଇଁ ଏକ ନିଆରା ଉପାୟକୁ ଆପଣାଇଛନ୍ତି। ସାଧାରଣତଃ ଯୁବଗୋଷ୍ଠୀଙ୍କ ମଧ୍ୟରେ ଟାଟୁ କରିବା କ୍ରେଜ୍ ବଢ଼ିଥିବାବେଳେ ମହିଳା ଜଣକ ନିଜ ମୁହଁରେ ସବୁଦିନ ପାଇଁ ସ୍ଥାୟୀ ମେକଅପ୍ ତଥା ପରମାନେଣ୍ଟ ମେକ୍‌ଅପ୍ ଟାଟୁ କରିଛନ୍ତି। ମହିଳାଙ୍କ ଏଭଳି ଚିନ୍ତାଧାରାକୁ ନେଇ ଏବେ ସବୁଠି ଚର୍ଚ୍ଚା। ମହିଳାଙ୍କ ଟାଟୁ କରିବାର ଭିଡିଓ ଇନ୍‌ଷ୍ଟାଗ୍ରାମରେ ଏଶ୍‌ରୟାଲ-ସାଲୋନ-ହୋସିଆରପୁର ନାମକ ଆକାଉଣ୍ଟରେ ସେୟାର କରାଯାଇଥିଲା। ଏଥିରେ ଜଣେ ଟାଟୁ ଆର୍ଟିଷ୍ଟ ଗୋଲାପି ରଙ୍ଗର ସ୍ୟାହିରେ ମହିଳାଙ୍କ ମୁହଁରେ ଟାଟୁ କରିଥିଲେ। କିଛି କ୍ଷଣ ମଧ୍ୟରେ ମହିଳାଙ୍କ ଗାଲରେ ଫାଉଣ୍ଡେସନ୍ ଓ ବ୍ଲସର୍ ଲଗାଇବା ପରି ଚିକ୍କଣ ଓ ଆକର୍ଷଣୀୟ ଦିଶିଥିଲା। ଏହି ଭିଡିଓରେ କେହି କେହି ମହିଳାଙ୍କ ସୃଜନଶୀଳତାକୁ ପସନ୍ଦ କରିଥିବାବେଳେ ଆଉ କେତେଜଣ ସେ ଜୋକର୍ ଭଳି ଦେଖାଯାଉଛନ୍ତି ବୋଲି କହିଛନ୍ତି।

## ଟ୍ରେନ୍‌ରେ ଶୋଇବା ମନା



ଟ୍ରେନ୍ ଯାତ୍ରାକୁ ସୁବିଧା ଓ ସହଜଜନକ ଯାତ୍ରା କୁହାଯାଏ। ଏହି କାରଣରୁ ଆମ ଦେଶରେ ନିୟମିତ ଲକ୍ଷଲକ୍ଷ ଲୋକ ଟ୍ରେନ୍‌ରେ ଯାତ୍ରା କରିଥାନ୍ତି। ଜାପାନ ତା'ର ଟ୍ରେନ୍‌ଗୁଡ଼ିକର ସମୟାନୁବର୍ତ୍ତିତା ପାଇଁ ସାରା ବିଶ୍ୱରେ ଚର୍ଚ୍ଚିତ। ଏଠାରେ ଯେ, କେବଳ ଟ୍ରେନ୍‌ଗୁଡ଼ିକ ସଠିକ୍ ସମୟରେ ଆସେ ତାହା ନୁହେଁ, ଏଠାକାର ଯାତ୍ରୀମାନେ ମଧ୍ୟ ଅନୁଶାସନରେ ରହିବାକୁ ଓ ନିୟମ ପାଳନ କରିବା ପାଇଁ ଜଣାଯାନ୍ତି। ଏହି ଦେଶରେ ବ୍ୟସ୍ତ ଟ୍ରେନ୍ ମଧ୍ୟରେ ନିଜ ସିଟ୍‌ରେ ଶୋଇବା, ଅନ୍ୟକୁ ବସିବା ପାଇଁ ସୁଯୋଗ ନ ଦେବା ନିମନ୍ତେ ଫାଇନ୍ ଦେବାକୁ ହୋଇଥାଏ। ଜାପାନର ମେଟ୍ରୋ ଓ ବୁଲେଟ୍ ଟ୍ରେନ୍‌ଗୁଡ଼ିକ ସକାଳେ ଏବଂ ସଂଧ୍ୟାବେଳେ ବେଶ୍ ଭିଡ଼ ହୁଏ। ଏହି ସମୟରେ ଯାତ୍ରୀମାନଙ୍କୁ ସିଟ୍ ସେୟାର୍ କରିବାକୁ ପଡ଼େ। କେବଳ ସେତିକି ନୁହେଁ ଏଠାକାର ଯାତ୍ରୀମାନେ ଯଥାଶୀଘ୍ର ସ୍ଥାନ ଖାଲିକରି ଅନ୍ୟ ଯାତ୍ରୀଙ୍କୁ ବସିବା ପାଇଁ ସୁଯୋଗ ଦେଇଥାନ୍ତି। ଜଣେ ଯାତ୍ରୀ ସିଟ୍‌ରେ ଯଦି ଶୋଇଯାନ୍ତି କିମ୍ବା ଅନ୍ୟ ଯାତ୍ରୀଙ୍କୁ ସିଟ୍‌ରେ ବସିବା ପାଇଁ ସୁଯୋଗ ନ ଦିଅନ୍ତି ଏହା ଏକ ଅପରାଧ ଭାବେ ଜଣାଯାଏ। ତେବେ ପ୍ରଥମ ଥର ଏଭଳି ଭୁଲ୍ କଲେ ଜଣକୁ ଚେତାବନୀ ଦିଆଯାଇ ଛାଡ଼ି ଦିଆଯାଏ। ଲଗାତାର ଜଣେ ଯାତ୍ରୀ ଏଭଳି କରୁଥିବାର ଧରାପଡ଼ିଲେ ମୋଟା ଅଙ୍କର ଜରିମାନା ସହ ଷ୍ଟେସନ୍‌ରୁ ବାହାର କରି ଦିଆଯାଏ। ଯାତ୍ରୀମାନଙ୍କ ମଧ୍ୟରେ ସହଯୋଗ ରକ୍ଷା କରିବା ଓ ସର୍ବସାଧାରଣ ପରିବହନର ସମ୍ମାନାର୍ଥେ ଜାପାନରେ ଏଭଳି ନିୟମ କରାଯାଇଛି। ଯଦି ଜଣେ ଟ୍ରେନ୍‌ରେ ଶୋଇବ ଅନ୍ୟ ଯାତ୍ରୀମାନଙ୍କୁ ଠିଆ ହେବାକୁ ପଡ଼ିବ। ସେଥିପାଇଁ ଏଠାରେ ସକାଳେ ଓ ସଂଧ୍ୟାବେଳେ ଯାତ୍ରୀମାନେ ସିଟ୍ ସେୟାର୍ କରିଥାନ୍ତି। ଯଦ୍ୱାରା ସମସ୍ତେ ବେଶ୍ ଆରାମରେ ନିଜ ଗନ୍ତବ୍ୟସ୍ଥଳରେ ପହଞ୍ଚି ପାରିବେ। ଅବଶ୍ୟ ଜାପାନକୁ ଆସୁଥିବା ବିଦେଶୀ ପର୍ଯ୍ୟଟକମାନେ ଏହାକୁ ବୁଝି ନ ପାରି ଭୁଲ୍ କରି ବସନ୍ତି।

## ଆଜିର ରାଶିଫଳ

**ମେଷ:** ନିଜ ରୁଚି ଅନୁସାରେ କାମ କରିବେ। ବନ୍ଧୁ ମିଳନ ଯୋଗ ରହିଛି। ଛାତ୍ରଛାତ୍ରୀମାନେ ସଫଳତା ପାଇବାକୁ କଠିନ ପରିଶ୍ରମ କରିବେ। ପରିବାରର ବରିଷ୍ଠ ସଦସ୍ୟଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତିତ ରହିପାରନ୍ତି।

**ବୃଷ:** ଭାବିଚିନ୍ତି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଅନ୍ତୁ। ନକାରାତ୍ମକ ପ୍ରବୃତ୍ତିର ଲୋକଙ୍କ ସମ୍ପର୍କରେ ଆସିପାରନ୍ତି। ଅଚାନକ କୌଣସି ପ୍ରକାର ସମସ୍ୟାରେ ପଡ଼ିପାରନ୍ତି। ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିବ।

**ମିଥୁନ:** ଦୀର୍ଘ ଦିନର ଆଶା ପୂରଣ ହେବ। ମାନସିକ ଶାନ୍ତି ମିଳିବ। ଦୂରସମ୍ପର୍କୀୟଙ୍କ ସହ ଭେଟ ହୋଇପାରେ। ଅଫିସ କାମ ପାଇଁ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ପରିଶ୍ରମ ଅନୁସାରେ ଫଳ ମିଳିବ।

**କର୍କଟ:** ଆଜି ପ୍ରଭାବଶାଳୀ ଲୋକଙ୍କ ସଂସ୍ପର୍ଶରେ ଆସିପାରନ୍ତି। ଯୁବପିଢ଼ି ନିଜର ଭବିଷ୍ୟତକୁ ନେଇ ଗମ୍ଭୀର ରହିପାରନ୍ତି। ସୃଜନାତ୍ମକ କାର୍ଯ୍ୟରେ ସମୟ ଅତିବାହିତ କରିବେ। କାର୍ଯ୍ୟକ୍ଷେତ୍ରରେ ସଫଳ ହେବେ।

**ସିଂହ:** ଦିନଟି ହସଖୁସିରେ କଟିବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବେ। ପ୍ରେମ ମାମଲାରେ ଦିନଟି ଭଲ। ବନ୍ଧୁଙ୍କ କଥା ଆଘାତ ଦେବ। ଗରିବ ଲୋକଙ୍କୁ ସାମର୍ଥ୍ୟ ମୁତାବକ ସାହାଯ୍ୟ କରିବେ।

**କନ୍ୟା:** କଳା ଓ ସଙ୍ଗୀତ ପ୍ରତି ରୁଚି ବଢ଼ିବ। ନିଜର କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ଖର୍ଚ୍ଚାନ୍ତ ହୋଇପାରନ୍ତି। ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ନିଯୁକ୍ତିକୁ ନେଇ ଖୁସି ଖବର ମିଳିବ।

**ତୁଳା:** ବ୍ୟକ୍ତିଗତ କଥାକୁ ଅନ୍ୟମାନଙ୍କ ଆଗେ ପ୍ରକାଶ କରନ୍ତୁନି। ପାରିବାରିକ ମାହୋଲ ଶାନ୍ତିପୂର୍ଣ୍ଣ ରହିବ। ଶାରୀରିକ ଏବଂ ମାନସିକ ଥକ୍କାପଣ ଅନୁଭବ କରିପାରନ୍ତି।

**ବିଛା:** ବ୍ୟବସାୟ ବୃଦ୍ଧି ପାଇଁ ନୂଆ ଯୋଜନା କରିବେ। ସନ୍ତାନଙ୍କ ସହ ବୁଲିବାକୁ ଯିବେ। ସ୍ୱାଦିଷ୍ଟ ଖାଦ୍ୟ ଖାଇବେ। ବନ୍ଧୁମିଳନ ଯୋଗ ଅଛି। ମାଲିମକଦ୍ଦମା ଲାଗି ସମୟ ଅନୁକୂଳ ନୁହେଁ।

**ଧନୁ:** ଯୋଜନାମୁତାବକ ସମସ୍ତ କାର୍ଯ୍ୟ କରିବେ। ଚିନ୍ତାଗ୍ରସ୍ତ ରହିବେ। ଛାତ୍ରଛାତ୍ରୀ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ। ବିରୋଧୀଙ୍କଠାରୁ ଦୂରେଇ ରହିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ତିକ୍ତତା ଦେଖା ଦେବ।

**ମକର:** ଆଣ୍ଠୁଗଣ୍ଠି ସମସ୍ୟା ଦେଖା ଦେବ। ସମୟର ସଠିକ ଉପଯୋଗ କରିବେ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଉତ୍ତମ। ଯାନବାହନ ଚଳାଇବା ବେଳେ ସତର୍କତା ଅବଲମ୍ବନ କରିବେ।

**କୁମ୍ଭ:** ଦୀର୍ଘ ଦିନରୁ ଲାଗି ରହିଥିବା ସମସ୍ୟାର ସମାଧାନ ହେବ। ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂତନ ବ୍ୟବସାୟ ଆରମ୍ଭ କରନ୍ତୁ। ଅଫିସ୍‌ରେ କାର୍ଯ୍ୟଭାର କମ୍ ହୋଇପାରେ। ବୈବାହିକ ଜୀବନ ମଜଭୁତ୍ ହେବ।

**ମୀନ:** ବନ୍ଧୁ ମିଳନ ଯୋଗ ଅଛି। ପୈତୃକ ସମ୍ପତ୍ତିକୁ ନେଇ ଭାଇ ଭାଇ ମଧ୍ୟରେ ମତ ଭେଦ ହୋଇପାରେ। ଛାତ୍ରଛାତ୍ରୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ। ଅଧିକ ଖର୍ଚ୍ଚାନ୍ତ ହେବେ।

**ଅକ୍ଟୋବରରେ ବର୍ଷା ବିପ୍ଳବ**

# ସପ୍ତାହକରେ ଢାଳିଲାଣି ୮୦.୪ ମିମି

ଭୁବନେଶ୍ୱର,୮।୧୦(ସମିସ): ଓଡ଼ିଶା ଉପରେ ବର୍ତ୍ତମାନ ଏକ ଘୂର୍ଣ୍ଣିବଳୟ ରହିଛି। ଏହା ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି। ବୁଧବାର ଅପରାହ୍ଣରେ ବିଶେଷ କରି ରାଜଧାନୀ ଭୁବନେଶ୍ୱରରେ ପ୍ରବଳ ବର୍ଷା ଅନୁଭୂତ ହୋଇଛି। ଘଣ୍ଟାଏ ପର୍ଯ୍ୟନ୍ତ ଜନଜୀବନ ବର୍ଷାଯୋଗୁଁ ସମ୍ପୂର୍ଣ୍ଣ ପ୍ରଭାବିତ ହୋଇଛି। ବିଜୁଳି ଘଡ଼ଘଡ଼ି ସହ ବର୍ଷା ଯୋଗୁଁ ଲୋକେ ନାହିଁ ନ ଥିବା ସମସ୍ୟା ଭୋଗିଛନ୍ତି।

ଭୁବନେଶ୍ୱର ବ୍ୟତୀତ ରାଜ୍ୟର ଅନ୍ୟ କେତେକ ସ୍ଥାନରେ ମଧ୍ୟ ବର୍ଷା ସାଙ୍ଗକୁ ୩୦-୪୦ କିଲୋମିଟର ବେଗରେ ପବନ ବହିଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି, ଗୁରୁବାର ମଧ୍ୟ ରାଜ୍ୟର ଅନେକ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସମ୍ଭାବନା ରହିଛି।



ବାଲେଶ୍ୱର, ଭଦ୍ରକ ଓ କେନ୍ଦ୍ରାପଡ଼ାରେ ବର୍ଷାର ପ୍ରଭାବ ସବୁଠୁ ଅଧିକ ରହିବାର ଆଶଙ୍କା କରାଯାଉଛି। ୧୦ ତାରିଖ ମଧ୍ୟ ସମାନ ପାଗ ରହିବ ଏବଂ ମୟୂରଭଞ୍ଜ, କେନ୍ଦୁଝର ସମେତ ଉପକୂଳବର୍ତ୍ତୀ ଜିଲ୍ଲାଗୁଡିକରେ ବର୍ଷା ସମ୍ଭାବନା ରହିଛି। ଅନ୍ୟପଟେ ୧୦ ତାରିଖରେ ବଙ୍ଗୋପସାଗରରେ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ଆଶଙ୍କା ରହିଥିବାରୁ ଏହା ପରେ ପୁଣି ବର୍ଷାର ପ୍ରଭାବ ବଢ଼ିବା ଆଶଙ୍କା କରାଯାଉଛି।

ଗତ ୩୬ ଘଣ୍ଟାରେ ଅନେକ ସ୍ଥାନରେ ହାଲୁକରୁ ମଧ୍ୟମ ଧରଣର ବର୍ଷା ହୋଇଥିବା ବେଳେ ଗୋଟିଏ ଦୁଇଟି ସ୍ଥାନରେ ଅତିପ୍ରବଳ ଓ ୬ ଟି ସ୍ଥାନରେ ପ୍ରବଳ ବର୍ଷା ରେକର୍ଡ ହୋଇ ଯାଇଛି। ରାଜ୍ୟରେ ମୌସୁମୀରେ ଭଲ ବର୍ଷା ହୋଇଥିବା ବେଳେ ମୌସୁମୀ ପରବର୍ତ୍ତୀ ସମୟ ଅର୍ଥାତ ଅକ୍ଟୋବର ମାସରେ ମଧ୍ୟ ଭଲ ବର୍ଷା ରେକର୍ଡ ହୋଇଛି। ଅକ୍ଟୋବର ମାସରେ ୧୧୨ ମିମି ସ୍ୱାଭାବିକ ବର୍ଷା ତୁଳନାରେ ବର୍ତ୍ତମାନ ସୁଦ୍ଧା ୮୦.୪ ମିମି ବର୍ଷା ହୋଇସାରିଛି। ଗତ ମୌସୁମୀରେ ଅର୍ଥାତ ଜୁନ ୧ ତାରିଖରୁ ସେପ୍ଟେମ୍ବର ୩୦ ମଧ୍ୟରେ ୧୧୫୦.୭ ମିମି ବର୍ଷା ରେକର୍ଡ ହୋଇଛି। ମୌସୁମୀରେ ୪ ମାସରେ ଓଡିଶା ପାଇଁ ସାଧାରଣ ବର୍ଷାର ଅନୁପାତ ୧୧୫୦.୨ ମିମି ଥିବା ବେଳେ ଏଥର ମୌସୁମୀରେ ଠିକ ବର୍ଷା ରେକର୍ଡ ହୋଇଛି।

# ଚିରଞ୍ଜୀବ ବିଶ୍ୱାଳ ବିଜେଡି ଉପସଭାପତି ନିଯୁକ୍ତ

- **ପୁଷ୍ପେନ୍ଦ୍ର, ଗଣେଶ୍ୱର ବରିଷ୍ଠ ସାଧାରଣ ସମ୍ପାଦକ**
- **୫ ସାଧାରଣ ସମ୍ପାଦକଙ୍କ ମଧ୍ୟରେ ୨ଜଣ ମହିଳା**

ଭୁବନେଶ୍ୱର,୮।୧୦(ସମିସ): ବିଜୁ ଜନତା ଦଳର ରାଜ୍ୟ ପଦାଧିକାରୀ ଭାବେ ଆଉ ୧୧ ଜଣ ନେତାଙ୍କୁ ନିଯୁକ୍ତି ମିଳିଛି। ସେମାନଙ୍କ ମଧ୍ୟରେ ଜଣେ ଉପ ସଭାପତି ଥିବାବେଳେ ୨ ଜଣ ବରିଷ୍ଠ ସାଧାରଣ ସମ୍ପାଦକ, ୫ ଜଣ ସାଧାରଣ ସମ୍ପାଦକ ଓ ୩ ଜଣ ସମ୍ପାଦକ ଭାବେ ନିଯୁକ୍ତି ପାଇଛନ୍ତି। ବିଜେଡି ସଭାପତି ନବୀନ ପଟ୍ଟନାୟକ ଏହି ନିଯୁକ୍ତି ପ୍ରଦାନ କରିଛନ୍ତି।

ବରିଷ୍ଠ ନେତା ଚିରଞ୍ଜୀବ ବିଶ୍ୱାଳଙ୍କୁ ଉପ ସଭାପତି ଭାବେ ଦାୟିତ୍ୱ ପ୍ରଦାନ କରାଯାଇଥିବା ବେଳେ ପୁଷ୍ପେନ୍ଦ୍ର ସିଂହଦେଓ ଓ ଗଣେଶ୍ୱର ବେହେରାଙ୍କୁ ବରିଷ୍ଠ ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ମିଳିଛି। ସେହିପରି ସାଧାରଣ ସମ୍ପାଦକ ଭାବେ ଲମ୍ବୋଦର ନିଆଲ, ଅଳକା ମହାନ୍ତି, ଇରାନୀ ରାୟ, ସୁଧୀର ଦାସ ଓ ମନୋଜ ମିଶ୍ର ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ପାଇଛନ୍ତି। ରାଜେଶ ନିଗମ, ସନ୍ତୋଷ ପଟ୍ଟନାୟକ ଓ ରାଜୁ ଘିବେଲାଙ୍କୁ ସମ୍ପାଦକ ଭାବେ ଦାୟିତ୍ୱ ମିଳିଛି।

**ବିଜେପି ନେତା ତଥା ଆଇନଜୀବୀ ପୀତବାସ ହତ୍ୟା ଘଟଣା**

# ଓକିଲଙ୍କ ରାଜ୍ୟବ୍ୟାପୀ କାର୍ଯ୍ୟବନ୍ଦ ଆନ୍ଦୋଳନ




ବ୍ରହ୍ମପୁର/କଟକ,୮।୧୦(ସମିସ): ବ୍ରହ୍ମପୁର ସହରର ବିଚ୍ ରାସ୍ତାରେ ଜଣେ ଆଇନଜୀବୀଙ୍କୁ ଗୁଳିକରି ହତ୍ୟା ଭଳି ସମ୍ବେଦନଶୀଳ ଘଟଣା ନେଇ ଏବେ ପଲ୍ଲୀରୁ ଦିଲ୍ଲୀ ସବୁଠି ଚର୍ଚ୍ଚା। ଶାସକ ବିଜେପି ଦଳର ଜଣେ ଆଗଧାଡିର ନେତା ତଥା ରାଜ୍ୟ ଆଇନଜୀବୀ ପରିଷଦର ସଦସ୍ୟ ପୀତବାସ ପଣ୍ଡାଙ୍କ ହତ୍ୟାକୁ ୪୮ ଘଣ୍ଟା ବିତିଛି। ଶେଷ ହୋଇଯାଇଛି ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଓକିଲ ସଂଘ ପକ୍ଷରୁ ଦିଆଯାଇଥିବା ମହଲତ। ବୁଧବାର ରାଜ୍ୟବ୍ୟାପୀ ଓକିଲମାନେ କଲମ ଛାଡ଼ ବା ୨୪ ଘଣ୍ଟିଆ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବା ସହ ରାଜରାସ୍ତାକୁ ଓହ୍ଲାଇ ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାକୁ ନେଇ ବର୍ଷିଥିଲେ। ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା, ମୃତ ଆଇନଜୀବୀ ପୀତବାସ ପଣ୍ଡାଙ୍କ ପରିବାରକୁ ୧ କୋଟି ଟଙ୍କାର କ୍ଷତିପୂରଣ ପ୍ରଦାନ ଓ ରାଜ୍ୟରେ ତୁରନ୍ତ ଓକିଲଙ୍କ ପାଇଁ କଡ଼ା ସୁରକ୍ଷା ଆଇନ ଲାଗୁ ପାଇଁ ଆଇନଜୀବୀଙ୍କ ପକ୍ଷରୁ ଦୃଢ ଦାବି କରାଯାଇଛି।

**ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ନେଇ ପ୍ରତିବାଦ**

ଓଡ଼ିଶା ହାଇକୋର୍ଟ ସମେତ ସମସ୍ତ ନିମ୍ନ ଅଦାଲତରେ ମାମଲାଗୁଡିକର ଶୁଣାଣି ହୋଇପାରି ନାହିଁ। ଏଥିପାଇଁ ପ୍ରାୟତଃ ସମସ୍ତ ମାମଲାର ଶୁଣାଣିକୁ ହାଇକୋର୍ଟଙ୍କ ବିଭିନ୍ନ ଖଣ୍ଡପୀଠ ଘୁଞ୍ଚାଇଥିବା ଜଣାପଡିଛି। ଓଡିଶା ହାଇକୋର୍ଟ ବାର ଆସୋସିଏସନ ପକ୍ଷରୁ ସଭାପତି ମନୋଜ କୁମାର ମିଶ୍ର, ସମ୍ପାଦକ ଅଭିଜିତ ପଟ୍ଟନାୟକ ଓ ଉପସଭାପତି ସିଦ୍ଧାର୍ଥ ଦାସଙ୍କ ନେତୃତ୍ୱରେ ଏହି ହତ୍ୟା ଘଟଣା ପ୍ରତିବାଦରେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ସେହିଭଳି ରାଜ୍ୟ ବାର କାଉନସିଲ କାର୍ଯ୍ୟାଳୟରେ କାଉନସିଲର ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀଙ୍କ ନେତୃତ୍ୱରେ ସଦସ୍ୟ ଅକ୍ଷୟ ପତି, ମାନସ ଚାନ୍ଦ, ଅରୂପାନନ୍ଦ ଦାସ, ସୌରଚନ୍ଦ୍ର ମହାପାତ୍ର, ବିଭୂପ୍ରସାଦ ତ୍ରିପାଠୀ, ଭକ୍ତଭୂଷଣ ବାରିକ ପ୍ରମୁଖଙ୍କ ସମେତ ସମସ୍ତ ସଦସ୍ୟ ଅଂଶଗ୍ରହଣ କରିଥିଲେ। ହତ୍ୟା ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା, ମୃତକ ଆଇନଜୀବୀଙ୍କ ପରିବାରକୁ ୧କୋଟି ଟଙ୍କା କ୍ଷତିପୂରଣ ରାଶି ପ୍ରଦାନ କରିବା, ଏହାର ବିଚାର ବିଭାଗୀୟ ତଦନ୍ତ ସହ ଆଇନଜୀବୀ ସୁରକ୍ଷା ଆଇନ ପ୍ରଣୟନ ପାଇଁ ଆଇନଜୀବୀ ସଂଘଗୁଡିକ ପକ୍ଷରୁ ଦାବି କରାଯାଇଛି। କଟକରେ କ୍ରିମିନାଲ କୋର୍ଟସ ବାର ଆସୋସିଏସନ, ସିଭିଲ କୋର୍ଟ ବାର ଆସୋସିଏସନ ସମେତ ସମସ୍ତ ଓକିଲ ସଂଘ କର୍ମକର୍ତ୍ତା ପ୍ରତିବାଦ କାର୍ଯ୍ୟକ୍ରମରେ ସାମିଲ ଥିଲେ।

## ଦୁର୍ବୃତ୍ତଙ୍କ ବାଇକ ନମ୍ବର ନକଲି, ୯ ଏମ୍ଏମ୍ ଗୁଳି ନୁହେଁ; ବାଲିଷ୍ଟିକ ରିପୋର୍ଟକୁ ଅପେକ୍ଷା:ଏସ୍ପି

ବ୍ରହ୍ମପୁର,୮।୧୦(ସମିସ):ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ଘଟଣାର ୪୮ ଘଣ୍ଟା ପରେ ମଧ୍ୟ ଅନ୍ଧାରରେ ବାଡ଼ି ବୁଲାଉଥିବା ପୁଲିସ ହତ୍ୟାର ଖିଅ ପାଉନାହିଁ। ଘଟଣା ଦିନ ଛୁଟିରେ ଥିବା ବ୍ରହ୍ମପୁର ଏସ୍ପି ଡାକ୍ତର ସର୍ବଣା ବିବେକ ଏମ୍ କାର୍ଯ୍ୟରେ ଯୋଗ ଦେଇ ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥିଲେ। ବଛା ବଛା ତଥା ଅଭିଜ୍ଞ ଅଧିକାରୀଙ୍କୁ ନେଇ ୬ଟି ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ ଗଠନ କରି ତଦନ୍ତ ଚଳାଇଛନ୍ତି। ସହରରେ ବିଭିନ୍ନ ସ୍ଥାନରେ ଲାଗିଥିବା ପ୍ରାୟ ୫୦ରୁ ଉଦ୍ଧ୍ୱର୍ ସ୍ଥାନରୁ ସିସିଟିଭି ଫୁଟେଜ୍କୁ ସଂଗ୍ରହ କରି ତଦନ୍ତ କରାଯାଇଛି। ମିଳିଥିବା ଫୁଟେଜରୁ ଆତତାୟୀମାନେ ବ୍ୟବହାର

- **ବଛାବଛା ଅଧିକାରୀଙ୍କୁ ନେଇ ଗଠିତ ହୋଇଛି ୬ ସ୍ୱତନ୍ତ୍ର ଟିମ୍, ୫୦ରୁ ଉର୍ଦ୍ଧ୍ୱ ସିସିଟିଭିର ହେଲାଣି ଯାଞ୍ଚ**
- **ବାଲି ମାଫିଆ ଅଥବା ସୁଧ କାରବାର ଜନିତ ଦିଗକୁ ମଧ୍ୟ କରାଯାଇଛି ତଦନ୍ତ ପରିସରଭୁକ୍ତ**

କରିଥିବା ବାଇକ୍ ନମ୍ବର ଫେକ ବୋଲି ପ୍ରାଥମିକ ତଦନ୍ତରୁ ସ୍ପଷ୍ଟ ହୋଇଥିବା ଏସ୍ପି କହିଛନ୍ତି। ସେପଟେ ମୃତ ଆଇନଜୀବୀ ପୀତବାସଙ୍କ ଶରୀରରୁ ବ୍ୟବଛେଦ ବେଳେ ବାହାରିଥିବା ଗୁଳି '୯-ଏମ୍ଏମ୍' ନୁହେଁ ବରଂ ଏହାର ପ୍ରକାର ଓ କେଉଁଭଳି ପିସ୍ତଲ ବା ମାଉଜରରୁ ବ୍ୟବହାର କରାଯାଇଛି ସେନେଇ ବାଲିଷ୍ଟିକ ରିପୋର୍ଟକୁ ଅପେକ୍ଷା କରାଯାଇଥିବା ଏସ୍ପି କହିଛନ୍ତି।

କୁମାର ପୂର୍ଣ୍ଣିମା ପାଇଁ ଛୁଟି ଥିବାବେଳେ ବୁଧବାର କୋର୍ଟ ଖୋଲିବା ପରେ ଗଞ୍ଜାମ ଓକିଲ ସଂଘ ପକ୍ଷରୁ ସଂଘ କାର୍ଯ୍ୟାଳୟ ପରିସରରେ ଶୋକସଭାର ଆୟୋଜନ କରାଯାଇଥିଲା। ସ୍ୱର୍ଗତ ପୀତବାସ ପଣ୍ଡାଙ୍କ ସମେତ ଗତ ମଙ୍ଗଳବାର ହାଇଦ୍ରାବାଦଠାରେ ଏକ ଘରୋଇ ହସ୍ପିଟାଲରେ ସଂଘର ପୂର୍ବତନ ସଭାପତି ତଥା ବରିଷ୍ଠ ଆଇନଜୀବୀ କିଶୋର ମିଶ୍ରଙ୍କ ଦେହାନ୍ତକୁ ନେଇ ଯୁଗ୍ମ ଶୋକସଭାର ଆୟୋଜନ କରାଯାଇଥିଲା। ପୀତବାସ ପଣ୍ଡାଙ୍କୁ ହତ୍ୟା ନେଇ ନିନ୍ଦା ପ୍ରସ୍ତାବ ଆଗତ ହୋଇ ଗୃହୀତ କରାଯାଇଥିଲା। ପରେ ସଂଘର ଶତାଧିକ ସଦସ୍ୟ ଶୋଭାଯାତ୍ରାରେ କୋର୍ଟ ପରିସରରୁ ବାହାରି ସହର ପରିକ୍ରମା କରିବା ସହିତ ଦକ୍ଷିଣାଞ୍ଚଳ ଆଇଜିଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ସେଠାରେ ଦକ୍ଷିଣାଞ୍ଚଳ ପୁଲିସ ଆଇଜି ନୀତି ଶେଖରଙ୍କୁ ଭେଟି ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ସହ ସହରର ଆଇନଶୃଙ୍ଖଳା ସ୍ଥିତିରେ ସୁଧାର ଆଣିବାକୁ ଦାବି କରିଥିଲେ। ଘଟଣାର ତଦନ୍ତକୁ ତ୍ୱରାନ୍ୱିତ କରାଯାଇଛି ଏବଂ ଖୁବ୍ଶୀଘ୍ର ଏହାର ପର୍ଦ୍ଦାଫାସ କରାଯିବ ବୋଲି ଆଶ୍ୱାସନା ଦେଇଥିଲେ ଆଇଜି। ପୀତବାସ ପଣ୍ଡାଙ୍କୁ ହତ୍ୟା ପଛର କାରଣକୁ ନେଇ ବିଭିନ୍ନ ଆଲୋଚନା ହେଉଛି। ବୃତ୍ତିଗତ କାରଣକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଅନ୍ୟପଟେ ଜଣେ କମ୍ୟୁନିଷ୍ଟ ଚିନ୍ତାଧାରାର ବ୍ୟକ୍ତି ପରେ କଂଗ୍ରେସ ଓ ତା'ପରେ ବିଜେପିରେ ସାମିଲ ହେବା ଏବଂ ଖଣିମନ୍ତ୍ରୀ ବିଭୂତି ଜେନାଙ୍କ ନିକଟତର ହୋଇ ଖୁବ୍ କମ୍ ଦିନରେ ରାଜନୀତିରେ ଚର୍ଚ୍ଚାରେ ରହିବା ମଧ୍ୟ ଅନ୍ୟ ଏକ କାରଣ ବୋଲି ଆଲୋଚନା ହେଉଛି। ବୃତ୍ତିଗତ ଓ ରାଜନୈତିକ କାରଣକୁ ବାଦ୍ ଦେଲେ ବ୍ୟକ୍ତିଗତ ଓ ପୂର୍ବଶତ୍ରୁତା ଭଳି ଦିଗକୁ ମଧ୍ୟ ସନ୍ଦେହ ପରିସରରୁ ବାଦ୍ ଦିଆଯାଇନପାରେ। ବିଭିନ୍ନ ସମୟରେ ଯଦିଓ ପୀତବାସ ପଣ୍ଡା ସୂଚନା ଅଧିକାର ଆଇନ ବଳରେ ତଥ୍ୟ ସଂଗ୍ରହ କରି ଅନ୍ୟମାନଙ୍କ ପାଇଁ ଅଡୁଆ ସୃଷ୍ଟି କରୁଥିଲେ ଏଥିପାଇଁ ମଧ୍ୟ ତାଙ୍କର ଅନେକେ ଶତ୍ରୁ ଥିଲେ। ଏସବୁ ଦିଗକୁ ଛାଡ଼ି ଗଞ୍ଜାମ ଜିଲ୍ଲାରେ ଚାଲିଥିବା ବାଲି, ପଥର ଓ ମୋରମ ଭଳି ଲଘୁ ଖଣିଜ ସମ୍ପଦର ଅସାଧୁ କାରବାରରେ ହସ୍ତକ୍ଷେପ କରି କାଳେ ପୀତବାସ ବଳିପଡ଼ିଲେ କି ବୋଲି ମଧ୍ୟ ଅନେକଙ୍କ ମନରେ ପ୍ରଶ୍ନ ଉଠିଛି। ସେହିଭଳି କଳନ୍ତର ବା ସୁଧ କାରବାରକୁ ନେଇ ମଧ୍ୟ ଟଙ୍କା ହାତେଇବାକୁ ଅଥବା ଫେରସ୍ତ ନକରିବାକୁ ନେଇ କାଳେ ପୀତବାସ ଗୁଳିର ଶୀକାର ହେଲେ କି ବୋଲି ମଧ୍ୟ ଚର୍ଚ୍ଚା ହେଉଛି। ତେବେ ପୁଲିସ ହାତରେ ଅଭିଯୁକ୍ତ ଧରାପଡ଼ିବା ପରେ ହିଁ ଘଟଣା ପଛର ପ୍ରକୃତ ରହସ୍ୟ ଉନ୍ମୋଚିତ ହୋଇପାରିବ।

**ବିଦ୍ୟୁତ୍ ନିଗମ ଯନ୍ତ୍ରୀ ସଂଘର ଅଭିଯୋଗ**

# ସରକାରୀ ନୀତିକୁ ଖୋଲା ଉଲ୍ଲଂଘନ କରୁଛନ୍ତି ନିଗମ

ଭୁବନେଶ୍ୱର,୮।୧୦(ସମିସ): ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ(ଓଏଚପିସି) ଓ ଶକ୍ତିକ୍ଷେତ୍ରରେ କାର୍ଯ୍ୟ କରୁଥିବା ଅନ୍ୟାନ୍ୟ ନିଗମର ପରିଚାଳନା ମଣ୍ଡଳୀ ବା ବୋର୍ଡକୁ ଓଡ଼ିଶା ସରକାର ନିଯୁକ୍ତ କରୁଥିଲେ ମଧ୍ୟ ସେମାନେ ରାଜ୍ୟ ସରକାର ପ୍ରଣିତ କରିଥିବା ମାନବସମ୍ବଳ ନୀତିକୁ ଖୋଲାଖୋଲି ଉଲ୍ଲଂଘନ କରୁଛନ୍ତି। ନିଗମଗୁଡିକ ସ୍ୱଜନପୋଷଣ (ନେପୋଟିଜିମ) ନୀତିରେ ନିଗମଗୁଡିକୁ ପରିଚାଳନା କରୁଛନ୍ତି ବୋଲି ଅଭିଯୋଗ ଆଣିଛି ଓଡ଼ିଶା ରାଜ୍ୟ ବିଦ୍ୟୁତ ନିଗମ ଯନ୍ତ୍ରୀ ସଂଘ। ନିୟମର ଦକ୍ଷତା ଓ ପାରଦର୍ଶିତା ବୃଦ୍ଧିପାଇଁ କୌଣସି ପ୍ରତିବନ୍ଧକ ନାହିଁ। କିନ୍ତୁ ବିଡ଼ମ୍ବନା ହେଉଛି, ସ୍ୱଜନପୋଷଣ ନୀତିରେ ପରିଚାଳିତ ଓଏଚ୍ପିସି ତାହାକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରିଆସୁଛି। ନିଗମରେ କାର୍ଯ୍ୟ କରୁଥିବା ଦକ୍ଷ, ଯୋଗ୍ୟ ଡିପ୍ଲୋମା ଯନ୍ତ୍ରୀମାନଙ୍କର ପଦୋନ୍ନତିକୁ ଏଜିଏମ୍ (ଆସିଷ୍ଟାଣ୍ଟ ଜେନେରାଲ ମ୍ୟାନେଜର) ପଦରେ ସୀମିତ ରଖିବା ଦ୍ୱାରା ବିଦ୍ୟୁତ୍ କ୍ଷେତ୍ରର ବିକାଶରେ ପ୍ରତିବନ୍ଧକ ହୋଇଛି। ସେହିପରି ଜଳସମ୍ପଦ ବିଭାଗ କନିଷ୍ଠ ଯନ୍ତ୍ରୀ ଓ ସହାୟକ ଯନ୍ତ୍ରୀଙ୍କ କ୍ୟାଡର୍ ନିଯୁକ୍ତି ଅନୁପାତ ୪୦:୬୦ଧାର୍ଯ୍ୟ କରି

- **ନିଯୁକ୍ତି କ୍ଷେତ୍ରରେ ଦକ୍ଷ ପ୍ରତିଭାବାନ ପ୍ରାର୍ଥୀ ଅବହେଳିତ**
- **ଶକ୍ତି ମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ି ସ୍ମାରକପତ୍ର ପ୍ରଦାନ**

ଖୋଲା ଉଲ୍ଲଂଘନ କାରଣରୁ ନିଯୁକ୍ତି ଓ ପଦୋନ୍ନତି କ୍ଷେତ୍ରରେ ଯୋଗ୍ୟ ପ୍ରାର୍ଥୀଙ୍କ ଦକ୍ଷତା, ମେଧା ଓ ପ୍ରତିଭା ମୂଲ୍ୟହୀନ ହୋଇପଡିଛି ବୋଲି ସଂଘ କ୍ଷୋଭ ପ୍ରକାଶ କରିଛି। ବୁଧବାର ସଂଘ ପକ୍ଷରୁ ଏନେଇ ଏକ ସ୍ମାରକ ପତ୍ର ଶକ୍ତିମନ୍ତ୍ରୀଙ୍କୁ ଅବଗତ କରିବା ସହିତ ତୁରନ୍ତ ପ୍ରତିକାରମୂଳକ ପଦକ୍ଷେପ ଗ୍ରହଣ କରିବା ପାଇଁ ନିବେଦନ କରାଯାଇଛି।

ସଂଘର ଅଭିଯୋଗ ଅନୁଯାୟୀ, ଯନ୍ତ୍ରୀମାନଙ୍କର ନିଯୁକ୍ତି ଓ ପଦୋନ୍ନତି ପାଇଁ ଜଳସମ୍ପଦ ବିଭାଗ ପ୍ରଣିତ କରିଥିବା କ୍ୟାଡର ନୀତିରେ କର୍ମଚାରୀ ମାନଙ୍କର ଅଧିନିୟମ ଜାରି କରିଥିବାବେଳେ ନିଗମଗୁଡିକ ତାହାକୁ ପ୍ରତ୍ୟାଖ୍ୟାନ କରି ୩୩:୬୭ ଅନୁପାତ ସ୍ଥିର କରି ନିଗମ ପରିଚାଳନା କରୁଛନ୍ତି। ଶକ୍ତି ସମୀକ୍ଷକ ତଥା ସଂଘର ସଭାପତି ଆନନ୍ଦ ମହାପାତ୍ରଙ୍କ ଅନୁଯାୟୀ, ନିୟମରେ ଉଲ୍ଲଂଘନ କାରଣରୁ ନିଗମଗୁଡିକର କାର୍ଯ୍ୟଦକ୍ଷତା ଓ ପାରଦର୍ଶିତା ପ୍ରଭାବିତ ହୋଇ ନିର୍ଦ୍ଦିଷ୍ଟ ସମୟସୀମାରେ କାର୍ଯ୍ୟ ସମ୍ପାଦନ ହେଉନାହିଁ। ନିଗମଗୁଡିକୁ ଅଧିକ ଖର୍ଚ୍ଚ କରିବାକୁ ପଡୁଛି, ଯାହାର ବୋଝ ବିଦ୍ୟୁତ୍ ଉପଭୋକ୍ତା ବହନ କରୁଛନ୍ତି ବୋଲି ସେ ଯୁକ୍ତି ବାଢ଼ିଛନ୍ତି।

**ନୂଆପଡ଼ା ଉପନିର୍ବାଚନ**

## ଆଜି ବିଜେପିର କୋର୍ କମିଟି ବୈଠକ

ଭୁବନେଶ୍ୱର,୮।୧୦(ସମିସ): ନୂଆପଡ଼ା ଉପ ନିର୍ବାଚନ ପାଇଁ ଆସନ୍ତା ୧୩ ତାରିଖରୁ ନାମାଙ୍କନ ପ୍ରକ୍ରିୟା ଆରମ୍ଭ ହେବ। ଇତିମଧ୍ୟରେ ବିରୋଧୀ କଂଗ୍ରେସ ନିଜର ପ୍ରାର୍ଥୀ ଘୋଷଣା କରିସାରିଥିବା ବେଳେ ବିଜେପି ଓ ବିଜେଡି ପ୍ରାର୍ଥୀଙ୍କ ଉପରେ ସଭିଙ୍କ ନଜର ରହିଛି। ତେବେ ବିଜେପି ପକ୍ଷରୁ ଖୁବଶୀଘ୍ର ପ୍ରାର୍ଥୀଙ୍କ ନାମ ଘୋଷଣା କରାଯିବ ବୋଲି ରାଜ୍ୟ ବିଜେପି ପ୍ରଭାରୀ ବିଜୟ ପାଲ୍ ସିଂ ତୋମାର ସୂଚନା ଦେଇଛନ୍ତି।

ଶ୍ରୀ ତୋମାରଙ୍କ ଅନୁଯାୟୀ ବିଜେପି ପକ୍ଷରୁ ଏନେଇ ପ୍ରକ୍ରିୟା ଆରମ୍ଭ ହୋଇସାରିଛି। ଆସନ୍ତାକାଲି ରାଜ୍ୟ ବିଜେପି କାର୍ଯ୍ୟାଳୟରେ କୋର କମିଟି ବୈଠକ ଅନୁଷ୍ଠିତ ହେବ। ବୈଠକରେ ନୂଆପଡ଼ା ନିର୍ବାଚନକୁ ନେଇ ଆଲୋଚନା ହେବାକୁ ଥିବାବେଳେ ପ୍ରାର୍ଥୀତ୍ୱ ସଂକ୍ରାନ୍ତରେ ମଧ୍ୟ ମାନସ ମନ୍ଥନ କରାଯିବ। ସେହିପରି ଆସନ୍ତାକାଲି ରାଜ୍ୟ କାର୍ଯ୍ୟାଳୟରେ ଦଳର ଜନଜାତି ବିଧାୟକ ଓ ସାଂସଦଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯିବ। ଏହି ପ୍ରଶିକ୍ଷଣ ଶିବିରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିଜେପିର ରାଷ୍ଟ୍ରୀୟ ସଂଗଠନ ମହାମନ୍ତ୍ରୀ ବିଏଲ୍ ସନ୍ତୋଷ , ରାଷ୍ଟ୍ରୀୟ ସଂଗଠକ ଭି. ସତୀଶ ମଧ୍ୟ ଯୋଗ ଦେବେ। ନିଜ ନିଜ ଅଞ୍ଚଳର ୨୦ରୁ ୨୫ ଗାଁକୁ ପୋଷ୍ୟ ଭାବେ ଗ୍ରହଣ କରିବାକୁ ପରାମର୍ଶ ଦିଆଯିବ ବୋଲି ଶ୍ରୀ ତୋମାର ସୂଚନା ଦେଇଛନ୍ତି।

# କଟକ ବାଲିଯାତ୍ରାରେ ସହଭାଗୀ ହେବ ଇଣ୍ଡୋନେସିଆ

**କେନ୍ଦ୍ରାପଡ଼ା ଗଜଲକ୍ଷ୍ମୀ ପୂଜାକୁ ଦିଆଯିବ ଆର୍ଥିକ ସହାୟତା**

ଭୁବନେଶ୍ୱର,୮।୧୦(ସମିସ): ଚଳିତ ବର୍ଷର ବାଲିଯାତ୍ରାକୁ ଭବ୍ୟ ଏବଂ ସ୍ମରଣୀୟ କରିବା ପାଇଁ ବଡ଼ ନିଷ୍ପତ୍ତି ନେଇଛନ୍ତି ରାଜ୍ୟ ସରକାର। ନଭେମ୍ବର ୫ ତାରିଖରୁ ଆରମ୍ଭ ହେଉଥିବା କଟକ ବାଲିଯାତ୍ରାରେ ଇଣ୍ଡୋନେସିଆକୁ ସହଭାଗୀ ଦେଶ ହିସାବରେ ଆମନ୍ତ୍ରିତ କରାଯିବ ଏବଂ 'ଏକ ଭାରତ ଶ୍ରେଷ୍ଠ ଭାରତ' ଅଧୀନରେ ଦେଶର ଏକ ପ୍ରମୁଖ ରାଜ୍ୟକୁ ମଧ୍ୟ ସହଭାଗୀ ରାଜ୍ୟ ହିସାବରେ ସାମିଲ କରାଯିବ। ଦକ୍ଷିଣ ଏସିଆର କେତେକ ରାଷ୍ଟ୍ରଙ୍କୁ ସେମାନଙ୍କର ସାଂସ୍କୃତିକ ଦଳ ପ୍ରେରଣ ପାଇଁ ମଧ୍ୟ ଅନୁରୋଧ କରାଯିବ। ବିଭାଗୀୟ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏ ସଂକ୍ରାନ୍ତରେ ନିଆଯାଇଛି ନିଷ୍ପତ୍ତି।

ସୂଚନା ଅନୁଯାୟୀ କଟକ ବାଲିଯାତ୍ରାରେ ଓଡ଼ିଆ ସାହିତ୍ୟର ଯୋଗଜନ୍ମା ଲେଖକ ଏବଂ ସେମାନଙ୍କ କୃତିକୁ ନେଇ ଏକ ବିଷୟବସ୍ତୁ ମଣ୍ଡପ(ଥିମ ପାଭିଲିୟନ) ନିର୍ମାଣ କରାଯିବ। ଯାହା ଓଡ଼ିଆ ସାହିତ୍ୟକୁ ଆହୁରି ଆଦୃତ କରିପାରିବ। ସେହିପରି ପୁରୀସ୍ଥିତ ଗୁରୁ ରବୀନ୍ଦ୍ରନାଥ ଟାଗୋରଙ୍କ ବାସଗୃହ 'ପାଥେର ପୁରୀ'ର ପୁନରୁଦ୍ଧାର କରାଯାଇ ଏହାକୁ ଗୁରୁଦେବଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ସଂଗ୍ରହାଳୟରେ ପରିଣତ କରାଯିବ।

ଚଳିତ ବର୍ଷ ଢେଙ୍କାନାଳର ଗଜଲକ୍ଷ୍ମୀ ପୂଜାକୁ ରାଜ୍ୟ ସରକାର ସହାୟତା ପ୍ରଦାନ କରିଥିଲେ। ଏହିକ୍ରମରେ କେନ୍ଦ୍ରାପଡ଼ାର ମହାକାଳପଡ଼ା ବିଧାୟକଙ୍କ ସମାନ ଅନୁରୋଧ ପରେ କେନ୍ଦ୍ରାପଡ଼ା ଗଜଲକ୍ଷ୍ମୀ ପୂଜାକୁ ସଂସ୍କୃତି ବିଭାଗ ପକ୍ଷରୁ ଆର୍ଥିକ ସହାୟତା ରାଶି ଯୋଗାଇ ଦିଆଯିବ ଓ କେନ୍ଦ୍ରାପଡା ଜିଲ୍ଲାର କାଳିଦାସ ମନ୍ଦିରର ପୁନରୁଦ୍ଧାର ଦାୟିତ୍ୱ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଗ୍ରହଣ କରିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ସଂସ୍କୃତି ବିଭାଗ ଅଧିନସ୍ଥ ସଂସ୍କୃତି ବିଶ୍ୱବିଦ୍ୟାଳୟ, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ, ବିଭୁତି କାନୁନଗୋ ଓ ଖଲ୍ଲିକୋଟ ଚାରୁ ଓ କାରୁକଳା ମହାବିଦ୍ୟାଳୟରେ ଖାଲିଥିବା ସମସ୍ତ ପଦବୀ ଅତିଶୀଘ୍ର ପୂରଣ କରାଯିବ। ଅପରପକ୍ଷେ ଭୁବନେଶ୍ୱରର ସୈନିକ ସ୍କୁଲ ନିକଟରେ ହେବାକୁଥିବା ଓଡ଼ିଆ ଅସ୍ମିତା ଭବନର ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଓଡ଼ିଶା ସେତୁ ଓ ନିର୍ମାଣ ନିଗମକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି।

## ବାଲିଯାତ୍ରା ପଡ଼ିଆ 'ନୋ ଡ୍ରୋନ୍ ଜୋନ୍'

କଟକ: ଆସନ୍ତା ନଭେମ୍ବର ୫ରୁ ୧୨ ପର୍ଯ୍ୟନ୍ତ ଚାଲିବାକୁ ଥିବା ଐତିହାସିକ କଟକ ବାଲିଯାତ୍ରାରେ ଜନସାଧାରଣଙ୍କ ସୁରକ୍ଷା ଏବଂ ମହୋତ୍ସବର ସୁପରିଚାଳନା ସୁନିଶ୍ଚିତ କରିବା ପାଇଁ ପ୍ରଶାସନ ପକ୍ଷରୁ ବଡ଼ ପଦକ୍ଷେପ ଗ୍ରହଣ କରାଯାଉଛି।



ଏହିକ୍ରମରେ ବାଲିଯାତ୍ରା ପଡ଼ିଆକୁ 'ନୋ ଡ୍ରୋନ୍ ଜୋନ୍' ଘୋଷଣା କରିଛନ୍ତି କଟକ ଜିଲ୍ଲାପାଳ। ନଭେମ୍ବର ୧ରୁ ୧୫ ତାରିଖ ମଧ୍ୟରେ ବାଲିଯାତ୍ରା ଗ୍ରାଉଣ୍ଡର ୫ କିମି ପରିଧି ପର୍ଯ୍ୟନ୍ତ ଏହି କଟକଣା ରହିବ ବୋଲି ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି। ସେହିପରି ପାରା ଗ୍ଲାଇଡର୍ସ, ପାରା ମୋଟର୍ସ, ପାୱାର ହ୍ୟାଙ୍ଗ୍ ଗ୍ଲାଇଡର୍ସ ଉଡ଼ାଣ ମନା ହୋଇଛି। ମାଇକ୍ରୋ ଲାଇଟ୍ ଏୟାରକ୍ରାଫ୍ଟ, ହଟ୍ ଏୟାର ବେଲୁନ, ୟୁଏଭି, ଡ୍ରୋନ୍କୁ ବି ମନା କରାଯାଇଛି। ବାଲିଯାତ୍ରାକୁ ପ୍ରାୟ ୫୦ ଲକ୍ଷ ଲୋକଙ୍କ ସମାଗମ ହେବା ଆଶଙ୍କା କରାଯାଉଛି।

# ଲୋକସେବା ଭବନ ଏବେ ବିଜେପିର ଚାକିରି ବିକ୍ରୟ କେନ୍ଦ୍ର: ବିଜେଡି

ଭୁବନେଶ୍ୱର,୮।୧୦(ସମିସ): ପୁଲିସ ଏସ୍ଆଇ ପରୀକ୍ଷାରେ ଜାଲିଆତି ଘଟଣା ରାଜ୍ୟର ଯୁବ ଓ ଛାତ୍ର ସମାଜକୁ ବ୍ୟଥିତ କରିଛି। ଏହି ମହାଦୁର୍ନୀତିକୁ ପଦାକୁ ଆଣିବା ପାଇଁ ବିଜୁ ଯୁବ ଜନତା ଦଳ ସିବିଆଇ ତଦନ୍ତ ଦାବି କରିଛି। ଏହାସହ ରାଜ୍ୟ ସରକାର ଏଥିରେ ସମ୍ପୃକ୍ତ ବଡମୁଣ୍ଡମାନଙ୍କୁ ଖସାଇ ଦେବା ପାଇଁ ତଦନ୍ତଭାର କ୍ରାଇମବ୍ରାଞ୍ଚକୁ ପ୍ରଦାନ କରିଥିବା ଅଭିଯୋଗ କରି ବିଜୁ ଯୁବ ଓ ଛାତ୍ରଜନତା ଦଳ ରାଜ୍ୟବ୍ୟାପୀ 'ନ୍ୟାୟ ଆନ୍ଦୋଳନ' ଡକରା ଦେଇଛି ।

ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜୁ ଯୁବ ଜନତା ଦଳର ସଭାପତି ଚିନ୍ମୟ ସାହୁ କହିଛନ୍ତି ଯେ ଏହି ମହାଦୁର୍ନୀତିର ଚେର ରାଜ୍ୟର ମନ୍ତ୍ରିମଣ୍ଡଳର ସଦସ୍ୟଙ୍କଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ଲମ୍ବିଛି। ଆମେ ମୁଖ୍ୟ ଅଭିଯୁକ୍ତର ଫଟୋ ମୁଖ୍ୟମନ୍ତ୍ରୀଙ୍କ ସମେତ ମନ୍ତ୍ରୀମଣ୍ଡଳର ସଦସ୍ୟ ମାନଙ୍କ ସହ ଥିବା ଫଟୋ ଜାରି କରିଥିଲୁ। କ୍ରାଇମବ୍ରାଞ୍ଚ



- **ରାଜ୍ୟବ୍ୟାପୀ ଯୁବ, ଛାତ୍ର ବିଜେଡିର 'ନ୍ୟାୟ ଆନ୍ଦୋଳନ' ଡକରା**
- **ସିବିଆଇ ତଦନ୍ତ ଓ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଆନ୍ଦୋଳନ**

ତଦନ୍ତ କରିବା ପରିବର୍ତ୍ତେ କିପରି ତଥ୍ୟ ପ୍ରମାଣକୁ ନଷ୍ଟ କରାଯିବ ସେହି କାମରେ ବ୍ୟସ୍ତ ଅଛି। ରାଜ୍ୟ ସରକାରଙ୍କ ପ୍ରାୟୋଜନରେ ଚାକିରି ବିକ୍ରିର ନିଲାମ ପାଇଁ ଦୁଇ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଥିଲା । ଓପିଆରବି କେଉଁ ନିୟମରେ ଏହି ସଂସ୍ଥା ଗୁଡିକୁ ପରୀକ୍ଷା କରିବା ପାଇଁ ନିଯୁକ୍ତି ଦେଇଥିଲା ସେ ପ୍ରଶ୍ନର ଉତ୍ତର ସରକାର ରଖୁନାହାନ୍ତି । ବିଜେପି ଏବେ ଲୋକସେବା ଭବନକୁ ଚାକିରି ବିକ୍ରୟ କେନ୍ଦ୍ରରେ ପରିଣତ କରିଛି। ତେଣୁ ଏହି ମହାଦୁର୍ନୀତି ବିରୋଧରେ ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ରାଜ୍ୟବ୍ୟାପୀ ଯୁବ ଛାତ୍ର ନ୍ୟାୟ ଆନ୍ଦୋଳନ ଆରମ୍ଭ ହେବ ଏବଂ ଏହା ଆମର ଦାବି ପୂରଣ ନହେବା ପର୍ଯ୍ୟନ୍ତ ଜାରି ରହିବ ବୋଲି ଶ୍ରୀ ସାହୁ କହିଥିଲେ। ବିଜୁ ଛାତ୍ର ଜନତା ଦଳର ସଭାପତି ଇପ୍ସିତା ସାହୁ କହିଥିଲେ ଯେ ନିଯୁକ୍ତି ଆଶାରେ ଥିବା ରାଜ୍ୟର ହଜାର ହଜାର ଯୁବକ ଯୁବତୀ ଏବେ ହତାଶ ଅନୁଭବ କରୁଛନ୍ତି। ସେମାନଙ୍କ ଭିତରୁ ଅନେକ ଆମ ସହ ଯୋଗାଯୋଗରେ ଅଛନ୍ତି । ସେମାନଙ୍କୁ ନ୍ୟାୟ ପ୍ରଦାନ ପାଇଁ ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ଏହି ନ୍ୟାୟ ଆନ୍ଦୋଳନ ପାଇଁ ଡକରା ଦେଇଛି। ବିଜେପି ପକ୍ଷରୁ ସରକାରକୁ ଆସିଲେ ଦୁଇ ବର୍ଷରେ ଦେଢ଼ ଲକ୍ଷ ସରକାରୀ ଚାକିରି ଦେବେ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। କିନ୍ତୁ ଚାକିରି ଦେବା ପରିବର୍ତ୍ତେ ଏବେ ଚାକିରି ବିକ୍ରି କରାଯାଉଛି। ଓଡ଼ିଶାର ଯୁବ ଓ ଛାତ୍ର ମାନେ ଏହି ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରିବେ ଓ ସରକାରଙ୍କୁ ଉଚିତ ଜବାବ ଦେବେ ବୋଲି ସେ କହିଛନ୍ତି।

**ପୁଲିସ ଏସ୍ଆଇ ଚାକିରି ବିକ୍ରି ଘଟଣା**

# କ୍ରାଇମବ୍ରାଞ୍ଚ ଗିରଫଦାରି ଘଟଣାକୁ ଖଣ୍ଡନ କଲେ ଚନ୍ଦନ

ବାଲେଶ୍ୱର, ୮।୧୦(ସମିସ): ପୁଲିସ ଏସ୍ଆଇ ଚାକିରି ବିକ୍ରି ଘଟଣାରେ କ୍ରାଇମବ୍ରାଞ୍ଚ ସାରା ରାଜ୍ୟରେ ତନାଘନା ଚଳାଇଛି। ଏପଟେ ବାଲେଶ୍ୱରରୁ ଉକ୍ତ ଘଟଣାର ଆଜି ଟୁଇଷ୍ଟ ଦେଖିବାକୁ ମିଳିଛି। ଗତ ୬ ତାରିଖରେ ବାଲେଶ୍ୱରର ଚନ୍ଦନ ମଲ୍ଲିକଙ୍କୁ କ୍ରାଇମବ୍ରାଞ୍ଚର ଗିରଫଦାରି ଘଟଣାକୁ ଆଜି ଖୋଦ ଚନ୍ଦନ ଏକ ସାମ୍ବାଦିକ ସମ୍ମିଳନୀରେ ଖଣ୍ଡନ କରିଛନ୍ତି । ସୋରରୁ କ୍ରାଇମବ୍ରାଞ୍ଚ ଗିରଫ କରି ବ୍ରହ୍ମପୁର ଜେଏମ୍ଏଫସି କୋର୍ଟକୁ ଚାଲାଣ କରିବା ଘଟଣା ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି ସେ ଦର୍ଶାଇଛନ୍ତି।



ଉକ୍ତ ୬ ତାରିଖ ଦିନ ୧୨ଟାରୁ ରାତି ୧୨ଟା ପର୍ଯ୍ୟନ୍ତ ବାଲେଶ୍ୱର ଜିଲ୍ଲାର ଗୋପାଳପୁର ଥାନା ସନ୍ନିକଟ ବଜାର ଅଞ୍ଚଳରେ ବିଭିନ୍ନ କାମରେ ଥିଲେ। ତେବେ କ୍ରାଇମବ୍ରାଞ୍ଚ ତାଙ୍କୁ କେତେବେଳେ ତଦନ୍ତ ପରିସରକୁ ନେଲେ ସେ ନେଇ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ସେହିଦିନ ତାଙ୍କର ମୋବାଇଲ ହଜି ଯାଇଥିବାରୁ ସୁଇଚ ଅଫ ଥିଲା ବୋଲି ଗଣମାଧ୍ୟମ ସମ୍ମୁଖରେ ପ୍ରକାଶ କରିଛନ୍ତି। କିନ୍ତୁ ବିଭିନ୍ନ ଗଣମାଧ୍ୟମରେ ତାଙ୍କର ଗିରଫଦାରି ଖବର ପ୍ରକାଶ ପାଇବା ପରେ ସେ ତଥା ତାଙ୍କ ପରିବାର ଚକିତ ହୋଇଯାଇଥିଲେ। ଚନ୍ଦନ ମଲ୍ଲିକ ଜଣେ ସମାଜସେବୀ ଭାବେ ବାଲେଶ୍ୱରରେ ବେଶ ଜଣାଶୁଣା । ସେ ପୁଲିସ ଏସଆଇ ଚାକିରି ବିକ୍ରି ଘଟଣାରେ ଦଲାଲ କାମ ସ୍ୱପ୍ନରେ ବି ଭାବି ନାହାନ୍ତି । ଏଭଳି ତାଙ୍କ ନାଁ କ୍ରାଇମବ୍ରାଞ୍ଚର ଗିରଫଦାରି ତାଲିକାରେ ପ୍ରକାଶ ପାଇବା ସମ୍ପୂର୍ଣ୍ଣ ଭିତ୍ତିହୀନ। ନ୍ୟାୟ ନ ମିଳିଲେ ଜିଲ୍ଲା ଏସପି କାର୍ଯ୍ୟାଳୟ ସମ୍ମୁଖରେ ସପରିବାର ଆତ୍ମାହୁତି ପାଇଁ ସେ ଚେତାବନୀ ଦେଇଛନ୍ତି । ଓଡିଶାରେ ତାଙ୍କୁ ଦଲାଲ ସଜେଇ ଦେଲେ କାହିଁକି ବୋଲି ପ୍ରଶ୍ନ କରିଛନ୍ତି ? ସେ ସମ୍ପୂର୍ଣ୍ଣ ନିର୍ଦୋଷ ବୋଲି ନିଜକୁ ଦର୍ଶାଇଥିବା ବେଳେ ଆଗକୁ ଯଦି ଏନେଇ କୌଣସି ପ୍ରମାଣ ଦେବାକୁ ପଡ଼େ ଯଥେଷ୍ଟ ପ୍ରମାଣ ଯୋଗାଇ ଦେବେ ବୋଲି ଚନ୍ଦନ ଆଜି ଗଣମାଧ୍ୟମକୁ କହିଛନ୍ତି।

## ପଲଶାଗୋରାରେ ମୁରାସୁର ଦରବାର ଉଦ୍‌ଘାଟିତ

ପଲଶାଗୋରା,୮ ।୧୦(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ପଲଶାଗୋରା ସ୍ୱସ୍ତିକ କ୍ଲବ୍ ଦ୍ୱାରା ଆୟୋଜିତ ଗଜଲକ୍ଷ୍ମୀ ପୂଜା ଅବସରରେ ମୁରାସୁର ଦରବାର କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି । ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ସୁଶ୍ରୀ ସୌଦାମିନୀ ମଲ୍ଲିକ, ସମ୍ମାନିତ ଅତିଥି ଭାବେ ଆଦିବାସୀ ନେତା ଡମ୍ବରୁଧର କହଁର, ସ୍ୱେଚ୍ଛାସେବୀ ଶିତିକଣ୍ଠ ମିଶ୍ର, କମିଟି ଉପଦେଷ୍ଟା ସୁଧୀର ପଣ୍ଡା, ସଭାପତି ଶାନ୍ତନୁ ମହାପାତ୍ର, ସମ୍ପାଦକ ସତ୍ୟନାରାୟଣ ପ୍ରଧାନ, ଉପସଭାପତି ରଞ୍ଜନ ପଣ୍ଡା, ଉପଦେଷ୍ଟା ଅସୀମ ଅଭିଷେକ ପଣ୍ଡା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ । ଅଚ୍ୟୁତ ଖମାରୀ ସଭା ପରିଚାଳନା କରିଥିଲେ । ମଞ୍ଚରେ ଇନ୍ଦ୍ରଙ୍କ ସହ ଯୁଦ୍ଧ ପାଇଁ ମୁରାସୁରଙ୍କୁ ନାରଦଙ୍କ ପରାମର୍ଶ, ସ୍ୱର୍ଗପୁରୀ ଆକ୍ରମଣ କରି ମୁରାସୁର ଇନ୍ଦ୍ରଙ୍କଠାରୁ ପରାସ୍ତ, ଶିବଙ୍କୁ ତପସ୍ୟା କରି ମୁରାସୁରର ବରପ୍ରାପ୍ତି, କର୍ଣ୍ଣାଟକ ଓ ସ୍ୱର୍ଗପୁର ଆକ୍ରମଣ ପାଇଁ ନାରଦଙ୍କ ପରମର୍ଶ ଉପରେ ଆଧାରିତ ପୌରାଣିକ କଥାବସ୍ତୁକୁ ନେଇ ଏହି ନାଟକ ମଞ୍ଚସ୍ଥ ହୋଇଥିଲା । ଏହି ନାଟକରେ ମୁରାସୁର ଭୂମିକାରେ ବିଶ୍ୱ ପ୍ରସିଦ୍ଧ ବରଗଡ ଧନୁଯାତ୍ରାରେ କଂସ ଭୂମିକାରେ ଅଭିନୟ କରିଥିବା ଅଭିନେତା ହୃଷିକେଶ ଭୋଇ ଅଭିନୟ କରୁଥିବା ବେଳେ ମହାମନ୍ତ୍ରୀ ଭୂମିକାରେ ନନ୍ଦିଘୋଷ ମହାପାତ୍ର ଅଭିନୟ କରୁଛନ୍ତି । ଉପଦେଷ୍ଟା କମିଟିର ସୁଧୀର ପଣ୍ଡା, ସଭାପତି ଶାନ୍ତନୁ ମହାପାତ୍ର, ସମ୍ପାଦକ ବିଘ୍ନେଶ ପ୍ରଧାନ ଓ କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

## ପଲଶାଗୋରା ବେତ୍ରାପଡ଼ାରେ ଅଗ୍ନିକୁମାରୀ ଝାମୁଯାତ୍ରା

ପଲଶାଗୋରା,୮ ।୧୦(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ପଲଶାଗୋରା ବେତ୍ରାପଡାରେ ବାର୍ଷିକ ଅଗ୍ନିକୁମାରୀ ଝାମୁଯାତ୍ରା ବୁଧବାର ଅନୁଷ୍ଠିତ ହୋଇଛି । ଦେବୀଙ୍କ କୋଠିରେ ଝଙ୍କାର ତ୍ରିନାଥ ନାଏକ ପୂଜା କରଥିଲେ ।ଗଙ୍ଗା ନାଏକ, ଘନ କହଁର, କରୁଣା ନାଗ, ଗାନ୍ଧୀ କହଁର, ବାବୁଲା ନାଏକ, ଜୟସେନ ନାଏକ, ଭଲୁ ପଧାନଙ୍କ ଦେହରେ କଳାସୀ ଲାଗିଥିଲା । ପରେ ଦେବତା ମାନେ ନିଆଁ ହୁଳା ଉପରେ ଚାଲିବା ସହ କଣ୍ଟା ଉପରେଠିଆ ହୋଇଥିଲେ । ମାନସିକଧାରୀ ଭକ୍ତ ମଧ୍ୟ ଏହି ନିଆଁ ହୁଳାରେ ଚାଲିଥିଲେ । ବିଶ୍ୱାସ ଓ ବହୁ ବର୍ଷର ପରମ୍ପରାକୁ ନେଇ ଏହା ପାଳନ କରାଯାଇ ଆସୁଛି ।

## ତରଭା ଜେଏନ୍‌ଭି ନବମ ଓ ଏକାଦଶ ଶ୍ରେଣୀରେ ଖାଲି ସିଟ୍ ପୂରଣ ହେବ

ତରଭା,୮ ।୧୦(ସମିସ): ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ତରଭାସ୍ଥିତ ପିଏମଶ୍ରୀ ଜବାହର ନବୋଦୟ ବିଦ୍ୟାଳୟର ନବମ ଓ ଏକାଦଶ ଶ୍ରେଣୀରେ ଖାଲି ପଡିଥିବା ସିଟ୍ ପୂରଣ ହେବ । ଆଗ୍ରହୀ ଛାତ୍ରଛାତ୍ରୀ ଅକ୍ଟୋବର ୨୧ ତାରିଖ ସୁଦ୍ଧା ଜେଏନଭି ୱେବ୍‌ସାଇଟରେ ନିଃଶୁଳ୍କ ଆବେଦନ କରିପାରିବେ ବୋଲି ବିଦ୍ୟାଳୟର ଅଧ୍ୟକ୍ଷ ନିଶିକାନ୍ତ ସାମକାଁୱର ସୂଚନା ଦେଇଛନ୍ତି ।

# ମନ ଛୁଇଁଲା 'ସବୁ ଲାଗେ ପର ଲୁହ ନିଜର'



ଶଗଡା/ମନମୁଣ୍ଡା,୮ ।୧୦(ସମିସ)

ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ବରଗୋଛା ପଞ୍ଚାୟତ ଅଧୀନ ବଡ଼ଦେହୁରୀପାଲି ଗ୍ରାମରେ ନାଟକ "ସବୁ ଲାଗେ ପର ଲୁହ ନିଜର" ମଞ୍ଚସ୍ଥ ହୋଇଛି । ମାଁ ମାହେଶ୍ୱରୀଙ୍କ କୁମାର ପୂର୍ଣ୍ଣିମା ଯାତ୍ରା ଉପଲକ୍ଷେ ମାଁ ମାହେଶ୍ୱରୀ ନାଟ୍ୟ କଳା ସଂସଦ ପକ୍ଷରୁ ଏହି ନାଟକ ମଞ୍ଚସ୍ଥ ହୋଇଥିଲା । ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ଅରୁଣ ପଟ୍ଟନାୟକ ନାଟ୍ୟ ନିର୍ଦ୍ଦେଶନା ଦେଇଥିଲେ । ବିଭିନ୍ନ ଭୂମିକାରେ ବୈଷ୍ଣବାନନ୍ଦ ପ୍ରଧାନ, ଅବିନାଶ ପ୍ରଧାନ, ରତ୍ନାକର ପ୍ରଧାନ, କୃଷ୍ଣଚନ୍ଦ୍ର ପ୍ରଧାନ, ସିକୁନ ସାହୁ, ଭୀମସେନ ସିଂହ, ଧୃରେନ ଖମାରୀ, ତୁଷମନ ବାରିକ, ପ୍ରଦୀପ ସିଂହ, ପପୁନ ସିଂହ, ଉପେନ୍ଦ୍ର ପ୍ରଧାନ ପ୍ରମୁଖ ଅଭିନୟ କରିଥିଲେ । ନାରୀ ଭୂମିକାର ସୁମିତ୍ରା, ମିତା, ବର୍ଷା, ଆଶା ଅଭିନୟ କରିଥିଲେ । ନୃତ୍ୟ ନିର୍ଦ୍ଦେଶକ ରାଜେନ୍ଦ୍ର ରଣାଙ୍କ ନିର୍ଦ୍ଦେଶନାରେ ଆଲୋକ, ମହେଶ୍ୱର, ପଦ୍ମ, ରଜତ, ବିକାଶ, ରଞ୍ଜିତ, ଶିବାମ, ସରୋଜ, ସିପୁନ, ଲକି, ସୁବ୍ରତ, ସୁନିତ, କୁଶ, ବିଭୂତି, ପ୍ରାଣ, ଡଲି, ଶୃତି, ଇଷିକା ଓ ବେବି ପ୍ରମୁଖ ନୃତ୍ୟ ଶିଳ୍ପୀଙ୍କ ଦ୍ୱାରା ପରିବେଶିତ ନାଚଗୀତର ତାଳେ ତାଳେ ଦର୍ଶକ ବେଶ୍ ଝୁମି ଥିଲେ । ଏହି ସାଂସ୍କୃତିକ କାର୍ଯ୍ୟକ୍ରମରେ ଉପସ୍ଥାପକ ଭାବେ ପଞ୍ଚାନନ ଡାଙ୍ଗ ଓ ଉପସ୍ଥାପିକା ଭାବେ ଆଶାରାଣୀ ମହାନ୍ତି କାର୍ଯ୍ୟ ତୁଲାଇଥିଲେ । ଏହି ଅବସରରେ ଆୟୋଜିତ ସାଂସ୍କୃତିକ ସଭାରେ ମୁଖ୍ୟ ଅତିଥି ଭାବେ କଣ୍ଟାମାଳର ପୂର୍ବତନ ବିଧାୟକ ମହିଧର ରଣା ଯୋଗଦେଇ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଡୁମାଳ ପରିଷଦ ଓଡ଼ିଶାର ଜିଲ୍ଲା ସଭାପତି ସୀତାଂଶୁ ଶେଖର ମହାକୁଡ଼, ଜିଲ୍ଲା ସଂପାଦକ କୃଷ୍ଣଚନ୍ଦ୍ର ମେଷୁଆ, ଜିଲ୍ଲା କୋଷାଧ୍ୟକ୍ଷ ମନୋଜ ମହାକୁଡ଼, ରାଜ୍ୟ ପରିଷଦ ସଦସ୍ୟ ବିଭୂତି ପ୍ରସାଦ ଖେତି, ବାମଣ୍ଡା କେନ୍ଦ୍ର ସମ୍ପାଦକ କୈଳାସ ବିଶି, ବଡଦେହୁରୀପାଲି ମନ୍ଦିର କମିଟି ସଭାପତି ଧ୍ରୁବ ଚରଣ ପ୍ରଧାନ, ସଂପାଦକ ରଙ୍କନିଧି ଖମାରୀ, କୋଷାଧ୍ୟକ୍ଷ ଶ୍ରଦ୍ଧାକର ଗାଇଗୌରିଆ, ଆଦିବାସୀ ନେତା ଡମ୍ବରୁଧର କହଁର, ସନ୍ତୋଷ ଦନ୍ତା, ଶଗଡ଼ା ସମିତି ସଭ୍ୟ କୁନୁ ଦନ୍ତା, ଶୁଣ୍ଠିପଦର ସରପଞ୍ଚ ପ୍ରତିନିଧି ଲାଲବିହାରୀ ବଗର୍ତ୍ତି, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଶଙ୍କର୍ଷଣ ପ୍ରଧାନ, ସୁଧୀର ମହାକୁଡ଼, ପ୍ରମୁଖ ମଞ୍ଚାସୀନ ଥିଲେ । ନାଟ୍ୟ ସହ ନିର୍ଦ୍ଦେଶକ ସୁବଳ ଚରଣ ବାରିକ ମଞ୍ଚ ପରିଚାଳନା କରିଥିବା ବେଳେ କ୍ଲବ୍‌ର ସଂପାଦକ ସୁକାନ୍ତ ପରଡିଆ ଧନ୍ୟବାଦ ଅର୍ପଣ କରିଥିଲେ । ସଂସଦର ସଭାପତି ସନ୍ତୋଷ ସିଂହଙ୍କ ତତ୍ତ୍ୱାବଧାନରେ କମିଟିର ଜିତେନ୍ଦ୍ର, ସୁମନ୍ତ, ସଞ୍ଜିବ ସମେତ ସମସ୍ତ ସଦସ୍ୟମାନେ ସହଯୋଗ କରିଥିଲେ ।

● ରାତ୍ରୀ ଜଗୁଆଳି ଓ ଝାଡୁଦାର ନିଯୁକ୍ତିରେ ଅନିୟମିତତାର ପ୍ରତିବାଦ

# ଅଚଣ୍ଡା ଉନ୍ନୀତ ହାଇସ୍କୁଲରେ ତାଲା ପକାଇଲେ ଏସ୍‌ଏଚ୍‌ଜି ମହିଳା



ବୀରମହାରାଜପୁର,୮ ।୧୦(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍ କେନଝିରିଆପାଲି କ୍ଲଷ୍ଟରର ଅଚଣ୍ଡା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଏସଏଚଜି ମହିଳା ତାଲା ପକାଇ ପ୍ରତିବାଦ କରିଛନ୍ତି । ଏହା ଫଳରେ ଶିକ୍ଷକ ଓ ଛାତ୍ରୀଛାତ୍ର ସ୍କୁଲ ଭିତରକୁ ଯାଇ ପାରିନାହାନ୍ତି । ସ୍କୁଲରେ ରାତ୍ର ଜଗୁଆଳି ଓ ଝାଡୁଦାର ନିଯୁକ୍ତି ପାଇଁ ବିଜ୍ଞପ୍ତି ବାହାରିଥିଲା । ପଞ୍ଚାୟତର ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀ ଆବେଦନ କରିଥିଲେ । ତେଲିପାଲି ଗ୍ରାମର ମା' ମଙ୍ଗଳା ସ୍ୱୟଂ ସହାୟକା ଗୋଷ୍ଠୀରୁ ରାତ୍ର ଜଗୁଆଳି ଓ ଝାଡୁଦାର ପାଇଁ ଦାୟିତ୍ୱ ମିଳିଥିଲା; ମାତ୍ର ଏବେ ଅଚଣ୍ଡା, ମହୁଲପାଲି, ରୁଗୁଡ଼ିପାଲି ଆଦି ଗ୍ରାମର ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଏହି ନିଯୁକ୍ତି ବେଆଇନ ଓ ଅନିୟମିତତା ହୋଇଥିବା ଅଭିଯୋଗ କରିଛନ୍ତି । ବିଭିନ୍ନ ଜନଗହଳି ସ୍ଥାନ, ଛକ ଓ ସ୍କୁଲ ସମ୍ମୁଖରେ ସୂଚନା ଦେବାର ନିୟମ ରହିଛି । କୌଣସି ସ୍ଥାନରେ କିନ୍ତୁ ସୂଚନା ଦିଆଗଲା ନାହିଁ । ତଞ୍ଚକତା କରାଗଲା । କାହାକୁ ଜଣାଗଲା ନାହିଁ । ଗୁପ୍ତ ଭାବେ ନିଯୁକ୍ତି ଦିଆଗଲା ।

ଅଚଣ୍ଡା, ମହୁଲପାଲି ଓ ରୁଗୁଡ଼ିପାଲି ଗ୍ରାମରେ ଅନେକ ସ୍ୱୟଂ ସହାୟକ ଗୋଷ୍ଠୀ ଅଛନ୍ତି । କେମିତି କେହି ଜାଣି ପାରିଲେ ନାହିଁ ବୋଲି ଏମାନେ ପ୍ରଶ୍ନ କରିଛନ୍ତି । ଏହି ଗ୍ରାମର ଯେ କୌଣସି ଗୋଟିଏ ସ୍ୱୟଂ ସହାୟକ ଗୋଷ୍ଠୀକୁ ଏହାର ଦାୟିତ୍ୱ ଦିଆଯାଉ ବୋଲି ଦାବି କରି ସ୍କୁଲ ଫାଟକରେ ଏମାନେ ତାଲା ପକାଇ ପ୍ରତିବାଦ କରିଛନ୍ତି । ତେବେ ଏହି ଖବର ପାଇ କେନଝିରିଆପାଲି କ୍ଲଷ୍ଟରର ସିଆରସିସି ବିନୟ ବିଶ୍ୱାଳ ଓ ଏବିଇଓ ବାର୍ଣ୍ଣା ଡୁଙ୍ଗଡୁଙ୍ଗ ସ୍କୁଲକୁ ଯାଇ ପ୍ରତିବାଦ କରୁଥିବା ମହିଳାଙ୍କୁ ବୁଝାସୁଝା କରିଛନ୍ତି ।

● ଗଞ୍ଜେଇ ଚାଲାଣବେଳେ ୩ ଅଭିଯୁକ୍ତ ଗିରଫ

## ୨୩ କେଜି ଗଞ୍ଜେଇ ସହ ୨ ବାଇକ୍ ଜବତ

ମନମୁଣ୍ଡା,୮ ।୧୦(ସମିସ): ମନମୁଣ୍ଡା ପୁଲିସ ୨୩ କେଜି ଗଞ୍ଜେଇ ସହ ୨ଟି ବାଇକ୍ ଜବତ କରିଛି । ଏହି ଘଟଣାରେ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ଅଭିଯୁକ୍ତମାନେ ହେଲେ ମନମୁଣ୍ଡା ଥାନା ରୁଗୁଡ଼ିଗୁଡ଼ାର ଚନ୍ଦ୍ର ମହାକୁଡ (୨୪), ପାଇକବହାଲର ଶ୍ରୀତମ ମେଣ୍ଡିଲୀ (୧୯) ଏବଂ ବା ଗ୍ରାମର ବଟ କହଁର (୨୦) । ଜଙ୍ଗଲ ରାସ୍ତା ଦେଇ ବାଇକରେ ଗଞ୍ଜେଇ ଚାଲାଣ ହେବାକୁ ଥିବା ପୁଲିସ କୌଣସି ସୂତ୍ରରୁ ଜାଣିବାକୁ ପାଇଥିଲା । ଶଗଡ଼ା ଫାଣ୍ଡି ଅଧିକାରୀ ଇନ୍ସପେକ୍ଟର ମହେନ୍ଦ୍ର ବେହେରା, ଏସଆଇ ସସ୍ମିତା ମଗର ସେହି ଅଞ୍ଚଳରେ ପାଟ୍ରୋଲିଂ କଡାକଡି କରି ଛକି ରହିଥିଲେ । ମାଳତୀଗୋଛାପଡ଼ା ଜଙ୍ଗଲ ରାସ୍ତା ଦେଇ ୨ଟି ବାଇକରେ ୩ ଅଭିଯୁକ୍ତ ବସ୍ତାରେ ଗଞ୍ଜେଇ ନେଇ ଯାଉଥିବାବେଳେ ପୁଲିସ ହାବୁଡ଼ରେ ପଡ଼ିଥିଲେ । ଗଞ୍ଜେଇ ଓଜନ କରିବାରୁ ୨୩ କେଜି ୧୨୦ ଗ୍ରାମ ହୋଇଥିଲା । ପୁଲିସ ଗଞ୍ଜେଇ ସହ ୨ଟି ବାଇକ୍ (ନଂ ଓଡ଼ି ୩୧ଏଲ୭୭୫୯ ଏବଂ ଓ ଡି ୩୧ ଏମ ୦୧୮୦) ଜବତ କରିଛି । ଏହାସହ ଅଭିଯୁକ୍ତଙ୍କୁ ଗିରଫ କରିଛି । ଏନେଇ ଥାନାରେ ଏକ ମାମଲା ରୁଜୁ କରାଯାଇଛି । ସୂଚନାଯୋଗ୍ୟ, ଏହି ମାମଲାରେ ଜଣେ ନାବାଳିକା (୧୪) ମଧ୍ୟ ସଂପୃକ୍ତ ଥିବା ଜାଣିବାକୁ ମିଳିଛି । ପୁଲିସ ଅଧିକ ତଦନ୍ତ ଚଳାଇଛି ।

## ୨ଟି କାର୍‌ରୁ ୪୧ କେଜି ଗଞ୍ଜେଇ ଜବତ

● ଖସିଗଲେ ମାଫିଆ



ଶଗଡା,୮ ।୧୦(ସମିସ): ବୌଦ୍ଧ ଅବକାରୀ ମୋବାଇଲ ସ୍କ୍ୱାଡ୍ ୨ଟି ପୃଥକ ସ୍ଥାନରେ ଚଢ଼ଉ କରି ୨ଟି କାରେରୁ ୪୧ କେଜି ଗଞ୍ଜେଇ ଜବତ କରିଛି । ଅବକାରୀ ଏସଆଇ ସତ୍ୟନାରାୟଣ ପ୍ରଧାନଙ୍କ ନେତୃତ୍ୱରେ ବୌଦ୍ଧ ଅବକାରୀ ମୋବାଇଲ ସ୍କ୍ୱାଡ୍‌ର ଏକ ଟିମ୍ ଏହି ଚଢଉରେ ସାମିଲ ହୋଇଥିଲା । ମନମୁଣ୍ଡା ଥାନା ଶିମିଳିପଦର ପଞ୍ଚାୟତ ଗବଯୋର ତେଲ ନଦୀ କୂଳରେ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ଖବର ପାଇ ଚଢ଼ଉ କରାଯାଇଥିଲା । ଏକ ହୋଣ୍ଡାଇ ଆଇ ୨୦ କାର ( ଓଡି ୦୨ଭି ୦୨୬୬) ରୁ ୨୧ କେଜି ଗଞ୍ଜେଇ ଜବତ ହୋଇଥିବା ବେଳେ ମାଫିଆ ଫେରାର ମାରିଥିବା ଜଣା ପଡିଛି । ସେହିପରି ମୋବାଇଲ ସ୍କ୍ୱାଡ୍ ପକ୍ଷରୁ ଗବଯୋର ବ୍ରିଜ ଛକରେ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ଖବର ପାଇ ଚଢ଼ଉ କରାଯାଇଥିଲା । ସେଠାରୁ ଏକ ମାରୁତି ସୁଜୁକି ବ୍ରେଜା କାରରୁ ୨୦ କେଜି ଗଞ୍ଜେଇ ଜବତ କରାଯାଇ ଥିବା ବେଳେ ମାଫିଆ ଘଟଣା ସ୍ଥଳରୁ ଫେରାର ମାରିଥିବା ଜଣା ପଡିଛି । ଏ ସଂକ୍ରାନ୍ତରେ ଅବକାରୀ ବିଭାଗ ପକ୍ଷରୁ ୨ଟି ପୃଥକ ମାମଲା ରୁଜୁ କରାଯାଇଛି ।

## ମାହେଶ୍ୱରୀ ସଂସ୍କୃତି ଭବନ ଓ ମନ୍ଦିର ନିର୍ମାଣ ନେଇ ଆଲୋଚନା

ବୌଦ୍ଧ,୮ ।୧୦(ସମିସ): ବୌଦ୍ଧ ବିଧାୟକ ସରୋଜ ପ୍ରଧାନ ବୌଦ୍ଧ ସଦର ବ୍ଲକ ଜଗତିସ୍ଥିତ ନିର୍ମାଣାଧୀନ ମାହେଶ୍ୱରୀ ସଂସ୍କୃତି ଭବନ ଓ ମାହେଶ୍ୱରୀ ମନ୍ଦିର ପରିଦର୍ଶନ କରିଛନ୍ତି ।



ଜୟଦେବ କଳତା, ଜଗତି କେନ୍ଦ୍ର ଶାଖାର ସମ୍ପାଦକ ଶମ୍ଭୁ ଗିରି, ସହ ସମ୍ପାଦକ ଦୀନବନ୍ଧୁ ପ୍ରଧାନ, କୋଷାଧ୍ୟକ୍ଷ ନିରଞ୍ଜନ ଗିରି, ଜଗତି ଗ୍ରାମ୍ୟ କମିଟି ସଭାପତି ରଙ୍ଗୀନା ଖେତୀ, ନିର୍ମାଣ କମିଟି ସଦସ୍ୟ ଜମ୍ବେବ ପ୍ରଧାନ,ବାବୁଲି କଳତା, ସୁରୁବୁଡା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ଦେହେରୀ ଶିଶିର କଳତା ଓ ବିକ୍ରମ ମହାକୁଡ଼ ପୂଜାର୍ଚ୍ଚନାରେ ସହଯୋଗ କରିଥିଲେ । ଏହି ଅବସରରେ ସଂସ୍କୃତି ଭବନ ଓ ମନ୍ଦିର ପୂର୍ଣ୍ଣାଙ୍ଗ ନିମନ୍ତେ କମିଟି ତରଫରୁ ବିଧାୟକଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା ।

## ଗନ୍ଧରାଡ଼ି ହରହରି ମନ୍ଦିରର ସମସ୍ୟା ନେଇ ଆଲୋଚନା



ବୌଦ୍ଧ,୮ ।୧୦(ସମିସ): ବୌଦ୍ଧ ବିଧାୟକ ସରୋଜ ପ୍ରଧାନ ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତର ଜଗତୀ ଗ୍ରାମ ନିକଟରେ ଥିବା ଗନ୍ଧରାଡ଼ି ଯୁଗ୍ମ ମନ୍ଦିର(ହର ଓ ହରି)ଙ୍କ ପରିଦର୍ଶନ କରିଛନ୍ତି । ମନ୍ଦିରଟି ଅବହେଳିତ ହୋଇ ପଡିଥିବାରୁ ସେ କ୍ଷୋଭ ପ୍ରକାଶ କରିଥିଲେ । ମନ୍ଦିରର ଅଭାବ ଅସୁବିଧା ସମ୍ପର୍କରେ ସେବାୟତ ଓ ସେଠାରେ ନିୟୋଜିତ ଭାରତୀୟ ପତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥାର କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ । ଆଲୋଚନା ବେଳେ ଗନ୍ଧରାଡ଼ି ଲୋକକଳା ମହୋତ୍ସବ କମିଟିର ସମ୍ପାଦକ ଶମ୍ଭୁ ଗିରି, କୋଷାଧ୍ୟକ୍ଷ ନିରଞ୍ଜନ ଗିରି, ଅର୍ଥ କମିଟିର ମୁଖ୍ୟ ଗଜେନ୍ଦ୍ର ବାରିକ, ପ୍ରଚାର ପ୍ରସାର କମିଟିର ସଂଯୋଜକ ସୁଧାଂଶୁ ଶେଖର ମିଶ୍ର, ମନୋଜ ଗୁରୁ, ଆଦି ଜେନା, ସେବାୟତ ସୁଶୀଲ ପାଣିଗ୍ରାହୀ, ହୃଦାନନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ବେହେରାପଡ଼ାରେ ରାବଣ ଦରବାର




ଶଗଡା,୮ ।୧୦(ସମିସ): କଣ୍ଟାମାଳ ବ୍ଲକ୍ ଲମ୍ବଶରୀ ପଞ୍ଚାୟତ ବେହେରାପଡ଼ାରେ ଆଶ୍ୱିନ ପୂର୍ଣ୍ଣିମା ଉପଲକ୍ଷେ ମାହେଶ୍ୱରୀ ମହୋତ୍ସବ ଉଦ୍‌ଘାଟିତ ହୋଇଛି । ପ୍ରତିବର୍ଷ ଭଳି ଏଠାରେ ଆଞ୍ଚଳିକ ଡୁମାଲ ପରିଷଦ ପକ୍ଷରୁ ମାହେଶ୍ୱରୀ ପୂଜା ଉପଲକ୍ଷେ ରାବଣ ଦରବାର ଆୟୋଜିତ ହୋଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସମିତିସଭ୍ୟ କୁଶଳେଶ୍ୱର କର୍ମୀ ଯୋଗଦେଇ ରାବଣ ଦରବାରକୁ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ନାଏବ ସରପଞ୍ଚ ଯୁଧିଷ୍ଠିର କ୍ଷେତି, ଅବସରପ୍ରାପ୍ତ ଶିକ୍ଷକ ବଂଶୀଧର କର୍ମୀ, ମହୋତ୍ସବର ପୂର୍ବତନ ସଭାପତି ପ୍ରମୋଦ ମେଣ୍ଡିଲି, ଉପଦେଷ୍ଟା ସତ୍ୟନାରାୟଣ ଦନ୍ତା, ମହୋତ୍ସବର ସଭାପତି ସଂଜିତ ଅମାତ, ଗୁହୁଲିଆ କେନ୍ଦ୍ରର ସଭାପତି ଅକ୍ରୂର ଦେହୁରୀ, ବିଜେଡି ନେତା ଅଶୋକ ଖମାରୀ, ସତ୍ୟନାରାୟଣ ମେହେର, ସାମାଜିକ କର୍ମୀ ପ୍ରେମାନନ୍ଦ ଭୋଇ, ବେହେରାପଡ଼ା କେନ୍ଦ୍ରର ସଭାପତି ସଂଜିତ ଅମାତ, ସମ୍ପାଦକ ସରୋଜ ପାତ୍ର, ଉପସଭାପତି ଗୋପବନ୍ଧୁ ପ୍ରଧାନ, ସହସମ୍ପାଦକ ତରଣୀ ସେନ କର୍ମୀ, ଉପଦେଷ୍ଟା ପ୍ରମୋଦ ମେଣ୍ଡିଲି, କୋଷାଧ୍ୟକ୍ଷ ନାରାୟଣ ମହାକୁଡ଼, ପୂଜକ ବିଶେଶ୍ୱର ଦେହୁରୀ, ବରୁଆ କାର୍ତ୍ତିକ ମେଣ୍ଡିଲି ପ୍ରମୁଖ ଯୋଗ ଦେଇଥିଲେ । ଏହି ରାବଣ ଦରବାର ୬ ତାରିଖରୁ ଆରମ୍ଭ ହୋଇଛି । ଗୁରୁବାର ପର୍ଯ୍ୟନ୍ତ ଏହା ଚାଲିବ ବୋଲି କମିଟି ପକ୍ଷରୁ ସୂଚନା ଦିଆ ଯାଇଛି । କମିଟି ସଦସ୍ୟ ସୁଶାନ୍ତ ମହାକୁଡ଼ ମଞ୍ଚ ପରିଚାଳନା କରିଥିଲେ । ରାବଣ ଭୂମିକାରେ ପଳସାଗୋରା ଗ୍ରାମର କଳାକାର ମନୋଜ ମହାନ୍ତିଙ୍କ ଚିତ୍ତାକର୍ଷକ ଅଭିନୟ ଦର୍ଶକଙ୍କୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ବାନ୍ଧି ରଖିଥିଲା । ଏହି ଅବସରରେ ଆଞ୍ଚଳିକ ଡୁମାଳ ପରିଷଦ ଓ ପାଣ୍ଡପାଲି ମହାନଦୀ ନେତ୍ର ଚିକିତ୍ସାଳୟର ମିଳିତ ଆନୁକୂଲ୍ୟରେ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଥିଲା । ଏହି ଚିକିତ୍ସା ଶିବିରକୁ କିଶୋର ମେହେର, ସଂଜୀତ ଅମାତ, ସରୋଜ ପାତ୍ର, ନାରାୟଣ ମହାକୁଡ଼, ସତ୍ୟନାରାୟଣ ଦନ୍ତା, ଗୋପବନ୍ଧୁ ପ୍ରଧାନ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ । ଏହି ଶିବିରରେ ୫୦ ଜଣ ରୋଗୀ ନିଜର ଚକ୍ଷୁ ପରୀକ୍ଷା କରିଥିବା ବେଳେ ୨୫ ଜଣଙ୍କୁ ମୋତିଆ ବିନ୍ଦୁ ଅସ୍ତ୍ରୋପଚାର ପାଇଁ ମହାନଦୀ ନେତ୍ର ଚିକିତ୍ସାଳୟକୁ ପଠା ଯାଇଥିଲା । ଏହି ଶିବିରରେ ଡ. କୌଶଳ ପଟେଲ, ପ୍ରିୟଙ୍କା ମହାକୁର, ନୀଳିମା ବାରିକ, ଚନ୍ଦ୍ରଶେଖର ନନ୍ଦ, ମହେଶ ବେହେରା, ଭାଗବତ ପାଣ୍ଡେ ପ୍ରମୁଖ ଉପସ୍ଥିତ ରହି ରୋଗୀଙ୍କ ଚକ୍ଷୁ ପରୀକ୍ଷା କରିଥିଲେ ।

## ଚକ୍ଷୁପରୀକ୍ଷା ଓ ରକ୍ତଦାନ ଶିବିର

ବିରମହାରାଜପୁର,୮ ।୧୦(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍ ମୃଷୁନ୍ଦି ଗଜଲକ୍ଷ୍ମୀ ପୂଜା ଅବସରରେ ପୂଜା କମିଟି ତରଫରୁ ଚକ୍ଷୁ ପରୀକ୍ଷା ଓ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଗଜଲକ୍ଷ୍ମୀ କମିଟି ସଭାପତି ଲବ କୁମାର ସାହୁ ରକ୍ତଦାନ ଶିବିରକୁ ଉଦ୍‌ଘାଟନ କରିଥିଲେ । ୩୨ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା ।



## ଗଜଲକ୍ଷ୍ମୀପୂଜାରେ ସୁନ୍ଦର କାଣ୍ଡ



ବୀରମହାରାଜପୁର,୮ ।୧୦(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ୍ ଖୁଣ୍ଟୁଲାପାଲି ଗ୍ରାମରେ ଧନଦାତ୍ରୀ ମା ଗଜଲକ୍ଷ୍ମୀଙ୍କ ପୂଜା ଆରମ୍ଭ ହୋଇଯାଇଛି । ଏହି ଅବସରରେ ଗତକାଲି ମହିଳାମାନେ କଳସ ଶୋଭାଯାତ୍ରାରେ ପୋଖରୀରୁ ଜଳ ଆଣି ପୂଜା ସ୍ଥାନରେ ସ୍ଥାପନ କରିଥିଲେ । କର୍ତ୍ତା ଭାବେ ମୃତ୍ୟୁଞ୍ଜୟ ପାତ୍ର ଓ ତାଙ୍କ ପତ୍ନୀ ପୂଜାକାର୍ଯ୍ୟ ତୁଲାଇ ଥିଲେ ଓ ପୂଜକ ଭାବେ ବଦ୍ରିନାରାୟଣ ଶତପଥୀ ପୂଜା କାର୍ଯ୍ୟ ତୁଲାଇ ଥିଲେ । ଆକର୍ଷଣୀୟ ତୋରଣ ଓ ରଙ୍ଗୀନ ଆଲୋକରେ ପୂଜାମଣ୍ଡପ ଝଲସି ଉଠୁଛି । ଏହି ଅବସରରେ ରାମାୟଣ ପାରାୟଣ ଗାୟିକା ସ୍ୱପ୍ନା ଯୋଶୀଙ୍କ ଦ୍ୱାରା ସୁନ୍ଦର କାଣ୍ଡ ପରାୟଣ ପଠନ ହୋଇଛି । ଜିଲ୍ଲାପରିଷଦ ସଭ୍ୟ ଲବକୁମାର ସାହୁ ଉପସ୍ଥିତ ଥିଲେ । କମିଟିର ସଭାପତି ଚନ୍ଦନ ପାତ୍ର, ସମ୍ପାଦକ ଶଙ୍କର ପାତ୍ର, ବିଶ୍ୱରଂଜନ ଦାସ, ଟିମନ ଭୋଇ, ଲକ୍ଷ୍ମୀକାନ୍ତ ଗଦୁଆ, ଚମ୍ପେଶ୍ୱର ଗଡୁଆ, ହର କର୍ମୀ, ସଞ୍ଜୟ ମେଣ୍ଡିଲୀ, ରାଜେନ୍ଦ୍ର ମହାକୁରଙ୍କ ସହ ସମସ୍ତ କର୍ମକର୍ତ୍ତା ଓ ଗ୍ରାମବାସୀ ସହଯୋଗ କରିଥିଲେ ।

## ଗଜଲକ୍ଷ୍ମୀ ପୂଜା ଅବସରରେ ସଂକୀର୍ତ୍ତନ ଅନ୍ତାକ୍ଷରୀ



ବୌଦ୍ଧ,୮ ।୧୦(ସମିସ): ବୌଦ୍ଧ ଜିଲ୍ଲା ସଦର ଟୁଟୁସିଙ୍ଗା ଗ୍ରାମରେ ଗଜଲକ୍ଷ୍ମୀ ପୂଜା କମିଟି ଆନୁକୂଲ୍ୟରେ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଯାଇଛି । ଗଜଲକ୍ଷ୍ମୀ ପୂଜା ଅବସରରେ ସଂକୀର୍ତ୍ତନ୍ୟ ଅନ୍ତାରୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବରିଷ୍ଠ କଳାକାର ତଥା ଅବସରପ୍ରାପ୍ତ ଶିକ୍ଷକ ସୁବାସ ଚନ୍ଦ୍ର ବିଶିଙ୍କ ତତ୍ତ୍ୱାବଧାନ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜଗନ୍ନାଥ ଦଳରେ ରାଜେଶ ଦୀପ, ରବିନାରାୟଣ ଦେହୁରୀ, ସଂକୀର୍ତ୍ତନ୍ୟ ସେଠି, ଧ୍ରୁବ କଉଡିଆ ରହିଥଲେ । ବଳରାମ ଦଳରେ ଗୌରାଙ୍ଗ ମେହେର, ଚତୁର୍ଭୁଜ ମାଝୀ, ସୁରୁ ଚରଣ ମେଣ୍ଡୁଲି ଅଂଶ ଗ୍ରହଣ କରିଥିଲେ । ବୌଦ୍ଧ ବିଧାୟକ ସରୋଜ ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ । ସଂକୀର୍ତ୍ତନ୍ୟ ଗୁରୁ ମନୋରଞ୍ଜନ ସାହୁ ମଞ୍ଚ ପରିଚାଳନା କରିଥଲେ । ଯନ୍ତ୍ର ସଂଯୋଜନାରେ ସଞ୍ଜୟ ପ୍ରଧାନ, ସଞ୍ଜୟ ମାଝୀ, ବିଭୁତି ଭୂଷଣ ଗିରି, ସୁଧୀର ଭୋଇ ସନ୍ତୋଷ ବେହେରା ଓ କୁମୁଦ ମାଝୀ ଅଂଶ ଗ୍ରହଣ କରିଥିଲେ ।

## ଗ୍ରାମ୍ୟ ଜଙ୍ଗଲରୁ ଭାଲୁର କ୍ଷତାକ୍ତ ମୃତଦେହ ଜବତ

ହରଭଙ୍ଗା,୮ ।୧୦(ସମିସ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ପୁରୁଣାକଟକ ରେଞ୍ଜ ଅଧୀନ ଚନ୍ଦ୍ରଶେଖରପୁର ଗ୍ରାମ୍ୟ ଜଙ୍ଗଲ ନିକଟରୁ ଏକ ଭାଲୁର ମୃତଦେହ ମିଳିଛି । ଭାଲୁଟିର ଦେହର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ରହିଛି । ଏଣୁ ତାକୁ ଗୁଳି କରାଯାଇଥିବା ସନ୍ଦେହ କରାଯାଉଛି । ଏ ନେଇ ବନ ବିଭାଗ ତନାଘନା ଆରମ୍ଭ କରିଛି । ପୁରୁଣାକଟକ ବନ ବିଭାଗ ଭାଲୁଟିର ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପ୍ରକିୟା ଆରମ୍ଭ କରିଛି । ପୁରୁଣାକଟକ ରେଞ୍ଜ ଅଫିସର ଜୟନ୍ତ ଦାଶ କହିଛନ୍ତି ଯେ, ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ।



# ସୁସ୍ଥ ସମାଜ ଗଠନରେ ବରିଷ୍ଠ ନାଗରିକ ପଥ ପ୍ରଦର୍ଶକ

ତରଭା,୮ ।୧୦(ସମିସ)




ତରଭା ବ୍ଲକ୍ ସଭାଗୃହରେ ବୁଧବାର ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଛି । ପଞ୍ଚାୟତ ସମିତି ଅଧ୍ୟକ୍ଷ ସରୋଜ କମ୍ପ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବରିଷ୍ଠ ନାଗରିକମାନେ ଏକ ସୁସ୍ଥ ସମାଜ ଗଠନରେ ପଥ ପ୍ରଦର୍ଶକ ବୋଲି କହିଥିଲେ । ବିଡିଓ ଗଙ୍ଗାରାମ ବୁଡେକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ବରିଷ୍ଠ ନାଗରିକ ସଂଘ ତରଭାର ସଭାପତି ଦେବେନ୍ଦ୍ର ବୀଜୟ ସାହୁ, ବରିଷ୍ଠ ନାଗରିକ ସୀତାରାମ ଶର୍ମା, ହରିବନ୍ଧୁ ପାନିଗ୍ରାହୀ, ସାଂସଦଙ୍କ ତରଭା ବ୍ଲକ ପ୍ରତିନିଧି ବିମଳଚନ୍ଦ୍ର ମିଶ୍ର, ସାଂସଦଙ୍କ ତରଭା ଏନଏସି ପ୍ରତିନିଧି ମାନସ ସାହୁ, ବିଧାୟକଙ୍କ ତରଭା ବ୍ଲକ ପ୍ରତିନିଧି ଦଶରଥ ସାହୁ, ବରିଷ୍ଠ ନାଗରିକ ରାମ ନାରାୟଣ ସାହୁ, ଶୈଳେନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ । ପୂର୍ବରୁ ଆୟୋଜିତ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ଟ୍ରଫି ଓ ପ୍ରମାଣ ପାତ୍ର ପ୍ରଦାନ କରଯାଇଥିଲା । ତରଭା ବ୍ଲକର ୨୧ ଜଣ ଏବଂ ବିଜ୍ଞାପିତ ଅଞ୍ଚଳ ପରିଷଦର ୪ ଜଣ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ କର୍ଣ୍ଣ ସଭା ସଂଯୋଜନା କରିଥିଲେ । ବରିଷ୍ଠ ନାଗରିକ ଦିବସ ପାଳନ ଅବସରରେ ଯୋଗ ଶିବିର ଆୟୋଜିତ ହୋଇଥିଲା । ଯୋଗଗୁରୁ ସୋମନାଥ ପ୍ରଧାନ ଯୋଗାଭ୍ୟାସ କରାଇଥିଲେ । ଗତ ୨୬ ତାରିଖ ଦୁବୁଲାରେ ପଞ୍ଚାୟତ ସମିତି ତରଭା ତରଫରୁ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ଔଷଧ ବିତରଣ କରଯାଇଥିଲା । ବିକ୍ରମ ବିଶି, କିଶୋର ଧାରୁଆ, ଦୀପକ ଭୋଇ, ମନୋଜ ପାତ୍ର, ଉର୍ମିଳା ସୁନା ପ୍ରମୁଖ ସହଯୋଗ କରିଥିଲେ ।

■ ଆଇନଜୀବୀ ପୀତବାସ ପଣ୍ଡା ହତ୍ୟାର ପ୍ରତିବାଦ

# କଳାହାଣ୍ଡି ଓକିଲ ସଂଘର କଲମ ଛାଡ଼ ଆନ୍ଦୋଳନ



**ଭବାନୀପାଟଣା, ୮ ।୧୦(ସମିସ):** ରାଜ୍ୟ ଆଇନଜୀବୀ ପରିଷଦର ସଦସ୍ୟ ତଥା ବ୍ରହ୍ମପୁର ସହରର ବରିଷ୍ଠ ଆଇନଜୀବି ପୀତବାସ ପଣ୍ଡାଙ୍କୁ ନିର୍ମମ ଭାବେ ହତ୍ୟା କରାଯିବା ଘଟଣାକୁ ତୀବ୍ର ନିନ୍ଦା କରାଯାଇଛି। ହତ୍ୟାକାଣ୍ଡକୁ ବିରୋଧ କରି ବୁଧବାର ରାଜ୍ୟ ଆଇନଜୀବି ପରିଷଦର ନିଷ୍ପତ୍ତିକ୍ରମେ କଳାହାଣ୍ଡି ଓକିଲ ସଂଘ ପକ୍ଷରୁ କଲମ ଛାଡ଼ ଆନ୍ଦୋଳନ କରାଯାଇଛି। ପ୍ରଥମେ କଳାହାଣ୍ଡି ଓକିଲ ସଂଘର ସଦସ୍ୟ ତଥା ପୂର୍ବତନ ସରକାରୀ ଅଭିଯୋଜକ ଆଶୁତୋଷ ମିଶ୍ରଙ୍କ ଅକାଳ ବିୟୋଗ ଓ ଆଇନଜୀବୀ ପୀତବାସ ପଣ୍ଡାଙ୍କ ଆତ୍ମାର ସଦଗତି ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରି କୋର୍ଟ କାର୍ଯ୍ୟକୁ ବର୍ଜନ କରାଯାଇଥିଲା। କଳାହାଣ୍ଡି ଓକିଲ ସଂଘର ସମସ୍ତ ସଦସ୍ୟ ତଥା ଓକିଲ ସଂଘ ସଭାପତି ସୁଧାଂଶୁ ନନ୍ଦ ଓ ସମ୍ପାଦକ ଅଶୋକ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ନୂଆପଡ଼ା ଉପନିର୍ବାଚନ

# ଇଲେକ୍ଟୋରାଲ ରୋଲ ଅବଜର୍ଭରଙ୍କ ବିଭିନ୍ନ ବୁଥ୍ ପରିଦର୍ଶନ

**ନୂଆପଡ଼ା, ୮ ।୧୦ (ସମିସ)**

ନୂଆପଡ଼ା ବିଧାନସଭା ଉପ ନିର୍ବାଚନ ପାଇଁ ପ୍ରଶାସନ ତତ୍ପର ହୋଇ ଉଠିଛି। ଉତ୍ତରାଞ୍ଚଳ ରାଜସ୍ୱ କମିଶନର ତଥା ଇଲେକ୍ଟୋରାଲ ରୋଲ ଅବଜର୍ଭର ସଚିନ ରାମଚନ୍ଦ୍ର ଯାଦବ ନୂଆପଡ଼ା ଗସ୍ତ କରି ନିର୍ବାଚନ ମଣ୍ଡଳୀର ବିଭିନ୍ନ ବୁଥ ପରିଦର୍ଶନ କରିଛନ୍ତି।ଗସ୍ତ ସମୟରେ ନୂଆପଡ଼ା ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ମଧୁସୂଦନ ଦାଶ, ଉପଜିଲ୍ଲାପାଳ ତଥା ଇଆରଓ, ସୁମି ସୋରେନ ଏବଂ ଅନ୍ୟାନ୍ୟ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ। ବୁଥ ନମ୍ବର ୧୨୭, ନେସନାଲ ହାଇସ୍କୁଲ ପରିଦର୍ଶନ ସମୟରେ ଭୋଟର ତାଲିକାରେ



ନାମ ପଞ୍ଜୀକରଣ, ନାମଯୋଗ ପାଇଁ ଫର୍ମ ନ ୬, ତାଲିକାରେ ଥିବା ନାମ କାଟିବା ପାଇଁ ଫର୍ମ ୭ ଏବଂ ନାମ/ତଥ୍ୟ/ ଫଟୋ/ ଠିକଣା/ ବିବରଣୀ/ତ୍ରୁଟି ସଂଶୋଧନ ପାଇଁ ଫର୍ମନ ୮ରେ ଆବେଦନ ପତ୍ର ସବୁ ଠିକ ଭାବରେ ତଦାରଖ ହୋଇଛି କି ନାହିଁ ବିଏଲଓଙ୍କୁ ପଚାରି ବୁଝିଥିଲେ। ଏସ ଏସଆର ଭେରିଫିକେଶନ ସହ ଏ ସମ୍ବନ୍ଧୀୟ ରେଜିଷ୍ଟର ଯାଞ୍ଚ କରିଥିଲେ। ଏହି ସମୟରେ ବିଏଲଓ ହରେନ୍ଦ୍ର ସାଗର ବାଗ, ବିଏଲଓ ସୁପରଭାଇଜର କବୀର ରାଉତ ପ୍ରମୁଖ ଉପସ୍ଥିତଥିଲେ। ଅନ୍ୟସବୁ ବୁଥମାନଙ୍କରେ ସମସ୍ତ ମୌଳିକ ସୁବିଧା ସହିତ ସଂରଚନା ଠିକ ଅଛି ନା ନାହିଁ ସେ ତଦାରଖ କରିଥିଲେ।ଭୋଟ ଗ୍ରହଣ କେନ୍ଦ୍ର ହେବାକୁ ଥିବା ସମସ୍ତ ବିଦ୍ୟାଳୟରେ ପିଇବା ପାଣି, ବିଜୁଳି, ଶୌଚାଳୟ, ପାଚେରୀ ଇତ୍ୟାଦି ଅଛି ନା ନାହିଁ ପଚାରି ବୁଝିଥିଲେ। ଯେଉଁଠାରେ ଯାହା ଆବଶ୍ୟକ ଅତିଶିଘ୍ର ସେଇ ସବୁ କାମ ନିର୍ବାଚନ ଯଥେଷ୍ଟ ପୂର୍ବରୁ ସମ୍ପୂର୍ଣ୍ଣ କରିବା ପାଇଁ କମିଶନର ନିର୍ଦ୍ଦେଶ ଦେଇଥିଲେ।

ଦଣ୍ଡପାଟ ଧନୁଯାତ୍ରା ମହୋତ୍ସବ ପାଇଁ ପ୍ରସ୍ତୁତି

# ଲଳିତ ସଭାପତି, ଗୁଣନିଧି ସମ୍ପାଦକ



**ଧର୍ମଗଡ଼, ୮ ।୧୦(ସମିସ):** କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ବେହେରା ବିଜୁ କଲ୍ୟାଣ ମଣ୍ଡପରେ ମଙ୍ଗଳ ବାର ଅଷ୍ଟମ ଦଣ୍ଡପାଟ ଧନୁଯାତ୍ରା ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ ଓ ନୂତନ କର୍ମକର୍ତ୍ତା ଚୟନ ହୋଇଯାଇଛି। ପୂର୍ବତନ ସଭାପତି ବିନ୍ଦୁସାର ବିଶିଙ୍କ ଅଧ୍ୟକ୍ଷତାରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ପୁରାତନ କମିଟି ଭଗ୍ନ କରାଯାଇ ନୂତନ କମିଟି ଗଠନ କରାଯାଇଥିଲା। ସର୍ବସମ୍ମତିକ୍ରମେ ଲଳିତ ବାଣୁଆ ସଭାପତି, ଉପସଭାପତି ଭବେଶ ଗଇନ୍ତା, ସମ୍ପାଦକ ଗୁଣନିଧି ନାଗ, ସହ ସମ୍ପାଦକ ତ୍ରିଲୋକ ନାଥ ସିଂହ, କୋଷାଧ୍ୟକ୍ଷ ଭବାନୀ ଶଙ୍କର ବାରିକ, ଉପ କୋଷାଧ୍ୟକ୍ଷ ଭିକାରୀ ଚରଣ ବାରିକଙ୍କୁ ଚୟନ କରାଯାଇଥିଲା। ବୈଠକରେ ଧନୁଯାତ୍ରାର ସମସ୍ତ ଆନୁଷଙ୍ଗିକ ବିଷୟ ସହ ଦଣ୍ଡପଟ ଅଞ୍ଚଳର କଳା ସଂସ୍କୃତି ଉପରେ ଆଲୋଚନା କରାଯାଇଥିଲା। ଧନୁଯାତ୍ରାରେ ପ୍ରତିବର୍ଷ ପ୍ରବଳ ଭିଡ଼ ହେଉଥିବା ବେଳେ ଲୋକଙ୍କ ସୁରକ୍ଷା ଉପରେ ବିଶେଷ ଧ୍ୟାନ ଦେବାକୁ କମିଟି ନିଷ୍ପତ୍ତି ନେଇ ଥିଲା। ଚଳିତ ବର୍ଷ ଡିସେମ୍ବର ୨୫ ରୁ ଡିସେମ୍ବର ୩୧ ରେ ଧନୁଯାତ୍ରା ହେବାକୁ ସ୍ଥିର ହୋଇଥିବା ବେଳେ କଂସ ଭୂମିକାରେ ଗୋପାଳ ପଣ୍ଡାଙ୍କୁ ବରଣ କରାଯିବ ଓ ବିଶେଷ ଆକର୍ଷଣରେ ଓଲିଓଡ ସିଙ୍ଗର କାର୍ଯ୍ୟକ୍ରମ ତଥା ମୀନା ବଜାର ରହିବ ବୋଲି ସଭାପତି ପ୍ରକାଶ କରିଥିଲେ। ବୈଠକରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ବଳରାମ ପୁଝାରୀ, ପୂର୍ବତନ ସରପଞ୍ଚ ପ୍ରଶାନ୍ତ ତିୱାରୀ, ସମାଜସେବୀ ଈଶ୍ୱର ଲାଲ ଅଗ୍ରୱାଲ, ବାଳକୃଷ୍ଣ ବିଶି, ଉପେନ୍ଦ୍ର ନାଏକ, କ୍ଷିରସିନ୍ଧୁ ବାଗ, ହୁକିମ ବିଶି, ଚନ୍ଦ୍ର ରଣା, ଅଭୟ ସିଂହ ଠାକୁର ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ହାତୀବନ୍ଧା ଗଜଲକ୍ଷ୍ମୀ ପୂଜାର ସୁବର୍ଣ୍ଣ ଜୟନ୍ତୀ

**ସିନାପାଲି, ୮ ।୧୦ (ସମିସ):** ମା'ଗଜଲକ୍ଷ୍ମୀଙ୍କ ଆବାହନରେ ପ୍ରକମ୍ପିତ ହେଉଛି। ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ହାତୀବନ୍ଧା ଗ୍ରାମରେ ୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ମା'ଲକ୍ଷ୍ମୀଙ୍କ ସୁବର୍ଣ୍ଣ ଜୟନ୍ତୀ ପାଳନ କରାଯାଉଛି। ଏହି ଅବସରରେ ମା'ଲକ୍ଷ୍ମୀଙ୍କ ଦଶ ରୂପରେ ପୂଜିତ ହେଉଛନ୍ତି।୧୧ଟି ମୃଣ୍ମୟୀ ପ୍ରତିମା ସୂକ୍ଷ୍ମ କାରୁକାର୍ଯ୍ୟରେ ନିର୍ମିତ ହୋଇ ଥିବା ବେଳେ ଜୀବନ୍ତ ହୋଇ ଉଠିଛି। ମା'ଙ୍କ ପୂଜା ରୀତି ନୀତି ଅନୁସାରେ ଚାଲୁଥିବା ବେଳେ ଲୋକଙ୍କ ପ୍ରବଳ ଜନସମାଗମ ହେଉଛି। ପୂଜାକୁ ଆକର୍ଷଣୀୟ କରିବା ପାଇଁ ସୁଉଚ୍ଚ ତୋରଣ ସାଙ୍ଗକୁ ସୁସଜ୍ଜିତ ଆଲୋକ ମାଳରେ ଗାଁ ଝଲସି ଉଠୁଛି। ତାଜମହଲ ସଦୃଶ୍ୟ ତୋରଣ ଲୋକଙ୍କ ମନକୁ ଛୁଇଁଛି। ହାତୀବନ୍ଧା ଗାଁ ସିନାପାଲି ବ୍ଲକ ର ସର୍ବବୃହତ ଗ୍ରାମ ହୋଇଥିବା ବେଳେ କଳାହାଣ୍ଡି ଜିଲ୍ଲା ସୀମାନ୍ତରେ ଥିବାରୁ ଉଭୟ ଅଞ୍ଚଳର ଲୋକଙ୍କ ସମାଗମ ହେଉଛି। ସୋମବାର



ପ୍ରଭାତରୁ ପୂଜା ଆରମ୍ଭ ହୋଇ ଏଗାର ଦିନ ଧରି ପୂଜା ଅନୁଷ୍ଠିତ ହେବ। ପ୍ରତ୍ୟହ ପୂଜାର୍ଚ୍ଚନା ସାଙ୍ଗକୁ ସନ୍ଧ୍ୟାରେ ଭଜନ ସନ୍ଧ୍ୟା ଓ ରାତ୍ରି କାଳୀନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଚଳିତ ବର୍ଷ ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ତିରିଶ ଗୋଟି ଦମ୍ପତ୍ତି କର୍ତ୍ତା ଦାୟିତ୍ୱରେ ଥିବା ବେଳେ ମୁଖ୍ୟ କର୍ତ୍ତା ଭାବରେ ଧବଳେଶ୍ୱର ମେହେର ଓ ପତ୍ନୀ କୁସୁମାଞ୍ଜଳି ମେହେର ଦାୟିତ୍ୱ ନିର୍ବାହ କରୁଥିବା ବେଳେ ପୂଜକ ଭାବରେ ଯଜ୍ଞାନନ୍ଦ ଦାସ କାର୍ଯ୍ୟନିର୍ବାହ କରୁଛନ୍ତି। ପୂଜା ପରିଚାଳନା କମିଟି ସଭାପତି ଭାବରେ ଯୌବନ ମେହେର, ଉପ ସଭାପତି ଧବଳେଶ୍ୱର ମେହେର, ସମ୍ପାଦକ କନ୍ଦର୍ପ ମେହେର ଓ କିଶୋର ମେହେର, କୋଷାଧ୍ୟକ୍ଷ ଭାବେ ସୁବାସ ମେହେର, ଚୋଡ଼ଗଙ୍ଗ ମେହେର ଓ ଡମ୍ବରୁ ମେହେର ପ୍ରମୁଖ ଦାୟିତ୍ୱ ନିର୍ବାହ କରୁଛନ୍ତି। ପୂଜା କମିଟିର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ସହଯୋଗ କରୁଛନ୍ତି। ଆସନ୍ତା ୧୫ ତାରିଖ ଦିନ ପୂର୍ଣ୍ଣାହୁତି ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି।



## ଟ୍ରେନ୍ ଧକ୍କାରେ ଦାଦନ ଶ୍ରମିକଙ୍କ ମୃତ

**ଜୟପାଟଣା, ୮ ।୧୦(ସମିସ):** କଳାହାଣ୍ଡି ଜିଲ୍ଲା ଜୟପାଟଣା ଥାନା ଅନ୍ତର୍ଗତ ସର୍ଗିଗୁଡା ପଞ୍ଚାୟତର ପରଜା ନାଗ ଫେଣି ଗ୍ରାମର ଗିରି ରାଜ ବାଣୁଆଁ (୨୫)ଗତ ଚାରି ମାସ ତଳେ ପେଟପାଟଣା ପାଇଁ ସୁଦୁର ବେଙ୍ଗାଲୁରରେ କାମ କରୁଥିଲେ। କିନ୍ତୁ ବୁଧବାର ସକାଳେ ସେ ଟ୍ରେନରେ ଧକ୍କାରେ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି।ଖବର ପାଇବା ପରେ ପରିବାର ମଧ୍ୟରେ ଦୁଃଖର ଛାୟା ଖେଳିଯାଇଛି।ଖବର ପାଇ ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀ ଓ ସ୍ଥାନୀୟ ଆଦିବାସୀ ସଂଘ ମଧ୍ୟ ତତ୍ପରତା ସହ କଳାହାଣ୍ଡି ଜିଲ୍ଲାପାଳ ଓ ଲେବର ଅଫିସରଙ୍କ ସହ ଆଲୋଚନା କରିବା ସହ ଶବ କିପରି ଗାଁକୁ ଆସିବ ତାର ବ୍ୟବସ୍ଥାରେ ଲାଗିପଡ଼ିଛନ୍ତି ତଥା ପରିବାର ବର୍ଗଙ୍କୁ ଧୈର୍ଯ୍ୟର ସହ ଛିଡା ହେବାକୁ ଅନୁରୋଧ କରିଛନ୍ତି।ଆଦିବାସୀ ସଂଘର ମୃତଦେହକୁ ଗାଁକୁ ଆଣିବା ସହ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ଦାବି କରିଛନ୍ତି।

## ସୁନାଦେଇ ଯାତ୍ରାରେ ଅନ୍ନଛତ୍ର ବ୍ୟବସ୍ଥା



**କୋମନା, ୮ ।୧୦(ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ସୁନାବେଡା ଅଭୟାରଣ୍ୟର ପ୍ରସିଦ୍ଧ ସୁନାଦେଇ ଯାତ୍ରା ବହୁ ଧୁମଧାମରେ ସମ୍ପର୍ଣ୍ଣ ହୋଇଯାଇଛି। ଯାତ୍ରାରେ ପଶ୍ଚିମ ଓଡ଼ିଶା ସମେତ ଛତିଶଗଡ଼ ରାଜ୍ୟର ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ଯାତ୍ରାରେ ବିଶେଷ ସୁବିଧା ତଥା ଦୂରଦୂରାନ୍ତରୁ ଆସିଥିବା ଭକ୍ତଙ୍କ ଖାଇବା ପିଇବା ଭଳି ଅନେକ ଅବ୍ୟବସ୍ଥା ହୋଇଥାଏ। ସୁନାବେଡ଼ାରେ ବସବାସ କରୁଥିବା ଜଣେ କ୍ଷୁଦ୍ର ଚାଷୀ ସହଦେବ ଖମାରୀ ମାନବ ସେବା ହିଁ ଈଶ୍ୱର ସେବା ଭାବି ଯାତ୍ରାର ମଧ୍ୟାହ୍ନରେ ମାଗଣା ଅନ୍ନଛତ୍ର ବ୍ୟବସ୍ଥା କରିଥିଲେ। ଯେଉଁଥିରେ ଦୂର ଦୁରନ୍ତାରୁ ଆସିଥିବା ହଜାର ହଜାର ଶ୍ରଦ୍ଧାଳୁ ମାଗଣା ଅନ୍ନ ଭୋଜନ କରି ତୃପ୍ତିଲାଭ କରିଥିଲେ। ତେବେ ଜଣେ ସାଧାରଣ ମଣିଷ ନିକଟରେ ଏଭଳି ଉଦାର ମନୋଭାବ ଦେଖି ଅନ୍ନ ଭୋଜନ କରିଥିବା ଶ୍ରଦ୍ଧାଳୁ ମାନେ ପରିବାର ବର୍ଗଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ।ଚଳିତ ବର୍ଷ ୨୧ ବର୍ଷ ହେବ ନିଜ ଚେଷ୍ଟାରେ ମାଗଣା ଅନ୍ନଭୋଜନ ବ୍ୟବସ୍ଥା କରି ଆସୁଛନ୍ତି। କାର୍ଯ୍ୟକ୍ରମରେ ଖମାରୀ ପରିବାର ସମେତ ତାଙ୍କ ଝିଅ, ଜ୍ୱାଇଁ, ପୁଅ ବୋହୂ ଓ ବନ୍ଧୁ ବାନ୍ଧବ ସମସ୍ତେ ମିଶି ସହଯୋଗ କରିଥିବା ବେଳେ ରୋହିତ ଭୋଇ, ତପେଶ୍ୱର ନାଏକ, ଦଶରଥ ସାହୁ, ବିଘ୍ନରାଜ ଖମାରୀ, ହେମନ୍ତ ଖମାରୀ, କିଶୋର ଖମାରୀ ସଂଗ୍ରାମ ବାରିକ, ନନ୍ଦିଘୋଷ ଖମାରୀ, ଶିକ୍ଷକ ଉଗ୍ରସେନ ପଧାନ ଓ ସହଦେବ ଦାଉ, ରଞ୍ଜନ ନାଏକ, ସମୃଦ୍ଧି ଶରତ ବାରିକ ଓ ନିରଞ୍ଜନ ବିଶ୍ୱାଳ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ୪୫ ବର୍ଷରେ କେସିଙ୍ଗା ଗଜଲକ୍ଷ୍ମୀ ପୂଜା

**କେସିଙ୍ଗା, ୮ ।୧୦(ସମିସ):** କଳାହାଣ୍ଡି ଜିଲ୍ଲାର ଧର୍ମନଗରୀ କେସିଙ୍ଗା ଜଗନ୍ନାଥପଡ଼ା ଲକ୍ଷ୍ମୀପୂଜା କମିଟି ପକ୍ଷରୁ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରେ ଥିବା ପଡ଼ିଆରେ ଗତ ୫ ତାରିଖରୁ ଆରମ୍ଭ ହୋଇଥିବା ଗଜଲକ୍ଷ୍ମୀ ପୂଜା ଚଳିତ



ବର୍ଷ ୪୫ ବର୍ଷରେ ପଦାର୍ପଣ କରିଛି। ଆକର୍ଷଣୀୟ ମେଢ଼ ସହିତ ଚିତାକର୍ଷକ ଏଲ ଇଡି ଲାଇଟ ସାଙ୍ଗକୁ ମିନାବଜାର ଦେଖଣାହାରିଙ୍କୁ ମନମୁଗ୍ଧ କରୁଛି। ଚଳିତ ବର୍ଷ ୧୦ ଦିନ ପୂଜା ସାଙ୍ଗକୁ ପ୍ରତିଦିନ ରାତିରେ ଭଜନ ସନ୍ଧ୍ୟା, ସମ୍ବଲପୁରୀ ମେଲୋଡି ଓ ଭିନ୍ନଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହେବାକୁ ସ୍ଥିରୀକୃତ ହୋଇଛି।ମନଭରି ଉପଭୋଗ କରୁଛନ୍ତି କେସିଙ୍ଗା ବ୍ୟତୀତ ଆଖପାଖ ଗାଁର ଶ୍ରଦ୍ଧାଳୁ। ଚଳିତ ବର୍ଷ ସଭାପତି ଭାବରେ ସୁଶାନ୍ତ ମହାପାତ୍ର ଦାୟିତ୍ୱ ନିର୍ବାହ କରୁଥିବା ବେଳେ ସମ୍ପାଦକ ଦାୟିତ୍ୱରେ ଅଛନ୍ତି ସନ୍ତୋଷ ଦାସ ସେହିପରି ଅନ୍ୟମାନଙ୍କ ମଧ୍ୟରେ ସିଲୁ ପରିଡ଼ା, ସୁରେଶ ରାଓ, ମୋହନ କୁମାର ସାହା, ସଞ୍ଜୟ ମହାନ୍ତି, ସୁରେଶ ମହାନନ୍ଦ, ନବୀନ ବିଶି, ରମେଶ ମଲ୍ଲିକ, ପ୍ରମୋଦ ଦାସ, ସୌମେନ୍ଦ୍ର ମହାନ୍ତି ପ୍ରମୁଖ ମୁଖ୍ୟ ଦାଇତ୍ୱରେ ଥିବା ବେଳେ ନଳୀନ ପଟ୍ଟନାୟକ ଓ ତାଙ୍କ ଧର୍ମପତ୍ନୀ କର୍ତ୍ତା ଭାବରେ ଦାଇତ୍ୱ ସମ୍ପାଦନ କରୁଛନ୍ତି। ଭସାଣି ଉତ୍ସବ ୧୫ ତାରିଖ ଅପରାହ୍ନ ୪ ଘଣ୍ଟା ସମୟରେ ଅନୁଷ୍ଠିତ ହେବାକୁ ଥିବା ବେଳେ ଭସାଣି ଉତ୍ସବରେ ଘଣ୍ଟବାଦ୍ୟ, ଦୁଲଦୁଲି ବଜା, ମୟୂର ଡ୍ୟାନ୍ସ, ବାଘନାଚ ଓ ମାଦଳର ତାଳେ ତାଳେ ମାଁ ଧନଧାତ୍ରୀଙ୍କୁ ବିଦାୟ ଦିଆଯିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି କେସିଙ୍ଗା ବ୍ଲକରେ ମାସାଣିମୁଣ୍ଡା, ପରଲସିଙ୍ଗା, ମଶାଣିବନ୍ଧରେ ମଧ୍ୟ ଧୁମଧାମରେ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହେଉଛି।

# ବୁଢ଼ରଜା ଦଶରା ପାଇଁ ପ୍ରଶାସନ ଓ କମିଟିର ବୈଠକ



**କୋକସରା, ୮ ।୧୦(ସମିସ):** କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଆମପାଣି ଘାଟି ମୁଣ୍ଡରେ ପୂଜା ପାଉଥିବା କଳାହାଣ୍ଡିର ଆରାଧ୍ୟ ଦେବତା ପ୍ରଭୁ ବୁଢ଼ାରଜା ଦେବଙ୍କ ବାର୍ଷିକ ଦଶରା ପାଇଁ ବୁଧବାର ପ୍ରଶାସନ ଓ କମିଟିର ଚୁଡାନ୍ତ ବୈଠକ ଅନୁଷ୍ଠିତ ହୋଇଛି। ବୁଢ଼ାରଜା ସାଂସ୍କୃତିକ ଅନୁଷ୍ଠାନର ସଭାପତି ରୁତୁରାଜ ମାଝୀଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା। ଆସନ୍ତା ୧୧ ତାରିଖ ଦିନ ହେବାକୁ ଥିବା ଦଶରା ଯାତ୍ରାରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବା ଆଶଙ୍କା ରହିଛି। ତେଣୁ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ସମାଗମକୁ ଦୃଷ୍ଟିରେ ଶାନ୍ତି ଶୃଙ୍ଖଳା ଲାଗି ଉପଖଣ୍ଡ ପୋଲିସ ଅଧିକାରୀ ଡୋଲାମଣି ଭୋଇଙ୍କ ସହିତ କମିଟିର ଆଲୋଚନା ହୋଇଛି। ଲକ୍ଷାଧିକ ଭକ୍ତଙ୍କ ସମାଗମ ଯୋଗୁଁ ଟ୍ରାଫିକ ସମସ୍ୟା ଦେଖାଦେଇଥାଏ। ତୁଣେ ତା' ଉପରେ ଦୃଷ୍ଟି ଦେବାକୁ କୁହାଯାଇଛି। ଅନ୍ୟପଟେ ମନ୍ଦିର ଦର୍ଶନ ନିମନ୍ତେ ମଧ୍ୟ ବିଶେଷ ଦୃଷ୍ଟି ଦିଆଯିବା ନେଇ ଆଲୋଚନା ହୋଇଥିଲା। ସେହିଭଳି କୋକସରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ଼ଃ ହିମାଞ୍ଚଳ ମାଝୀଙ୍କ ସହିତ ବିଭିନ୍ନ ଦିଗରେ ଆଲୋଚନା କରାଯାଇଥିବା ବେଳେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଭାଗର ଅଧିକାରୀ ଓ କର୍ମଚାରୀଙ୍କ ସହିତ ମଧ୍ୟ କମିଟି ପକ୍ଷରୁ ଆଲୋଚନା କରିଥିବା ଜଣାପଡ଼ିଛି। ବୈଠକରେ ଆମପାଣି ଥାନା ଅଧିକାରୀ ପ୍ରଶାନ୍ତ କୋଲାହର, କମିଟି ସଭାପତି ରୁତୁରାଜ ମାଝୀ, ସମ୍ପାଦକ ସନ୍ତୋଷ କୁମାର ମାଝୀ, ଉପସଭାପତି ଗଙ୍ଗାଧର ନାଏକ, କୋଷାଧ୍ୟକ୍ଷ ବିଘ୍ନେଶ୍ୱର ନାଏକ, ଜିତେନ୍ଦ୍ର ପଣ୍ଡା, ସୁରେଶ ଚନ୍ଦ୍ର ସାହୁ, ରାଜୁ ପଟେଲ, ବିଜୟ କୁମାର ପଣ୍ଡା, ନକୁଳ ବାଣୁଆ, ମନୋରଞ୍ଜନ ବାଣୁଆ, ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।


SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ନିୟମିତ ଆଧାରରେ

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ନିୟମିତ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

ବିଜ୍ଞାପନ ସଂ. CRPD/SCO/2025-26/12 (ନିୟମିତ ପଦବୀ)

| କ୍ର. ସଂ. | ପୋଷ୍ଟର ନାମ | ଖାଲି ପଦବୀ | ଗ୍ରେଡ୍ | ସର୍ବାଧିକ ବୟସ (01.08.2025 କଟ୍ ଅଫ୍) |
|---|---|---|---|---|
| 1 | ଡେପୁଟି ମ୍ୟାନେଜର (ଅର୍ଥନୀତିଜ୍ଞ) | 03 | ଏମଏମଜିଏସ୍-II | 30 |

ବିଜ୍ଞାପନ ସଂ. CRPD/SCO/2025-26/14 (ନିୟମିତ ପଦବୀ)

| କ୍ର. ସଂ. | ପୋଷ୍ଟର ନାମ | ଖାଲି ପଦବୀ | ଗ୍ରେଡ୍ | ସର୍ବାଧିକ ବୟସ (01.10.2025 କଟ୍ ଅଫ୍) |
|---|---|---|---|---|
| 1 | ସହାୟକ ମହାପ୍ରବନ୍ଧକ - (ଉତ୍ପାଦ ଏବଂ ଗବେଷଣା-ଫୋରେକ୍ସ ଏବଂ ରୁପି ଡେରିଭେଟିଭ୍ସ) | 01 | ଏସ୍ଏମଜିଏସ୍-V | 45 |
| 2 | ପରିଚାଳକ - (ଉତ୍ପାଦ ଏବଂ ଗବେଷଣା-ଫୋରେକ୍ସ ଏବଂ ରୁପି ଡେରିଭେଟିଭ୍ସ) | 02 | ଏମଏମଜିଏସ୍-III | 36 |
| 3 | ପରିଚାଳକ - (ଗବେଷଣା ବିଶ୍ଳେଷକ) | 04 | ଏମଏମଜିଏସ୍-III | 36 |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://sbi.bank.in/web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: **"CONTACT US"—>"Post Your Query"** ଯାହା ବ୍ୟାଙ୍କର ୱେବସାଇଟ (https://sbi.bank.in/web/careers/post-your-query) ରେ ଉପଲବ୍ଧ ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 08.10.2025 ରୁ 28.10.2025 ପର୍ଯ୍ୟନ୍ତ ।**

**ସ୍ଥାନ:** ମୁମ୍ବାଇ
**ତାରିଖ:** 08.10.2025

ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)


୫୫ ବର୍ଷର ଏନ୍‌ଏସିକୁ ମିଳୁନି ମ୍ୟୁନିସିପାଲଟି ମାନ୍ୟତା

# ନିଜସ୍ୱ ଗୃହ ନାହିଁ, ପାଠାଗାରରେ ଚାଲିଛି କାର୍ଯ୍ୟାଳୟ

**ଜୁନାଗଡ଼, ୮ ।୧୦(ସମିସ)**

କଳାହାଣ୍ଡି ଜିଲ୍ଲାର ପୁରାତନ ରାଜଧାନୀ ତଥା ୫୫ ବର୍ଷର ଏନ୍‌ଏସି ଜୁନାଗଡ଼କୁ ଆଜି ପର୍ଯ୍ୟନ୍ତ ମ୍ୟୁନିସିପାଲଟିର ମାନ୍ୟତା ମିଳୁନଥିବାରୁ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି। ଗତ ସ୍ୱାୟତ୍ତ ଶାସନ ଦିବସରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ୭ଏନ୍‌ଏସିକୁ ମ୍ୟୁନିସିପାଲଟି ଘୋଷଣା କରିଥିଲେ। ସେହିପରି ମୁଖ୍ୟମନ୍ତ୍ରୀ ମାଝୀ ସୋମବାର ନୂଆପଡ଼ା ମିନି ଷ୍ଟାଡିୟମରେ ଆୟୋଜିତ ସଭାରେ ଏନ୍‌ଏସି ଥିବା ଖରିଆର ରୋଡ଼କୁ ମ୍ୟୁନସିପାଲଟି ଭାବେ ଘୋଷଣା କରିଥିଲେ। ତେବେ ଦୀର୍ଘଦିନ ଧରି ଜୁନାଗଡ଼ ଏନ୍‌ଏସିକୁ ମ୍ୟୁନସିପାଲଟି ନେଇଁ ଦାବି ହେଉଥିଲେ ମଧ୍ୟ ସରକାର ଏଥିପ୍ରତି ଦୃଷ୍ଟି ନ ଦେବା ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।ରାଜ୍ୟରେ ନୂତନ ସରକାର ଆସିବା ପରେ କଳାହାଣ୍ଡି ଜିଲ୍ଲାର ସର୍ବପୁରାତନ ୫୫ ବର୍ଷର ଜୁନାଗଡ଼ ଏନ୍‌ଏସିକୁ ମଧ୍ୟ ମ୍ୟୁନିସିପାଲିଟିରେ ସ୍ଥାନ ଦେବେ ବୋଲି ସ୍ଥାନୀୟ ଲୋକେ ଆଶା ରଖିଥିଲେ। ହେଲେ ସେହି ଆଶା ବର୍ତ୍ତମାନ ପୂରଣ ହୋଇନାହିଁ। ରାଜନୈତିକ ଇଚ୍ଛା ଶକ୍ତିର ଅଭାବ ତଥା ପ୍ରଶାସନିକ ଉଦାସୀନତା ଯୋଗୁଁ ଜୁନାଗଡ଼ ମ୍ୟୁନସିପାଲଟି ଘୋଷଣାରେ ସ୍ଥାନ ପାଉନାହିଁ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ, ଜୁନାଗଡ଼ ଏନ୍‌ଏସି ମ୍ୟୁନିସିପାଲିଟି ହେବା ତ ଦୂରର କଥା ଏ ଯାଏଁ ୫୫ ବର୍ଷ ପରେ ବି କାର୍ଯ୍ୟାଳୟର ନିଜସ୍ୱ ଗୃହ ନ ହେବା ସାଧାରଣରେ ଚର୍ଚ୍ଚାର ବିଷୟ।




ପ୍ରକାଶ ଯେ, କଳାହାଣ୍ଡି ଜିଲା ଜୁନାଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି) ଇତିମଧ୍ୟରେ ୫୫ ବର୍ଷରେ ପଦାର୍ପଣ କରିସାରିଛି। ୧୯୯୫ରୁ ୧୯୯୯ ପର୍ଯ୍ୟନ୍ତ ଲଗାତର ୪ବର୍ଷ ଧରି ଶ୍ରେଷ୍ଠ ଏନ୍‌ଏସି ଭାବେ ମଧ୍ୟ ପୁରସ୍କୃତ ମଧ୍ୟ ହୋଇସାରିଛି। ସେହିପରି ପୂର୍ବଭାରତରେ ଶ୍ରେଷ୍ଠ ୨୦ ହଜାର ଜନସଂଖ୍ୟା ବିଶିଷ୍ଟ ଦ୍ରୁତଗାମୀ ସ୍ୱଚ୍ଛତା ସହରରେ ଜୁନାଗଡ଼ ଏନ୍‌ଏସକୁ ରାଷ୍ଟ୍ରପତି ମଧ୍ୟ ପୁରସ୍କାର ଦେଇସାରିଛନ୍ତି। ହେଲେ ବର୍ତ୍ତମାନର ଚିତ୍ରକୁ ଦେଖିଲେ ସାଧାରଣରେ ଆଶ୍ଚର୍ଯ୍ୟ ଲାଗେ। କାରଣ ଏନ୍‌ଏସି କାର୍ଯ୍ୟାଳୟର ଆରମ୍ଭରୁ ହିଁ ନିଜସ୍ୱ ଗୃହ ନାହିଁ। ପୂର୍ବରୁ ପଞ୍ଚାୟତ କାର୍ଯ୍ୟାଳୟ କୋଠାରେ ଦୀର୍ଘ ବର୍ଷ ହେଲା ଏନ୍‌ଏସି କାର୍ଯ୍ୟାଳୟ ଚାଲୁଥିଲା। ତେବେ ଏହି କୋଠା ବିପଦସଙ୍କୁଳ ଅବସ୍ଥାରେ ରହିଥିବାରୁ ଗତ ୫ବର୍ଷ ହେଲା ସ୍ଥାନୀୟ ପାଠାଗାରରେ କାର୍ଯ୍ୟାଳୟ ଚାଲୁଛି। ଫଳରେ ସେତେବେଳ ଠାରୁ ପାଠାଗାର ଏକ ଛୋଟ କୋଠରୀରେ ଚାଲୁଛି। ଜୁନାଗଡ଼ ଏନ୍‌ଏସି କାର୍ଯ୍ୟାଳୟ ୧୯୭୦ ମାର୍ଚ୍ଚ ୧୮ ତାରିଖରେ ସ୍ଥାପିତ ହୋଇଥିଲା। ସେତେବେଳୁ ପଞ୍ଚାୟତ କାର୍ଯ୍ୟାଳୟରେ ଏହି କୋଠା ଚାଲୁଥିଲା। ହେଲେ ଦୀର୍ଘବର୍ଷ ପରେ ଏହି କୋଠା ଶୋଚନୀୟ ହୋଇପଡ଼ିଥିଲା। କୋଠା ଛାତରୁ ସିମେଣ୍ଟ ଖଣ୍ଡଗୁଡିକ ପଡୁଥିବା ବେଳେ ବର୍ଷାହେଲେ ପାଣି ଗଳୁଥିଲା। ଫଳରେ କାର୍ଯ୍ୟାଳୟ କର୍ମଚାରୀ ନିଜକୁ ନିରାପଦ ନ ଭାବି ଏନ୍‌ଏସି ପରିସରରେ ହୋଇଥିବା ପାଠାଗାରରେ କାର୍ଯ୍ୟାଳୟକୁ ପରିବର୍ତ୍ତିତ କରିଥିଲେ। ଏପଟେ ନୂତନ କାର୍ଯ୍ୟାଳୟ ପାଇଁ ଏନ୍‌ଏସିରୁ ସରକାରଙ୍କୁ ପ୍ରସ୍ତାବ ଯାଇଥିବା ଜଣାପଡ଼ିଛି।କିନ୍ତୁ ଗତ ୫ ବର୍ଷ ବିତିଯାଇଥିଲେ ମଧ୍ୟ ଏହାର କୌଣସି ନା ଗନ୍ଧ ଜଣାପଡ଼ିନାହିଁ। ସେହିପରି ଦୀର୍ଘ ୫୫ବର୍ଷର ଜୁନାଗଡ଼ ଏନ୍‌ଏସିକୁ କେବେ ରାଜ୍ୟ ସରକାର ମ୍ୟୁନିସିପାଲିଟିରେ ଘୋଷଣା କରିବେ ତାହା ଦେଖିବାକୁ ବାକି ରହିଲା।

# ସମ୍ପାଦକୀୟ



ଭୋଟ ଏକ ବନ୍ଧୁକ ପରି। ଏହାର ଉପଯୋଗିତା ବ୍ୟବହାରକାରୀର ଚରିତ୍ର ଉପରେ ନିର୍ଭର କରେ।

-ଟି. ରୁଜଭେଲ୍ଟ

ସକାଳ THE SAKALA

## ଆସ୍ଥାର ସ୍ଖଳନ

ସର୍ବୋଚ୍ଚ ନ୍ୟାୟାଳୟରେ ଶୁଣାଣି ଚାଲିଥିବା ବେଳେ ପ୍ରଧାନ ବିଚାରପତି ଭୂଷଣ ରାମକୃଷ୍ଣ ଗଭାଇଙ୍କ ଉପରକୁ ଜନୈକ ଆଇନଜୀବୀଙ୍କ ଜୋତା ଫିଙ୍ଗିବା ଭଳି ହୀନ ଉଦ୍ୟମ ସମଗ୍ର ଦେଶକୁ ସ୍ତବ୍ଧ ଓ ଚକିତ କରିଛି। ନ୍ୟାୟର ମନ୍ଦିର ରୂପେ ସ୍ୱୀକୃତ ନ୍ୟାୟାଳୟରେ ନ୍ୟାୟମୂର୍ତ୍ତିଙ୍କ ପ୍ରତି ଏଭଳି ଅଭାବନୀୟ ଓ ଆକସ୍ମିକ ଘଟଣା ଏକପକ୍ଷରେ ନ୍ୟାୟ ବ୍ୟବସ୍ଥା ପ୍ରତି ଆସ୍ଥା ଓ ଧୈର୍ଯ୍ୟର ସ୍ଖଳନର ପ୍ରତିଫଳନକୁ ସୂଚିତ କରୁଥିବା ବେଳେ ଅପରପକ୍ଷରେ ଘଟଣାକୁ ଜାତିବାଦ ଓ ଧର୍ମ ସହିତ ଯୋଡ଼ିବାର ଉପକ୍ରମ ମଧ୍ୟ ଆରମ୍ଭ ହୋଇସାରିଛି। ଦଳମତ ନିର୍ବିଶେଷରେ ତୁଙ୍ଗ ନେତୃବୃନ୍ଦ ଏହି ଘଟଣାକୁ ନିନ୍ଦା କରିବା ପରେ ଆପାତତଃ ଘଟଣାର ରାଜନୀତିକରଣ ଆଶଙ୍କା ଦୂର ହୋଇଛି।

ରାକେଶ କିଶୋର ନାମକ ସମ୍ପୃକ୍ତ ଆଇନଜୀବୀଙ୍କ ଏତାଦୃଶ ଅଶୋଭନୀୟ ଆଚରଣକୁ ଯେ ତାଙ୍କର ଧର୍ମୀୟ ଭାବନା ଓ ଅସହିଷ୍ଣୁତା ପ୍ରରୋଚିତ କରିଛି ତାହା ଖୋଦ୍ ତାଙ୍କ ଉଚ୍ଚାରଣରୁ ପ୍ରମାଣିତ ହୋଇଛି। ଘଟଣାର ପୃଷ୍ଠଭୂମି ମଧ୍ୟପ୍ରଦେଶର ଖଜୁରାହୋ ବିଷ୍ଣୁମୂର୍ତ୍ତି ପୁନରୁଦ୍ଧାର ସମ୍ପର୍କିତ ଏକ ଜନସ୍ୱାର୍ଥ ମାମଲା ସହିତ ଜଡ଼ିତ। ଗତ ମାସରେ ମାମଲାର ଶୁଣାଣି ସମୟରେ ପ୍ରଧାନବିଚାରପତି ଏହାକୁ 'ପ୍ରଚାର ସର୍ବସ୍ୱ ମାମଲା' ଭାବେ ଅଭିହିତ କରି ଘଟଣାର ସମାଧାନ ପାଇଁ ବିଷ୍ଣୁ ଭଗବାନ୍‌ଙ୍କୁ ଫେରାଦ ହେବାକୁ ମାମଲା ଦାୟର କରିଥିବା ଆଇନଜୀବୀ ରାକେଶ କିଶୋରଙ୍କୁ କହିଥିଲେ। ଏହାର ପ୍ରତିକ୍ରିୟା ସ୍ୱରୂପ କିଛି ସପ୍ତାହ ପରେ ରାକେଶ ଏଭଳି କାଣ୍ଡ ଭିଆଇଥିଲେ ବୋଲି କୁହାଯାଉଛି। ଏତାଦୃଶ କାର୍ଯ୍ୟକଳାପ ପରେ ପ୍ରଧାନ ବିଚାରପତିଙ୍କ ଉଦ୍ଦେଶ୍ୟରେ ରାକେଶଙ୍କ ମନ୍ତବ୍ୟ ଥିଲା - 'ସନାତନ ଧର୍ମର ଅପମାନକୁ ଭାରତ ବରଦାସ୍ତ କରିବ ନାହିଁ।' ତେଣୁ ସ୍ୱାଭାବିକ ଭାବରେ ଘଟଣାକୁ ଜାତିବାଦର ରଙ୍ଗ ଦେବାକୁ ଉଦ୍ୟମ ହେଉଛି ଏବଂ ଏକଲବ୍ୟଙ୍କଠାରୁ ଆରମ୍ଭ କରି ଆମ୍ବେଦକର ଓ ଗଭାଇଙ୍କୁ ନେଇ ସମାଜତନ୍ତ୍ରର ଏକ ସଂଯୋଗସୂତ୍ରୀ ପରିକଳ୍ପନା ମଧ୍ୟ ଆରମ୍ଭ ହୋଇଛି।

ଘଟଣା ପରେ ପ୍ରଧାନ ନ୍ୟାୟମୂର୍ତ୍ତି ବି ଆର ଗଭାଇ ଦଣ୍ଡିବା ଶକ୍ତି ଥାଇ ମଧ୍ୟ କ୍ଷମା ଆଚରଣ କରି ରାକେଶଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ଭିତରେ କିନ୍ତୁ ଯେଉଁ ପ୍ରଶ୍ନ ଚିହ୍ନଟିଏ ସୃଷ୍ଟି ହୋଇସାରିଛି ତାହା ଅତି ସମ୍ବେଦନଶୀଳ ଓ ଚିନ୍ତା ଉଦ୍ରେକକାରୀ। ଏତାଦୃଶ ଆଚରଣ ବ୍ୟବସ୍ଥା ପ୍ରତି ଆସ୍ଥାର ସ୍ଖଳନକୁ ସୂଚିତ କରୁଛି, ଯାହାର ସୁଦୂରପ୍ରସାରୀ କୁପ୍ରଭାବ ଅରାଜକତାକୁ ଜନ୍ମ ଦେବା ଅସମ୍ଭବ ନୁହେଁ। ତେଣୁ ଏହି ଅବାଞ୍ଛିତ ଅଧ୍ୟାୟର ପୁନରାବୃତ୍ତି ଯେପରି ନ ଘଟେ ସେଥିପ୍ରତି ଗଣତନ୍ତ୍ରର ସମସ୍ତ ସ୍ତମ୍ଭ ଯତ୍ନବାନ ହେବା ବିଧେୟ। ଆଇନଜୀବୀଙ୍କ ଆଚରଣ ନିନ୍ଦନୀୟ, ଏହା ଅନସ୍ୱୀକାର୍ଯ୍ୟ। କିନ୍ତୁ ସର୍ବୋପରି ସମ୍ବିଧାନ ସ୍ୱୀକୃତ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ଆସୀନ ବିଶିଷ୍ଟ ଓ ଅତିବିଶିଷ୍ଟ ବ୍ୟକ୍ତିତ୍ୱମାନେ ମନ୍ତବ୍ୟ/ରାୟ ଦେବା ବେଳେ ନିଜ ପଦମର୍ଯ୍ୟାଦା, ଅନୁଷ୍ଠାନର ଗରିମା, ସାମ୍ବିଧାନିକ ମୂଲ୍ୟବୋଧ ଯେପରି କ୍ଷୁଣ୍ଣ ନହୁଏ ସେଥିପ୍ରତି ସର୍ବାଦୌ ଯତ୍ନଶୀଳ ହେବା ଆବଶ୍ୟକ। ବିଶେଷକରି ଜାତି-ଧର୍ମ-ସମ୍ପ୍ରଦାୟ ସହିତ ଜଡ଼ିତ ସମ୍ବେଦନଶୀଳ ପ୍ରସଙ୍ଗଗୁଡ଼ିକ ବ୍ୟକ୍ତିଗତ ଭାବନା, ଭାବନା ଓ ଆଦର୍ଶରୁ ଊର୍ଦ୍ଧ୍ୱରେ ରହିଲେ ସମ୍ବିଧାନ ଓ ଆଇନର ଶାସନ ସୁସଂହତ ହେବ।

## ଐତିହ୍ୟର ଘରୋଇକରଣ!

ରୁଗ୍ଣ ରାଷ୍ଟ୍ରାୟତ୍ତ ସଂସ୍ଥାର ଘରୋଇକରଣ ଅନୁକ୍ରମରେ ଦେଶର ଐତିହ୍ୟ ଓ ସ୍ମାରକୀଗୁଡ଼ିକର ରକ୍ଷଣାବେକ୍ଷଣ ଦାୟିତ୍ୱ ଘରୋଇ ସଂସ୍ଥା ହାତକୁ ଟେକି ଦେବା ପାଇଁ ବିଚାରବିମର୍ଶ ହେଉଥିବା ସୂଚନା ମିଳିଛି। ଯଦି ଏହା ବାସ୍ତବ ରୂପ ନିଏ ତେବେ ଭାରତୀୟ ଅନନ୍ୟ ସଂସ୍କୃତି ଓ ଗୌରବାବହ ପରମ୍ପରାର ସ୍ୱାକ୍ଷର ବହନ କରୁଥିବା ପ୍ରାଚୀନ କୀର୍ତ୍ତିରାଜିଗୁଡ଼ିକ ବଜାର ଅର୍ଥନୀତିର ଏକ ଅଂଶ ହୋଇଯିବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି ବିଶେଷଜ୍ଞମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଦେଶର ଐତିହ୍ୟ ଓ କୀର୍ତ୍ତିରାଜିର ସୁରକ୍ଷା ପ୍ରତି ରାଷ୍ଟ୍ରର ଏକ ଅଲିଖିତ ଓ ଅପରିହାର୍ଯ୍ୟ ଦାୟିତ୍ୱବୋଧ ରହିଛି। ଅଥଚ ଅର୍ଥ ଓ ମାନବ ସମ୍ବଳ ଅଭାବ ଆଳରେ ସରକାରଙ୍କ ଦାୟିତ୍ୱମୁକ୍ତ ଉଦ୍ୟମ ଅବାଞ୍ଛନୀୟ।

ସମ୍ପ୍ରତି ଦେଶର ପ୍ରାୟ ୩, ୭୦୦ ପ୍ରାଚୀନ କୀର୍ତ୍ତିରାଜି, ସ୍ମାରକୀ ଓ ଐତିହ୍ୟର ରକ୍ଷଣାବେକ୍ଷଣ, ମରାମତି ଓ ପରିଚାଳନା ଦାୟିତ୍ୱ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା(ଏଏସ୍‌ଆଇ) ହାତରେ ନ୍ୟସ୍ତ ଅଛି। ଅପରପକ୍ଷରେ ଏଏସ୍‌ଆଇ ବଜେଟ୍ ବରାଦ ଅର୍ଥ ଖର୍ଚ୍ଚ କରିପାରୁ ନାହିଁ। ଦାୟିତ୍ୱହୀନତା କାରଣରୁ ଦିନକୁ ଦିନ ନିରୁଦ୍ଦିଷ୍ଟ ଐତିହ୍ୟରାଜିର ତାଲିକା ବଢ଼ିବାରେ ଲାଗିଛି। ଏହି ପୃଷ୍ଠଭୂମିରେ ଏଏସ୍‌ଆଇର ପରିଚାଳନାଗତ ଦକ୍ଷତା ବୃଦ୍ଧି ଦିଗରେ ଦୃଷ୍ଟି ନ ଦେଇ ଐତିହ୍ୟସମୂହର ଘରୋଇକରଣ ଯୋଜନା କେତେ ଠିକ୍ ତାହା ବିଚାରଯୋଗ୍ୟ। ପ୍ରସ୍ତାବିତ ଯୋଜନା ଅନୁଯାୟୀ କେତେକ ବଛା ବଛା ସ୍ଥପତିଙ୍କୁ ନେଇ ଏକ କମିଟି ଗଠନ କରାଯିବ। ତା'ସହିତ ବଦାନ୍ୟ ବ୍ୟକ୍ତି ଓ ସଂସ୍ଥାଙ୍କୁ ମଧ୍ୟ ନିବେଶ ପାଇଁ ଅନୁରୋଧ କରାଯିବ। କେଉଁ ଐତିହ୍ୟର ରକ୍ଷଣାବେକ୍ଷଣ ଦାୟିତ୍ୱ କେଉଁ ଘରୋଇ ସଂସ୍ଥାଙ୍କୁ ଦିଆଯିବ ଏବଂ ସମ୍ପୃକ୍ତ ଘରୋଇ ସଂସ୍ଥାଙ୍କୁ କେଉଁ ବଦାନ୍ୟ ବ୍ୟକ୍ତି/ସଂସ୍ଥା ପାଣ୍ଠି ଯୋଗାଇ ଦେବେ ତାହା ଉକ୍ତ ସ୍ଥପତି କମିଟି ସୁପାରିସ କରିବ ଏବଂ ବିହିତ ପରାମର୍ଶ ଦେବ। ଟେଣ୍ଡର ଜରିଆରେ ଘରୋଇ ସଂସ୍ଥାଙ୍କୁ ମନୋନୀତ କରାଯିବ। ଯେଉଁ ସଂସ୍ଥାମାନେ ଟେଣ୍ଡର ପ୍ରକ୍ରିୟାରେ ଯୋଗ୍ୟ ବିବେଚିତ ହେବେ ସେମାନେ ସିଧାସଳଖ ସେମାନଙ୍କ ପସନ୍ଦ ମୁତାବକ ରକ୍ଷଣାବେକ୍ଷଣ ବିଶେଷଜ୍ଞ ଚୟନ କରିପାରିବେ ଏବଂ ସେଠାରେ ସେମାନେ ନିଜକୁ ବିଜ୍ଞାପିତ କରିପାରିବେ। ଐତିହ୍ୟର ରକ୍ଷଣାବେକ୍ଷଣ/ମରାମତିରେ ଖର୍ଚ୍ଚ ରାଶିକୁ ଶତପ୍ରତିଶତ ଟିକସ ରିହାତି ମିଳିବ ଏବଂ ଏବାବଦ ଖର୍ଚ୍ଚ ସେମାନଙ୍କ ସିଏସ୍‌ଆର(କର୍ପୋରେଟ୍ ସୋସିଆଲ୍ ରେସ୍‌ପନ୍ସିବିଲିଟି) ଅଧୀନକୁ ଆସିଯିବ।

ଅତୀତରେ ଦିଲ୍ଲୀର ଐତିହାସିକ ଲାଲ କିଲ୍ଲା ସମେତ କେତେକ ଐତିହ୍ୟର ରକ୍ଷଣାବେକ୍ଷଣ ଦାୟିତ୍ୱ ଘରୋଇ ସଂସ୍ଥାଙ୍କୁ ଦିଆଯିବା ପରେ ବିବାଦ ଉଠିଥିଲା ଏବଂ ଉକ୍ତ ପ୍ରୟାସ ତା'ର ମହତ୍ ଲକ୍ଷ୍ୟ ହରାଇଥିବା ଅଭିଯୋଗ ହୋଇଥିଲା। ବୋଧହୁଏ ସରକାର ଅଭିଜ୍ଞତାରୁ କିଛି ଶିଖିଲେ ନାହିଁ। ଦେଶର ଐତିହ୍ୟ ଓ କୀର୍ତ୍ତିରାଜିର ସୁରକ୍ଷାରେ ଶିଳ୍ପ ସଂସ୍ଥାଙ୍କୁ ଅଂଶୀଦାର କରିବାର ପ୍ରୟାସ ସ୍ୱାଗତଯୋଗ୍ୟ; କିନ୍ତୁ ଏହାର ଫଳଫଳ ଯେ ଐତିହ୍ୟର ବ୍ୟବସାୟୀକରଣ ଓ ବାହ୍ୟ ଶକ୍ତିର ଶ୍ୟେନ ଦୃଷ୍ଟିର ଶିକାରରେ ଅନ୍ତ ନ ହେବ ସେହି ନିଶ୍ଚିତତା କିଏ କରିବ?

# ବିକଶିତ ଗ୍ରାମପଞ୍ଚାୟତରେ ମହିଳାଙ୍କ ଭାଗିଦାରୀ

ଦୋଳଗୋବିନ୍ଦ ପଣ୍ଡା

ଗୋଟିଏ ବିକଶିତ ରାଜ୍ୟ କହିଲେ ଆମେ ଉତ୍ତମ ପ୍ରାକୃତିକ ଓ ସାମାଜିକ ପରିବେଶ, ଶାନ୍ତି, ମୈତ୍ରୀ ଓ ପ୍ରଗତି ସ୍ୱରୂପ ସମସ୍ତଙ୍କ ପାଇଁ ଶିକ୍ଷା, ସ୍ୱାସ୍ଥ୍ୟ ଓ ରୋଜଗାର ବିଷୟରେ ପରିକଳ୍ପନା କରିଥାଉ। ଜାତିସଂଘ ଦ୍ୱାରା ସ୍ଥିରୀକୃତ ନିରନ୍ତର ବିକାଶ ଲକ୍ଷ୍ୟକୁ ୨୦୩୦ ମସିହା ସୁଦ୍ଧା ହାସଲ କରିବାକୁ ବିଶ୍ୱର ରାଷ୍ଟ୍ରଗୁଡ଼ିକ ସଂକଳ୍ପ ନେଇଛନ୍ତି। ଆମ ରାଜ୍ୟ ମଧ୍ୟ ନିରନ୍ତର ବିକାଶ ହାସଲ କରିବା ନିମନ୍ତେ ସଫଳ ପ୍ରୟାସର ସୂଚନା ଦେଇ ଆସିଛି। ନିତି ଆୟୋଗଙ୍କ ୨୦୨୩ ରିପୋର୍ଟ ଅନୁସାରେ ବହୁମୁଖୀ ଦାରିଦ୍ର୍ୟ ଦୂର କରିବାରେ ଦୃଷ୍ଟାନ୍ତମୂଳକ ସଫଳତା ପାଇଛି। କିନ୍ତୁ ନିରନ୍ତର ବିକାଶ ଲକ୍ଷ୍ୟ କେବଳ ଦାରିଦ୍ର୍ୟ ଦୂର କରିବାରେ ସୀମିତ ନୁହେଁ। ତେଣୁ ନିରନ୍ତର ବିକାଶ ଲକ୍ଷ୍ୟକୁ ବିକେନ୍ଦ୍ରୀକରଣ କରି ଆଞ୍ଚଳିକ ସ୍ତରରେ ଏହାକୁ ହାସଲ କରିବା ପାଇଁ ଭାରତ ସରକାର ୧୭ ଟି ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟକୁ ୯ ଟି ବର୍ଗର ଶ୍ରେଣୀଭୁକ୍ତ କରିଛନ୍ତି। ଏହି ବର୍ଗଗୁଡ଼ିକ ହେଲା ଉନ୍ନତ ଜୀବିକା ଓ ଦାରିଦ୍ର୍ୟ ମୁକ୍ତ ଗ୍ରାମ, ଶିଶୁପ୍ରିୟ ଗ୍ରାମ ପଞ୍ଚାୟତ, ଜଳସମୃଦ୍ଧ ଗ୍ରାମ ପଞ୍ଚାୟତ, ସ୍ୱଚ୍ଛ ଓ ସବୁଜ ଗ୍ରାମ ପଞ୍ଚାୟତ, ସାମାଜିକ ରୂପେ ସୁରକ୍ଷିତ ଗ୍ରାମ, ଭିତ୍ତିଭୂମି ଆତ୍ମନିର୍ଭରଶୀଳ ଗ୍ରାମ, ସୁଶାସନ ଗ୍ରାମ, ଲିଙ୍ଗଗତ ସମାନତା ଭିତ୍ତିକ ବିକାଶ କରୁଥିବା ବା ମହିଳା ହିତୈଷୀ ଗ୍ରାମ ପଞ୍ଚାୟତ।

ମହିଳାମାନଙ୍କର ଆବଶ୍ୟକୀୟ ପ୍ରଗତି ନିମନ୍ତେ ସାମ୍ବିଧାନିକ ବ୍ୟବସ୍ଥା ତଥା ସ୍ୱତନ୍ତ୍ର ଯୋଜନା ମାଧ୍ୟମରେ ପଦକ୍ଷେପ ନିଆଯାଇଛି। ଆମ ରାଜ୍ୟରେ ଗ୍ରାମପଞ୍ଚାୟତ ସ୍ତରରେ ମହିଳାଙ୍କ ପାଇଁ ୫୦ ପ୍ରତିଶତ ଆସନ ସଂରକ୍ଷିତ ରହିଛି। ମହିଳାମାନେ ଅସଂରକ୍ଷିତ ଆସନରେ ମଧ୍ୟ ପ୍ରତିଦ୍ୱନ୍ଦ୍ୱିତା କରିପାରିବେ। ଓଡ଼ିଶା ଗ୍ରାମପଞ୍ଚାୟତ ଆଇନ ଅନୁସାରେ ଯେଉଁଠି ସରପଞ୍ଚ ପଦବୀ ମହିଳାଙ୍କ ପାଇଁ ସଂରକ୍ଷିତ ନୁହେଁ ବା ମହିଳା ସରପଞ୍ଚ ଭାବେ ନିର୍ବାଚିତ ହୋଇନାହାନ୍ତି; ସେଇ ପଞ୍ଚାୟତରେ ନାଏବ୍ ସରପଞ୍ଚ ପଦବୀ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ। ତଫସିଲଭୁକ୍ତ ଜାତି, ଜନଜାତି ଓ ପଛୁଆ ବର୍ଗ ପାଇଁ ସଂରକ୍ଷିତ ଆସନଗୁଡ଼ିକ ମଧ୍ୟରୁ ୫୦ ପ୍ରତିଶତ ଆସନ ସେଇ ବର୍ଗର ମହିଳାଙ୍କ ପାଇଁ ଉଦ୍ଦିଷ୍ଟ। ଫଳସ୍ୱରୂପ ବର୍ତ୍ତମାନ ଆମ ଓଡ଼ିଶାରେ ଜିଲ୍ଲା ପରିଷଦରେ ୭୦ ପ୍ରତିଶତ ମହିଳା ଅଧ୍ୟକ୍ଷା ଥିବା ବେଳେ ପଞ୍ଚାୟତ ସମିତିର ଅଧ୍ୟକ୍ଷା ପଦରେ ୬୭ ପ୍ରତିଶତ ଏବଂ ସରପଞ୍ଚ ପଦବୀରେ ୫୬ ପ୍ରତିଶତ ମହିଳା ଅଛନ୍ତି।

ସମାଜରେ ଲିଙ୍ଗଗତ ଭେଦଭାବକୁ ହ୍ରାସ କରିବା ଏବଂ ମହିଳାମାନଙ୍କର ସାମାଜିକ, ରାଜନୈତିକ ଓ ଅର୍ଥନୈତିକ କ୍ଷେତ୍ରରେ ଯୋଗଦାନକୁ ବ୍ୟାପକ କରିବା ନିମନ୍ତେ ପଞ୍ଚାୟତ ସ୍ତରରେ ମହିଳା ସଭା ଆୟୋଜନ ପାଇଁ ଆଇନ ପ୍ରଣୟନ କରାଯାଇଛି। ଗ୍ରାମ ପଞ୍ଚାୟତରେ ଥିବା ୧୮ ବର୍ଷରୁ ଊର୍ଦ୍ଧ୍ୱ ମହିଳା ଭୋଟରଙ୍କୁ ନେଇ ମହିଳା ସଭା ଆୟୋଜନ କରାଯାଏ। ମହିଳା ସଭା ବୈଠକରେ ୨୦ ପ୍ରତିଶତ ଅଧିକ ମହିଳା ଭୋଟର ଅଂଶଗ୍ରହଣ କରିବା ବାଞ୍ଛନୀୟ। ମହିଳା ସଭାରେ ମହିଳାମାନଙ୍କ ପ୍ରଗତି ନିମନ୍ତେ କାର୍ଯ୍ୟ କରୁଥିବା ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ପ୍ରତିନିଧିତ୍ୱ ଅଛି। ଗୋଟିଏ ଆର୍ଥିକ ବର୍ଷରେ ୪ଟି ମହିଳା ସଭା ଆୟୋଜନର ବ୍ୟବସ୍ଥା ଅଛି। ପ୍ରଥମ ମହିଳା ସଭାର ବିଷୟବସ୍ତୁ ହେଉଛି ସ୍ୱାସ୍ଥ୍ୟ, ପୋଷଣ ଓ ସ୍ୱଚ୍ଛତା। ଦ୍ୱିତୀୟ ମହିଳା ସଭାର ବିଷୟ ହେଉଛି ଶିକ୍ଷା ଓ ଜୀବିକାର ବିକାଶ। ତୃତୀୟ ମହିଳା ସଭାର ବିଷୟ ହେଉଛି ମହିଳାମାନଙ୍କର ସ୍ଥାନୀୟ ସରକାରରେ ଅଂଶଗ୍ରହଣ ଓ ଲିଙ୍ଗଗତ ସମାନତା। ଚତୁର୍ଥ ମହିଳା ସଭାର ବିଷୟ ହେଉଛି ମହିଳାମାନଙ୍କର ବିକାଶ କ୍ଷେତ୍ରରେ ବାଧା ସୃଷ୍ଟି କରୁଥିବା ସାମାଜିକ ଓ ଅନ୍ୟାନ୍ୟ ବ୍ୟବସ୍ଥା ଏବଂ ମହିଳାମାନଙ୍କ ଜୀବନ ଦକ୍ଷତା, ଯାହା ବ୍ୟକ୍ତିଗତ ବିକାଶ, ଶିକ୍ଷା, କର୍ମକ୍ଷେତ୍ରରେ ପ୍ରଗତି ଇତ୍ୟାଦି ଉପରେ ଆଧାରିତ।

ମହିଳା ହିତାଧିକାରୀମାନଙ୍କ ପାଇଁ ମହିଳା ଓ ଶିଶୁ ବିକାଶ ବିଭାଗ ବିଭାଗ ତରଫରୁ ଆଉ ଦୁଇଟି ପ୍ରମୁଖ ଯୋଜନା ଆମର ରାଜ୍ୟରେ କାର୍ଯ୍ୟକାରୀ ହେଉଛି। ସୁଭଦ୍ରା ଯୋଜନାରେ ୧ କୋଟିରୁ ଊର୍ଦ୍ଧ୍ୱ ମହିଳା ସାମିଲ ହୋଇପାରିଛନ୍ତି। ପ୍ରତି ହିତାଧିକାରୀଙ୍କୁ ବର୍ଷକୁ ୧୦,୦୦୦ ଟଙ୍କା ହିସାବରେ ୫ ବର୍ଷରେ ୫୦,୦୦୦ ଟଙ୍କା ହେବାର ବ୍ୟବସ୍ଥା ଅଛି। ସୁଭଦ୍ରା ଯୋଜନାର ମୁଖ୍ୟ ଲକ୍ଷ୍ୟ ହେଉଛି ଆର୍ଥିକ ସହାୟତା ପ୍ରଦାନ କରି ମହିଳାମାନଙ୍କର ଅଧିକାର ବିଷୟରେ ସଚେତନତା ସୃଷ୍ଟି କରିବା, ସ୍ୱାସ୍ଥ୍ୟ ଓ ଶିକ୍ଷାଗତ ସ୍ଥିତିରେ ଉନ୍ନତି ଆଣିବା, ଆର୍ଥିକ ସ୍ୱାଧୀନତା, ଉଦ୍ୟମିତା, ଡିଜିଟାଲ ଆର୍ଥିକ ସାକ୍ଷରତାକୁ ଉତ୍ସାହିତ କରିବା ଏବଂ ବ୍ୟକ୍ତିଗତ ତଥା ବୃତ୍ତିଗତ ଅଭିବୃଦ୍ଧିରେ ସେମାନଙ୍କୁ ସଶକ୍ତ କରିବା। ସେହିପରି ମିଶନ ଶକ୍ତି ବିଭାଗରୁ ମହିଳାମାନଙ୍କ ଜୀବିକା ସାଧନକୁ ପ୍ରୋତ୍ସାହନ ନିମନ୍ତେ ଲକ୍ଷପତି ଦିଦି ସହାୟିକା ଯୋଜନା କାର୍ଯ୍ୟକାରୀ କରାଯାଉଛି। ଏହି ଯୋଜନାରେ ସ୍ୱୟଂ ସହାୟତା ଦଳରେ ସାମିଲ ଥିବା ମହିଳାମାନଙ୍କୁ କୃଷି, ଅଣକୃଷି ଇତ୍ୟାଦି କାର୍ଯ୍ୟକ୍ରମ ମାଧ୍ୟମରେ ବାର୍ଷିକ ୧ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଆୟ କରିବା ନିମନ୍ତେ ପ୍ରଶିକ୍ଷଣ, ବୈଷୟିକ ସହାୟତା ଓ ବ୍ୟାଙ୍କ ମାଧ୍ୟମରେ ଋଣ ସହାୟତା ପ୍ରଦାନ କରାଯାଉଛି। ଚଳିତ ବର୍ଷ ଜୁନ ୧୮ ତାରିଖ ସୁଦ୍ଧା ୧୬.୬ ଲକ୍ଷ ଲକ୍ଷପତି ଦିଦିଙ୍କୁ ଚିହ୍ନଟ କରାଯାଇଛି। ପ୍ରତ୍ୟେକ ପଞ୍ଚାୟତରେ ଲକ୍ଷପତି ଦିଦିଙ୍କ ମଧ୍ୟରୁ ଅନେକ ସୁଭଦ୍ରା ହିତାଧିକାରୀ ହୋଇଥିବାରୁ ସେମାନଙ୍କୁ ଜୀବିକା ସାଧନ, ସୂକ୍ଷ୍ମ ଉଦ୍ୟୋଗ ସ୍ଥାପନ ଇତ୍ୟାଦି କାମରେ ସହାୟତା କରାଯାଇପାରିବ। ଏତଦ୍‌ବ୍ୟତୀତ ଗ୍ରାମ ପଞ୍ଚାୟତରୁ କାର୍ଯ୍ୟକାରୀ ହେଉଥିବା ମହାତ୍ମା ଗାନ୍ଧୀ ନିଶ୍ଚିତ ଗ୍ରାମୀଣ ରୋଜଗାର ଯୋଜନାରେ ଉଭୟ ସୁଭଦ୍ରା ହିତାଧିକାରୀ ଏବଂ ଲକ୍ଷପତି ଦିଦିଙ୍କ ପାଇଁ ପ୍ରାକୃତିକ ସମ୍ବଳ ଆଧାରିତ କ୍ଷେତ ପୋଖରୀ, ଫଳଦାୟକ ବୃକ୍ଷ ରୋପଣ, ଛେଳି ଘର ଏବଂ ଗାଈ ଗୁହାଳ ଇତ୍ୟାଦି କାର୍ଯ୍ୟକ୍ରମ ହାତକୁ ନିଆଯାଇପାରିବ। ଯେହେତୁ ମହିଳାମାନେ ସଂଗଠିତ ଅଛନ୍ତି ଏବଂ ସେମାନଙ୍କ ଗୋଷ୍ଠୀ ପାଖରେ ପୁଞ୍ଜି ବ୍ୟବସ୍ଥା ଅଛି କୃଷି, ମତ୍ସ୍ୟ, ପଶୁପାଳନ, ଲଘୁ ଉଦ୍ୟୋଗ ଇତ୍ୟାଦି ବିଭାଗ ଗ୍ରାମ ପଞ୍ଚାୟତ ସହିତ ମିଶି ବ୍ୟକ୍ତି ଓ ଗୋଷ୍ଠୀଗତ ଯୋଜନା କଲେ ମହିଳାମାନଙ୍କୁ ଯୋଜନାର ସଫଳତା ଅଧିକ ମିଳିବ।

ଆମ ରାଜ୍ୟରେ ୬୭୯୪ ଟି ଗ୍ରାମ ପଞ୍ଚାୟତସ୍ତରୀୟ ସ୍ୱୟଂ ସହାୟତା ସଂଘ ଅଛି। ଗ୍ରାମ ପଞ୍ଚାୟତ ଓ ପଞ୍ଚାୟତ ସ୍ତରୀୟ ସଂଘର ସମନ୍ୱୟ ପୂର୍ବକ ପଞ୍ଚାୟତରେ ଯୋଜନା ପ୍ରସ୍ତୁତି ଏବଂ କାର୍ଯ୍ୟକାରୀ କରିବାର ପ୍ରକ୍ରିୟାକୁ ସୁଦୃଢ଼ କରାଯାଇପାରିବ। ଗ୍ରାମ ପଞ୍ଚାୟତ ବିକାଶ ଯୋଜନାରେ ଗୋଟିଏ ପଞ୍ଚାୟତ ନିମନ୍ତେ ଗୋଟିଏ ଯୋଜନା ବିଷୟରେ କୁହାଯାଇଛି। ସ୍ୱାସ୍ଥ୍ୟ, ଜଳ ଓ ପରିମଳ, ଜଳସେଚନ ଓ କୃଷି ଇତ୍ୟାଦି ଉପଯୋଜନାଗୁଡ଼ିକୁ ଗ୍ରାମସଭାରେ ଅନୁମୋଦନ ପାଇଁ ପ୍ରସ୍ତାବ ଦିଆଯାଇପାରିବ। ଗ୍ରାମ ପଞ୍ଚାୟତରେ ଥିବା ଲୋକଙ୍କ ପାଇଁ ସ୍ଥାନୀୟ ସରକାର ହେଉଛନ୍ତି ତାଙ୍କ ପଞ୍ଚାୟତ। ଯୋଜନା ପ୍ରସ୍ତୁତି, ତର୍ଜମା ଓ ଅନୁମୋଦନ ପାଇଁ ଗ୍ରାମସଭା ଗଠନର ସାମ୍ବିଧାନିକ ବ୍ୟବସ୍ଥା ଅଛି। ସରକାରଙ୍କ ବିଭିନ୍ନ ବିଭାଗରୁ ସ୍ଥାୟୀ ଓ ଅନୁବନ୍ଧିତ କର୍ମଚାରୀମାନେ ପଞ୍ଚାୟତରେ କାମ କରୁଛନ୍ତି। ଗୋଟିଏ ପଞ୍ଚାୟତରେ ପଞ୍ଚାୟତ ନିର୍ବାହୀ ଅଧିକାରୀ, କନିଷ୍ଠ ଯନ୍ତ୍ରୀ, ଡାଟା ଅପେରେଟର, ଗ୍ରାମ ରୋଜଗାର ସାଥୀ, ମାଷ୍ଟର ବୁକ କିପର, ୪ ରୁ ୫ ଜଣ କମ୍ୟୁନିଟି ମୋବିଲାଇଜର, ପ୍ରାଣୀମିତ୍ର, କୃଷିମିତ୍ର, ଗ୍ରାମସେବକ, ଯୋଗାଣ ସହାୟକ, ୪-୫ ଜଣ ଅଙ୍ଗନବାଡ଼ି କର୍ମୀ ଏବଂ ଆଶାକର୍ମୀ ପ୍ରମୁଖ କାମ କରୁଛନ୍ତି।

ନିରନ୍ତର ବିକାଶ ଲକ୍ଷ୍ୟକୁ ୨୦୩୦ ସୁଦ୍ଧା ଏବଂ ବିକଶିତ ଓଡ଼ିଶାର ଲକ୍ଷ୍ୟକୁ ୨୦୩୬ ସୁଦ୍ଧା ହାସଲ କରିବାକୁ ହେଲେ ଗ୍ରାମ ପଞ୍ଚାୟତ, ଗ୍ରାମ ପଞ୍ଚାୟତସ୍ତରୀୟ ସଂଘ ଏବଂ ଗ୍ରାମ ପଞ୍ଚାୟତରେ କାମ କରୁଥିବା ସରକାରୀ ବିଭାଗୀୟ ଅଧିକାରୀମାନଙ୍କ ମଧ୍ୟରେ ସମନ୍ୱୟ ଏବଂ ମିଳିମିଶି କାମ କରିବାର ଆବଶ୍ୟକତା ଅଛି। ଉଦାହରଣ ସ୍ୱରୂପ ଗୋଟିଏ ଗ୍ରାମରେ ସୁସ୍ଥ ଗ୍ରାମ ଲକ୍ଷ୍ୟ ରଖା ଯାଇଛି ଏବଂ ସେହି ଗ୍ରାମରେ ନିୟମିତ ଟିକାକରଣ, ମହିଳା ଓ ଶିଶୁମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ତଥା ପୋଷଣ କାର୍ଯ୍ୟକ୍ରମ ହାତକୁ ନିଆଯାଇଅଛି। ଯଦି ସେହି ଗ୍ରାମରେ ଅନ୍ୟ କୌଣସି ଯୋଜନା ମାଧ୍ୟମରେ ରାସାୟନିକ କୃଷି ପଦ୍ଧତି ମାଧ୍ୟମରେ ଚାଷ କରାଯାଇ କର୍କଟ ସୃଷ୍ଟିକାରକ କୀଟନାଶକ ଫସଲରେ ପ୍ରୟୋଗ କରାଯାଏ ତେବେ ଗାଁର ମାଟି, ପାଣି, ଫସଲରେ ବିଷ ଅଂଶ ରହିଯିବାର ଆଶଙ୍କା ଅଛି, ଯାହାକି ଶିଶୁ, ମହିଳା ଓ ସମସ୍ତଙ୍କ ସ୍ୱାସ୍ଥ୍ୟ ନିମନ୍ତେ ହାନିକାରକ ହେବ। ଏଣୁ ସମୟ ଆସିଛି ସମଗ୍ର ରାଜ୍ୟ ପାଇଁ ମିଳିମିଶି କାମ କରିବା ପାଇଁ ମାର୍ଗଦର୍ଶିକା ଓ ଖସଡ଼ା ପ୍ରସ୍ତୁତି କରିବା। ଏକ ଆହ୍ୱାନପୂର୍ଣ୍ଣ ଲକ୍ଷ୍ୟ ହାସଲ କରିବାକୁ ହେଲେ ଆମକୁ ଅଭିନବ ପନ୍ଥା ଅବଲମ୍ବନ କରିବାକୁ ହେବ।

ଭୁବନେଶ୍ୱର, ମୋ: ୮୬୫୮୯୮୬୭୭୭

# ଭୟହୀନ ଅପରାଧ ବନାମ ଭୟଭୀତ ସମାଜ

ଡକ୍ଟର ବିଶ୍ୱରଂଜନ ଦାସ

ଏଥର ପାର୍ବଣ ଋତୁ ସମଗ୍ର ଉପକୂଳ ଓଡ଼ିଶାରେ ପାଳୁଛି ସନ୍ତାପର ମହୋତ୍ସବ। ପାଳିତ ଦୁର୍ଗାପୂଜା, କୁମାରୋତ୍ସବ, ଗଜଲକ୍ଷ୍ମୀ ପୂଜା ଇତ୍ୟାଦିର ସାଜସଜ୍ଜାରେ ଉପକୂଳ ଓଡ଼ିଶା ଯେତେବେଳେ ଜାଗଯମଗ କରିବାର ଥିଲା, ସେତିକିବେଳେ ଅଶାନ୍ତି ଅଗ୍ନିର ଆଭା ଏବଂ ଖବରର ଶିରୋନାମାରେ କେବଳ ଗୋଟେ ପରେ ଗୋଟେ ଅପରାଧ ଘଟଣା ଦେଖାଯାଇଥିଲା। ପାର୍ବଣ ଆରମ୍ଭର ପ୍ରଥମ ଦୁଃସମ୍ବାଦ ଭାବେ ନୀତି ଓ ଆଦର୍ଶର ଅସ୍ଥିପଞ୍ଜରାକୁ ଅଧୋନୀତ କରିଦେଲା ପୁଲିସ ଏସ.ଆଇ. ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ ଘଟଣା। ଆମ ଆଇନ ବ୍ୟବସ୍ଥାର ଗୋଟେ ଗଭୀର ଅସୁସ୍ଥତାର ପରିଚୟ ଦେଲା ଚୌଦ୍ୱାର ଜେଲରୁ ଦୁର୍ଦ୍ଦାନ୍ତ ଅପରାଧୀଙ୍କ ଫେରାର ଖବର। ଅପରାଧୀଠୁ ବଳି ଅପରାଧ ଓ ମାନବିକତା ପ୍ରତି ଆକ୍ରମଣ ହେଲା ଭଦ୍ରକରେ ରାସ୍ତା କଡ଼ରୁ ମାନସିକ ଅସୁସ୍ଥ ମହିଳାଙ୍କୁ ଉଠେଇ ଦୁଷ୍କର୍ମ। କଟକରେ ଜାତିଆଣ ଦଙ୍ଗା, ବାଲେଶ୍ୱରରେ ରାଜରାସ୍ତାରେ ମହିଳାଙ୍କୁ ମାଡ଼ ଓ କର୍ଫ୍ୟୁ, ବ୍ରହ୍ମପୁରରେ ରାଜନେତା ତଥା ଆଇନଜୀବୀଙ୍କୁ ହତ୍ୟା, ପିପିଲିରେ ଚଳନ୍ତା ବସରେ ପଶି ଦୁର୍ବୃତ୍ତର ଆକ୍ରମଣ ପ୍ରଭୃତି ଘଟଣା ମିଶି ଚଳିତ ପାର୍ବଣରେ ମଣିଷ ତିଆରି କରୁଛି ଗୋଟେ ଭୟ ଓ ସନ୍ତାପର ନୂତନ ମହୋତ୍ସବ। ଯେଉଁଠି ମଣିଷ ମଣିଷକୁ ଭୟ କରେ, ଯେଉଁଠି ମାତାପିତା ତାଙ୍କ ସନ୍ତାନଙ୍କୁ ବାହାରକୁ ପଠାଇବା ପୂର୍ବରୁ ତିନିଥର ଚିନ୍ତା କରନ୍ତି, ସେଇଠି ଆଶା ଓ ଭରସାର ଅସ୍ପଷ୍ଟ ଛାୟା ନିଶ୍ଚୟ ମାଡ଼ି ଯାଇଛି ବୋଲି କହିବାକୁ ହେବ।

ସମ୍ପ୍ରତି ସମାଜର ମନୋବିଜ୍ଞାନ ବିଶ୍ଳେଷଣ କରିବା ନା ନିରାପତ୍ତା ଅଭାବର ଶିକାର ପାଇଁ ସମାଧାନର ପନ୍ଥା ଖୋଜିବା? ଅପରାଧୀ ଭୟଭୀତ ନୁହେଁ, ନିର୍ଦ୍ଦୋଷ ମଣିଷ ଆଜି ଭୟଭୀତ। ଏହି ସମୟରେ ବ୍ୟବସ୍ଥା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ ହେବା ସ୍ୱାଭାବିକ। ପବିତ୍ର ଉତ୍କଳ ଭୂମି ଆଜି ଜନମନର ଗଭୀର ପୀଡ଼ାର ଅସହାୟ ଅଭିବ୍ୟକ୍ତି ପ୍ରକାଶ କରୁଛି। ଅପରାଧୀ ଲୁଚୁଛି ଲାଭର ଖୁଆଡ଼ରେ, ଅର୍ଥ-ପ୍ରତିପତ୍ତି ଓ କ୍ଷମତାର ଉହାଡ଼ରେ। କେବଳ ରାତି ଅନ୍ଧକାରରେ ନୁହେଁ, ଦିନର ଆଲୋକରେ ବି ଅପରାଧ। ପୁଲିସ ଅଧିକାରୀ ବେଶରେ ଅପରାଧ, ନେତାର ହସରେ ଅପରାଧ, ପଦର ଔଦ୍ଧତ୍ୟରେ ବି ଅପରାଧ।

ତେବେ ପ୍ରଶ୍ନ ଉଠେ- ଦୋଷ କ'ଣ ସରକାରର? ନା, ଏହା ସମ୍ପୂର୍ଣ୍ଣ ଭାବେ ନୁହେଁ। ଯଦି ଆମେ ଅନ୍ୟାୟ ଦେଖି ଚୁପ ରହିଲୁ, ଯଦି ଘଟଣାକୁ ଭିଡିଓ କରି ପୋଷ୍ଟ କଲୁ, ଅଥଚ ସାହାଯ୍ୟ କଲୁ ନାହିଁ, ଆମେ ଚାକିରି ପାଇଁ ପ୍ରଘଟ ପ୍ରଶ୍ନପତ୍ର ଉପରେ ଆଶା ରଖିଲୁ, ତେବେ ଦୋଷ କେବଳ ଶାସକର ନୁହେଁ, ନାଗରିକର ମଧ୍ୟ। ସରକାର ଦୋଷୀ ସେତେବେଳେ, ଯଦି ସେ ନୀତି ରକ୍ଷାରେ ଅସଫଳ। କିନ୍ତୁ ଆମେ ଦୋଷୀ ସେତେବେଳେ ଯଦି ସଚେତନତାରେ ଅସଫଳ। ହୁଏତ ବ୍ୟବସ୍ଥାରେ ଅପରାଧୀ ଲୁଚି ଯାଇପାରେ, କିନ୍ତୁ ଲୋକସମାଜ ଯଦି ସତର୍କ ହୁଏ ତା'ର ଆଉ ରକ୍ଷାରକ୍ଷଣ ନଥାଏ। ଏଣୁ ଇଂରାଜୀରେ ଗୋଟେ କଥା ଅଛି- ଦ ୱାର୍ଲ୍ଡ ସଫରସ୍ ନଟ୍ ବିକଜ୍ ଅଫ୍ ଦ ଭାଓଲେନ୍ସ ଅଫ୍ ବ୍ୟାଡ୍ ପିପୁଲ, ବଟ୍ ବିକଜ୍ ଅଫ୍ ଦ ସାଇଲେନ୍ସ ଅଫ୍ ଗୁଡ୍ ପିପୁଲ୍(ଖରାପ ଲୋକଙ୍କ ହିଂସାତ୍ମକ କାର୍ଯ୍ୟକଳାପ ପାଇଁ ନୁହେଁ, ବରଂ ଭଲ ଲୋକଙ୍କ ନିରବତା ପାଇଁ ବିଶ୍ୱ ପୀଡ଼ିତ)। ଅପରାଧୀ ଜଣେ କିମ୍ବା ଦୁଇଜଣ ହୋଇପାରନ୍ତି, କିନ୍ତୁ ତାଙ୍କୁ ଶକ୍ତି ଦିଏ ହଜାର ହଜାର ମଣିଷଙ୍କ ମୌନତା। ଯେତେବେଳେ ଜଣେ ଅପରାଧୀ ଜାଣିପାରେ ଯେ ତା' କାର୍ଯ୍ୟରେ କେହି ମୁହଁ ଖୋଲିବେ ନାହିଁ, ସେ ଭୟହୀନ ହୋଇଯାଏ। ନିରବ ଶାନ୍ତିକାମୀ ଲୋକେ କେବେକେବେ ଭୟରେ ଚୁପ ରହନ୍ତି ତ କେବେକେବେ ସୁବିଧାରେ ଏବଂ ଆଉ କେବେକେବେ 'ଏହା ମୋର ଦାୟିତ୍ୱ ନୁହେଁ' ବୋଲି କହି ଖସିଯା'ନ୍ତି। କିନ୍ତୁ ଏକ ଆପ୍ତବାକ୍ୟ ରହିଛି- 'ମୌନତେ ସମ୍ମତି ଲକ୍ଷଣମ୍' ଅର୍ଥାତ୍ ମୌନତା କେବେ ଶାନ୍ତି ନୁହେଁ, ଏହା ସମ୍ମତିର ଆବରଣ। ଅନ୍ୟାୟ, ଦୁରାଚାର ଓ ଅନୀତି ବରାବର ଚାଲୁଥାଏ। ଯଦି ତାହା ଆମେ ଦେଖିଶୁଣି ଚୁପ୍ ରହୁ, ତେବେ ବୁଝିବାକୁ ହେବ ଆମେ ସେଇ ଅପରାଧର ସାଥୀ।

ଆମ ସମାଜରେ କୌଣସି କଥାରେ ମୁଣ୍ଡ ପୂରାଉ ନଥିବା ଲୋକକୁ ଅନେକ 'ଶାନ୍ତିପ୍ରିୟ' ଆଖ୍ୟା ଦେଇଥା'ନ୍ତି। କିନ୍ତୁ ଶାନ୍ତିକାମୀ ସେ ନୁହେଁ, ଯେ ଚୁପ୍ ରହି ଶାନ୍ତି ରକ୍ଷାକରେ। ଶାନ୍ତିକାମୀ ସିଏ, ଯିଏ ନ୍ୟାୟ ପାଇଁ ସ୍ୱର ଉତ୍ତୋଳନ କରେ। କାରଣ ଯେଉଁ ଶାନ୍ତି ନ୍ୟାୟବିହୀନ, ସେ କେବଳ ଭୟର ନିରବତା। ଅପରାଧ ବଢ଼େ ଯେତେବେଳେ ଶାନ୍ତି ଭୟରେ ଭରିଯାଏ ଏବଂ ନିରବତା ନୀତିରେ ପରିଣତ ହୁଏ। ସମାଜ ଯେଉଁଦିନ ମୁଖା ଖୋଲିବ, ସେହିଦିନ ଗଣ୍ଡଗୋଳକାରୀ ନିଜେ ଚୁପ୍ ହୋଇଯିବ। ପୁରାତନ ନୈତିକତା ଓ ନୂତନ-ନୂତନ ନୀତିର କଥା ଢେର ହେଲାଣି। କିନ୍ତୁ ଆଜିର ପରିପ୍ରେକ୍ଷୀରେ ସମଗ୍ର ଓଡ଼ିଶାରେ ଆବଶ୍ୟକତା ଅଛି ଏକ ନୂତନ ଜାଗରଣର।

ମୋତେ ଲାଗିଲା, ଏଥର ପାର୍ବଣରେ ଦେବୀ ଦୁର୍ଗାଙ୍କର ନୁହେଁ, ମହିଷର ବିଜୟୋତ୍ସବ ଚାଲିଛି। ଯେଉଁଠି ଦେବୀ ଦୁର୍ଗାଙ୍କ ବିଜୟୋତ୍ସବ ପାଳିତ ହେଉଥିଲା, ମହିଷାସୁରର ପରାଜୟରେ ମାନବତାର ଜୟଧ୍ୱନି ଶୁଭୁଥିଲା, ସେହି ଋତୁରେ ଏବେ ଦେଖାଯାଉଛି ଏକ ଅନ୍ୟ ଭୂମି, ଅନ୍ୟ ଦୃଶ୍ୟ। ସେଠାରେ ମହିଷାସୁର ହେଉଛି ବିଜେତା, ଦେବୀ ନିରବଦ୍ରଷ୍ଟା। ଦେବୀଙ୍କ ନ୍ୟାୟର ଅସ୍ତ୍ର ଯେମିତି ନିଷ୍ପ୍ରଭ। ଏଠି ରାବଣପୋଡ଼ି ହେଉନି ତ ମଣିଷର ହୃଦୟ ଜଳିପୋଡ଼ି ଯାଉଛି। ଉତ୍ସବର ଉଜ୍ଜ୍ୱଳ ଆଲୋକ ତଳେ ଯେଉଁ ଛାୟା ବଢ଼ୁଛି, ତାକୁ ଦେଖିବାର ସାହସ କାହାରି ନାହିଁ। ମଣିଷ ହୋଇ ଅପରାଧକୁ ଦେଖି ମୁହଁ ଘୁଞ୍ଚାଉଛୁ ଏବଂ ସତ୍ୟକୁ ଯେତିକି ପରିମାଣରେ 'ଲାଇକ୍'(ପସନ୍ଦ) କରୁଛୁ, ସେତିକି ମାତ୍ରାରେ ସମର୍ଥନ କରୁନାହୁଁ। ଆମେ ସଭ୍ୟ, ଅଥଚ ସହିଷ୍ଣୁ ନୁହେଁ, ଭୀତ। ସେଥିପାଇଁ ଏଥର ଦେବୀମୂର୍ତ୍ତି ଅଳଙ୍କାରରେ ଶୋଭିତ ହେଲେ ମଧ୍ୟ ତାଙ୍କ ମୁଖରେ ଯେମିତି ହସ ନିର୍ବାପିତ।

ଆଗକୁ ଆସୁଛି ଦୀପାବଳୀ। ଯେତେବେଳେ ଆମେ ଦୀପାବଳୀର ଦୀପ ଜଳାଉ, ତାହା ଜଳେନି କେବଳ ଅନ୍ଧକାର ହଟାଇବା ପାଇଁ। ତାହା ଜଳେ ଆମ ଅନ୍ତଃକରଣରେ ଆଲୋକକୁ ତିଆରି କରିବା ପାଇଁ। ଏଣୁ ଏ 'ସନ୍ତାପମହୋତ୍ସବ' ଏଣିକି 'ସଚେତନତାମହୋତ୍ସବ'ରେ ପରିଣତ ହେଉ। ସରକାର ହୁଅନ୍ତୁ, ନାଗରିକ ହୁଅନ୍ତୁ କି ଜନମାଧ୍ୟମ, ସମସ୍ତଙ୍କୁ ଜାଗି ଉଠିବାକୁ ହେବ। ନଚେତ୍ ଓଡ଼ିଶା ତା'ର ଅନ୍ଧକାରକୁ ଆଲୋକ ଭାବି ଗୋଟେ ଏକ ନୂତନ ଭୁଲ୍ ଇତିହାସ ଲେଖିଦେବ।

(ଅଧ୍ୟାପକ, ବିଭାଗମୁଖ୍ୟ, ବିଏନ୍‌ଏମ୍‌ଏ କଲେଜ)
ପାଳିଆବିନ୍ଧା(ଭଦ୍ରକ) ମୋ: ୬୩୭୧୪୩୦୫୬୩

# ରହସ୍ୟ-ଉନ୍ମୋଚକ: ମାନସହଂସ ବୈକୁଣ୍ଠନାଥ

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ସାହିତ୍ୟ ସରିତ୍

ସାହିତ୍ୟ-ତତ୍ତ୍ୱରେ ବର୍ଣ୍ଣିତ ଅଛି ରହସ୍ୟବାଦ। କବିଗୁରୁ ରବୀନ୍ଦ୍ରନାଥଙ୍କ 'ଗୀତାଞ୍ଜଳି'ଠାରୁ ଆରମ୍ଭ କରି ବୈକୁଣ୍ଠନାଥ ପଟ୍ଟନାୟକଙ୍କ 'ଉତ୍ତରାୟଣ' ପର୍ଯ୍ୟନ୍ତ କେତେ ଯେ କବିତାକୁ ତତ୍ତ୍ୱଜ୍ଞ ସୁଧୀ-ସମାଲୋଚକବୃନ୍ଦ ରହସ୍ୟବାଦୀ କବିତା ବୋଲି ଅଭିହିତ କରିଛନ୍ତି, ତାହା ଚେତନାଦୀପ୍ତ ପାଠକମାନେ ଜାଣିଛନ୍ତି ନିଶ୍ଚୟ। ତେବେ ମନରେ ଏକ ତାତ୍ପର୍ଯ୍ୟପୂର୍ଣ୍ଣ ପ୍ରଶ୍ନ ଉଠେ ଯେ, ଏହିସବୁ କବିତାରେ କେଉଁଠି ରହିଛି ରହସ୍ୟ? ବୈକୁଣ୍ଠନାଥ ସବୁଜଧାରାର ମାର୍ମିକ କବି। କେତେ ମଧୁରତା ଭରି ରହିଛି କବିତାରେ ତାଙ୍କରି! ପୃଥିବୀର କେଉଁ ଦୃଶ୍ୟ ଅବା ତାଙ୍କୁ ସ୍ୱପ୍ନାଚ୍ଛନ୍ନ କରି ନ ଦେଇଛି! କେଉଁ ମହାପୁରୁଷଙ୍କ ଚେତନାରେ ସେ ଉଦ୍‌ବୁଦ୍ଧ ହୋଇ ନାହାନ୍ତି! ଜୀବନର କେଉଁ କ୍ଷଣ ପୁଣି ସୃଜନାତ୍ମକ ନଥିଲା ତାଙ୍କ ପାଇଁ! ବର୍ଷାଧାରା ଦେଖି ବିଗଳିତ କଣ୍ଠରେ ଗାଇ ଉଠିଲେ ସେ -

'ଆକାଶ ପବନ ସମ ହେଲି ପୁଲକିତ, ମୁକ୍ତ ତୁମରି ଛନ୍ଦେ ଗାଇଲି ଗୀତ / ଛିନ୍ନ ହେଲା ମୋ ଶତ ଜଞ୍ଜାଳ, ଛିନ୍ନ ହେଲା ମୋ ବନ୍ଧନ ଜାଲ ଛିନ୍ନ ସକଳ ସୀମା ଶୃଙ୍ଖଳ / ମୁକ୍ତ ହେ ତୁମ ଆଗେ, ନବ ବରଷାର ଅନୁରାଗେ।'

'ଅରୁଣଶ୍ରୀ', 'କାବ୍ୟ ସଂଚୟନ', 'ଉପେକ୍ଷିତା', 'ମୁକ୍ତି ପଥେ', 'ମୋ ଜୀବନ କଥା' ଆଦିରେ ତାଙ୍କ ଜୀବନାନୁରାଗ ଓ ସୌନ୍ଦର୍ଯ୍ୟାନୁଭବର ବୈଚିତ୍ର୍ୟ ନାନାବିଧ ରଙ୍ଗରେ ପାଠକ ଆତ୍ମାକୁ ପ୍ରଦାନ କରିଛି ମଧୁର ଆଶ୍ଳେଷ। ବୁଦ୍ଧ, ଗାନ୍ଧୀ, ଯୀଶୁ, ମୀରାବାଈ, ଗର୍କୀ, ରୋମାଁରୋଲାଁଙ୍କ ଠାରୁ ଆରମ୍ଭ କରି ଆଇଜାକ ସାନ୍ତ୍ରା, ରିକ୍ସାବାଲାଙ୍କ ପର୍ଯ୍ୟନ୍ତ କେତେ ଅସାମାନ୍ୟ ବ୍ୟକ୍ତିତ୍ୱକୁ ସେ ରୂପାୟିତ କରିଛନ୍ତି। ସାହିତ୍ୟ ସମୀକ୍ଷକମାନେ ସେଥିପାଇଁ ତାଙ୍କୁ 'ସବୁଜ ଯୁଗ'ର କବି ବୋଲି ପ୍ରତିପାଦନ କରିବା ସଂଗେସଂଗେ, ସେ ମଧ୍ୟ 'ପ୍ରଗତିବାଦୀ ଯୁଗ'ର କବି ବୋଲି ସ୍ୱୀକାର କରିଛନ୍ତି। ଭଗବତୀ ଚରଣ ପାଣିଗ୍ରାହୀଙ୍କ ବିଷୟରେ ଲେଖିବା ପାଇଁ ବି ଚଳଚଞ୍ଚଳ ହୋଇ ଉଠିଛି ତାଙ୍କ କଲମ। ଅଭିନବ ସାମ୍ୟବାଦକୁ ସେ ସ୍ୱାଗତ କରନ୍ତି।

ବୈକୁଣ୍ଠଙ୍କ କବିତା ଗ୍ରନ୍ଥ ଭିତରେ କି ଯାଦୁଅଛି! ଯେଉଁମାନେ ନୈରାଶ୍ୟ ନିପୀଡ଼ିତ, ଶୋକଜର୍ଜରିତ, ହତାଶାବୋଧରେ ଅବସନ୍ନ, ବ୍ୟର୍ଥତାର ବ୍ୟାଧିରେ ଯେଉଁମାନଙ୍କ ଜୀବନ ମନେହେଉଛି ବିଷାଦଗ୍ରସ୍ତ ଓ ବିଷାକ୍ତ, ସେମାନେ କେବଳ ପୃଷ୍ଠା ଓଲଟାଇ ଦେବା ମାତ୍ରକେ ଦେଖିବେ କେବଳ ଆଶା, ବିଶ୍ୱାସ, ଆସ୍ଥାଶୀଳତା, ଆତ୍ମୀୟତା ଆଉ ନବୀନ ଉଲ୍ଲାସର ଅଗଣିତ ଲହରୀମାଳା। କେବଳ ଦେଖିବେ ନାହିଁ। ସେମାନେ ଚାହାନ୍ତୁ କି ନ ଚାହାନ୍ତୁ, ଜୀବନ-ସାଗରର ଉତ୍ତାଳ ତରଙ୍ଗ ନିଶ୍ଚୟ ଦେବ ଗୋଟାପଣେ ଭିଜାଇ। ସେ କ'ଣ ଜାଣି ନଥିଲେ ଏ ପୃଥିବୀ ଓ ମଣିଷ ଜୀବନ ଦୁର୍ଭାଗ୍ୟ-କବଳିତ, ମରଣ-ଜର୍ଜରିତ, ସବୁକିଛି ଏଠି କ୍ଷଣିକରେ ହୋଇଯାଏ ଅନ୍ତର୍ହିତ ବୋଲି? ସବୁ ଜାଣି ସୁଦ୍ଧା କାହିଁକି ନିୟତିର କ୍ରୂର ପରିହାସ ସମ୍ମୁଖରେ ଗାଇଛନ୍ତି ଜୀବନର ଗୀତି? କବିତ୍ୱ ମୁକୁଳିତ ହୁଏ ସେଇଠାରେ, ଯେଉଁଠି ଅଛି ଜୀବନର ଉତ୍ତରିତ ଉଚ୍ଛ୍ୱାସ। ପରାଜୟ ନୁହେଁ ରହିଥାଏ ବିଜୟ-ସଂକେତ-ପୂର୍ଣ୍ଣ ପଦ ପରେ ପଦ।

ତାଙ୍କ ରଚିତ ଶ୍ରେଷ୍ଠ କବିତା 'ଯାତ୍ରା ସଂଗୀତ' ହେଉ ଅବା 'ଶେଷ ଗୀତି'-ସର୍ବତ୍ର ମୃତ୍ୟୁର କଳା ପରଦା ଅପସୃତ କରି ଦେଖାଇ ଦେଉଛନ୍ତି ସେ ଜୀବନର ଅମର ପ୍ରଦୀପ ପ୍ରଜ୍ୱଳିତ ଯେଉଁଠି। ସବୁ କିଛି ଚିରମଙ୍ଗଳମୟ - ଏହି ବିଶ୍ୱାସବୋଧ ସୃଷ୍ଟି କରିବା, ଜୀବନର ଦୀପଶିଖାକୁ ଉଜ୍ଜୀବିତ କରିବା ସକାଶେ ହିଁ କବିସତ୍ତା ବାରମ୍ବାର ଅବତରଣ କରେ ଏ ଧରିତ୍ରୀ ବକ୍ଷକୁ। ବୈକୁଣ୍ଠ ଗାଉଛନ୍ତି - 'ସେ ପୀରତି ତେଜେ ଯାଉ ମୋ ଜୀବନ ନିଭି ମୃତ୍ୟୁକୁ ମାରି ପଦେ ତା'ର ନିଭିଯିବି।' ଓଡ଼ିଶାର ଯେଉଁ ସଂଗୀତାନୁରାଗୀ ଶ୍ରୋତାବର୍ଗ କବିଙ୍କ ସୁକନ୍ୟା ମହାନ ସଂଗୀତ ସାଧିକା ସୁନନ୍ଦା ପଟ୍ଟନାୟକଙ୍କ କମ୍ପିତ କଣ୍ଠରୁ ଶୁଣିଛନ୍ତି 'ଯାତ୍ରା ସଂଗୀତ'ର ଅମର ପଦପଂକ୍ତି, ସେମାନେ ଜାଣନ୍ତି ଯେ, ସେଥିରେ ପରିପୂର୍ଣ୍ଣ ହୋଇ ରହିଛି ଜୀବନାମୃତର କି ଆସ୍ୱାଦନ-ଶକ୍ତି। 'ଜୀବନ ପାତ୍ର ମୋ ଭରିଛ କେତେ ମତେ ନ ଦେଲ ବୋଲି କିଛି କହିବି କି ହେ ଆଉ? ଜୀବନ ପ୍ରିୟତମ ହରିଛ ମୋ ଭରମ ତରଣୀ ମୋର ତ? ସାଗରେ ବହିଯାଉ।'

ସେ ତ ମାନସରୋବରର ଶୁଭ୍ର ହଂସ। କେତେ ପାରାବାର, ଅସଂଖ୍ୟ ହିମଗିରି ଲଂଘନ କରିଯିବେ ସେ। ଏହି ଅଭିବ୍ୟକ୍ତିରେ ତ ରହସ୍ୟ କିଛି ବି ନାହିଁ। ଜୀର୍ଣ୍ଣ ଜୀବନ-ତରୁ ଯେଉଁଠି ନିତ୍ୟ ପଲ୍ଲବିତ ସେଇଠି ତ ପରାଣ କୁଞ୍ଜରେ ଶ୍ରୁତ ହୁଏ ବଂଶୀ ଧ୍ୱନି। ଜୀବନ-ବୀଣାରେ ଭରିଯାଏ ନୂତନ ମୂର୍ଚ୍ଛନା। ଏହି ନିବିଡ଼ ସତ୍ୟକୁ ଢାଙ୍କି ରଖିଥିବା ପରଦା କାଢ଼ି ଦେଇ ଯିଏ ଆମକୁ ମୃତ୍ୟୁରୁ ଅମୃତକୁ ଘେନି ଯାଉଛନ୍ତି ସେ ଆଉ ରହସ୍ୟବାଦୀ ହୋଇ ବର୍ଣ୍ଣିତ ହେବେ ବା କାହିଁକି? ସେଇ ଜୀବନବାଦୀ, ସତ୍ୟବାଦୀ ଓ ସୌନ୍ଦର୍ଯ୍ୟବାଦୀଙ୍କୁ ସମ୍ପ୍ରତି ପୁନଃଉନ୍ମୋଚନ କରିବା ଯଥାର୍ଥ ହେବନାହିଁକି?

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

ସକାଳ THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ବାପକୁ ହାଣି ପୋତିଦେଲା ପୁଅ

## ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମୃତଦେହ ଉଦ୍ଧାର

ଦେବଗଡ଼,୮।୧୦(ସମିସ): ଦେବଗଡ ଜିଲ୍ଲା ବାରକୋଟ ଥାନା ଔତଳ ଗାଁରେ ପୁଅର ଟାଙ୍ଗିଆ ଚୋଟରେ ଜଣେ ବୃଦ୍ଧ ବାପାର ମୃତ୍ୟୁ ଘଟିଥିବା ଜଣାପଡିଛି।ମୃତକ ବଳଭଦ୍ର ବେହେରା



(୬୫)। ବାରକୋଟ ଥାନା ପୁଲିସ ଅଭିଯୁକ୍ତ ପୁଅ ହୃଦାନନ୍ଦ ବେହେରାକୁ ଅଟକରଖି ପଚରା ଉଚୁରା କରୁଛି। ମିଳିଥିବା ସୂଚନା ଅନୁଯାଇ ଔତଳ ଗାଁର ବଳଭଦ୍ର ନିଜ ଘରେ ମେଣ୍ଢା ପାଳିଥିଲେ। ଅଭିଯୁକ୍ତ ପୁଅ ହୃଦାନନ୍ଦ ଗତକାଲି ମେଣ୍ଢା ବିକ୍ରି ପାଇଁ ନେଇଯାଉଥିବା ବେଳେ ବାପା ବଳଭଦ୍ର ପ୍ରତିବାଦ କରିଥିଲେ। ଫଳରେ ଉଭୟ ବାପ ପୁଅ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇହୃଦାନନ୍ଦ ଟାଙ୍ଗିଆରେ ବାପା ବଳଭଦ୍ରଙ୍କୁ ଆକ୍ରମଣ କରିବାରୁ ଘଟଣାସ୍ଥଳରେ ବଳଭଦ୍ରଙ୍କ ମୃତ୍ୟୁ ଘଟିଥିଲା। ବାପା ବଳଭଦ୍ରଙ୍କ ମୃତ୍ୟୁ ହେବା ଜାଣି ଅଭିଯୁକ୍ତ ପୁଅ ଘର ନିକଟରେ ଗାତ ଖୋଳି ମୃତଦେହ ପୋତି ଦେଇଥିଲା । ଘଟଣା ଜାଣିପାରି ମୃତ ବଳଭଦ୍ରଙ୍କ ପୁତୁରା ଅଜିତ ବେହେରାଙ୍କ ଅଭିଯୋଗ ଆଧାରରେ ବାରକୋଟ ଥାନା ପୁଲି ହତ୍ୟା ମାମଲା ରଜୁ କରି ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମାଟି ତଳୁ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ଲାଗି ପାଲଲହଡା ଡାକ୍ତରଖାନାକୁ ପଠାଇଛି।ସାଇଣ୍ଟିଫିକ ଟିମ୍ ସହାୟତାରେ ପୁଲିସ ତଦନ୍ତକୁ ଜୋରଦାର କରିଛି

# ଛତୁ ତୋଳିବାକୁ ଯାଇ ଭାଲୁ ଆକ୍ରମଣରେ ମହିଳା ମୃତ

ନୀଳଗିରି, ୮।୧୦ (ସମିସ): ଭାଲୁ ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳାଜଣକ ହେଲେ ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ଅନ୍ତର୍ଗତ ସଜନାଗଡ ପଞ୍ଚାୟତ ଅଧିନସ୍ଥ ପାଣବନ୍ଧ ଗାଁର ଚନ୍ଦ୍ରମୋହନ ନାୟକଙ୍କ ସ୍ତ୍ରୀ ଶାନ୍ତିଲତା। ବୁଧବାର ଗାଁ ନିକଟସ୍ଥ ତିନିକୋଶିଆ ସଂରକ୍ଷିତ ଜଙ୍ଗଲକୁ ସ୍ୱାମୀ, ସ୍ତ୍ରୀ ଛତୁ ତୋଳିବାକୁ ଯାଇଥିବାବେଳେ ଜଙ୍ଗଲ ଭିତରେ ଅଚାନକ ଏକ ଭାଲୁ ଶାନ୍ତିଲତାଙ୍କୁ ଅତର୍କିତ ଆକ୍ରମଣ କରିଥିଲା। ଶାନ୍ତିଲତାଙ୍କ ଚିତ୍କାରରେ ଭାଲୁଟି ସେଠାରୁ ଛାଡି ପଳାଇଥିବା ବେଳେ ତାଙ୍କ ବେକକୁ ଝାମ୍ପିଥିବା ଯୋଗୁଁ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ସ୍ୱାମୀ ଚନ୍ଦ୍ରମୋହନ ପ୍ରଥମେ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ ଆମ୍ବୁଲାନ୍ସର ସୁବିଧା ନ ହେବାରୁ ଶାନ୍ତିଲତାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ କାନ୍ଧରେ କାନ୍ଧେଇ ସଜନାଗଡ ମେଡିକାଲକୁ ଆଣିଥିବାବେଳେ ଅବସ୍ଥା ଗୁରୁତର ହେବାରୁ ଭଡା ଟେମ୍ପୁରେ ନୀଳଗିରି ମେଡିକାଲ୍‌ରେ ଭର୍ତ୍ତି କରାଯାଇଥିଲା। ହେଲେ ଡାକ୍ତର ସେଠାରେ ମହିଳାଙ୍କୁ ମୃତ ଘୋଷଣା କରିଛନ୍ତି।

# ୧୬ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି, ୮।୧୦(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡର ନାରାୟଣପୁର ଜିଲ୍ଲାରେ ପୁଲିସ ନିକଟରେ ୧୬ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଆଜି ମାଓ ସଂଗଠନର ପିଏଲଜିଏ ମିଲିଟାରୀ କମ୍ପାନୀର ଜଣେ ଡେପୁଟି କମାଣ୍ଡର, ପିଏଲଜିଏ ମିଲିଟାରୀ କମ୍ପାନୀ ନମ୍ବର ୧ର ଜଣେ ସଦସ୍ୟ, ନର୍ଥ ବ୍ୟୁରୋ ଟେକ୍ନିକାଲ୍ ଟିମ୍‌ର ସଦସ୍ୟ, ଏସିଏମ୍, ପାର୍ଟି ସଦସ୍ୟ, କୁତୁଲ୍ ମାଓ କମିଟି ସଦସ୍ୟ, ଜନତାନା ସରକାରର ଅନେକ ସଦସ୍ୟ ଏବଂ ମିଲିସିଆ ସଦସ୍ୟଙ୍କ ସମେତ ୧୬ ଜଣ ମାଓବାଦୀ ସମାଜର ମୁଖ୍ୟସ୍ରୋତରେ ସାମିଲ ହେବା ପାଇଁ ନାରାୟଣପୁର ପୁଲିସ ନିକଟରେ ଶପଥ ନେଇଛନ୍ତି। ଏହି ମାଓବାଦୀଙ୍କ ମଧ୍ୟରେ ୭ ଜଣ ମହିଳା ମାଓବାଦୀ ସାମିଲ ଅଛନ୍ତି। ସେମାନଙ୍କ ନାମରେ ୭୦ ଲକ୍ଷ ଟଙ୍କାର




ପୁରସ୍କାର ରାଶି ରହିଥିଲା। ଏହି ମାଓବାଦୀଙ୍କ ଆତ୍ମସମର୍ପଣ ପୁଲିସ ପାଇଁ ଏକ ବଡ଼ ସଫଳତା ବୋଲି କୁହାଯାଉଛି। ଆତ୍ମ ସମର୍ପଣକାରୀଙ୍କୁ ୫୦ ହଜାର ଲେଖାଏଁ ସହାୟତା ରାଶି ପ୍ରଦାନ ସହ ସରକାରୀ ନୀତି ନିୟମ ଅନୁଯାୟୀ ଥଇଥାନ କରାଯିବ ବୋଲି ପୋଲିସ ସୂଚନା ଦେଇଛି।

■ ହାତୀକୁ ହତ୍ୟାକରି ଦାନ୍ତ ଲୁଟ୍

# ବନବିଭାଗ ପାଖରେ ଖବର ନାହିଁ

ହିନ୍ଦୋଳ,୮।୧୦(ସମିସ): ହିନ୍ଦୋଳ ଫରେଷ୍ଟ ରେଞ୍ଜ ରାସୋଳ ସେକ୍ସନ ପଶାସିଂହ ବିଟ୍ ହାଉସ ନିକଟରେ ଏକ ଛୋଟ ହାତୀକୁ ଶିକାରୀ ଗୁଳିକରି ଦାନ୍ତ ଲୁଟ୍ କରିନେଇ ଥିବା ଅଭିଯୋଗ ସାମ୍ନାକୁ ଆସିଛି। ହାତୀ ଛୁଆର ମୃତ୍ୟୁ ପ୍ରାୟ ଗତ ୪/୫ ଦିନ ତଳୁ ହୋଇଥିବା ଅନୁମାନ କରାଯାଉଥିବା



ବେଳେ ବନବିଭାଗ ବିଟ୍ ହାଉସ ନିକଟରୁ ମାତ୍ର ୧କିମି ଦୂରରେ ଏପରି ଘଟଣା ଘଟିଛି। ହେଲେ ବନ ବିଭାଗ ପାଖରେ ଖବର ନ ଥିବା ସମସ୍ତଙ୍କୁ ଚକିତ କରିଛି। ବୁଧବାର ଖବର ପାଇ ବନାଞ୍ଚଳ ଅଧିକାରୀ ଏବଂ କର୍ମଚାରୀମାନେ ପହଞ୍ଚି ଅନୁଧ୍ୟାନ କରିଥିବା ଦେଖିବାକୁ ମିଳିଛି। ହାତୀ ଦେହରେ ୨ଟି ଗୁଳି ବାଜିଥିବା ପ୍ରାଥମିକ ଭାବେ ଜଣାପଡୁଛି। ମାତ୍ର ଦାନ୍ତ ନ ଥିବାରୁ ଏହାର ସଠିକ ମୃତ୍ୟୁର କାରଣ ଜଣାପଡୁ ନାହିଁ। ଶବ ବ୍ୟବଚ୍ଛେଦ ପରେ ହାତୀ ମୃତ୍ୟୁର କାରଣ ସ୍ପଷ୍ଟ ହେବବୋଲି ବିଭାଗ ପକ୍ଷରୁ କୁହାଯାଉଛି।

# ଗାଁରୁ ଦନ୍ତାର ମୃତଦେହ ଉଦ୍ଧାର


ଦେବଗଡ଼,୮।୧୦(ସମିସ): ଦେବଗଡ଼ ବନଖଣ୍ଡରିଆମାଳ ବନାଞ୍ଚଳ ରେଙ୍ଗାଲବେଡା ଫରେଷ୍ଟ ସେକ୍ସନ ଅନ୍ତର୍ଗତ କାଉଁସିତଇଲା ଗାଁରୁ ଦନ୍ତା ହାତୀର ମୃତଦେହ ଉଦ୍ଧାର କରାଯାଇଛି। ବନ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାଇ ବନ ବିଭାଗ ପକ୍ଷରୁ ପାଟ୍ରୋଲିଂ ବେଳେ କାଉସିତଇଲା ଗାଁ



ନିକଟସ୍ଥ ରାସ୍ତାରେ ଦନ୍ତାର ମୃତ ଦେହ ପଡିଥିବା ଦେଖି ବନରକ୍ଷୀ ସିନିସ୍ମିତା ମରେଇ ବିଭାଗୀୟ ଅଧିକାରୀଙ୍କୁ ସୂଚନା ଦେଇଥିଲେ। ଏଲିଫ୍ୟାଣ୍ଟ ଟ୍ରାକ୍ ସ୍କାଡ୍‌ର ସଦସ୍ୟଙ୍କ ସମେତ ବିଭାଗୀୟ ଅଧିକାରୀ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ମୃତ ହାତୀର ବ୍ୟବଚ୍ଛେଦ କରାଇଥିଲେ। ତେବେ ମୃତହାତୀର ଆନୁମାନିକ ବୟସ ୧୮ ବର୍ଷ ହେବ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ବନଖଣ୍ଡ ଅଧିକାରିଣୀ ସୁଶ୍ରୀରଶ୍ମି ଜୀ ସୂଚନା ଦେଇଛନ୍ତି।

# ଶୋ’ରୁମ୍‌ରେ ଜଳିଗଲା ୩୦ ଇଭି ସ୍କୁଟି

କୋଣାର୍କ,୮।୧୦(ସମିସ): କୋଣାର୍କ ମାଧିପୁର ଛକ ନିକଟରେ ଥିବା ଏକ ଶୋ’ ରୁମ୍‌ରେ ବୁଧବାର ଅପରାହ୍ଣରେ ଅଗ୍ନିକାଣ୍ଡ ଘଟି ୩୦ଟି ଇଭି ସ୍କୁଟି ଜଳି ଯାଇଛି। ବୁଧବାର ଅପରାହ୍ଣ ୫ଟାରେ ଜଗନ୍ନାଥ ଏଣ୍ଟରପ୍ରାଇଜର ଶୋ’ରୁମ୍‌ରେ ଏଡିଏମ୍ଏସ୍



କମ୍ପାନୀର ବ୍ୟାଟେରି ସ୍କୁଟି ଚାର୍ଜ ହେଉଥିବା ସମୟରେ ବିସ୍ଫୋରଣ ହୋଇଥିଲା। ଏହା ଦେଖି ଶୋ’ରୁମ୍ ମାଲିକ ଶିବ ପ୍ରସାଦ ସ୍ୱାଇଁ, ଦୁଇ ମହିଳା କର୍ମଚାରୀ, ୩ ଜଣ ଗ୍ରାହକ ଭୟଭୀତ ହୋଇ ବାହାରକୁ ପଳାଇ ଆସିଥିଲେ। ଅଗ୍ନିକାଣ୍ଡରେ ଶୋ’ରୁମ୍‌ରେ ଥିବା ପ୍ରାୟ ୨୫ଟି ନୂଆ ସ୍କୁଟି ଏବଂ ସର୍ଭିସ୍ ନିମନ୍ତେ ଆସିଥିବା ୫ଟି ସ୍କୁଟି ଜଳି ଯାଇଥିଲା। କୋଣାର୍କ ଚମ୍ପାହାର ଅଗ୍ନିଶମ ବାହିନୀ ଆସି ନିଆଁକୁ ଆୟତ୍ତ କରିଥିଲେ।

# ଦାଦାକୁ ହାଣିଲା ପୁତୁରା

କେନ୍ଦୁଝର, ୮।୧୦(ସମିସ): କେନ୍ଦୁଝର ସଦର ଥାନା ଅନ୍ତର୍ଗତ ପଦ୍ମପୁର ପଞ୍ଚାୟତ ପୁଟୁଳିଆ ଗାଁରେ ଜମି ବିବାଦକୁ କେନ୍ଦ୍ରକରି ଦାଦାଙ୍କୁ ଗାଇନ୍ତାରେ ହାଣି ହତ୍ୟା କରିଛି ପୁତୁରା। ପୁଟୁଳିଆ ମଝିସାହିର ଚନ୍ଦ୍ର ଶେଖର ଦାସ ଓ ତାଙ୍କ ବଡ଼ଭାଇ କିରଣ ଦାସଙ୍କ ମଧ୍ୟରେ ବୁଧବାର ଅପରାହ୍ଣରେ ବଚସା ହୋଇଥିଲା। ଉତ୍ତ୍ୟକ୍ତ ହୋଇ ପୁତୁରା ସତ୍ୟଜିତ ଚନ୍ଦ୍ରଶେଖରଙ୍କୁ ଏକ ଗାଇନ୍ତାରେ ଆକ୍ରମଣ କରିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ କେନ୍ଦୁଝର ଧରଣୀଧର ମେଡିକାଲ କଲେଜକୁ ନିଆଯାଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲା।

# ଭିଜିଲାନ୍ସ ଜାଲରେ ଓଏଏସ୍ ଅଧିକାରୀ

ବେଲଗୁଣ୍ଠା/ଭଞ୍ଜନଗର,୮।୧୦(ସମିସ): ବକେୟା ଦରମା ସହିତ ଏଲ୍‌ପିସି କରାଇଦେବାକୁ ନିଜ କାର୍ଯ୍ୟାଳୟର ପୂର୍ବତନ କର୍ମଚାରୀଙ୍କ ଠାରୁ ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ବେଲଗୁଣ୍ଠା ଏନ୍ଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ବନମାଳି ଶତପଥୀ।

**ବକେୟା ଦରମା କରାଇ ଦେବାକୁ ପୂର୍ବତନ କର୍ମଚାରୀଙ୍କ ଠାରୁ ନେଉଥିଲେ ୨୫ହଜାର**



ସୂଚନା ପ୍ରକାରେ, ବେଲଗୁଣ୍ଠା ଏନ୍ଏସି କାର୍ଯ୍ୟାଳୟରେ ଏମ୍ଆଇଏସ୍ ରୂପେ କାର୍ଯ୍ୟ କରୁଥିବା ସରୋଜ ଜେନାଙ୍କର ୬ ମାସ ତଳେ ଅନ୍ୟତ୍ର ବଦଳି ହୋଇ ଯାଇଥିଲା। ତେବେ ବେଲଗୁଣ୍ଠାରେ ତାଙ୍କର ଶେଷ ଦୁଇ ମାସର ଦରମା ଏବଂ ଏଲ୍‌ପିସି ବକେୟା ଥିଲା। ଏନେଇ ସରୋଜ ବାରମ୍ବାର କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଶତପଥୀଙ୍କୁ ଅନୁରୋଧ କରିଥିଲେ ମଧ୍ୟ ସେ ୨୫ ହଜାର ଟଙ୍କାର ଲାଞ୍ଚ ନଦେଲେ ହେବନାହିଁ ବୋଲି କହିଥିଲେ। ଏନେଇ ସରୋଜ ବ୍ରହ୍ମପୁର ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ସରୋଜଙ୍କ ଅଭିଯୋଗ କ୍ରମେ ବ୍ରହ୍ମପୁର ଭିଜିଲାନ୍ସ ଡ଼ିଏସ୍‌ପି ଶରତ ଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ବେଲଗୁଣ୍ଠାରେ ଛକି ରହିଥିଲେ। କିନ୍ତୁ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଶତପଥୀ ଚତୁରତାର ସହିତ ନିଜ କାର୍ଯ୍ୟାଳୟରେ ଟଙ୍କା ନେବା ବଦଳରେ ସରୋଜଙ୍କୁ ବାଲିପଦର ଡ଼କାଇଥିଲେ। ସରୋଜ ଏବଂ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ଭିଜିଲାନ୍ସ ଟିମ୍ ବାଲିପଦରର ବସ୍‌ଷ୍ଟାଣ୍ଡରେ ସକାଳ ସାଢେ ୯ଟାରେ ଶ୍ରୀ ଶତପଥିଙ୍କୁ ଲାଞ୍ଚ ଦେଉଥିବା ବେଳେ ଭିଜିଲାନ୍ସ ଟିମ୍ ମାଡ଼ି ବସିବା ତାଙ୍କ ହାତରୁ ଲାଞ୍ଚ ଟଙ୍କା ଜବତ କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## କାଠଗଡ଼ାରେ ଓପିଆର୍‌ବି...

ପରୀକ୍ଷା ତତ୍ତ୍ୱାବଧାନ ଦାୟିତ୍ୱରେ ଥିବା ଓପିଆର୍‌ବି ଅଧିକାରୀମାନେ ଏହି ଷଡ଼ଯନ୍ତ୍ର ସମ୍ପର୍କରେ ଅବଗତ ଥାଇ ସୁଦ୍ଧା ଆଖିମୁଦି ବସିବା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି। ପୁଲିସ୍ ଏସ୍‌ଆଇ ପରୀକ୍ଷା ପାଇଁ ଓପିଆରବି ଦେଇଥିବା ଟେଣ୍ଡରର ସର୍ତ୍ତ ଅନୁସାରେ ଆଇଟିଆଇ ଲିମିଟେଡ୍ ପରୀକ୍ଷା ପରିଚାଳନା କରିବ। ମାତ୍ର କମ୍ପାନୀ ଏଥିପାଇଁ ଅନ୍ୟ କମ୍ପାନୀଠାରୁ ମାନବ ସମ୍ବଳ ସହଯୋଗ ନେଇପାରିବ। ଅର୍ଥାତ୍ କେବଳ ପରୀକ୍ଷା ସମୟରେ ନିରୀକ୍ଷକ ଭାବରେ ଅନ୍ୟ କମ୍ପାନୀ ବା ସଂସ୍ଥାର ଲୋକଙ୍କୁ ନିୟୋଜିତ କରିପାରିବ। ଯଦି ଅନ୍ୟ କୌଣସି କମ୍ପାନୀକୁ ଆଇଟିଆଇ ସବ୍-କଣ୍ଟ୍ରାକ୍ଟ ପ୍ରଦାନ କରେ, ତେବେ ସେ ସମ୍ପର୍କରେ ଓପିଆର୍‌ବିକୁ ଲିଖିତ ଭାବେ ଅବଗତ କରିବାକୁ ଏଥିରେ ସର୍ତ୍ତ ରହିଥିଲା। ତେଣୁ ସିଲିକନ୍ ପ୍ରାଇଭେଟ୍ ଲିମିଟେଡ୍ ଓ ପଞ୍ଚସଫ୍ଟ କମ୍ପାନୀକୁ ସବ୍ କଣ୍ଟ୍ରାକ୍ଟ ଦିଆଯିବା ସମ୍ପର୍କରେ ନିଶ୍ଚିତ ଆଇଟିଆଇ କର୍ତ୍ତୃପକ୍ଷ ଓପିଆର୍‌ବିକୁ ଅବଗତ କରିଥିବେ। ମାତ୍ର ନିୟମର ବିପରୀତ ଭାବରେ ପ୍ରଶ୍ନପତ୍ର ପ୍ରସ୍ତୁତି ପରି ଗୋପନୀୟ କାର୍ଯ୍ୟରେ ସିଲିକନ୍ ଓ ପଞ୍ଚସଫ୍ଟ ପରି କମ୍ପାନୀ କିପରି ସଂଶ୍ଳିଷ୍ଟ ହେଲେ ଏବଂ ଅଧିକାରୀମାନେ ଏହାକୁ କିପରି ପ୍ରଶ୍ରୟ ଦେଲେ ତାହା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପ୍ରଶ୍ନପତ୍ର ପ୍ରସ୍ତୁତି ବା ଛାପିବା ଦାୟିତ୍ୱରେ ନ ଥିବା ପଞ୍ଚସଫ୍ଟ କମ୍ପାନୀର ନିର୍ଦ୍ଦେଶକ ଶଙ୍କର ପ୍ରଶ୍ନପତ୍ର କିପରି ପାଇଥିଲେ, ତାହା ସମଗ୍ର ନିଯୁକ୍ତି ବ୍ୟବସ୍ଥାରେ ସ୍ୱଚ୍ଛତାକୁ କାଠଗଡ଼ାରେ ଠିଆ କରାଇଛି। ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ଦେଖି ପ୍ରସ୍ତୁତି କରିବାକୁ ଆନ୍ଧ୍ରପ୍ରଦେଶ ଯାଉଥିବା ବେଳେ ୧୧୪ ଜଣ ପରୀକ୍ଷାର୍ଥୀଙ୍କ ସମେତ ୩ ଜଣ ଦଲାଲ୍ ଗିରଫ ପରେ ଏହି ପ୍ରଶ୍ନପତ୍ର କିଣାବିକା ମାମଲାରେ ପଞ୍ଚସଫ୍ଟର ନିର୍ଦ୍ଦେଶକ ଶଙ୍କର ପୃଷ୍ଟି ହିଁ ମାଷ୍ଟରମାଇଣ୍ଡ ବୋଲି କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ କୁହାଯାଇଛି। ପରୀକ୍ଷା ପରିଚାଳନା କରୁଥିବା ଓପିଆର୍‌ବି ଏବଂ ଏହାର ଅଧିକାରୀମାନେ କିପରି ପର୍ଯ୍ୟବେକ୍ଷଣ କରୁଥିଲେ ଯେ ତାହା ଜାଣିପାରିଲେ ନାହିଁ, ନା ସବୁକିଛି ସଲାସୁତୁରାରେ ଚାଲିଥିଲା ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କିଛି ବରିଷ୍ଠ ପୁଲିସ୍ ଅଧିକାରୀଙ୍କ ପ୍ରତ୍ୟକ୍ଷ ସମ୍ପୃକ୍ତି ବିନା ଏହି ଚାକିରି ବିକ୍ରି ପ୍ରକରଣ ସମ୍ଭବ ନୁହେଁ ବୋଲି ଏକପ୍ରକାର ସ୍ପଷ୍ଟ ହୋଇଛି।

ଅପରପକ୍ଷରେ ଘଟଣାକୁ ୯ଦିନ ବିତିଥିଲେ ମଧ୍ୟ କ୍ରାଇମ୍‌ବ୍ରାଞ୍ଚ ଅନ୍ଧାରରେ ବାଡ଼ି ବୁଲାଉଛି। ଓପିଆର୍‌ବି ଏବଂ ପରୀକ୍ଷା ପରିଚାଳନା ପାଇଁ ଟେଣ୍ଡର ନେଇଥିବା ଆଇଟିଆଇ ଲିମିଟେଡ୍‌ର କୌଣସି ଅଧିକାରୀଙ୍କୁ ଗିରଫ ତ ଦୂରର କଥା, ତଦନ୍ତ ପରିସରଭୁକ୍ତ ମଧ୍ୟ କରିନାହିଁ। କେବଳ ସବ୍-କଣ୍ଟ୍ରାକ୍ଟ ନେଇଥିବା ସିଲିକନ୍ ଓ ପଞ୍ଚସଫ୍ଟ କମ୍ପାନୀ ମଧ୍ୟରେ ତଦନ୍ତ ସୀମିତ ରଖିଛି। ଏଯାଏଁ ଚାକିରି ବିକ୍ରିର ମାଷ୍ଟରମାଇଣ୍ଡକୁ ଗିରଫ କରିବାରେ ବିଫଳ ହୋଇଥିବା ବେଳେ ସିଣ୍ଡିକେଟ୍‌ର ମୂଳରେ କେବେ ଓ କିପରି ପହଞ୍ଚିବ ବୋଲି ପ୍ରଶ୍ନ ଉଠିଛି। ତେଣୁ ଚାକିରି ବିକ୍ରି ପାଇଁ ଖୋଦ୍ ପୁଲିସ୍ ଅଧିକାରୀମାନେ ହିଁ ଗଳାବାଟ ପ୍ରସ୍ତୁତ କରିଥିବା ଧାରଣା ଦୃଢ଼ୀଭୂତ ହୋଇଛି। ପରୀକ୍ଷା ସମ୍ପର୍କିତ ସମସ୍ତ ଗୋପନୀୟ କାର୍ଯ୍ୟ କରିବା ପାଇଁ ଆଇଟିଆଇ ଲିମିଟେଡ୍‌କୁ ଅଖଣ୍ଡ କ୍ଷମତା ଦେଇଛନ୍ତି। ପ୍ରଶ୍ନପତ୍ର ପ୍ରସ୍ତୁତି ଓ ଛପାଇବା ଠାରୁ ଆରମ୍ଭ କରି ଓପିଆର୍‌ବି ମୁଖ୍ୟାଳୟରେ ପହଞ୍ଚାଇବା, ପରୀକ୍ଷା କେନ୍ଦ୍ର ଚୟନ, ସୁରକ୍ଷା ପାଇଁ ସିସିଟିଭି, ସିସିଟିଭି ପରିଚାଳନା ଆଦି ସମସ୍ତ କାର୍ଯ୍ୟ କରିବାକୁ ଟେଣ୍ଡର ଦେଇଛନ୍ତି। ପରୀକ୍ଷାରେ ଗଫଲତି ପାଇଁ ଅଧିକାରୀମାନେ ଯେପରି ଉତ୍ତରଦାୟୀ ନ ହେବେ, ସେଥିପାଇଁ ଟେଣ୍ଡର ନେଇଥିବା କମ୍ପାନୀ ହିଁ ଦାୟୀ ରହିବ ବୋଲି ଧାଡ଼ିକିଆ ନିର୍ଦ୍ଦେଶନାମା ଲେଖିଦେଇ ନିଜର ଦାୟିତ୍ୱ ସାରି ଦେଇଛନ୍ତି। ପ୍ରିଲିମିନାରୀ ପରୀକ୍ଷା ପାଇଁ ସମସ୍ତ କାର୍ଯ୍ୟ ଆଇଟିଆଇ ଲିମିଟେଡ୍‌କୁ ଦେବା ପରେ କେବଳ ଓପିଆର୍‌ବି ଅଧିକାରୀମାନେ ପର୍ଯ୍ୟବେକ୍ଷଣ କରିବେ ବୋଲି କୁହାଗଲା। ହେଲେ କେଉଁ କାର୍ଯ୍ୟକୁ କିଏ ଓ କେମିତି ପର୍ଯ୍ୟବେକ୍ଷଣ କରିବେ ସେ ନେଇ କିଛି ଉଲ୍ଲେଖ କରାଗଲା ନାହିଁ। ଫଳରେ କୌଣସି ଗଫଲତି ଧରା ପଡ଼ିଲେ ମଧ୍ୟ ଅଧିକାରୀଙ୍କ ଉପରକୁ ଆଞ୍ଚ ଆସିବ ନାହିଁ। ଏକାଧିକ ଗଳାବାଟ ଛାଡ଼ିଦେବା ଏବଂ ଉପଯୁକ୍ତ ପର୍ଯ୍ୟବେକ୍ଷଣ ନ କରବାରୁ ପରୀକ୍ଷାର ସମ୍ପୂର୍ଣ୍ଣ ନିୟନ୍ତ୍ରଣ ସବ୍-କଣ୍ଟ୍ରାକ୍ଟ ପାଇଥିବା କମ୍ପାନୀଙ୍କ ହାତକୁ ଚାଲିଗଲା। ଏସବୁ ଗଳାବାଟ ଛାଡ଼ିବା ପଛରେ ଚାକିରି ବିକ୍ରି ହିଁ ଏକମାତ୍ର ଉଦ୍ଦେଶ୍ୟ ବୋଲି ଅଭିଯୋଗ ହୋଇଛି। ତଦନ୍ତକୁ ବ୍ୟାପକ କଲେ ବହୁ ବରିଷ୍ଠ ଅଧିକାରୀ ଧରା ପଡ଼ିବା ନିଶ୍ଚିତ ହୋଇଥିବାରୁ ସେହି ପୁଲିସ୍ ବିଭାଗ ହିଁ ଘଟଣା ଚାପିବାକୁ ଆପ୍ରାଣ ଉଦ୍ୟମ କରୁଥିବା ଆଇନଜ୍ଞମାନେ ଅଭିଯୋଗ କରିଛନ୍ତି। ଯଦି ପରୀକ୍ଷାର୍ଥୀଙ୍କୁ ପ୍ରଶ୍ନପତ୍ର ପ୍ରସ୍ତୁତି କରାଇବାକୁ ନେବା ସମୟରେ ପରୀକ୍ଷାର୍ଥୀ ଓ ଦଲାଲ୍ ଗିରଫ ହେଲେ, ତାହାଲେ ଦଲାଲ୍‌ଙ୍କୁ ପ୍ରଶ୍ନପତ୍ର ଯୋଗାଉଥିବା ବ୍ୟକ୍ତିଙ୍କ ପାଖରେ କିପରି କ୍ରାଇମ୍‌ବ୍ରାଞ୍ଚ ପହଞ୍ଚିପାରୁ ନାହିଁ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ଗିରଫ ୧୧୯ ଜଣଙ୍କ...

ଏହି କର୍ମଚାରୀମାନେ ବସ୍ ଭଡ଼ା ବାବଦକୁ କାହାଠାରୁ ନିର୍ଦ୍ଦେଶ ପାଇଥିଲେ। ସେମାନେ କେଉଁ ସ୍ଥାନରୁ ପରୀକ୍ଷାର୍ଥୀ ଓ ଦଲାଲଙ୍କୁ ବସ୍‌କୁ ଉଠାଇଥିଲେ ଓ କେଉଁ ସ୍ଥାନକୁ ନେଉଥିଲେ ସେ ସମ୍ପର୍କିତ ତଥ୍ୟ ହାସଲ ସହ ସେମାନଙ୍କ ବୟାନ ରେକର୍ଡ କରାଯାଇଥିବା ସୂଚନା ମିଳିଛି। ପ୍ରକାଶଥାଉକି, ଚଳିତମାସ ୫ ଓ ୬ତାରିଖରେ ରାଜ୍ୟ ପୁଲିସ ଏସ୍‌ଆଇ ପରୀକ୍ଷା ଅନୁଷ୍ଠିତ ହେବାର ଥିଲା। ତେବେ ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ଓ ଉତ୍ତର ପାଇବା ଉଦ୍ଦେଶ୍ୟରେ ୧୧୪ଜଣ ପରୀକ୍ଷାର୍ଥୀ ଓ ୩ଜଣ ଦଲାଲ ୨୯ ତାରିଖରେ ୩ଟି ବସ୍‌ରେ ଆନ୍ଧ୍ରପ୍ରଦେଶ ବିଜୟନଗରମ ଅଭିମୁଖେ ଯାତ୍ରା କରୁଥିବା ବେଳେ ପୁଲିସ ସେମାନଙ୍କୁ କାବୁ କରିଥିଲା। ୬ ଜଣ ବସ୍ କର୍ମଚାରୀଙ୍କ ସମେତ ୧୧୪ଜଣ ପରୀକ୍ଷାର୍ଥୀ ଓ ୩ଜଣ ଦଲାଲଙ୍କୁ କାବୁ କରି ବ୍ରହ୍ମପୁର ଅଣାଯାଇଥିଲା। ପରେ ପୁଲିସ ବସ୍ କର୍ମଚାରୀଙ୍କୁ ବାଦ ଦେଇ ମୋଟ ୧୧୭ ଜଣଙ୍କୁ ଗିରଫ କରି ବ୍ରହ୍ମପୁର ମଣ୍ଡଳ କାରାଗାରକୁ ପଠାଇଥିଲା। ଘଟଣାର ତଦନ୍ତଭାର କ୍ରାଇମବ୍ରାଞ୍ଚ ନେବା ପରେ କଟକ ଓ ବାଲେଶ୍ୱରର ଏକାଧିକ ଦଲାଲଙ୍କୁ ଗିରଫ କରି ବ୍ରହ୍ମପୁର ମଣ୍ଡଳ କାରାଗାରକୁ ପଠାଯାଇଛି। ଘଟଣାର ତଦନ୍ତ ଜାରି ରହିଥିବା ବେଳେ ଗିରଫ ସଂଖ୍ୟା ଆହୁରି ବୃଦ୍ଧି ପାଇବାର ଆଶଙ୍କା ରହିଛି। ସେପଟେ ପରୀକ୍ଷା ଜାଲିଆତି ଘଟଣାର କିଙ୍ଗପିନ୍ ବା ମାଷ୍ଟର ମାଇଣ୍ଡ କୁହାଯାଉଥିବା ଶଙ୍କର ପୃଷ୍ଟି ଓ ତାର ମୁଖ୍ୟ ସହଯୋଗୀ ମୁନା ମହାନ୍ତିଙ୍କ ଟେର ପାଉନି କ୍ରାଇମବ୍ରାଞ୍ଚ।

## ସରକାରଙ୍କୁ ଆଇନଶୃଙ୍ଖଳା...

ସେହିପରି ବ୍ରହ୍ମପୁରର ଆଇନଜୀବୀ ତଥା ସମାଜସେବୀ ପୀତବାସ ପଣ୍ଡା ହତ୍ୟାକାଣ୍ଡରେ ସମ୍ପୃକ୍ତ ଅପରାଧୀମାନଙ୍କୁ ତୁରନ୍ତ ଖୋଜି ବାହାର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅପରାଧୀମାନେ ଯେପରି ଆଇନର ସମ୍ମୁଖୀନ ହେବେ ଓ ଦୃଷ୍ଟାନ୍ତମୂଳକ ଦଣ୍ଡ ପାଇବେ, ସେଥିପ୍ରତି ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ବୈଠକରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଉପଦେଷ୍ଟା ପ୍ରକାଶ ମିଶ୍ର, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପୁଲିସ ମହାନିର୍ଦ୍ଦେଶକ ୱାଇ. ବି. ଖୁରାନିଆ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ଏବଂ ବରିଷ୍ଠ ପୁଲିସ ଅଧିକାରୀମାନେ ଉପସ୍ଥିତ ଥିଲେ।

## କମୁଛି ଏନ୍‌ଆର୍‌ଆଇ...

ହୋଇପଡ଼ିଛନ୍ତି। ଯାହାଫଳରେ ବର୍ତ୍ତମାନ ସେମାନେ ଝିଅ ପାଇଁ ଏନ୍‌ଆର୍‌ଆଇ ବର ଖୋଜିବା ଉପରେ ପୁନର୍ବିଚାର କରୁଛନ୍ତି। ସମ୍ପ୍ରତି ଆମେରିକା।ରେ ପ୍ରାୟ ୨୧ ଲକ୍ଷ ପ୍ରବାସୀ ଭାରତୀୟ ରହୁଛନ୍ତି। ଏହାକୁ ଭାରତରେ ଆଦର୍ଶ ବିବାହ ସମ୍ଭାବନା ଭାବରେ ବିବେଚନା କରାଯାଏ। କିନ୍ତୁ ଡୋନାଲ୍ଡ ଟ୍ରମ୍ପ କ୍ଷମତାକୁ ଫେରିବା ଏବଂ ହଜାର ହଜାର କୁଶଳୀ ଭାରତୀୟଙ୍କୁ ନିଯୁକ୍ତି ଦେଉଥିବା ଏଚ୍‌୧-ବି ଭିସା ଉପରେ କଟକଣା ସେହି ଆକର୍ଷଣକୁ ଏବେ ଶୀତଳ କରିଦେଇଛି। ଅନେକ ପରିବାର ଏବେ ବିବାହକୁ ବିଳମ୍ବିତ କରୁଛନ୍ତି। ଏଚ୍‌୧-ବି ଭିସା ହେଉଛି ଆମେରିକାର ଏକ ଅଣ-ଆବାସିକ ଭିସା ଯାହା କମ୍ପାନୀଗୁଡ଼ିକୁ ପ୍ରଯୁକ୍ତିବିଦ୍ୟା, ଇଞ୍ଜିନିୟରିଂ, ଡାକ୍ତରୀ, ଅର୍ଥନୀତି ଏବଂ ଶିକ୍ଷା ଭଳି ନିର୍ଦ୍ଦିଷ୍ଟ କ୍ଷେତ୍ରରେ ବିଦେଶୀ କର୍ମଚାରୀଙ୍କୁ ନିଯୁକ୍ତି ଦେବାକୁ ଅନୁମତି ଦିଏ। ଟ୍ରମ୍ପଙ୍କ ଭିସା ବୋମା ଭାରତକୁ ଗଭୀର ଆଘାତ ଦେଇଛି। ରିପୋର୍ଟ ଅନୁସାରେ ୨୦୨୪ ଆର୍ଥିକବର୍ଷରେ ମୋଟ ଅନୁମୋଦିତ ଏଚ୍‌୧-ବି ଭିସା ହିତାଧିକାରୀଙ୍କ ମଧ୍ୟରୁ ୭୧% ହେଉଛନ୍ତି ଭାରତୀୟ। ଯାହା ଫଳରେ ଭାରତରେ ଯେଉଁମାନେ ସେମାନଙ୍କ ପିଲାମାନଙ୍କୁ ଏନ୍‌ଆର୍‌ଆଇମାନଙ୍କ ସହିତ ବିବାହ କରାଇବାକୁ ଯୋଜନା କରୁଥିଲେ ସେମାନଙ୍କ ମଧ୍ୟରେ ଅନିଶ୍ଚିତତା ବଢ଼ିବାରେ ଲାଗିଛି।

**JEYPORE LAW COLLEGE, JEYPORE,**
**DIST. KORAPUT (ODISHA) Pin - 7640003**

Applications are invited for the following posts:-
**1. Principal**

**Terms and Conditions:**
- Qualification, Eligibility – As per the UGC Norms
- Salary – Negotiable.
- Interested candidates may apply by registered post along with relevant testimonials from HSC onwards and a bank draft of Rs. 1,500/- drawn in favour of Law College Trust, Jeypore payable at Jeypore so as to reach the undersigned within 21 days from the date of publication of this advertisement.
- Candidates applied earlier for the above mentioned post in response to our advertisement of July, 2025 need not apply again.

**Sd/-President,**
Jeypore Law College Governing Body,
Jeypore, Pin - 764003

Office of District Manager
Odisha State Civil Supplies Corporation Ltd. (OSCSC)
NABARNGPPUR
Phone: 9438200053
District Website : nabarangpurnic.in
CAD-1945

Tender No. 27,28,29,30,31,32,33,34,35 & 36 Dt. 06.10.2025

District Manager, Odisha State Civil Supplies Corporation Ltd, Nabarangpur invites tenders in Double Cover System through **ONLINE MODE ONLY** for the works below:

| | | |
|---|---|---|
| 1 | Name of the work | Selection and appointment of **(i) Paddy from Paddy Purchase Centres ( PPCs) / Mandis to Rice Mill point( Within or outside district ) & (II) Custom Milled Rice ( CMR) from Rice Mill Points to Rice Receiving Centres ( RRCs)/ Depots (Within or outside district)** |
| 2 | Availability of bid document in the portal | From 09.10.2025 |
| 3 | Last Date / Time for receipt of bids in the portal | Dt 27.10.2025 up to 5.00 P.M. |
| 4 | Date/Time of Opening of Technical Bid | Dt 28.10.2025. at 11.00 AM. |
| 5 | Name and address of the Officer Inviting Tender | District Manager, OSCSC Ltd, Nabarangpur |

Tender Documents & other details can be seen from the e-procurement portal www.oscsc.in, www.foododisha.in &www.tendersodisha.gov.in along with district website. Amendments /corrigendum /cancellation/ retenders etc. if anyshall be published only in above websites.

District Manager
OSCSC Ltd. Nabarangpur
OIPR-07045/11/0004/2526

**PUJA OFFER SALE**
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
**9437015112**

Government of Odisha
Office of the Superintending Engineer
Rural Works Division-I, Nabarangpur.
e-mail-eerwngp@rediffmail.com
O-857

Letter No. 5271 **e-Procurement Notice** Date 24.09.2025

Name of the work :- Road Works
Total No of works :- 38 (Thirty Eight) No's.
Approx. Estimated Cost :- Rs. 5.08 lakhs to Rs. 13.56 lakhs
Class of Contractor :- "C" & "D" Class Contractor
Period of completion :- 2 (Two) Calender Months

| Procurement officer | Bid Identification No: | No of works | Availability of tender online for bidding | | Date & Time of Opening of Tender | |
|---|---|---|---|---|---|---|
| | | | From | To | Technical | Financial |
| 1 | 2 | 3 | | 4 | 6 | |
| Rural Works Division-I, Nabarangpur | EERWNGP – Online -07/2025-26 | 38 (Thirty Eight) No's. | 10.10.2025 at 10.00 AM | 18.10.2025 up to 03.00 PM | 20.10.2025 at 11.00 AM | |

For Details can be seen from the Government website www.tendersorissa.gov.in

OIPR-25092/11/0022/2526
Executive Engineer
Rural Works Division-I, Nabarangpur

**AFFIDAVIT**
I, Pranati Samantara, aged about 41 years, W/o- Dillip Baliarsingh, resident of At/Po- Sanapadar, PS- Begunia, Dist- Khordha, PIN- 752064, Odisha declared by this affidavit No. 2025, dtd- 07/10/2025 that now onwards I shall be known as **PRANATI SAMANTARAY** for all future purposes.

**AFFIDAVIT**
By virtue of an affidavit (CF No.99) sworn before The Executive Magistrate, Bhubaneswar dated- 09/06/2025. I, **Budhi Redi,** W/o Balaram Redi, Address: Plot No. 1584, Narayanibasti, Unit-8, Nayapalli, Bhubaneswar, Dist- Khurda, PIN- 751012, Odisha declare that I have changed my minor daughter’s name from **Nandini Redi To S.Nandini Reddy.** Henceforth, she shall be known as **S.Nandini Reddy** (new name) for all purposes.
**Budhi Redi**

**AFFIDAVIT**
I, Shakuntala Behera, aged about 63 years, W/o- Ananta Kumar Behera, resident of At- Praharajapur, Muntunia, Dakshinpraharajpur, Raibania, Dist- Baleswar, PIN- 756033, Odisha declared by this affidavit No. 2024, dtd- 07/10/2025 that now onwards I shall be known as **SAKUNTALA BEHERA** for all future purposes.

यूनियन बैंक ऑफ इंडिया Union Bank of India
**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**
କ୍ଷେତ୍ରୀୟ କାର୍ଯ୍ୟାଳୟ: ଭୁବନେଶ୍ୱର
୩/୧ଏ, ସିଭିକ୍ ସେଣ୍ଟର, ଆଇଆର୍‌ସି ଭିଲେଜ,
ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫
**ଡିମାଣ୍ଡ ନୋଟିସ୍**

ସିକ୍ୟୁରିଟି ଇଣ୍ଟରେଷ୍ଟର ଏନ୍‌ଫୋର୍ସମେଣ୍ଟ ନିମନ୍ତେ ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ନୋଟିସ୍

**ବିଷୟ: ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୩) ସହିତ ଧାରା ୧୩(୨) ଅନୁଯାୟୀ ନୋଟିସ୍**

ଆମେ ନିମ୍ନଲିଖିତ ଋଣଗ୍ରହୀତା/ବନ୍ଧକଦାତା/କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତାଙ୍କୁ ଜଣାଇ ଦେଉଛୁ କି ସେମାନେ ଆମର **ବାଲୁଗାଁ ଶାଖାରୁ** ନିମ୍ନଲିଖିତ ଋଣ ସୁବିଧା ଉପଲବ୍ଧ କରିଛନ୍ତି ଏବଂ ସେମାନେ ବକେୟା ଦେୟ / କିସ୍ତି / ସୁଧ ପରିଶୋଧ କରିନଥିବାରୁ ଭାରତୀୟ ରିଜର୍ଭ ବ୍ୟାଙ୍କର ନିର୍ଦ୍ଦେଶାବଳୀ ଅନୁସାରେ ସେମାନଙ୍କର ନିମ୍ନଲିଖିତ ଆକାଉଣ୍ଟ ଏନ୍‌ପିଏ ଶ୍ରେଣୀଭୁକ୍ତ ହୋଇଛି। କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସରଫେଶୀ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ବାଲୁଗାଁ ଶାଖାର** ଋଣଗ୍ରହୀତା/ବନ୍ଧକଦାତା/କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତାଙ୍କୁ ବ୍ୟାଙ୍କ ଦେୟ ପଇଠ କରିବା ନିମନ୍ତେ ଡ଼ିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା କିନ୍ତୁ ନିମ୍ନଦର୍ଶିତ ପକ୍ଷମାନଙ୍କୁ ତାହା ପ୍ରଦାନ କରାଯାଇପାରିନଥିଲା। ତେଣୁ ଏହି ପ୍ରକାଶନଟି ସମସ୍ତ ପକ୍ଷଙ୍କୁ ଏକ ବିକଳ୍ପ ସେବା ଅଟେ। ସେମାନଙ୍କର ଆକାଉଣ୍ଟର ମୋଟ ବକେୟା ପରିମାଣ ନିମ୍ନ ଦର୍ଶିତ ସ୍ତମ୍ଭରେ ଦର୍ଶାଯାଇଛି। ସବିଶେଷ ବିବରଣୀ ନିମ୍ନରେ ପ୍ରଦତ୍ତ:

| ଶାଖା / ଋଣଗ୍ରହୀତା/ବନ୍ଧକଦାତା/ କୋ-ଓବ୍ଲିଗାଣ୍ଟ/ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ଋଣ ପ୍ରକାର | ଏନ୍‌ପିଏ ତାରିଖ /ଡିମାଣ୍ଡ ତାରିଖ / ମୋଟ ବକେୟା | ସମ୍ପତ୍ତିଗୁଡିକର ବିବରଣୀ |
|---|---|---|---|
| ବାଲୁଗାଁ ଶାଖା / **ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀ ବିଶ୍ୱମ୍ଭର ବିଶୋଇ,** ପିତା: ମୋହନ ବିଶୋଇ / **କୋ-ଓବ୍ଲିଗାଣ୍ଟ/ ଗ୍ୟାରେଣ୍ଟିଦାତା: ଶ୍ରୀ ଅରବିନ୍ଦ ପାଇକରାୟ,** ପିତା: ଭାଗିରଥି ପାଇକରାୟ, ଉଭୟଙ୍କ ଠିକଣା- ସା: ବ୍ରାହ୍ମଣଦେଇପୁର, ଆଙ୍କୁଳା, ବାଲୁଗାଁ, ଖୋର୍ଦ୍ଧା-୭୫୨୦୩୦ | ମିଆଦୀ ଋଣ | ୨୯.୦୮.୨୦୨୨ / ୦୬.୧୦.୨୦୨୫ / ୩୦.୦୯.୨୦୨୫ ସୁଦ୍ଧା ଟ.୯,୨୯,୨୯୫.୬୧ | ଶ୍ରୀ ବିଶ୍ୱମ୍ଭର ବିଶୋଇଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଯାହାର ପ୍ଲଟ୍ ନଂ.: ୮୦/୬୦୧, କ୍ଷେତ୍ର: ଏକର୦.୦୪୩ ଡିସିମିଲି, ପ୍ଲଟ୍ ନଂ.: ୭୬, କ୍ଷେତ୍ର: ଏକର୦.୦୧୫ ଡିସିମିଲି, ପ୍ଲଟ୍ ନଂ.: ୭୧, କ୍ଷେତ୍ର: ଏକର୦.୦୭୩ ଡିସିମିଲି, ପ୍ଲଟ୍ ନଂ.: ୭୦, କ୍ଷେତ୍ର: ଏକର୦.୦୪୨ ଡିସିମିଲି, ପ୍ଲଟ୍ ନଂ.: ୬୯/୭୦୦, କ୍ଷେତ୍ର: ଏକର୧.୨୪୪ ଡିସିମିଲି, ପ୍ଲଟ୍ ନଂ.: ୬୮, କ୍ଷେତ୍ର: ଏକର୦.୦୯୬ ଡିସିମିଲି, ଖାତା ନଂ.: ୨୪୦/୪୨ (ସମୁଦାୟ ୬ଟି ପ୍ଲଟ୍), **ସମୁଦାୟ କ୍ଷେତ୍ର: ଏକର୧.୫୧୩ ଡିସିମିଲି,** ମୌଜା: ବ୍ରାହ୍ମଣଦେଇପୁର, ତହସିଲ: ଚିଲିକା, ଜିଲ୍ଲା: ଖୋର୍ଦ୍ଧା |

ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ଆପଣମାନଙ୍କୁ ଉପରଦର୍ଶିତ ସ୍ତମ୍ଭରେ ଲିଖିତ ମୋଟ ବକେୟା ପରିମାଣ ସହିତ ଚୁକ୍ତି ହାରରେ ପରବର୍ତ୍ତୀ ସୁଧ ଏବଂ ଦେୟ, ଆପଣମାନଙ୍କ ଦ୍ୱାରା ସମ୍ପାଦିତ ଋଣ କାଗଜାତ୍‌ର ନିୟମ ଓ ସର୍ତ୍ତାବଳୀ ଅନୁଯାୟୀ ସମ୍ପୂର୍ଣ୍ଣ ବକେୟା ପରିମାଣ ଏହି ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପୈଠ କରିବାକୁ ପଡ଼ିବ। ଅନ୍ୟଥା ଆମେ କଥିତ ବନ୍ଧକପ୍ରାପ୍ତ ସମ୍ପତ୍ତିକୁ କଥିତ ଆକ୍ଟରେ ଦିଆଯାଇଥିବା କୌଣସି କିମ୍ବା ସମସ୍ତ ଅଧିକାରର ପ୍ରୟୋଗ କରି ନିଜ ଦଖଲକୁ ନେବାକୁ ବାଧ୍ୟ ହେବୁ । ଆକ୍ଟର ଧାରା ୧୩(୧୩) ଅନୁଯାୟୀ ଆପଣମାନେ ଏହି ନୋଟିସ୍ ପାଇବା ପରେ ବ୍ୟାଙ୍କର ବିନା ଅନୁମତିରେ ଉପରବର୍ଣ୍ଣିତ ବନ୍ଧକ ସମ୍ପତ୍ତିକୁ ବିକ୍ରୟ କିମ୍ବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିପାରିବେ ନାହିଁ। ଏତଦ୍‌ଦ୍ୱାରା ଆପଣମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରିପାରିବେ।

ସ୍ଥାନ: ଭୁବନେଶ୍ୱର
ତାରିଖ: ୦୮.୧୦.୨୦୨୫
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

## ତାଳଚକେଲରେ ପ୍ରସିଦ୍ଧ ଆଦ୍ୟାଶକ୍ତିଙ୍କ ବାର୍ଷିକ ଯାତ୍ରା

ବଙ୍ଗୋମୁଣ୍ଡା,୮ ।୧୦(ସମିସ): ଜୁରାବନ୍ଧ ପଞ୍ଚାୟତ ତାଳଚକେଲ ଗାଁରେ ପ୍ରସିଦ୍ଧ ମାଁ ହରଗୌରୀ ଆଦ୍ୟାଶକ୍ତିଙ୍କ ବାର୍ଷିକ ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ମା'ଙ୍କ ବିଶ୍ୱରୂପ ଦର୍ଶନ ଓ ହରଗୌରୀଙ୍କ ଛତର ଯାତ୍ରାରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥଲା । ମନ୍ଦିରର ପୂଜକ ମଙ୍ଗଳ ସିଂ ମାଝୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଯାତ୍ରାରେ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ଆଦିବାସୀ ପରମ୍ପରାର ରୀତିନୀତି ଅନୁସାରେ ଲିଙ୍ଗ ପୂଜାର୍ଚ୍ଚନାରୁ ମାଁଙ୍କ ବାର୍ଷିକ ଯାତ୍ରା ଆରମ୍ଭ ହୋଇଥିଲା । ଲିଙ୍ଗ ପୂଜା ହେବା ସହ ମାଁଙ୍କଠାରେ ବେଲପତ୍ର, ମନ୍ଦାର ଫୁଲ ଆଦି ଅର୍ପଣ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା । ମିନିକେତନ ବାଗ, କୁବେର ମାଝୀ, ଯୋଗଧାନ ପ୍ରଧାନ, ନାରାୟଣ ବାରିକ, ନିତ୍ୟା ଷଣ୍ଢ, ଗନ୍ଧର୍ବ ବାଗ, ବ୍ରଜକିଶୋର ମାଝୀ, ଜୟଧର ମନହୀରାଙ୍କ ସହ ଗ୍ରାମବାସୀ ସହଯୋଗ କରିଥିଲେ ।

## ଗିରିଗୋବର୍ଦ୍ଧନ ମହୋତ୍ସବ ପାଇଁ ପ୍ରସ୍ତୁତି

ବଙ୍ଗୋମୁଣ୍ଡା,୮ ।୧୦(ସମିସ): ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ କପିଲାଭଟା ଗ୍ରାମରେ ଅକ୍ଟୋବର ୨୧ରୁ ୩ ଦିନ ଧରି ୩ୟ ଗିରିଗୋବର୍ଦ୍ଧନ ମହୋତ୍ସବ ଅନୁଷ୍ଠିତ ହେବ । ଏଥିଲାଗି ପୂଜା କମିଟି ଓ ମାଁ ସାହାଜି ଯୁବକ ସଂଘର ମିଳିତ ଆନୁକୂଲ୍ୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଆବାହକ ତଥା ଯୁବ ସାମ୍ବାଦିକ ହୁଲେଶ୍ୱର ହଂସଙ୍କ ସଭାପତିତ୍ୱରେ ଏହା ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି । ସଭାପତି ଭାବେ ମନମଥ ହଂସ, ଉପସଭାପତି ଭାବେ କର୍ଣ୍ଣ ହଂସ, ସମ୍ପାଦକ ଭାବେ ବିଷ୍ଣୁପ୍ରସାଦ ଗହିର, ସହ ସମ୍ପାଦକ ଭାବେ କୁବେର ହଂସ, କୋଷାଧ୍ୟକ୍ଷ ଭାବେ ଦୁର୍ମନ ହଂସ, ଭକ୍ତ ହଂସ, ବୈଷ୍ଣବ ହଂସ, ଉପଦେଷ୍ଟା ଭାବେ ପୃଥ୍ୱିରାଜ ବାଗ, ବୀର ହଂସ, ପାର୍ଥ ହଂସ, ସଦସ୍ୟ ଭାବେ ଛବିଲାଲ ଜାନୀ, ପରମାନନ୍ଦ ଛତ୍ରିଆ, ହରପ୍ରସାଦ ହଂସ, ନରେନ୍ଦ୍ର ପୁଞ୍ଜି, ଯୁବରାଜ ହଂସ ପ୍ରମୁଖ ମନୋନୀତ ହୋଇଛନ୍ତି ।

### ବ୍ୟବସାୟୀଙ୍କୁ ହତ୍ୟା ଉଦ୍ୟମ ଘଟଣାର ନିନ୍ଦା

# ଟିଟିଲାଗଡ଼ ବିଧାୟକଙ୍କ ଗିରଫ ଦାବିକଲା ବିଜେଡ଼ି

ଟିଟିଲାଗଡ଼, ୮ ।୧୦(ସମିସ)




ଟିଟିଲାଗଡ଼ ସହରରେ ଜଣେ ନିରୀହ ବ୍ୟବସାୟୀଙ୍କୁ ହତ୍ୟା ଉଦ୍ୟମ ହୋଇଛି । ମାମଲାକୁ ପୁଲିସ ଚାପିଦେବାକୁ ଉଦ୍ୟମ ହୋଇଥିଲା । ଏନେଇ ଟିଟିଲାଗଡ଼ ସହରର ବ୍ୟବସାୟୀଙ୍କ ସମେତ ସାଧାରଣ ଜନତା ଆତଙ୍କିତ । ମୁଖ୍ୟ ଅଭିଯୁକ୍ତ ଅଙ୍କୁର ଅଗ୍ରୱାଲକୁ ପୁଲିସ ରାତିରେ କୋର୍ଟଚାଲାଣ କରିଥିଲା; ହେଲେ ଗଣମାଧ୍ୟମକୁ ଏନେଇ କୌଣସି ସୂଚନା ଦିଆଗଲା ନାହିଁ। ବଲାଙ୍ଗୀର ଏସପି ଅଭିଲାଷଜୀ ଆସି ଅଙ୍କୁରକୁ ଘରୁ ଉଠାଇ ନେଇଥିଲେ । ବଲାଙ୍ଗୀର ଏଏସପି ଆଲୋକ ଜେନା ଟିଟିଲାଗଡ଼ କୋର୍ଟ ଚାଲାଣ କରିଥିଲେ । ଏମିତିରେ ସରକାରଙ୍କ ପକ୍ଷରୁ ନିୟୋଜିତ ଟିଟିଲାଗଡ଼ ଏସଡ଼ିପିଓ ଯଶୋବନ୍ତ ପ୍ରଧାନୀ, ଥାନା ଆଇଆଇସି କଲ୍ୟାଣୀ ବେହେରାଙ୍କ ଭୂମିକା କାହିଁକି ଗୌଣ କରାଗଲା, କିଏ ସମସ୍ତ ପ୍ରମାଣ ଥାଇ ମଧ୍ୟ ଅଙ୍କୁରଙ୍କ ଗିରଫଦାରିକୁ ରୋକିଥିଲା ବୋଲି ଏଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ବିଜେଡ଼ି ପ୍ରଶ୍ନ କରିଛି । ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ପୌର ଉପାଧ୍ୟକ୍ଷା ପୁଷ୍ପାମଞ୍ଜରୀ ଜାଲ, ବ୍ଲକ ଉପାଧ୍ୟକ୍ଷ ଜଗତରାମ ରଣା, ଦଳର ବରିଷ୍ଠ ନେତା ଚୁଡାଚନ୍ଦ୍ର କୁମ୍ଭାର, ଯୁବ ନେତା ଜ୍ଞାନ ରଞ୍ଜନ ସରାଫ ପ୍ରମୁଖ ଟିଟିଲାଗଡ଼ ସହରରେ ଅଶାନ୍ତି ନେଇ ସିଧାସଳଖ ବିଧାୟକ ନବୀନ ଜୈନଙ୍କୁ ଟାର୍ଗେଟ କରିଛନ୍ତି । ବ୍ୟବସାୟୀ ଶିବଦୟାଲ ଜୈନଙ୍କୁ ବୋଲେରୋ ଚଢାଇ ହତ୍ୟା ଉଦ୍ୟମ କରିଥିବା ଅଙ୍କୁର ଅଗ୍ରୱାଲ ଟିଟିଲାଗଡ଼ ବିଧାୟକ ନବୀନ ଜୈନଙ୍କ ଖାସ ଲୋକ । ପୌର ପରିଷଦ, ବ୍ଲକ, ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ଜଳସେଚନ, ଉଠା ଜଳସେଚନ ଆଦି ସମସ୍ତ ବିଭାଗରେ କିଏ ନିର୍ମାଣ କାର୍ଯ୍ୟ କରିବ, କାହାକୁ ଅନୁଗ୍ରହ ପ୍ରଦର୍ଶନ କରାଯିବ ସେସବୁ ବିଧାୟକ ଶ୍ରୀ ଜୈନଙ୍କ ପକ୍ଷରୁ ଅଙ୍କୁର ଅଗ୍ରୱାଲ ବୁଝାସୁଝା କରୁଥିବା ଜଣାଯାଇଛି । ସେହିପରି କାହାର ବଦଳି କେଉଁଠାକୁ ହେବ, କାହାର ବାଲି, ଗେଟି ଟ୍ରାକ୍ଟର ଗାଡି ରୟାଲଟି ନ ଥିଲେ ମଧ୍ୟ ଛଡ଼ାଯିବ, ଥାନାରେ କାହାକୁ ବନ୍ଧାଯିବ, କେଉଁ ମାମଲାରେ ରାଜିନାମା ହେବ ସେସବୁ ବୁଝିବାକୁ ବିଧାୟକ ଶ୍ରୀ ଜୈନ ତାଙ୍କ ଖାସ ଅନୁଗତ ଅଙ୍କୁରକୁ ଦାୟିତ୍ୱ ପ୍ରଦାନ କରିଥିବା ଆଲୋଚନା ହୋଇଛି ।

ଟିଟିଲାଗଡ଼ ନିର୍ବାଚନ ମଣ୍ଡଳୀ ବଡ଼ମାଲ ଫାଣ୍ଡି ଅଧିକାରୀଙ୍କୁ ମାଡ଼, ସାମ୍ବାଦିକ ସଞ୍ଜୟ ବେହେରାଙ୍କୁ ମରଣାନ୍ତକ ଆକ୍ରମଣ ଏବଂ ଗତ ମାସ ୨୮ରେ ଟିଟିଲାଗଡ଼ ସହରର ବ୍ୟବସାୟୀଙ୍କୁ ଗାଡି ଚପାଇ ହତ୍ୟା ଉଦ୍ୟମ ନେଇ ଉଭୟ ବିଧାୟକ ଏବଂ ଅଙ୍କୁରଙ୍କ ହାତ ଥିବା ବିଜେଡ଼ି ଅଭିଯୋଗ କରିଛି । ଏପରିକି ବିଧାୟକ ଶ୍ରୀ ଜୈନ ସାମାଜିକ ଗଣମାଧ୍ୟମରେ ନିଜ ଫେସବୁକ ପୋଷ୍ଟରେ ଅଙ୍କୁରଙ୍କୁ ବିଜେପିର ଆଗଧାଡିର ନେତା ବୋଲି ଉଲ୍ଲେଖ କରିଥିବା ସାମ୍ବାଦିକ ସମ୍ମିଳନୀରେ ବିଜେଡ଼ି ପ୍ରମାଣ ଦେଇଛି । ଟିଟିଲାଗଡ଼ ଅଞ୍ଚଳରେ ଆଇନ ଶୃଙ୍ଖଳା ପରିସ୍ଥିତି ବିଗିଡ଼ିବା, ଭୟର ବାତାବରଣ ଖେଳିବା ନେଇ ବିଧାୟକ ନବୀନଙ୍କୁ ମଧ୍ୟ ଗିରଫ ସହ ଆଉ କେତେ ଜଣଙ୍କୁ ମାରିବାକୁ ଟାର୍ଗେଟ ଅଛି ତାହା ଲୋକଲୋଚନକୁ ଆଣିବାକୁ ବିଜେଡ଼ି ଦାବି କରିଛି । ଟିଟିଲାଗଡ଼ର ପୂର୍ବତନ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁଙ୍କୁ ବିନା କାରଣରେ ବିଧାୟକ ଲୋକ ପଠାଇ ଗିରଫ ଦାବି କରିଥିଲେ । ବର୍ତ୍ତମାନ ବିଧାୟକ ଏବଂ ତାଙ୍କ ଅନୁଗତ ଜଣେ ନିରୀହ ବ୍ୟବସାୟୀଙ୍କ ହତ୍ୟା ଉଦ୍ୟମରେ ସାମିଲ ଥିବା ଅଭିଯୋଗ ହେଉଥିବା ବେଳେ ବିଧାୟକ କାହିଁକି ନିରବ ବୋଲି ବିଜେଡ଼ି ପ୍ରଶ୍ନ କରିଛି । ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଦଳର ବରିଷ୍ଠ ନେତା ଆଇନଜୀବୀ ଶ୍ୟାମ ପ୍ରସାଦ ଗରିଆ, ବିପିନ ପୃଷ୍ଟି, ବ୍ଲକ ବିଜେଡ଼ି ସଭାପତି ପଦ୍ମଲୋଚନ ପୋଡ଼, ପ୍ରେମ ଜୈନ, ବିକାଶ ପାଣିଗ୍ରାହୀ, ଜିଲ୍ଲା ପରିଷଦ ସଭ୍ୟ ସଞ୍ଜୟ ବେହେରା, ଜଗଦୀଶ ମହାଲିଙ୍ଗ, କାଉନସିଲର ମାନସ ସାହୁ, ରାଜେଶ ପ୍ରଧାନ, ପୁଷ୍ପ ଜୈନ, ଜୟପ୍ରସାଦ ନାଏକ, ହେମରାଜ କଟା, ହିମାଂଶୁ ଲେଙ୍କା, ରୁଦ୍ର ପ୍ରସାଦ ପୁଞ୍ଜି, ବାପି ଗୁମାନ ସିଂ ପ୍ରମୁଖ ଉପସ୍ଥିତ ଥିଲେ ।

## ଲକ୍ଷ୍ମୀ ନାରାୟଣ ବିବାହ ସଂପନ୍ନ



ବେଲପଡା,୮ ।୧୦(ସମିସ): ବଲାଙ୍ଗୀର ଜିଲ୍ଲା ବେଲପଡା ବ୍ଲକ୍ ନୁନହାଡ଼ ଗ୍ରାମରେ ଚାଲିଥିବା ୪୦ତମ ଗଜଲକ୍ଷ୍ମୀ ପୂଜାର ତୃତୀୟ ଦିନରେ ଲକ୍ଷ୍ମୀ ନାରାୟଣ ବିବାହ ସଂପନ୍ନ ହୋଇଛି । ଏଥିରେ ଲକ୍ଷ୍ମୀ ମାଁଙ୍କ ପିତାମାତା ଭାବେ ସୁଶାନ୍ତ ସାହୁ ଓ କଳ୍ପନା ସାହୁ ରହିଥିବାବେଳେ ବିଷ୍ଣୁଙ୍କ ପିତାମାତା ଭାବେ ପ୍ରମୋଦ ମେହେର ଓ ତାଙ୍କ ପତ୍ନୀ ଉର୍ମିଳା ମେହେର ରହିଥିଲେ । ଏହି ଅବସରରେ ଲକ୍ଷ୍ମୀ ନାରାୟଣଙ୍କ ଯୁଗଳ ପ୍ରତିମାଙ୍କୁ ବଜାଗଜା ସହ ଗ୍ରାମ ପରିଭ୍ରମଣ କରାଯାଇଥିଲା । ଯୁଗଳପ୍ରତିମାଙ୍କୁ ଗାଁର ମହିଳାମାନେ ନିଜ ଘର ସମ୍ମୁଖରେ କଳସ ସ୍ଥାପନ କରି ଅପେକ୍ଷା କରିଥିଲେ । ଲକ୍ଷ୍ମୀନାରାୟଣଙ୍କ ଯୁଗଳ ପ୍ରତିମା ପହଞ୍ଚିବା ପରେ ଗାଁର ମହିଳାମାନେ ପୂଜାର୍ଚ୍ଚନା କରି ବିଦାୟ ଜଣାଇଥିଲେ ଶ୍ୟାମସୁନ୍ଦର ପଣ୍ଡା ପୂଜା ଦାୟିତ୍ୱ ସମ୍ପନ୍ନ କରିଥିଲେ । କମିଟିର ସଭାପତି ଗଣେଶ ମେହେର, ଉପସଭାପତି ନରେଶ ସାହୁ, ସଂପାଦକ ସୂର୍ଯ୍ୟକାନ୍ତ ପୁଟେଲ, ସହସଂପାଦକ ଉଗ୍ରେସନ ନାଏକ, କୋଷାଧ୍ୟକ୍ଷ ରୋହିତ ବେହେରା ଓ ଅନ୍ୟମାନଙ୍କ ସହଯୋଗରେ ପୂଜା ଚାଲୁଛି ।

## ୩୩ତମ ମା' ଗଜଲକ୍ଷ୍ମୀଙ୍କ ପୂଜୋତ୍ସବ



ଲୋଇସିଂହା,୮ ।୧୦(ସମିସ): ବଲାଙ୍ଗିର ଜିଲ୍ଲା ଲୋଇସିଂହା ବ୍ଲକ୍ ଛକରେ ଅନୁଷ୍ଠିତ ହୋଇଆସୁଥିବା ମା' ଗଜଲକ୍ଷ୍ମୀଙ୍କ ପୂଜା ୩୩ ବର୍ଷରେ ପ୍ରଦାର୍ପଣ କରିଛି । ଶୁକ୍ରବାର ସକାଳୁ ମାଙ୍କ ପୂର୍ଣ୍ଣାହୁତି ପଡିବା ପରେ ସଂଧ୍ୟାରେ ଭସାଣୀ କରାଯିବ । ମୃତ୍ୟୁଞ୍ଜୟ ବଡପଣ୍ଡା ସସ୍ତ୍ରୀକ କର୍ତ୍ତା ଭୂମିକାରେ ରହିଛନ୍ତି । ମୁଖ୍ୟ ପୂଜକ ଭାବେ ପ୍ରଫୁଲ୍ଲ ମିଶ୍ର ଦାୟିତ୍ୱ ତୁଲାଉଛନ୍ତି ।

### ଭୂତିଆରବାହାଲ ଅତିଷ୍ଠ କରୁଛି ବେଆଇନ ପଥରଖନନ

## କ୍ରସର ବନ୍ଦ ପାଇଁ ଜିଲ୍ଲାପାଳଙ୍କୁ ଗ୍ରାମବାସୀଙ୍କ ଦାବି



ଦେଓଗାଁ,୮ ।୧୦(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ତଥା ସଦର ବ୍ଲକ ଭୂତିଆରବାହାଲ ପଞ୍ଚାୟତ ଭୂତିଆରବାହାଲ ଗାଁରେ ଅନେକଦିନରୁ ଏକ କ୍ରସର ଚାଲିଛି । ଏହି କ୍ରସର ଯୋଗୁଁ ଗାଁ ଲୋକେ ହନ୍ତସନ୍ତ ହେଉଥିବା ଜିଲ୍ଲାପାଳ ଗୌରବ ଶିବାଜୀ ଇସଲୱରଙ୍କୁ ଅଭିଯୋଗ କରିଛନ୍ତି । ଏହାସହ ଉପଜିଲ୍ଲାପାଳ ଓ ସ୍ଥାନୀୟ ଥାନା ଅଧିକାରୀଙ୍କୁ ଅବଗତ କରିଛନ୍ତି । କ୍ରସର ଚାଲିବା ଫଳରେ ଭୂତିଆରବାହାଲ ନିକଟସ୍ଥ ଏକ ପାହାଡ ସମ୍ପୂର୍ଣ୍ଣ ଧ୍ୱଂସ ପାଇ ଗଲାଣି । ପାହାଡତଳକୁ ପ୍ରାୟ ୩୦/୪୦ଫୁଟ ଗଭୀରର ଏକ ଗାତ ମଧ୍ୟ ହୋଇସାରିଛି । ଏହି କ୍ରସରରେ ପିଚୁ ପ୍ଲାଣ୍ଟ ମଧ୍ୟ ବସିଛି । ବେଆଇନ ଭାବେ ପଥର ଖନନ ଯୋଗୁ ବାୟୁ ପ୍ରଦୂଷଣ ହେଉଛି । ଆଖାପାଖ ଗାଁ ନୁନିଆଁଡ଼ିପା, ଭୂତିଆରବାହାଲ ଆଦିଗାଁର ଚାଷୀ ଏହାଦ୍ୱାରା ପ୍ରଭାବିତ ହେଉଛନ୍ତି । ଜନସାଧାରଣ ମଧ୍ୟ ରୋଗାକ୍ରାନ୍ତ ହେଉଥିବା ଅଭିଯୋଗ କରିଛନ୍ତି । ଏଥିସହ କ୍ରସରରୁ ବାହାରୁଥିବା ଧୂଆଁ ଓ ଧୂଳିଗୁଣ୍ଡ ଯୋଗୁଁ କ୍ରସରକୁ ଲାଗିରହିଥିବା ଗାଁର ଲୋକେ ଶ୍ୱାସରୋଗର ଶିକାର ହେଉଛନ୍ତି । ଆଖପାଖ ବୋରୱେଲରୁ ଆଉ ପାଣି ବାହାରୁନାହିଁ। କ୍ରସରରେ ବାରମ୍ବାର ବିସ୍ଫୋରଣ ଯୋଗୁ ପାଖ ଗାଁରେ ଭୟର ବାତାବରଣ ସୃଷ୍ଟି ହେଉଛି । ଲୋକେ ଠିକରେ ଶୋଇ ପାରୁ ନାହାନ୍ତି । ଗାଁର ଆଶୀର୍ବାଦ ସାହୁ, ପୁରୁଷୋତ୍ତମ ବାଗ, କୈଳାସ ଭାଟି, ମିତା ନାଏକ, ଟୁନା ବାଗ, ଶ୍ୟାମ ଭୋଇ, କୈଳାସ ଚନ୍ଦ୍ର ଭୋଇ, ସୁମନ ନାଏକ ପ୍ରମୁଖ ଏହି ଅଭିଯୋଗ କରିଛନ୍ତି ।

## ଡଙ୍ଗରପଡ଼ା ପ୍ରସିଦ୍ଧ କାନ୍ଦୁଲବୁଢ଼ା ଯାତ୍ରା ଉଦ୍‌ଯାପିତ



ଦେଓଗାଁ ୮ ।୧୦ (ସମିସ):ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଧଣ୍ଡାମାଲ ପଞ୍ଚାୟତ ଡଙ୍ଗରପଡା ଦେଶଗୁଡିଖଳାରେ ୪ଦିନ ଧରି ଚାଲିଥିବା ପ୍ରସିଦ୍ଧ କାନ୍ଦୁଲବୁଢ଼ା ଯାତ୍ରା ବୁଧବାର ଅପରାହ୍ନରେ ଉଦ୍‌ଯାପିତ ହୋଇଛି । ଜରାସିଂହାର ପ୍ରସିଦ୍ଧ ପାଟଖଣ୍ଡା ଦେବୀଙ୍କ ଯାତ୍ରା ସମ୍ପନ୍ନ ପରେ ସେଠାରୁ ପାଟସିନ୍ଦୂର ଅଣାଯାଇ କାନ୍ଦୁଲବୁଢ଼ା ଯାତ୍ରା ଅନୁଷ୍ଠିତ ହୋଇଥାଏ । ନିକଟସ୍ଥ ଧଣ୍ଡାମାଲ, ବନ୍ଧପଡା, ସିଂହାମୁଣ୍ଡା ଓ ବ୍ରାହ୍ମଣୀଯୋର ଆଦି ୪ଟି ପଞ୍ଚାୟତର ୧୬ ଖଣ୍ଡ ଗାଁର ଗଉଁନ୍ତିଆ, ଦେହେରିଆ, ଝାଙ୍କର, ନରିହା ଓ ଗ୍ରାମବାସୀ ଏଥିରେ ସହଯୋଗ କରିଥିଲେ । ଅମିତ କୁମାର ସିଂ ନିନାଙ୍କ ସଭାପତିତ୍ୱରେ ତଥା ହେଡ ମଲ୍ଲିକ ବାସୁଦେବ ସିଂ ନିନାଙ୍କ ପରିଚାଳନାରେ ଚାଲିଥିବା ଏହିଯାତ୍ରାରେ ମୁଖ୍ୟ ଦେହୂରୀ ଶିବା ପ୍ରଧାନୀ, ମୁଖ୍ୟ ପୂଜକ ଚନ୍ଦ୍ର ପ୍ରଧାନୀ, ଡେବରିଆ ଗୌର ବାଗ ଓ ଭୁଜନିଆ ଚକ୍ରାନନ୍ଦ ବଗର୍ତ୍ତି ଓ ଦ୍ୱୀତିୟ ମଲ୍ଲିକ ଭାବେ ସଦାନନ୍ଦ ସିଂ ନିନା ଦାୟିତ୍ୱ ନିର୍ବାହ କରିଥିଲେ । ପୁରୁଷୋତ୍ତମ ସାହୁ, ରାଜେନ୍ଦ୍ର ଷାଣ୍ଢ, ହରୀ ବଗର୍ତ୍ତି ତଥା ୧୬ ଖଣ୍ଡ ଗାଁର ସମସ୍ତ ସଭ୍ୟବୃନ୍ଦ ତଥା କାନ୍ଦୁଲବୁଢ଼ା ଦେଶ କମିଟି ଅନ୍ତର୍ଲାର କର୍ମକର୍ତ୍ତା ସହଯୋଗ କରିଥିଲେ ।

## କଣ୍ଟାବାଞ୍ଜିରେ ଓକିଲଙ୍କ କଲମଛାଡ଼ ଆନ୍ଦୋଳନ



କଣ୍ଟାବାଞ୍ଜି,୮ ।୧୦(ସମିସ): ବ୍ରହ୍ମପୁରର ଆଇନଜୀବୀ ପୀତବାସ ପଣ୍ଡାଙ୍କୁ ଗୁଳିକରି ହତ୍ୟା ଘଟଣାରେ ଅଭିଯୁକ୍ତଙ୍କୁ ଗିରଫ ଓ ତାଙ୍କ ପରିବାର ଲୋକଙ୍କୁ ୧ କୋଟି ଟଙ୍କା ସହାୟତା ଦାବି ନେଇ ସାରା ଓଡିଶାରେ ଓକିଲଙ୍କ ତରଫରୁ କଲମଛାଡ଼ ଆନ୍ଦୋଳନ କରାଯାଇଛି । ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ବାର୍ ଏସୋସିଏସନ ପକ୍ଷରୁ ମଧ୍ୟ ଏହାକୁ ବିରୋଧ କରି କଲମ ଛାଡ଼ ଆନ୍ଦୋଳନ କରାଯାଇଛି । ଘଟଣାର ଉଚ୍ଚସ୍ତରୀୟ ବିଚାର ବିଭାଗୀୟ କମିଶନ ଦ୍ୱାରା ତଦନ୍ତ ପାଇଁ ଦାବି କରାଯାଇଛି । ଆଇନଜୀବୀଙ୍କୁ ଆବଶ୍ୟକ ସୁରକ୍ଷା ଦେବା ପାଇଁ ଆଇନ ଆଣିବା ଲାଗି ଦାବି କରାଯାଇଛି । ତେବେ ଏହି ଆନ୍ଦୋଳନ ଯୋଗୁଁ କୋର୍ଟରେ କାମ ପ୍ରଭାବିତ ହୋଇଥିବା ଦେଖିବାକୁ ମିଳିଛି ।

## ପୁଡାପାଟ ଯାତ୍ର ଉଦ୍‌ଯାପିତ







ବଲାଙ୍ଗିର,୮ ।୧୦(ସମିସ): ଆଟଗାଁସ୍ଥିତ ସହିଦ ଧର୍ମସିଂ ମାଝୀ ମାନ୍ଧାତାଙ୍କ ସ୍ମୃତିପୀଠରେ ପ୍ରସିଦ୍ଧ ପୁଡାପାଟ ଯାତ୍ର ଅନୁଷ୍ଠିତ ହୋଇଯାଇଛି । ଗତ ୨୯ ତାରିଖରେ ନିଶିଯାତ୍ରା, ୩୦ରେ ଛତର ଯାତ୍ରା ହୋଇଥିଲା । ୧ ତାରିଖରୁ ୭ ତାରିଖ ପର୍ଯ୍ୟନ୍ତ ପୁଡାପାଟ ପୂଜା .ଲିଥିଲା । ଉତ୍କଳ କନ୍ଧ ସମାଜ ମାଝି ପ୍ରଗଣା ପୂଜା ପରି.ଳନା କରିଥିଲା । ସଭାପତି ଆର୍କିନ୍ଦ୍ରି ମାଝୀ, ସହଯୋଗୀ ଆଦିବାସୀ ଅଧିକାର ମହାସଂଘର ସଭାପତି ମୟ ପ୍ରଧାନ ଏହି କାର୍ଯ୍ୟକ୍ରମ କରିଥିଲେ । ମୁଖ୍ୟ କର୍ତ୍ତା ଭାବେ ଚମାର ସିଂ ଭୋଇ ଏବଂ ତାଙ୍କର ପତ୍ନୀ ସବିତା ଭୋଇ ରହିଥିଲେ । ମୁଖ୍ୟ ପୂଜକ ସୋମନାଥ ଦେହେରିଆ, ଛତ୍ରିଆ କଳାକାହ୍ନୁ ମାଝି, ବରିହା ଗଣ୍ଡ, ଧରୁଆ ଜଗଦୀଶ କୁଅଁର, ଅନନ୍ତା ହେହେରିଆ, ଶୁଶାନ୍ତ ମଲ୍ଲିକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ସନ୍ତୋଷ କାଲସାଏ, ହରେକୃଷ୍ଣ ନାଗ, ସୁକେଶ କୁଅଁର, ଆକୁଳ ମଲ୍ଲିକ ସହଯୋଗ କରିଥିଲେ ।

## ଟେଣ୍ଟ ହାଉସ ମାଲିକ ସଂଘର ନୂତନ କର୍ମକର୍ତ୍ତା




ବଲାଙ୍ଗିର,୮ ।୧୦(ସମିସ): ବଲାଙ୍ଗିର ସହରର ଏକ ଘରୋଇ ହେଟେଲରେ ଜିଲ୍ଲା ଟେଣ୍ଟ ହାଉସ ମାଲିକ ସଂଘର ଏକ ସଭା ଅନୁଷ୍ଠିତ ଅନୁଷ୍ଠିତ ହୋଇଯାଇଛି । ସର୍ବ ସମ୍ମତିକ୍ରମେ ବରୁଣ ହେର୍ଣ୍ଣା ଚେୟାରମେନ ରୂପେ ମନୋନିତ ହୋଇଥିବା ବେଳେ ସଭାପତି ଭାବେ ପ୍ରେମଜିତ କୁମାର, ଉପ-ସଭାପତି ଭାବେ ନିରଞ୍ଜନ ବାଗ, ସଂପାଦକ ଭାବେ ସୁଦାମ ଦାଶ, ସହ ସଂପାଦକ ଶଶାଙ୍କ ଶେଖର ମେହେର, କୋଷାଧ୍ୟକ୍ଷ ଭାବେ ସୁଶାନ୍ତ ପୁରୋହିତ ମନୋନିତ ହୋଇଛନ୍ତି ଅଶୋକ ସାହୁ, ଶରତ ତ୍ରିପାଠି, ରଂଜିତ ବେହେରା, ନିକଦିମ ଛତ୍ରିଆ, ନଗେନ୍ଦ୍ର ନିହାଲ, ହୃଦା ଗଡତ୍ୟା, ବାପି ପୋଡ ପ୍ରମୁଖ ସଦସ୍ୟ ରହିଛନ୍ତି ।

### ମାକ୍ରିପଡ଼ା ସ୍କୁଲରେ ଛାତ୍ରଙ୍କୁ ମାଡ଼ ଘଟଣା

# ପୁଣି ସ୍କୁଲରେ ତାଲା ପକାଇ ଆନ୍ଦୋଳନ

କଣ୍ଟାବାଞ୍ଜି,୮ ।୧୦(ସମିସ)




ମୁରିବାହାଲ ବ୍ଲକ ଲେବଡା ପଞ୍ଚାୟତ ମାକ୍ରିପଡ଼ା ସ୍କୁଲରେ ଜଣେ ଛାତ୍ରଙ୍କୁ ମାଡ଼ ଘଟଣାରେ ଅଭିଭାବକମାନେ ପୁଣି ସ୍କୁଲରେ ତାଲା ପକାଇ ଆନ୍ଦୋଳନ କରିଛନ୍ତି । ପ୍ରତିଶ୍ରୁତି ଦେଇ ନ୍ୟାୟ ଦେବାରେ ବିଫଳ ହୋଇଛନ୍ତି କଣ୍ଟାବାଞ୍ଜି ଏସଡିପିଓ । ଏଣୁ ଆନ୍ଦୋଳନକାରୀ ଏସଡିପିଓ ଏବଂ ଜିଲ୍ଲା ପ୍ରଶାସନ ବିରୋଧରେ ନାରାବାଜି କରିଥିଲେ ।

ମାକ୍ରିପଡ଼ା ଗାଁର ସରକାରୀ ବିଦ୍ୟାଳୟରେ ଗାଁର ୩ ଜଣ ଯୁବକ ପଶି ଜଣେ ଛାତ୍ରଙ୍କୁ ଆକ୍ରମଣ କରିଥିଲେ । ଏନେଇ ଛାତ୍ରଙ୍କ ଅବିଭାବକ ମୁରିବାହାଲ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୁଲିସ ମାମଲା ରୁଜୁ କରିଛି; ହେଲେ ସଂପୃକ୍ତ ଯୁବକମାନଙ୍କୁ ଏ ପର୍ଯ୍ୟନ୍ତ ଗିରଫ କରିନି । ଏଣୁ ଛାତ୍ରଛାତ୍ରୀ, ଅବିଭାବକ, ବିଦ୍ୟାଳୟ କର୍ତ୍ତୃପକ୍ଷ ବିଦ୍ୟାଳୟ ସମ୍ମୁଖରେ ତାଲା ମାରି ପ୍ରତିବାଦ କରିଥିଲେ । ଘଟଣାସ୍ଥଳରେ କଣ୍ଟାବାଞ୍ଜି ଏସ୍‌ଡିପିଓ ଲକ୍ଷ୍ମୀନାରାୟଣ ମାରାଣ୍ଡି ପହଞ୍ଚି ୭ଦିନ ମଧ୍ୟରେ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ପ୍ରତଶ୍ରୁତି ଦେଇଥିଥିଲେ । ଏହାପରେ ଗାଁ ଲୋକେ ଆନ୍ଦୋଳନରୁ ଓହରି ଯାଇଥିଲେ; କିନ୍ତୁ ୭ ଦିନରୁ ଅଧିକ ସମୟ ହୋଇ ଯାଇଥିଲେ ମଧ୍ୟ ଏସଡିପିଓ ନ୍ୟାୟ ଦେବାରେ ବିଫଳ ହୋଇଛନ୍ତି । ଏଣୁ ବୁଧବାର ଅଭିଭାବକମାନେ ଛାତ୍ରଛାତ୍ରୀ ଏବଂ ଗାଁ ଲୋକଙ୍କୁ ନେଇ ମାକ୍ରିପଡ଼ା ବିଦ୍ୟାଳୟ ସମ୍ମୁଖରେ ତାଲା ମାରି ପ୍ରତିବାଦ କରିଥଲେ । ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ଏହି ଘଟଣା ହେବା ପରେ ପୁଲିସ ଅଭିଯୋଗ ଗ୍ରହଣ କରିଛି । ଅଭିଯୁକ୍ତ କିନ୍ତୁ ବୁଲୁଛନ୍ତି ।

ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ସ୍କୁଲ ଖୋଲାଯିବନି । ସଂପୃକ୍ତ ଯୁବକମାନଙ୍କୁ କଣ୍ଟାବାଞ୍ଜି ଏସଡିପିଓ ଲକ୍ଷ୍ମୀନାରାୟଣ ମାରାଣ୍ଡି ସୁରକ୍ଷା ଦେଇ ଘଟଣା ଚାପି ଦେବାକୁ ଉଦ୍ୟମ କରୁଛନ୍ତି । ସେଥିପାଇଁ ସେ ଯୁବକମାନେ ବାହାରେ ଖୋଲାଖୋଲି ବୁଲୁଛନ୍ତି ବୋଲି ଅଭିଭାବକମାନେ କହିଛନ୍ତି । ବିଦ୍ୟାଳୟରେ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିଛି । ଏଣୁ ଅଭିଭାବକମାନେ ଅସନ୍ତୋଷ ପ୍ରକାଶ କରି ନିଜ ପୁଅଝିଅଙ୍କୁ ବିଦ୍ୟାଳୟ ପଠାଇବା ବନ୍ଦ କରିଦେଇଛନ୍ତି ।

## ଜିଲ୍ଲା ଉନ୍ନୟନ ସମନ୍ୱୟ ଏବଂ ପର୍ଯ୍ୟାଲୋଚନା କମିଟି ବୈଠକ




ବଲାଙ୍ଗିର,୮ ।୧୦(ସମିସ): ବୁଧବାର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ବଲାଙ୍ଗିର ଜିଲ୍ଲା ଉନ୍ନୟନ ସମନ୍ୱୟ ଏବଂ ପର୍ଯ୍ୟାଲୋଚନା କମିଟି (ଦିଶା)ର ବୈଠକ ଅନୁଷ୍ଠିତ ହୋଇଯାଇଛି । କମିଟିର ଅଧ୍ୟକ୍ଷା ତଥା ବଲାଙ୍ଗିର ଲୋକସଭା ସାଂସଦ ସଂଗୀତା କୁମାରୀ ସିଂହଦେଓ ଅଧ୍ୟକ୍ଷତା କରିଥିଲେ । କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ଜିଲ୍ଲାପାଳ ଗୌରୱ ଶିୱାଜୀ ଇସଲୱାର, ବଲାଙ୍ଗିର ଉପଜିଲ୍ଲାପାଳ ଆଲୋକ ପଟେଲ, ପାଟଣାଗଡ ଉପଜିଲ୍ଲାପାଳ ସୁନୀଲ ମେହେର ଏବଂ ବିଧାୟକମାନଙ୍କ ପ୍ରତିନିଧି ପ୍ରମୁଖଙ୍କ ଉପସ୍ଥିତିରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା ।

# ଶିକାରୀ ମୃତ୍ୟୁ ଘଟଣାରେ ଜଣେ କୋର୍ଟ ଚାଲାଣ

**ଲାଞ୍ଜିଗଡ଼, ୮ ।୧୦ (ସମିସ):** ଶିକାରୀ ମୃତ୍ୟୁ ଘଟଣାରେ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି ନର୍ଲା ପୁଲିସ। ସୂଚନାଯୋଗ୍ୟ ହାତ ତିଆରି ଦେଶୀ ବନ୍ଧୁକ ଧରି ଚାରି ଜଣ ମିଶି ଜଙ୍ଗଲକୁ ଶିକାର କରିବାକୁ ଯାଇଥିଲେ। ୩ଜଣ ଘରକୁ ଫେରିଥିବା ବେଳେ ଜଣେ ପ୍ରାଣ ହରାଇଲେ। ଏଭଳି ଏକ ଘଟଣା କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ କଦମ୍ବଗୁଡ଼ା ପଞ୍ଚାୟତ ତଥା ନର୍ଲା ଥାନା ଅନ୍ତର୍ଗତ ଖୀଜ୍ୱାଭଟା ଗାଁରେ ଘଟିଥିଲା। ଗାଁର ସଦା ଗୌଡ ନିଜର ତିନିଜଣ ସାଙ୍ଗ ଲଛମନ ଗଉଡ, ଯଦୁମଣି ଗଉଡ଼ ଓ ଗୋପୀନାଥ ଗଉଡ଼ ସହିତ ମିଶି ଶନିବାର ସକାଳୁ ଗାଁକୁ ଲାଗିଥିବା ଜଙ୍ଗଲକୁ ଶିକାର କରିବାକୁ ଯାଇଥିଲେ। ଦିନସାରା ବୁଲି ବୁଲି କିଛି ନ ପାଇବାରୁ ପାଖରେ ଥିବା ପଖାଳକୁ ଖାଇସାରି ପୁଣି ଜନ୍ତୁ ଖୋଜିବାକୁ ବାହାରିଥିଲେ। ସେଇ ସମୟରେ ସଦା ନିଜେ ଧରିଥିବା ବନ୍ଧୁକରୁ ଗୁଳି ଫୁଟି ତାଙ୍କ ମୃତ୍ୟୁ ଘଟିଥିବା ଅଭିଯୁକ୍ତମାନେ କହିଥିଲେ। ଘଟଣା ସମ୍ପର୍କରେ ଖବର ପାଇ କେସିଙ୍ଗା ଏସଡିପିଓ ସନ୍ଦୀପ ମାଝୀଙ୍କ ସମେତ ନର୍ଲା ଥାନାଧିକାରୀ ବିଜୟରାଜ ମାଝୀ ଓ ସିକେରକୁପା ଫାଣ୍ଡି ଅଧିକାରୀ ମୁରଲୀ ମୋହନ ପିଡିକାଙ୍କ ନେତୃତ୍ୱରେ ପୁଲିସ



ପହଞ୍ଚି ଶବ ଜବତ କରିବା ସହିତ ତଦନ୍ତ କରି ତିନିଜଣ ସନ୍ଦିଗ୍ଧଙ୍କୁ ଗିରଫ କରି ପଚରାଉଚରା କରିବା ପରେ ପାହାଡ଼ରୁ ଓହ୍ଲାଉଥିବା ସମୟରେ ପଛରେ ଚାଲୁଥିବା ଲଛମନ କୁଆଡେ ଏକ ପଥରରେ ଖସିପଡ଼ିଥିଲେ। ସେଇ ସମୟରେ ଲଛମନ୍ ଧରିଥିବା ବନ୍ଧୁକରୁ ଗୁଳି ଫୁଟି ଆଗରେ ଚାଲୁଥିବା ସଦାର ଦେହକୁ ଭେଦି ବାହାରି ଯିବାରୁ ତାଙ୍କର ସେଠାରେ ହିଁ ମୃତ୍ୟୁ ଘଟିଥିବା ଅଭିଯୁକ୍ତ ଲଛମନ ସ୍ୱୀକାର କରିଥିବା ନର୍ଲା ପୁଲିସ ପ୍ରକାଶ କରିଛି। ଘଟଣାରେ ଲଛମନ ଗୌଡ (୪୫)କୁ ଗିରଫ କରି ମଦନପୁର ରାମପୁର କୋର୍ଟକୁ ଚାଲଣ ସହ ଦେଶୀ ବନ୍ଧୁକ ମଧ ଜବତ କରାଯାଇଛି ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି।

# ବୃନ୍ଦାବାହାଲ ଠାରେ ସ୍ୱାଗତ ସମ୍ମିଳନୀ




**ଧର୍ମଗଡ଼, ୮ ।୧୦ (ସମିସ):** ଗୋଲାମୁଣ୍ଡା ବ୍ଲକ ବୃନ୍ଦାବାହାଲ ଉଚ୍ଚ ମାଧମିକ ବିଦ୍ୟାଳୟ ଠାରେ ଉଦଘାଟନ ଉତ୍ସବ ତଥା ସ୍ୱାଗତ ସମ୍ମିଳନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧକ୍ଷ ଅରୁଣ କୁମାର ରାଉତଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେସ୍ଥାନୀୟ ସରପଞ୍ଚ ଦିନେଶ ରାଉତ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଚଳିତ ବର୍ଷ ସରକାର ଉକ୍ତ ବିଦ୍ୟାଳୟକୁ ଯୁକ୍ତ-୨ବିଜ୍ଞାନ ପଦୋନ୍ନତି କରିଥିବା ବେଳେ ବିଭିନ୍ନ ଅଞ୍ଚଳରୁ ଛାତ୍ରଛାତ୍ରୀ ନା ଲେଖାଇ ଅଧୟନ କରିବାର ସୁଯୋଗ ପାଇଛନ୍ତି।ଯୁକ୍ତ ୨ବିଜ୍ଞାନରେ ନାଁ ଲେଖାଇ ଥିବା ଛାତ୍ରଛାତ୍ରୀଙ୍କୁ କାର୍ଯ୍ୟକ୍ରମ ସ୍ୱାଗତ ଜଣାଇ ତାଙ୍କର ଭବିଷ୍ୟତ ଉଜ୍ୱଳ କାମନା କରାଯାଇଛି। ସମ୍ମାନିତ ଅତିଥି ଭାବରେ ଗୋଲାମୁଣ୍ଡା ଜୋନ-୧ ଜିଲ୍ଲା ପରିଷଦ ସଭ୍ୟା ହେମାଙ୍ଗିନୀ ରାଉତ, ଗୋଲାମୁଣ୍ଡା ବିଇଓ ରାଜେଶ କୁମାର ନାୟକ, ସମିତି ସଭ୍ୟ ଗୋରେଖ ବିଶି, ଗଣ୍ଡାମେର ପୂର୍ବତନସରପଞ୍ଚ ରାହାସ ବିହାରୀ ନାଏକ, ଗଣ୍ଡାମେର ସମିତି ସଭ୍ୟ ଦୈତାରି ରାଉତ, ସ୍କୁଲ କମିଟି ସଭାପତି ବଭ୍ରୁବାହନ ଟୋଲଟିଆ, ସମାଜସେବୀ ପ୍ରସନ୍ନ ରାଉତ, ଦେବରାଜ ରାଉତ, ପୂର୍ବତନ ପ୍ରଧାନ ଶିକ୍ଷକ ନବରତ୍ନ ରାଉତ ପ୍ରମୁଖ ଛାତ୍ରଛାତ୍ରୀଙ୍କୁ ଉତ୍ସାହ ଓ ପ୍ରେରଣା ଯୋଗାଇଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅରୁଣ ରାଉତ ଯୁକ୍ତ-୨ବିଜ୍ଞାନ ଛାତ୍ରଛାତ୍ରୀଙ୍କୁ ନିଷ୍ଠା ଓ କଠିନ ପରିଶ୍ରମ କରିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷକ ତରଙ୍ଗ ଚଣ୍ଡୀ ମଞ୍ଚ ପରିଚାଳନା କରିଥିଲେ।

## କେଲାକଟାରେ ଘର ଉପରେ ବଜ୍ରପାତ

# ଅଳ୍ପକେ ବର୍ତ୍ତିଲେ ପରିବାରର ୩ ସଦସ୍ୟ

**ବୌଦ୍ଧ, ୮ ।୧୦(ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ କେଲାକଟା ଗ୍ରାମରେ ବୁଧବାର ସନ୍ଧ୍ୟାରେ ଗୋଟିଏ ଘର ଉପରେ ବଜ୍ରପାତ ହୋଇଛି। ତେବେ ଘରେ ଥିବା ପରିବାରର ୩ ସଦସ୍ୟ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସନ୍ଧ୍ୟାରେ ବର୍ଷା ସହ ବିଜୁଳି ମାରିଥିଲା। କେଲାକଟା ଗ୍ରାମର ପୀତବାସ ପ୍ରଧାନଙ୍କ ଘର ଉପରେ ବଜ୍ରପାତ ହୋଇଥିଲା। ଏହାଫଳରେ ତାଙ୍କ ଛାତ ଘରର ତାଜା କଣା ହେବା ସହ ଘର ମଧ୍ୟରେ ଥିବା ପୀତବାସ, ପତ୍ନୀ ରଶ୍ମିତା ଓ ପୁଅ ରଘୁନାଥ ଆହତ ହୋଇଥିଲେ। ସମସ୍ତଙ୍କୁ ବୌଦ୍ଧ ଡାକ୍ତରଖାନା ଅଣା ଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ସମସ୍ତେ ବିପଦମୁକ୍ତ ରହିଛନ୍ତି।

## ■ ୨୧ନଭେମ୍ବରରୁ ଗିରି ଗୋବର୍ଦ୍ଧନ ପୂଜା

# କୋମନା ଯାଦବ ସମାଜର ପ୍ରସ୍ତୁତି



**ନୂଆପଡ଼ା/କୋମନା, ୮ ।୧୦ (ସମିସ):** ଆସନ୍ତା ନଭେମ୍ବର ୨୧ ତାରିଖରୁ ଗିରି ଗୋବର୍ଦ୍ଧନ ପୂଜା ଆରମ୍ଭ ହେବାକୁ ଯାଉଛି। ଏନେଇ କୋମନା ବ୍ଲକ ସଦର ମହାକୁମାରେ ଯାଦବ ସମାଜ ତରଫରୁ ପୂଜା କମିଟି ସଭାପତି କୈଳାଶ ଚନ୍ଦ୍ର ବାଗଙ୍କ ଅଧକ୍ଷତାରେ ସ୍ଥାନୀୟ କଲ୍ୟାଣ ମଣ୍ଡପରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କୋମନା ଗିରି ଗୋବର୍ଦ୍ଧନ ପୂଜା ବର୍ତ୍ତମାନ ଚତୁର୍ଥ ବର୍ଷ ପାଇଁ ପାଳନ ହେବାକୁ ଯାଉଛି। କାର୍ଯ୍ୟକ୍ରମକୁ କିପରି ଭବ୍ୟ କରାଯିବ ଆଲୋଚନା କରାଯାଇଥିଲା। ବୈଠକରେ ପୂଜା କମିଟିର ସାଧାରଣ ସମ୍ପାଦକ ମୁକୁନ୍ଦ ଚିନାଗୁନ, କୋଷାଧକ୍ଷ ମନୋଜ ଅଦା, କମିଟିର ସଦସ୍ୟ ସାଗର ଠେଲା, କାର୍ତ୍ତିକ ବାଗ, ବଳମତ ଘିବେଲା, କୁନୁ କଣ୍ଟା, ପରଜିତ କରୁଆଁ, ମହେନ୍ଦ୍ର କଣ୍ଟା, ହଜାରୁ ନିଆଲ, ରିତେକ୍ ପୋଡ, ନବୀନ ନିଆଲ, ପୂର୍ଣ୍ଣଚନ୍ଦ୍ର ନିଆଲ, ଦୂତିକୃଷ୍ଣ କଣ୍ଟା, ଲମ୍ବୋଦର ନିଆଲ, ପ୍ରେମ ନାଗ, ସୁରେଶ ତୁଣ୍ଡି, ତେଜ ନାଗ, ଥବିର କାଣ୍ଡ, ରୁଦ୍ର ନିଆଲ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲାସ୍ତରୀୟ କପା କ୍ରୟ କମିଟି ବୈଠକ

# ନଭେମ୍ବର ୨୬ରୁ କପା ସଂଗ୍ରହ

**ଭବାନୀପାଟଣା, ୮ ।୧୦(ସମିସ)**

କଳାହାଣ୍ଡି ଜିଲ୍ଲାସ୍ତରୀୟ କପାକ୍ରୟ କମିଟି ବୈଠକ ବୁଧବାର ଭବାନୀପାଟଣା ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଦଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ଅଧକ୍ଷତା କରିଥିଲେ। ପ୍ରାରମ୍ଭରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶୁଭେନ୍ଦୁ କର ଆଗାମୀ କପା ସଂଗ୍ରହ ପାଇଁ ଜିଲ୍ଲା ପ୍ରଶାସନ ଓ କୃଷି ବିଭାଗ ନେଇଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ବୈଠକରେ ନିଷ୍ପତ୍ତି କ୍ରମେ ଆସନ୍ତା ନଭେମ୍ବର ୨୬ ତାରିଖରୁ ଜିଲ୍ଲାର ୨ଟି କପା ମଣ୍ଡି ତଥା ଭବାନୀପାଟଣା ବ୍ଲକସ୍ଥିତ କର୍ଲାପଡ଼ା ଓ କେସିଙ୍ଗା ବ୍ଲକସ୍ଥିତ ଉକ୍ରେଲା ଠାରେ କପା ସଂଗ୍ରହ ପ୍ରକ୍ରିୟା ଆରମ୍ଭ କରାଯିବ। ସେହିପରି ଗୋଲାମୁଣ୍ଡା ବ୍ଲକ ସ୍ଥିତ ଉଛଲା ମଣ୍ଡି ଏଥର କଟି ଯାଇ କର୍ଲପଡ଼ା ମଣ୍ଡିକୁ ଟେଗ କରାଯାଇଥିବାରୁ ସ୍ଥାନୀୟ ଚାଷୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ତେବେ ଉକ୍ତ ଅଞ୍ଚଳର କପା ଚାଷୀଙ୍କୁ କର୍ଲାପଡ଼ା ମଣ୍ଡିରେ କପା ବିକ୍ରୟ କରିବା ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ ମଧ କପାଚାଷୀମାନେ ଅମଙ୍ଗ ଥିବା ମନେହେଉଛି। ଚଳିତ ବର୍ଷ ପ୍ରଥମ ଥର ପାଇଁ କପା ବିକ୍ରୟ ପାଇଁ ଅନଲାଇନ ପଞ୍ଜୀକରଣ ଆରମ୍ଭ ହୋଇଥିଲା। ଏହା ସେପ୍ଟେମ୍ବର ୧ ତାରିଖରୁ ଆରମ୍ଭ ହୋଇଥିବାବେଳେ ଏହାର ଶେଷ ତାରିଖ ଅକ୍ଟୋବର ୩୧ ରହିଛି। ଏକ ମାସରୁ ଉର୍ଦ୍ଧ୍ୱ ସମୟ ବିତିଯିବା ସତ୍ତ୍ୱେ ଆଶଜନଙ୍କ




ପଞ୍ଜୀକରଣ ହୋଇନାହିଁ। ବର୍ତ୍ତମାନ ସୁଦ୍ଧା ମାତ୍ର ୧୪ ଶହ ଜଣ କପା ଚାଷୀ ମଣ୍ଡିରେ କପା ବିକ୍ରୟ ପାଇଁ ପଞ୍ଜୀକରଣ କରିଛନ୍ତି। ତେଣୁ କିପରି ଅଧିକରୁ ଅଧିକ ଚାଷୀ ଅନଲାଇନ ମାଧ୍ୟମରେ ପଞ୍ଜୀକରଣ କରିବେ ସେଥିପାଇଁ ଚାଷୀଙ୍କୁ ସଚେତନ କରିବା ପାଇଁ ସମସ୍ତ ସମ୍ପାଦକ, ଆର୍‌ଏମ୍‌ସିଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ତଥାପି ୧୫ହଜାର ଚାଷୀ ପଞ୍ଜୀକରଣ କରିବେବୋଲି କୃଷି ବିଭାଗ ଆକଳନ କରୁଛି। ଗତ ବର୍ଷ ୪ଲକ୍ଷ ୯୧ ହଜାର ୫୯୦ କୁଇଣ୍ଟାଲ କପା ବିକ୍ରି କରିଥିଲେ। ଚଳିତ ୨୦୨୫-୨୬ ବର୍ଷରେ ମଧମ ଧରଣର କପା କୁଇଣ୍ଟାଲ ପିଛା ୭, ୭୧୦ଟଙ୍କା ଏବଂ ଉଚ୍ଚ ଧରଣର କପା କୁଇଣ୍ଟାଲ ପିଛା ୮, ୧୧୦ଟଙ୍କା ସରକାର ଧାର୍ଯ୍ୟ କରିଛନ୍ତି। ଗତବର୍ଷଠାରୁ ଚଳିତ ବର୍ଷ କପାର ଏମଏସପି ମୂଲ୍ୟରେ ବୃଦ୍ଧି ଘଟିଛି। କଳାହାଣ୍ଡି ଜିଲ୍ଲାର ଦୁଇଟି ବ୍ଲକ ଥୁଆମୂଳ ରାମପୁର ଓ କୋକସରାକୁ ବାଦଦେଲେ ଅନ୍ୟ ୧୧ଟି ବ୍ଲକରେ କପାଚାଷ ହୋଇଥାଏ। ଖରିଫ ଋତୁରେ ୭୨୦୧୦ ହେକ୍ଟର ଜମିରେ ୧୦ଲକ୍ଷ, ୭୯ହଜାର ୮୫୦କୁଇଣ୍ଟାଲ କପା ଉତ୍ପାଦନ ହେବବୋଲି ଏକ ପ୍ରାକ ଆକଳନ ହୋଇଛି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଧର୍ମଗଡ଼ ଉପଜିଲ୍ଲାପାଳ ପ୍ରେକ୍ଷା ଅଗ୍ରୱାଲ, ଭବାନୀପାଟଣା ଉପଜିଲ୍ଲାପାଳ ପ୍ରଭାତ କୁମାର ପରିଡ଼ା, କଳାହାଣ୍ଡି କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ଼.ଅମିତାଭ କୁମାର ପଣ୍ଡା, ଭବାନୀପାଟଣା ଆରଆର ଟିଟିଏସର ବୈଜ୍ଞାନିକ ଡ଼.ଶୁଭଶ୍ରୀ ଦାସ, କପାର ଯୋଜନା ଅଧିକାରୀ ସୁଶୀଲ କୁମାର ସେଠି, ସିସିଏର କେସିଙ୍ଗା ମାର୍କେଟିଂ ଅଫିସର ଓମ ପ୍ରକାଶ

**ପଞ୍ଜିକୃତ ଚାଷୀ ସଂଖ୍ୟା ୧୪ଶହ, ବାଦ ପଡ଼ିଲା ଉଛଲା ମଣ୍ଡି**

ବଘେଲଙ୍କ ସମେତ ଜିଲ୍ଲାର କପା ଚାଷୀ, ଜିନିଙ୍ଗ ମିଲ ମାଲିକ, ବିଭିନ୍ନ ବିଭାଗୀୟ ଅଧିକାରୀ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଶେଷରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ କର ପୂର୍ବ ବର୍ଷ ଅପେକ୍ଷା ଚଳିତ ବର୍ଷ କପା ରେକର୍ଡ ସଂଖ୍ୟକ ହୋଇପାରିବ। କିନ୍ତୁ ଚାଷୀ ମହଲରେ ଅଧିକ ସଚେତନତାର ଆବଶ୍ୟାକତାକୁ ସମସ୍ତେ ଉପଲବ୍ଧି କରି କାର୍ଯ୍ୟକରିବା ଜରୁରୀବୋଲି ପ୍ରକାଶ କରିଥିଲେ।

# ଗଞ୍ଜେଇ ଗାଡ଼ି ଛାଡି ମାଫିଆ ଚମ୍ପଟ

**ଡୁଙ୍ଗୁରିପାଲି, ୮ ।୧୦(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ରାମପୁର ପୁଲିସ ସାଲେପାଲି ବନ୍ଧ ନିକଟରୁ ଏକ କାର୍ (ଓଡି ୦୨ସି ଏସ ୨୪୫୧)ରୁ ବିପୁଳ ପରିମାଣର ଗଞ୍ଜେଇ ଜବତ କରିଛି। ତେବେ ଗାଡ଼ି ଛାଡ଼ି ଡ୍ରାଇଭର ଚମ୍ପଟ ମାରିଛି। ବିଶ୍ୱସ୍ତ ସୂତ୍ରରୁ ରାମପୁର ପୁଲିସ ଖବର ପାଇ ଗଞ୍ଜେଇ ଚୋରା ଚାଲାଣ ହେଉଥିବା କାରକୁ ପିଛା କରିଥିଲା। ଭିମଟିକ୍ରା ପଞ୍ଚାୟତ ସାଲେପାଲି ବନ୍ଧ ରାସ୍ତାରେ ଗାଡ଼ି ଛାଡ଼ି ମାଫିଆ ଚମ୍ପଟ ମାରିଥିଲା।

# ଆରଏସ୍‌ଏସ୍‌ର ପଥ ସଞ୍ଚଳନ କାର୍ଯ୍ୟକ୍ରମ



**ବୌଦ୍ଧ, ୮ ।୧୦ (ସମିସ):** ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ହରଭଙ୍ଗା ଖଣ୍ଡର ପୁରୁଣାକଟକ ଶାଖା ଦ୍ୱାରା ସ୍ଥାନୀୟ ସ୍ୱରସ୍ୱତୀ ବିଦ୍ୟାମନ୍ଦିର ମଣ୍ଡପରେ ବିଜୟା ଦଶମୀ ଉତ୍ସବ ସହ ପଥ ସଞ୍ଚଳନ ପାଳିତ ହୋଇଛି। ଏହି ଅବସରରେ ପୂର୍ଣ୍ଣ ଗଣବେଶରେ ଏକ ପଥ ସଞ୍ଚଳନ ପୁରୁଣାକଟକ ଗ୍ରାମ ପରିକ୍ରମା କରିଥିଲା। ପଥ ସଞ୍ଚଳନ ସମୟରେ ପୁରୁଣାକଟକ ଗ୍ରାମର ପ୍ରତ୍ୟକ ଗୃହ ସମ୍ମୁଖରେ କଳସ ରଖି ସ୍ୱୟଂସେବକ ସଙ୍ଘର ସେବକଙ୍କୁ ସ୍ୱାଗତ କରିବା ସହିତ ପୁଷ୍ପ ବୃଷ୍ଟି କରାଯାଇଥିଲା। ସୂର୍ଯ୍ୟକାନ୍ତ ଦଳବେହେରା, ବିଜୟ ସାହୁ, ରଘୁନାଥ ଷଡ଼ଙ୍ଗୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ରାଜକିଶୋର ଆଗ୍ରୱାଲା, ଦେବବ୍ରତ ପାଣିଗ୍ରାହୀ, ସୁରେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଅଚିହ୍ନା ବୃଦ୍ଧଙ୍କ ଶବ ଉଦ୍ଧାର

**କେସିଙ୍ଗା, ୮ ।୧୦(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ସହରର ୮ ନମ୍ବର ୱାର୍ଡ ରାମବନ୍ଧ ନିକଟ ଏକ ଖାଲରୁ ଜଣେ ବୃଦ୍ଧାଙ୍କ ଶବ ମିଳିଛି। ୱାର୍ଡବାସୀଙ୍କଠାରୁ ଖବର ପାଇ ପୁଲିସ ଶବ ଜବତ କରିଥିଲା। ସ୍ଥାନୀୟ ମେଡିକାଲରେ ଶବ ସଂରକ୍ଷିତ କରି ରଖାଯାଇଛି। ୩ ଦିନ ପର୍ଯ୍ୟନ୍ତ ଏହା ରହିବ। ଏହି ସମୟ ଭିତରେ ଯଦି ପରିଚୟ ନ ମିଳେ ତାହା ହେଲେ ସ୍ଥାନୀୟ ପ୍ରଶାସନ ଶବ ସତ୍କାର କରିବ। ତେବେ ୱାର୍ଡବାସୀଙ୍କ କହିବା ଅନୁସାରେ ବୃଦ୍ଧା ଜଣେ ମାନସିକ ରୋଗୀ ଥିଲେ।

# ସରିଲା ମହିଷାସୁର ରାଜ୍



**ବିରମହାରାଜପୁର, ୮ ।୧୦ (ସମିସ):** କାନପୁର ଦେମୂଳସ୍ଥିତ ମେଳଣ ପଡ଼ିଆରେ ୩ ତାରିଖରୁ ଚାଲିଥିବା ଅଶ୍ୱିନ ପୂର୍ଣ୍ଣମୀ ଯାତ୍ରା ଅବସରରେ ମହିଷାସୁର ଦରବାର ଶେଷ ହୋଇଛି। ମହିଷାସୁର ଶେଷରେ ମା ଦୁର୍ଗାଙ୍କ ହାତରେ ନିହତ ହୋଇଛି। ମୋକ୍ଷ ପ୍ରାପ୍ତି ପାଇଁ ଶେଷରେ ମା'ଙ୍କ ଚରଣାଶ୍ରିତ ହୋଇ ନିଜ ଭୁଲ୍‌ର ପ୍ରାୟଶ୍ଚିତ କରିଛି। ଅନ୍ତିମ ରଜନୀରେ ରାଜ ଅତିଥି ଭାବରେ ବ୍ଲକ ସରପଞ୍ଚ ସଂଘ ସଭାନେତ୍ରୀ ତଥା ସ୍ଥାନୀୟ ସରପଞ୍ଚ ଶ୍ରୀୟା କର୍ମୀ, ଉପଦେଷ୍ଟା ଚମ୍ପାମାଳ ସରପଞ୍ଚ ମହେନ୍ଦ୍ର ଜଗଦଲା, ହିଲୁଙ୍ଗ ସରପଞ୍ଚ ବନିତା ସେଠୀ, ସାମାଜିକ କର୍ମୀ ମୀନକେତନ ମହାକୁର, କମଳ ଲୋଚନ କର୍ମୀ, ବିପିନ୍ ପଣ୍ଡା ଯୋଗ ଦେଇଥିଲେ। ଏହି ଅବସରରେ ସତ୍ୟବାନ୍ ପୁରୋହିତ ଓ ନୀଳକମଳ ମିଶ୍ରଙ୍କୁ ସମ୍ମାନିତ କରା ଯାଇଥିଲା। ଲକ୍ଷ୍ମୀ ନାରାୟଣ ସାହୁ ଉଦଘୋଷକ ଥିଲେ। ଆୟୋଜକ କମିଟି ତରଫରୁ ମଳୟ ଅମାତ, ଅମିତାଭ ବଛନ ମହାକୁର, ଘାସିରାମ ବାଦୀ, ରଞ୍ଜନ ଖମାରୀ, ପ୍ରଦୀପ ପଧାନ, ବିଭୁ ପ୍ରସାଦ ଓତା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମରାମତି ହେଲା ଏନ୍‌ଏଚ୍ ପୋଲ ଫାଟ



**କୋକସରା, ୮ ।୧୦(ସମିସ):** କଳାହାଣ୍ଡି ଜିଲ୍ଲାରୁ ନବରଙ୍ଗପୁର ଜିଲ୍ଲାକୁ ସଂଯୋଗ କରୁଥିବା ୨୬ ନମ୍ବର ଜାତୀୟ ରାଜପଥର କୋକସରା ବ୍ଲକ ବଙ୍ଗୋମୁଣ୍ଡା କେନାଲ ଛକ ନିକଟସ୍ଥ ପୋଲ ଉପରେ ଫାଟ ସୃଷ୍ଟି ହୋଇଥିଲା। ଏନେଇ ଦୈନିକ 'ସକାଳ' ରେ ବୁଧବାର ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶ ପାଇବା ପରେ ଏନ୍‌ଏଚ୍ ବିଭାଗ ତୋରିତ ପଦକ୍ଷେପ ନେଇଛି। ଫଳ ସ୍ୱରୂପ ଆଜି ପୋଲ ଉପରେ କଂକ୍ରିଟ ଫାଟି ରଡ୍ ବାହାରିଥିବା ସ୍ଥାନରେ ବିଭାଗ ପକ୍ଷରୁ ମରାମତି କରାଯାଇଛି।

## ୧୫ ଦିନ ହେଲା ଗୋଡାଳ ଜଳ ଯୋଗାଣ ପ୍ରକଳ୍ପ ବନ୍ଦ

# ସ୍ୱାଭାବିକ କରି ପାରୁନି ବିଭାଗ

**ସିନାପାଲି, ୮ ।୧୦(ସମିସ)**

ଦୀର୍ଘ ୧୫ ଦିନ ହେଲା ଗୋଡାଳ ଜଳ ଯୋଗାଣ ପ୍ରକଳ୍ପରୁ ଜଳ ଯୋଗାଣ ହେଉନି। ଯାହା ଫଳରେ ଅଞ୍ଚଳର ଜନସାଧାରଣ ବିଶୁଦ୍ଧ ପାନୀୟ ଜଳ ପାଇବାରୁ ବଞ୍ଚିତ ହେଉଛନ୍ତି। ଏ ନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅଞ୍ଚଳର ଜନସାଧାରଣ ବାରମ୍ବାର ଜଣାଇ ଆସୁଥିଲେ ମଧ ଅଦ୍ୟାବଧି କୌଣସି ପଦକ୍ଷେପ ନିଆଯାଇ ନାହିଁ। ବିଭାଗୀୟ ଯନ୍ତ୍ରୀ କେଶବ ସାହୁଙ୍କୁ ଏହାର ପ୍ରତିକାର ପାଇଁ ଅନେକ ଜନପ୍ରତିନିଧି ଯୋଗାଯୋଗ କରୁଥିଲେ ମଧ ଧରାଛୁଆଁ ଦେଉ ନ ଥିବା ବେଳେ ତାଙ୍କ ମୋବାଇଲ ନମ୍ବରରେ ଯୋଗାଯୋଗ କଲେ ମଧ କୌଣସି ଉତ୍ତର ମିଳିପାରୁ ନାହିଁ ବୋଲି ଲୋକେ ଅଭିଯୋଗ କରିଛନ୍ତି। ପ୍ରକାଶ ଯୋଗ୍ୟ ଯେ, ଗୋଡାଳ ଜଳ ଯୋଗାଣ ପ୍ରକଳ୍ପରୁ ଗୋଡ଼ାଳ ଗ୍ରାମ ସହିତ ମହାଗାଁ, କୋଟାମାଳ, ବ୍ରାହ୍ମଣପଡ଼ା ଗ୍ରାମର ଜନସାଧାରଣ ନିର୍ଭର କରିଥାନ୍ତି। ଏହି ସବୁ ପଞ୍ଚାୟତର ବିଭିନ୍ନ ଗାଁରେ ଥିବା ନଳକୂପ ଗୁଡିକରେ ଫ୍ଲୋରାଇଡ ଯୁକ୍ତ ପାଣି ବାହାରୁ ଥିବାରୁ ଲୋକେ ଅନେକ ରୋଗର ଶୀକାର ହେଉଛନ୍ତି। ଏବେବି ମହଗାଁ ଅଞ୍ଚଳରେ ଅନେକ ଲୋକ ଫ୍ଲୋରାଇଡ଼ ଯୁକ୍ତ ପାନୀୟ ଜଳ ବ୍ୟବହାର କରି ରୋଗ ଯନ୍ତ୍ରଣାରେ ଛଟପଟ ହେଉଥିବା ବେଳେ ଅନେକ ମୃତ୍ୟୁବରଣ କରି ସାରିଛନ୍ତି। ଏହାକୁ ଉପଲବ୍ଧି କରି ସରକାରଙ୍କ ତରଫରୁ



ଗତ ୨୦୨୨-୨୩ ଆର୍ଥିକ ବର୍ଷରେ ବସୁଧା ଯୋଜନାରେ ପ୍ରାୟ କୋଟିଏ ଟଙ୍କାର ପ୍ରକଳ୍ପ ନିର୍ମାଣ କରଯାଇଥିଲା। ହେଲେ ନିର୍ମାଣ ହେବାର ଅଳ୍ପ କେଇ ଦିନ ପରେ ସେଠାରେ ଥିବା ବିଭିନ୍ନ ସରଞ୍ଜାମ କୁ ଦୁର୍ବୃତ୍ତ ନେଇଗଲେ ବୋଲି ଜଳ ଯୋଗାଣ ହେଇ ପାରିଲା ନାହିଁ ବୋଲି ବିଭାଗୀୟ କର୍ମଚାରୀ ମାନେ କହିବା ସହ ପୁଣି କିଛି ଦିନ ପରେ ମୋଟର ଅଚଳ ହୋଇଥିବା କହିଥିଲେ। ସେହିପରି କିଛି ଦିନ ଟାଙ୍କିର ତଳ ଭାଗରେ କଂକ୍ରିଟକରଣ କରାଯିବ ବୋଲି କହିବା ସହ ବର୍ତ୍ତମାନ ବିଦ୍ୟୁତ କେବୁଲ ତାର ନଷ୍ଟ ହୋଇ ପଡ଼ିଛି ବୋଲି ଜଳ ଯୋଗାଣ ବନ୍ଦ ରହିଛି। ସେହିଭଳି ଗତ ଗ୍ରୀଷ୍ମ ଋତୁରେ କିଛି ଚାଷୀ ଧାନ ଚାଷ କରିଥିବା କହି ଜଳ ଯୋଗାଣ ବନ୍ଦ କରି ଦେଇଥିଲେ। ଏଭଳି ବାରମ୍ବାର ନିମ୍ନମାନର ସରଞ୍ଜାମ ଲାଗିଥିବା କାରଣରୁ ଅବ୍ୟବସ୍ଥା ଲାଗି ରହିଥିବା ବେଳେ ଏଠାରେ ନିଯୁକ୍ତ ଥିବା ବିଭାଗୀୟ ଯନ୍ତ୍ରୀ ପ୍ରକଳ୍ପର ବିଲ ପାସ କେମିତି କଲେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ଯୁଗେନ ପଦର ସ୍ଥିତ ଉଦନ୍ତୀ ନଦୀରେ ପମ୍ପ ହାଉସ ରହିଛି। ଏଠାରୁ ଗୋଡ଼ାଳ ଟାଙ୍କିରେ ଜମା ହୋଇ ୪ଟି ଗ୍ରାମକୁ ପାନୀୟ ଜଳ ଯୋଗାଣ ହୋଇଥାଏ। ହେଲେ ପ୍ରକଳ୍ପ ନିର୍ମାଣ ହେବା ଦିନ ଠାରୁ ଆଜି ପର୍ଯ୍ୟନ୍ତ ଭଲ ଭାବରେ ପାନୀୟ ଜଳ ପାଇବାରୁ ବଞ୍ଚିତ ହେଉଥିବା ବେଳେ ଯଥାଶୀଘ୍ର ଜଳ ଯୋଗାଣ କରା ନ ଗଲେ ପ୍ରଶାସନକୁ ଘେରାଉ କରାଯିବା ସହ ଆନ୍ଦୋଳନ କରାଯିବ ବୋଲି ସ୍ଥାନୀୟ ଅଞ୍ଚଳବାସୀ କ୍ଷୋଭର ସହ ପ୍ରକାଶ କରିଛନ୍ତି। ସମସ୍ୟାକୁ ନେଇ ବିଭାଗୀୟ କନିଷ୍ଠ ଯନ୍ତ୍ରୀ କେଶବ ସାହୁଙ୍କୁ ବାରମ୍ବାର ଯୋଗାଯୋଗ କରାଯାଇଥିବା ବେଳେ କୌଣସି ଉତ୍ତର ମିଳିପାରି ନାହିଁ। ଏ ଦିଗରେ ଉଚ୍ଚକର୍ତ୍ତୃପକ୍ଷ ଦୃଷ୍ଟି ଦେଇ ଜଳ ଯୋଗାଣ ସ୍ୱାଭାବିକ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ବ୍ଲକ୍‌ସ୍ତରୀୟ ବରିଷ୍ଠ ନାଗରିକ ଦିବସ



**ବୀରମହାରାଜପୁର, ୮ ।୧୦ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ସଭାଗୃହରେ ବୁଧବାର ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧକ୍ଷା ଶାନ୍ତି ଲୁହା ଏଥିରେ ପୌରୋହିତ୍ୟ କରିଥିଲେ। ଡକ୍ଟର ପ୍ରଫୁଲ୍ଲ ରଥ ମୁଖ୍ୟଅତିଥି, ରାମକୃଷ୍ଣ ହୋତା ମୁଖ୍ୟବକ୍ତା, ନାରାୟଣ ମିଶ୍ର ଓ ବ୍ରଜ ଗୋପାଳ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବ୍ଲକ ବିଏସ୍‌ଏସ୍‌ଓ ସତ୍ୟନାରାୟଣ ପ୍ରଧାନ ଅତିଥି ସ୍ୱାଗତ କରିଥିଲେ। ବିଡିଓ ରାଜୀବ ହାଁସଦା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଭାରେ ବରିଷ୍ଠ ନାଗରିକଙ୍କ ସମାଜ ପ୍ରତି ଅବଦାନ, ସେମାନଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା, ସାମାଜିକ ଉତ୍ପୀଡନ, ଏକାକୀବୋଧର ସମସ୍ୟା ଓ ଅଭିଜ୍ଞତା ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା। ସତ୍ୟନାରାୟଣ ନାୟକ, ଦୀନବନ୍ଧୁ ମେହେର, ଭୂଷଣ ପାତ୍ର, ସତ୍ୟ ନାରାୟଣ ଦାଶ, କୃଷ୍ଣଚନ୍ଦ୍ର ପାଢ଼ୀ, ଭୋଲାନାଥ କର୍ମୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳନ ଉପଲକ୍ଷେ ଆୟୋଜିତ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିବାନୀ ଦାଶ, ସୀମା ରାଣୀ ପଣ୍ଡା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ବୀରମହାରାଜପୁର, ସୁବଳୟା ଓ ଖଣ୍ଡହତା ବରିଷ୍ଠ ନାଗରିକ ସଂଗଠନରୁ ୮୦ ଜଣ ବରିଷ୍ଠ ନାଗରିକ ଏଥିରେ ଯୋଗ ଦେଇଥିଲେ।

# ପ୍ରତିରୋପଣ ପରେ ବଦଳିଯାଉଛି ମଣିଷର ଆଚରଣ

ନୂଆଦିଲ୍ଲୀ, ୮।୧୦ (ଏଜେନ୍ସି): ପରିବର୍ତ୍ତିତ ଜୀବନଶୈଳୀ, ପୁଷ୍ଟିକର ଖାଦ୍ୟ ଏବଂ ବ୍ୟାୟାମର ଅଭାବ ଯୋଗୁଁ ଦେଶରେ ହୃତ୍‌ପିଣ୍ଡ ଜନିତ ସମସ୍ୟା ବଢ଼ିବାରେ ଲାଗିଛି। ଏହା ଅଚାନକ ହୃଦ୍‌ଘାତର କାରଣ ପାଲଟି ଯାଉଛି। ଭାରତରେ ପ୍ରାୟ ୫୨୩ ନିୟୁତ ଲୋକେ ହୃତ୍‌ପିଣ୍ଡ ଜନିତ ରୋଗରେ ପୀଡ଼ିତ ବୋଲି ଜଣାପଡିଛି। ଅନେକ ଏହି ରୋଗରେ ପଡ଼ି ପ୍ରାଣ ହରାଉଛନ୍ତି। କିନ୍ତୁ ଏହି ଦୂରାରୋଗ୍ୟରୁ ଆରୋଗ୍ୟ ହେଉ ନଥିବା କିଛି ଧନାଢ୍ୟ ବ୍ୟକ୍ତି ଶେଷରେ ହୃତ୍‌ପିଣ୍ଡ ପ୍ରତିରୋପଣ କରୁଛନ୍ତି। କିନ୍ତୁ ସମସ୍ୟା ଏହି କି ଯେ ପ୍ରତିରୋପଣ ପରେ ଅଧିକାଂଶଙ୍କ ଜୀବନଶୈଳୀ, ଚାଲିଚଳଣୀ, ଚିନ୍ତାଧାରା ବଦଳି ଯାଉଛି। ପୂର୍ବରୁ ଯାହାକୁ ବାଇକ୍ ଚଲାଇବାକୁ ପସନ୍ଦ ହେଉ ନ ଥିଲା ସେ ଏବେ ରେସିଂ ବାଇକ୍ ପଛରେ ପଡିଛି। ଆଉ କିଏ ଭାରତୀୟ ଖାଦ୍ୟକୁ ଛାଡ଼ି ଚାଇନିଜ୍ ମାୟାରେ ଫସି ଯାଇଛି। ଅନେକଙ୍କ କ୍ଷେତ୍ରରେ ଏଭଳି ପରିବର୍ତ୍ତନ ହୋଇଛି।

ଅହମଦାବାଦର ନରହରିଭାଇ ପଟେଲ କହିଛନ୍ତି ଯେ ଗତ ସାତ ବର୍ଷ ହେଲା ସେ କାର୍ ଚଳାଉଛନ୍ତି। ତାଙ୍କୁ ଜମାରୁ ବାଇକ ପସନ୍ଦ ନୁହେଁ। ବାଇକ ତାଙ୍କୁ ବିପଦ ଭଳି ଲାଗେ। କିନ୍ତୁ ଗତ ୬ ମାସ ହେଲା ସେ ସ୍ପୋର୍ଟ୍ସ ବାଇକ ପଛରେ ପଡି ଯାଇଛନ୍ତି। ଏଥିରେ ଲେହ, ଲଦାଖ ବୁଲିବାକୁ ଚାହୁଁଛନ୍ତି। ତେଣୁ ଏହାକୁ କିଣିବା ପାଇଁ ଲାଗିଛନ୍ତି। ଦୁଇ ତିନୋଟି ବାଇକ ମଧ୍ୟ ଦେଖି ସାରିଲେଣି। ଏହାକୁ ନେଇ ଘର ଲୋକ ମଧ୍ୟ ଚିନ୍ତିତ। ଯଦି ବାଇକ ଚଲାଇବନି ତେବେ କିଣିବ କାହିଁକି ବୋଲି ପଚାରୁଛନ୍ତି। ଏହାକୁ ହଠାତ୍ ତାଙ୍କର ହୃତ୍‌ପିଣ୍ଡ ପ୍ରତିରୋପଣ କଥା ମନେ ପଡ଼ି ଯାଇଥିଲା। ୨୦୨୪ ଜାନୁଆରୀରେ ୧୪ ବର୍ଷ ସାନ ଯୁବକଙ୍କ ହୃତ୍‌ପିଣ୍ଡ ତାଙ୍କଠାରେ ଲାଗିଥିଲା। ସେ ବାଇକକୁ ବହୁତ ପସନ୍ଦ କରୁଥିଲେ। ତେଣୁ ଏବେ ତାଙ୍କୁ ବାଇକ ଭଲ ଲାଗୁଛି।

**ହୃତ୍‌ପିଣ୍ଡ ଦେଇଥିବା ବ୍ୟକ୍ତିଙ୍କ ପରି ହେଇଯାଉଛି ହାବଭାବ**

ଚାଇନିଜ ଖାଇବାକୁ ଭଲ ପାଉଛନ୍ତି। ଆଦୌ ଝଗଡ଼ା କରୁ ନ ଥିବା ପଟେଲ ଏବେ ଟିକେ ଟିକେ କଥାରେ ରାଗି ଯାଉଛନ୍ତି। ପ୍ରତିରୋପଣ ପରେ ସେ ଦ୍ୱିତୀୟ ଜନ୍ମ ପାଇଥିବା କହିଛନ୍ତି। କେବଳ ପଟେଲ ନୁହନ୍ତି ଏଭଳି ଅନେକ ବ୍ୟକ୍ତିଙ୍କ ରୁଚି ଏବଂ ଆଚରଣ ସମ୍ପୂର୍ଣ୍ଣ ବଦଳି ଯାଇଛି।

ହାର୍ଟ ପମ୍ପିଂରେ ସମସ୍ୟା ହେବାରୁ ୨୦୨୦ ଜୁଲାଇ ୧୦ରେ ଅହମଦାବାଦର ସାକ୍ଷିତାବେନଙ୍କ ହୃତ୍‌ପିଣ୍ଡ ପ୍ରତିରୋପଣ ହୋଇଥିଲା। ଏକ ଦୁର୍ଘଟଣାରେ ପ୍ରାଣ ହରାଇ ଥିବା ସୁରଟର ୨୪ ବର୍ଷୀୟ ମହର୍ଷ ପଟେଲଙ୍କ ହୃତ୍‌ପିଣ୍ଡ ତାଙ୍କୁ ମିଳିଥିଲା। ଏହି ଅସ୍ତ୍ରୋପଚାର ପରେ ତାଙ୍କ ହାବଭାବ ବଦଳି ଯାଇଥିଲା। ସେ ଚିଡ଼ିଚିଡ଼ା ହେବାରେ ଲାଗିଥିଲେ। ପୂର୍ବରୁ କାହାକୁ ଜବାବ ଦେଉ ନ ଥିବା ସାକ୍ଷିତା ଏବେ ଶୀଘ୍ର ରାଗି ଯାଉଛନ୍ତି। ତାଙ୍କ ଖାଦ୍ୟ ଶୈଳୀ ମଧ୍ୟ ବଦଳି ଯାଇଛି। ପୂର୍ବରୁ ପସନ୍ଦ ଆସୁ ନ ଥିବା ଗୁଜରାଟୀ ଖାଦ୍ୟ ତାଙ୍କୁ ଏବେ ଭଲ ଲାଗୁଛି। ଆଇସକ୍ରିମ ଅଧିକ ଖାଉଛନ୍ତି। ସ୍ୟାଣ୍ଡୱିଚ ପସନ୍ଦ କରୁ ନ ଥିବା ସାକ୍ଷିତା ଅସ୍ତ୍ରୋପଚାର ପରେ ଏହା ଖାଇ ଚାଲିଛନ୍ତି। ଏ ସବୁ ଜିନିଷ ମହର୍ଷଙ୍କୁ ଭଲ ଲାଗେ। ତେଣୁ ଏବେ ତାଙ୍କୁ ଭାଲ ଲାଗୁଛି ବୋଲି ସେ ପଚରାଉଚୁରା କରିବାରୁ ଜାଣି ପାରିଛନ୍ତି। ସେହିପରି ୧୩ ବର୍ଷ ବୟସରେ ଜାମନଗରର ବାସିନ୍ଦା ଭୂମିକାଙ୍କ ୨୦୨୨ ମାର୍ଚ୍ଚ ୧୫ରେ ହୃତ୍‌ପିଣ୍ଡ ପ୍ରତିରୋପଣ ହୋଇଥିଲା। ଜଣେ ୨୧ ବର୍ଷୀୟ ରାଜସ୍ଥାନୀ ଯୁବକଙ୍କ ହୃତପିଣ୍ଡ ତାଙ୍କଠାରେ ଲାଗିଥିଲା। ଏହା ପରେ ଭୂମିକାଙ୍କଠାରେ ବଡ଼ ପରିବର୍ତ୍ତନ ହୋଇଥିଲା। ପ୍ରଥମେ ଭୂମିକାଙ୍କୁ କଦଳୀ ପସନ୍ଦ ନ ଥିଲା। କିନ୍ତୁ ପରେ ଏହାକୁ ଖାଇବା ଆରମ୍ଭ କରିଥିଲେ। ଏବେ ଏହି ସବୁ ପରିବର୍ତ୍ତନ ବିଷୟରେ ଗବେଷଣା ଜାରି ରହିଛି ବୋଲି ବିଶେଷଜ୍ଞମାନେ କହିଛନ୍ତି।



## ଇକୁଏଡ୍‌ର ରାଷ୍ଟ୍ରପତିଙ୍କୁ ହତ୍ୟା ଉଦ୍ୟମ; ୫ ଗିରଫ

ନୂଆଦିଲ୍ଲୀ, ୮।୧୦(ଏଜେନ୍ସି): ଉତ୍ତର ପଶ୍ଚିମ ଲାଟିନ ଆମେରିକୀୟ ଦେଶ ଇକୁଏଡର ରାଷ୍ଟ୍ରପତି ଡାନିଏଲ ନୋବୋଆଙ୍କୁ ହତ୍ୟା କରିବାକୁ ଉଦ୍ୟମ କରାଯାଇଛି। ବୁଧବାର ସେ ନିଜର ସୁରକ୍ଷାକର୍ମୀଙ୍କ ସହ ଗାଡ଼ିରେ ଯାଉଥିବା ବେଳେ ୫୦୦ ଲୋକ ତାଙ୍କୁ ଘେରାଉ କରି ଟେକା ମାଡ଼ କରିବା ସହ ଗୁଳି ଚଳାଇଥିଲେ। ରାଷ୍ଟ୍ରପତିଙ୍କ କାର ଉପରେ ଗୁଳିର ଚିହ୍ନ ଦେଖିବାକୁ ମିଳିଛି। ତେବେ ତାଙ୍କର କୌଣସି କ୍ଷତି ହୋଇନାହିଁ। ଏହି ଘଟଣାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଘଟଣା ପରେ ୫ଜଣଙ୍କୁ ଗିରଫ କରାଯାଇଛି ବୋଲି ଇକୁଏଡର ପରିବେଶ ଓ ଶକ୍ତି ମନ୍ତ୍ରୀ ଆଇନେସ ମାଞ୍ଜାନୋ କହିଛନ୍ତି। ଲୋକଙ୍କ ଏଭଳି ଆଚରଣକୁ ବରଦାସ୍ତ କରାଯିବ ନାହିଁ ବୋଲି ସେ କହିଛନ୍ତି। ସରକାର ତେଲ ସବ୍‌ସିଡିକୁ ବନ୍ଦ କରିବାକୁ ଘୋଷଣା କରିଥିଲେ। ଫଳରେ ତାଙ୍କ ବିରୋଧରେ ଜନତାଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଥିଲା।

## ବାଣ କାରଖାନାରେ ବିସ୍ଫୋରଣ; ୬ ମୃତ

ହାଇଦରାବାଦ, ୮।୧୦(ଏଜେନ୍ସି): ଆନ୍ଧ୍ରପ୍ରଦେଶର ଡ. ବିଆର୍ ଆମ୍ବେଡକର କୋନାସିମା ଜିଲ୍ଲାରେ ରାୟବରମରେ ବୁଧବାର ଏକ ବାଣ କାରଖାନାରେ ବିସ୍ଫୋରଣ ହେବାରୁ ୬ ଜଣ ଲୋକ ପ୍ରାଣ ହରାଇଛନ୍ତି। ମୃତଦେହଗୁଡିକ ପୂରା ଜଳି ଯାଇଥିବାରୁ ଏଗୁଡିକର ଚିହ୍ନଟ କରିବା କଷ୍ଟକର ହୋଇପଡ଼ିଛି। ଏଥିରେ ବହୁଲୋକ ଆହତ ମଧ୍ୟ ହୋଇଛନ୍ତି। ମୃତକଙ୍କ ସଂଖ୍ୟା ବୃଦ୍ଧି ପାଇବ ବୋଲି ଆଶଙ୍କା କରାଯାଉଛି। ମୃତକଙ୍କ ଦେହ ସମ୍ପୂର୍ଣ୍ଣ ଭାବେ ଜଳି ଯାଇଛି ବୋଲି ସ୍ଥାନୀୟ ଏସ୍‌ପି ରାହୁଲ ମିନା କହିଛନ୍ତି। ମୃତକ ଏହି ବାଣ କାରଖାନର ଶ୍ରମିକ ହୋଇପାରନ୍ତି ବୋଲି କୁହାଯାଇଛି। ମୃତଦେହଗୁଡିକୁ ଚିହ୍ନଟ କରିବାକୁ ପାଇଁ ପ୍ରୟାସ ଜାରି ରହିଛି। ଏହି କାରଖାନା ପାଖରେ ବାଣ ତିଆରି କରିବାକୁ ଲାଇସେନ୍ସ ଥିଲା। ସର୍ଟ ସର୍କିଟ କାରଣରୁ ନିଆଁ ଲାଗିବା ସହ ଆଖି ପିଛୁଳାକେ ବ୍ୟାପିଯାଇଥଲା ବୋଲି ସ୍ଥାନୀୟ ଗଣମାଧ୍ୟମଗୁଡିକ ସୂଚନା ଦେଇଛନ୍ତି। ଏହି ଘଟଣାର ଭିଡିଓ ସାମ୍ନାକୁ ଆସିଛି ଓ ଏହା ସାମାଜିକ ଗଣମାଧ୍ୟମଗୁଡିରେ ଭାଇରାଲ ହେବାରେ ଲାଗିଛି।

## ଯୋଧପୁର ଜେଲ୍‌ରେ ୱାଙ୍ଗଚୁକ୍‌ଙ୍କୁ ଭେଟିଲେ ପତ୍ନୀ ଗୀତାଞ୍ଜଳି

ଯୋଧପୁର, ୮।୧୦(ଏଜେନ୍ସି): ଯୋଧପୁର ସେଣ୍ଟ୍ରାଲ ଜେଲ୍‌ରେ ଥିବା ସାମାଜିକ କର୍ମୀ ସୋନମ ୱାଙ୍ଗଚୁକ୍‌ଙ୍କୁ ମଙ୍ଗଳବାର ରାତିରେ ପତ୍ନୀ ଗୀତାଞ୍ଜଳି ଓଙ୍ଗମୋ ଭେଟିଛନ୍ତି। ତାଙ୍କ ସହ ଓକିଲ ରିତମ ଖାରେ ଉପସ୍ଥିତ ଥିଲେ।



ଗୀତାଞ୍ଜଳି ପତିଙ୍କୁ ମୁକ୍ତ କରିବାକୁ ସୁପ୍ରିମକୋର୍ଟରେ ଆବେଦନ କରିଛନ୍ତି। ଅକ୍ଟୋବର ୧୪ରେ ଏହାର ଶୁଣାଣି ହେବ। ୱାଙ୍ଗଚୁକ୍‌ଙ୍କୁ ଭେଟିବା ପରେ ଗୀତାଞ୍ଜଳି ବୁଧବାର ସାମାଜିକ ଗଣମାଧ୍ୟମରେ ଏକ୍ସରେ ପୋଷ୍ଟ କରି ସୂଚନା ଦେଇଛନ୍ତି। ଡିଟେନସନ ଆଦେଶକୁ ଚ୍ୟାଲେଞ୍ଜ କରିବୁ ବୋଲି ସେ ଉଲ୍ଲେଖ କରିଛନ୍ତି। ଉଲ୍ଲେଖଥାଉ କି, ସେପ୍ଟେମ୍ବର ୨୪ରେ ସମ୍ବିଧାନର ଷଷ୍ଠ ଅନୁଚ୍ଛେଦରେ ସାମିଲ କରିବା ଓ ଲଦାଖକୁ ରାଜ୍ୟ ପାହ୍ୟା ଦାବି ନେଇ ଆନ୍ଦୋଳନ ହୋଇଥିଲା। କିନ୍ତୁ ଏହି ଆନ୍ଦୋଳନ ହିଂସାତ୍ମକ ରୂପ ନେଇଥିଲା ଓ ଏଥିରେ ୪ ଜଣ ଲୋକ ମୃତ୍ୟୁବରଣ କରିଥିଲେ। ଏହି ଆନ୍ଦୋଳନରେ ଯୁବକଙ୍କୁ ଉସୁକାଇଥିବା ସହ ବିବାଦୀୟ ମନ୍ତବ୍ୟ ଦେବା ଅଭିଯୋଗରେ ସୋନମଙ୍କୁ ଜାତୀୟ ସୁରକ୍ଷା ଅଧିନିୟମ (ଏନ୍‌ଏସ୍‌ଏ) ଅନୁସାରେ ଗିରଫ କରାଯାଇଥିଲା। ଲେହରୁ ଗିରଫ କରାଯିବା ପରେ ତାଙ୍କୁ ଯୋଧପୁର କେନ୍ଦ୍ରୀୟ ଜେଲକୁ ନିଆଯାଇଥିଲା। ଅକ୍ଟୋବର ୨ରେ ଗୀତାଞ୍ଜଳି ୱାଙ୍ଗଚୁକ୍‌ଙ୍କୁ ମୁକ୍ତ କରିବା ନେଇ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ଫଳରେ ଅକ୍ଟୋବର ୫ରେ ସୁପ୍ରିମକୋର୍ଟ କେନ୍ଦ୍ର ସରକାର ସମେତ ଲଦାଖ ପ୍ରଶାସନ, ଯୋଧପୁର କେନ୍ଦ୍ରୀୟ ଜେଲ ଅଧିକ୍ଷକଙ୍କୁ ନୋଟିସ ଜାରି କରିଥିଲେ।

## ୬୦ କୋଟି ଜମା କରିବାକୁ ଶିଳ୍ପାଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

ମୁମ୍ବାଇ, ୮।୧୦(ଏଜେନ୍ସି): ବଲିଉଡ ଅଭିନେତ୍ରୀ ଶିଳ୍ପା ସେଟ୍ଟୀ ଓ ତାଙ୍କ ସ୍ୱାମୀ ରାଜ କୁନ୍ଦ୍ରାଙ୍କ ବିଦେଶ ଗସ୍ତ ନେଇ ବମ୍ବେ ହାଇକୋର୍ଟ ସର୍ତ୍ତ ରଖିଛନ୍ତି। ପ୍ରଥମେ ୬୦ କୋଟି ଟଙ୍କା ଜମା କର, ତାପରେ ଯାଇ ଦୁହିଁଙ୍କ ବିଦେଶ ଗସ୍ତ ନେଇ ବିଚାର କରାଯିବ। ବୁଧବାର ଦୁହିଁଙ୍କ ଆବେଦନ ଉପରେ ଶୁଣାଣି ହୋଇଥିଲା। ଅର୍ଥ ଠକେଇ ମାମଲାରେ ଅଭିଯୁକ୍ତଙ୍କୁ ବିଦେଶ ଯାତ୍ରା ପାଇଁ ଅନୁମତି ଦିଆଯାଇପାରିବ ନାହିଁ ବୋଲି କୋର୍ଟ କହିଥିଲେ। ଇଓଡବ୍ଲ୍ୟୁ ଦ୍ୱାରା ଜାରି କରାଯାଇଥିବା ଲୁକ୍ ଆଉଟ ନୋଟିସ୍‌କୁ ୩ ମାସ ପାଇଁ ନିଲମ୍ବିତ କରିବାକୁ ଦୁହେଁ ଆବେଦନ କରିଥିଲେ। ହାଇକୋର୍ଟଙ୍କ ଏହି ନିର୍ଦ୍ଦେଶରେ ଦୁହେଁ ନିରାଶ ହୋଇଛନ୍ତି।

# ପାକିସ୍ତାନରେ ସଂଘର୍ଷ; ୩୦ ନିହତ

ଇସଲାମାବାଦ୍, ୮।୧୦(ଏଜେନ୍ସି): ପାକିସ୍ତାନର ଖାଇବର ପଖତୁନଖ୍ୱା ଅଞ୍ଚଳରେ ସେନା ଓ ତେହରିକ-ଇ- ତାଲିବାନ ପାକିସ୍ତାନ (ଟିଟିପି) ମଧ୍ୟରେ ସଂଘର୍ଷରେ ୩୦ ଜଣ ନିହତ ହୋଇଛନ୍ତି। ଏଥିରେ ସେନାର ୧୧ ଜଣ ଯବାନ ଥିବା ବେଳେ ଟିଟିପିର ୧୯ ବିଦ୍ରୋହୀ ଅଛନ୍ତି। ଯେଉଁ ୧୧ ଜଣ ପାକିସ୍ତାନ ସୈନିକ ମୃତ୍ୟୁବରଣ କରିଛନ୍ତି, ।।ସେମାନଙ୍କ ମଧ୍ୟରେ ଜଣେ ଲେଫ୍ଟନାଣ୍ଟ କର୍ଣ୍ଣେଲ ଓ ଜଣେ ମେଜର ସାମିଲ ରହିଛନ୍ତି।

ଆଫଗାନିସ୍ତାନ ସୀମା ନିକଟବର୍ତ୍ତୀ ଅଞ୍ଚଳରେ ଥିବା କୁରମ ଜିଲ୍ଲାରେ ପାକ୍ ସେନା ଟିଟିପି ବିରୋଧରେ ଅପରେସନ ଚଳାଇଥିବା ବେ।।ଳେ ଦୁଇପକ୍ଷ ମଧ୍ୟରେ ଗୁଳିବିନିମୟ ହୋଇଥିଲା। ଏଥିରେ ଟିଟିପିର ୧୯ ଜଣ ନିହତ ହୋଇଛନ୍ତି। ପାକସେନା ଅପରେସନ ଜାରି ରଖିଥିବା ବେଳେ ଟିଟିପି ବିଦ୍ରୋହୀଙ୍କ ଗୁଳିମାଡ଼।।ରେ ୧୧ ଜଣ ପାକ୍ ସୈନିକ ପ୍ରାଣ ହରାଇଛନ୍ତି। ପାକିସ୍ତାନ ପ୍ରଧାନମନ୍ତ୍ରୀ ଏହାର ନିନ୍ଦା କରିବା ସହିତ ବିଦ୍ରୋହୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ବିଦ୍ରୋହୀଙ୍କୁ ଭାରତ ସହାୟତା କରୁଛି ବୋଲି ପାକିସ୍ତାନ ପକ୍ଷରୁ ଅଭିଯୋଗ କରାଯାଇଛି।

ଉଲ୍ଲେଖଥାଉ କି ୨୦୨୧ରେ ଆଫଗାନିସ୍ତାନରେ ତାଲିବାନ ଶାସନକୁ ଆସିବା ପରେ ଟିଟିପି ପାକିସ୍ତାନ ସେନା ବିରୋଧରେ ଗରିଲା ଯୁଦ୍ଧ ଜାରି ରଖିଛି। ଟିଟିପିକୁ ଗତ ୧୨ ବର୍ଷ ମଧ୍ୟରେ ପାକିସ୍ତାନ ପାଇଁ ସବୁଠାରୁ ବଡ଼ ବିପଦ ବୋଲି ବିବେଚନା କରାଯାଉଛି। ଗତ କେତେମାସ ମଧ୍ୟରେ ଟିଟିପି ପାକିସ୍ତାନ ସେନା ଉପରେ ତା'ର ଆକ୍ରମଣକୁ ଦିନକୁ ଦିନ ତୀବ୍ରତର କରିବାରେ ଲାଗିଛି। ଟିଟିପିର ଆକ୍ରମଣ ୯୦ ପ୍ରତିଶତ ବୃଦ୍ଧି ପାଇଛି। ୨୦୨୪ରେ ଟିଟିପି ପାକିସ୍ତାନରେ ୪୮୨ଟି ଆକ୍ରମଣ କରିଛି। ଏଥିରେ ୫୫୮ ଜଣ ମୃତ୍ୟୁବରଣ କରିଛନ୍ତି। ଗତ ସେପ୍ଟେମ୍ବର ୨୧ ରାତି ୨ଟାରେ ପାକିସ୍ତାନ ବାୟୁସେନା ଖାଇବର ପଖତୁନଖ୍ୱାର ତିରା ଉପତ୍ୟକାରେ ଚୀନ ପ୍ରଦତ୍ତ ଜେ-୧୭ ବିମାନରୁ ୮ଟି ଲେଜର ବୋମା ମାଡ଼ କରିଥିଲା। ଏଥିରେ ୩୦ଜଣ ସାଧାରଣ ଲୋକ ମୃତ୍ୟୁବରଣ କରିଥିଲେ। ଟିଟିପିକୁ ଲକ୍ଷ୍ୟ କରି ଏହି ଆକ୍ରମଣ କରାଯାଇଥିଲା।



## କଶ୍ମୀରରେ ତୁଷାରପାତ, ତାପମାତ୍ରା -୦.୫



ଶ୍ରୀନଗର, ୮।୧୦(ସମିସ): ଜମ୍ମୁ-କଶ୍ମୀର, ହିମାଚଳ ପ୍ରଦେଶ ଓ ଉତ୍ତରାଖଣ୍ଡ ଭଳି ପାହାଡି ରାଜ୍ୟର ଉଚ୍ଚତମ ସ୍ଥାନମାନଙ୍କରେ ଗତ ୨୪ ଘଣ୍ଟା ମଧ୍ୟରେ ତୁଷାରପାତ ହୋଇଛି। ସେନା ଡୋଡା ଜିଲ୍ଲାରେ ଉଚ୍ଚତର ଅଞ୍ଚଳରେ ଫସି ରହିଥିବା ୨୫ ଜଣ ଆଦିବାସୀଙ୍କୁ ଉଦ୍ଧାର କରିଛି। ସେନା ନିଜର ପାଳିତ ଜନ୍ତୁଙ୍କ ସାହାଯ୍ୟରେ ଏହି ତୁଷାର ଝଡ଼ରୁ ଏମାନଙ୍କୁ ଉଦ୍ଧାର କରିବାରେ ସକ୍ଷମ ହୋଇଛି। ସେହିପରି ବୁଧବାରଠାରୁ ଜମ୍ମୁ-କଶ୍ମୀରର କଟରାରେ ବୈଷ୍ଣୋଦେବୀ ଯାତ୍ରା ପୁଣି ଥରେ ଆରମ୍ଭ ହୋଇଛି। ପ୍ରତିକୂଳ ପାଗ କାରଣରୁ ଏହି ଯାତ୍ରାକୁ ୫ରୁ ୭ ଅକ୍ଟୋବର ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଥିଲା। ୩ ଦିନ ପରେ ଯାତ୍ରା ଆରମ୍ଭ ହୋଇଥିବାରୁ ଶ୍ରଦ୍ଧାଳୁ ଖୁସି ଜାହିର କରିଛନ୍ତି। ଆଜି ସକାଳୁ ଶହଶହ ଲୋକ ପୁଣିଥରେ ଯାତ୍ରା ଆରମ୍ଭ କରିଛନ୍ତି।

ସେପଟେ ହିମାଚଳ ପ୍ରଦେଶରେ ମଙ୍ଗଳବାର ଲାଗାତର ତୃତୀୟ ଦିନ ପାଇଁ ତୁଷାରପାତ ହୋଇଛି। ଲାହୋଲ- ସ୍ପିତିରେ ରାତିରେ ତାପାମାତ୍ର -୦.୫ ଡିଗ୍ରୀରେ ପହଞ୍ଚିଛି। ସେହିପରି ଉତ୍ତରାଖଣ୍ଡ ବଦ୍ରିନାଥ, କେଦାରନାଥ ଓ ହେମକୁଣ୍ଡରେ ମଙ୍ଗଳବାର ପ୍ରଥମଥର ପାଇଁ ତୁଷାରପାତ ହୋଇଛି। ହେମକୁଣ୍ଡରେ ୨ରୁ ୩ ଇଞ୍ଚ୍ ପର୍ଯ୍ୟନ୍ତ ବରଫ ପଡ଼ିଛି। କେଦାରନାଥରେ ତାପମାତ୍ରା ୫ ଡିଗ୍ରୀକୁ ଖସିଛି। ଏବେ ୪ ଧାମ ଯାତ୍ରାର ଦ୍ୱିତୀୟ ପର୍ଯ୍ୟାୟ ଚାଲିଛି। ଅନ୍ୟପଟେ ବିହାରରେ ମୌସୁମୀର ଲେଉଟାଣୀ ଜାରି ରହିଥିଲେ ମଧ୍ୟ ବର୍ଷା ଜାରି ରହିଛି। ପ୍ରବଳ ବର୍ଷା କାରଣରୁ କେତୋଟି ନଦୀରେ ବନ୍ୟା ଆସିଛି। ସୁପୋଲରେ ୫ ହଜାର ଘରେ ପାଣି ପଶିଯାଇଛି। ମଧୁବନୀରେ ୧ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି। ସେହିପରି ଦେଶର ସମତଳ ଅଞ୍ଚଳରେ ଶୀତ ଅନୁଭୂତ ହେବା ଆରମ୍ଭ ହୋଇଛି। ପଞ୍ଜାବ, ହରିୟାଣା, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶର କେତୋଟି ସହରରେ ତାପମାତ୍ରା ଖସୁଥିବା ପରିଲକ୍ଷିତ ହୋଇଛି। କେତୋଟି ସହରର ତାପମାତ୍ରା ୨୦ ଡିଗ୍ରୀ ତାକୁ ଖସିଛି। ଫଳରେ ଶୀତ ଅନୁଭୂତ ହୋଇଛି।

## ଜାପାନ, ଆମେରିକା, ଅଷ୍ଟ୍ରେଲିଆ ବୈଜ୍ଞାନିକଙ୍କୁ ରସାୟନ ବିଜ୍ଞାନରେ ନୋବେଲ ପୁରସ୍କାର

ଷ୍ଟକ୍‌ହାମ୍, ୮।୧୦(ଏଜେନ୍ସି): ଏଥର ଜାପାନର ସୁସୁମୁ କିତାଗାୱା, ଅଷ୍ଟ୍ରେଲିଆର ରିଚାର୍ଡ ରବସନ ଓ ଆମେରିକାର ଉମର ଏମ୍ ୟାଘିଙ୍କୁ ରସାୟନ ବିଜ୍ଞାନରେ ନୋବେଲ ପୁରସ୍କାର ପ୍ରଦାନ କରାଯିବ। ସ୍ୱିଡେନର ରୟାଲ ସ୍ୱିଡିଶ ଏକାଡେମୀ ଅଫ୍ ସାଇନ୍‌ସ ତରଫରୁ ବୁଧବାର ଏ ନେଇ ଘୋଷଣା କରାଯାଇଛି। ଧାତୁ କାର୍ବନିକ ଢ଼ାଞ୍ଚାର ବିକାଶ ପାଇଁ ଉଲ୍ଲେଖନୀୟ କାର୍ଯ୍ୟ କରିଥିବାରୁ ଏହି ବୈଜ୍ଞାନିକମାନଙ୍କୁ ନୋବେଲ ପୁରସ୍କାର ଦିଆଯିବ ବୋଲି ଏକାଡେମୀ ତରଫରୁ ଏକ୍ସରେ ପୋଷ୍ଟ କରି ଘୋଷଣା କରାଯାଇଛି।



ଏହି ବୈଜ୍ଞାନିକମାନେ ଏଭଳି ଏକ ଆଟମ ବା ପରମାଣୁ ଭଳି ସଂରଚନା ତିଆରି କରିଛନ୍ତି, ଯେଉଁଥିରେ ବଡ଼ ବଡ଼ ଶୂନ୍ୟସ୍ଥାନ ରହିଛି। ଯେଉଁଥିରେ ଗ୍ୟାସ ଆଉ ରାସାୟନିକ ପଦାର୍ଥ ଅତି ସହଜରେ ଯାଇପାରିବ। ଏହି ସଂରଚନାକୁ ମେଟାଲ ଅର୍ଗାନିକ ଫ୍ରେମୱାର୍କ (ଏମ୍‌ଓଏଫ୍) କୁହାଯାଇଥାଏ। ଏଥିରେ ଏମିତି ଏକ କ୍ରିଷ୍ଟାଲ ତିଆରି ହେବ ଯେଉଁଥିରେ ବଡ଼ ଶୂନ୍ୟସ୍ଥାନ ରହିବ। ଏହାକୁ ଏକ ସ୍ୱତନ୍ତ୍ର ଶୈଳୀରେ ତିଆରି କରାଯାଇଛି। ଏହାଦ୍ୱାରା ମରୁଭୂମିର ବାୟୁରୁ ପାଣିକୁ ଏକାଠି କରିବା, ପ୍ରଦୂଷଣ ଦୂରେଇବା, କାର୍ବନ ଡାଇଅକ୍ସାଇଡକୁ ସଫା କରିବା, ବିଷାକ୍ତ ଗ୍ୟାସ୍‌କୁ ଷ୍ଟୋର କରିବା ଓ ରାସାୟନିକ ପ୍ରକ୍ରିୟାକୁ ତ୍ୱରାନ୍ୱିତ ଭଳି କାର୍ଯ୍ୟ ସମ୍ପାଦିତ ହେବ।

## ବର୍ଷା ପାଇଁ ଦିଲ୍ଲୀ-କୋଲକାତା ହାଇୱେ ଜାମ୍

ନୂଆଦିଲ୍ଲୀ, ୮।୧୦(ଏଜେନ୍ସି): ବିହାରର ରୋହତାସ ଜିଲ୍ଲାରେ ଗତ ସପ୍ତାହରେ ହୋଇଥିବା ପ୍ରବଳ ବର୍ଷା କାରଣରୁ ଦିଲ୍ଲୀ- କୋଲକାତା ଜାତୀୟ ରାଜପଥ-୧୯ ସମ୍ପୂର୍ଣ୍ଣ ଭାବେ ଠପ୍ କରିଛି। ହଜାର ହଜାର ଗାଡ଼ି ସଡ଼କ ଉପରେ ୪ ଦିନ ହେବ ଫସି ରହିଛି। ଟ୍ରକ୍, ବସ, କାର, ମୋଟର ସାଇକଲ ସବୁ ଗାଡ଼ି ଗୁଡିକ ଲମ୍ବା ଲାଇନ୍‌ରେ ଠିଆ ହୋଇଛନ୍ତି। ରୋହତାସରୁ ଔରଙ୍ଗାବାଦ ପର୍ଯ୍ୟନ୍ତ ୬୫ କିମିର ଟ୍ରାଫିକ ଜାମ ଦେଖିବାକୁ ମିଳିଛି। ଗତ ଶୁକ୍ରବାର ପ୍ରବଳ ବର୍ଷା ହେବା କାରଣରୁ ହାଇୱେରେ ବିଭିନ୍ନ ସ୍ଥାନରେ ନିର୍ମାଣ ହୋଇଥିବା ଡାଇଭର୍ଜନ ଓ ସର୍ଭିସ ଲେନ୍‌ରେ ପାଣି ପଶିଛି। ଏହି ଟ୍ରାଫିକ ଜାମ୍ ସମସ୍ୟାର ସମାଧାନ ପାଇଁ ସ୍ଥାନୀୟ ପ୍ରଶାସନ ତରଫରୁ କିଛି ପ୍ରୟାସ କରାଯାଇନାହିଁ। ସେହିପରି ନ୍ୟାସନାଲ ହାଇୱେ ଅଥରିଟି ଅଫ୍ ଇଣ୍ଡିଆ (ଏନ୍‌ଏଚ୍‌ଏଆଇ) ଓ ସଡ଼କ ନିର୍ମାଣ ସଂସ୍ଥା ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି। ଗତ ୨୪ ଘଣ୍ଟା ମଧ୍ୟରେ ଗାଡିଗୁଡିକ ମାତ୍ର ୫ କିମି ଆଗକୁ ଯିବାକୁ ସମର୍ଥ ହୋଇଛି। ଗତ ୩୦ ଘଣ୍ଟାରେ ଆମେ ମାତ୍ର ୭ କିମି ଯାତ୍ରା କରିଛୁ ବୋଲି ପ୍ରବୀଣ ସିଂ ନାମକ ଜଣେ ଟ୍ରକ୍ ଡ୍ରାଇଭର କହିଛନ୍ତି। ଟ୍ରାଫିକ ଜାମ୍ କାରଣରୁ ବ୍ୟବସାୟଠାରୁ ଆରମ୍ଭ କରି ସବୁ ପ୍ରକାର ଦୈନନ୍ଦିନ କାର୍ଯ୍ୟ ଯଥା ଆମ୍ବୁଲାନ୍ସ ଭଳି ଜରୁରୀକାଳୀନ ସେବା ବାଧାପ୍ରାପ୍ତ ହୋଇଛି।



୪ ଦିନ ହେଲା ଗାଡ଼ିଗୁଡିକ ଫସି ରହିଛି

## ପିକ୍‌ନିକ୍ ବେଳେ ଭାସିଗଲେ ୭

ବେଙ୍ଗାଲୁରୁ, ୮।୧୦(ସମିସ): ଛୁଟିରେ ବଣଭୋଜି କରିବାକୁ ଯାଇଥିଲେ। କିନ୍ତୁ ଏହା ଏକ ବଡ଼ ଦୁର୍ଘଟଣାରେ ରୂପ ନେଇଥିଲା। କର୍ଣ୍ଣାଟକର ତୁମାକୁରୁର ୧୫ଜଣ ଲୋକ ମାରକୋନାହାଲି ଡ୍ୟାମ୍‌କୁ ପିକ୍‌ନିକ କରିବାକୁ ଯାଇଥିଲେ।



ଏମାନଙ୍କ ମଧ୍ୟରୁ ୭ ଜଣ ପାଣି ଭିତରେ ପଶିଥିଲେ। ଏତିକି ବେଳେ ଡ୍ୟାମରୁ ପାଣି ଛଡ଼ା ଯାଇଥିଲା। ଫଳରେ ପ୍ରବଳ ସୁଅ ଆସିଥିଲା ଓ ସମସ୍ତେ ଭାସି ଯାଇଥିଲେ। ସୂଚନା ପାଇ ଉଦ୍ଧାରକାରୀ ଦଳ ଓ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ନୱାଜ ବୋଲି ଜଣେ ଲୋକଙ୍କୁ ଉଦ୍ଧାର କରାଯାଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ବୋଲି ତୁମାକୁରୁ ଏସ୍‌ପି କେଭି ଅଶୋକ କହିଛନ୍ତି। ଦୁଇଟି ମୃତଦେହ ଉଦ୍ଧାର କରାଯାଇଛି ବୋଲି ପୁଲିସ କହିଛି। ବାକି ୪ ଜଣଙ୍କୁ ଖୋଜିବା ପାଇଁ ପ୍ରୟାସ ଜାରି ରହିଛି।

# ସାମାଜିକ ଗଣମାଧ୍ୟମରେ ପ୍ରଧାନବିଚାରପତିଙ୍କୁ କଟାକ୍ଷ; ପଞ୍ଜାବରେ ମାମଲା

ନୂଆଦିଲ୍ଲୀ, ୮।୧୦: ଗତ ସୋମବାର ଦିନ ସୁପ୍ରିମ କୋର୍ଟ ଭିତରେ ଶୁଣାଣି ଚାଲିଥିବା ବେଳେ ପ୍ରଧାନ ବିଚାରପତି ଜଷ୍ଟିସ ବିଆର ଗଭାଇଙ୍କ ଉପରେ ଜୋତା ଆକ୍ରମଣ ପାଇଁ ଉଦ୍ୟମ ଘଟଣା ଅଭାବନୀୟ ପରିସ୍ଥିତି ସୃଷ୍ଟି କରିଛି। ଜଣେ ଆଇନଜୀବୀଙ୍କ ଏଭଳି ଉଦ୍ୟମକୁ ବିଭିନ୍ନ ଦଳ ଓ ସଂଗଠନ ନିନ୍ଦା କରିଥିବା ବେଳେ କେତେକ ବ୍ୟକ୍ତି ସାମାଜିକ ଗଣମାଧ୍ୟମରେ ଜଷ୍ଟିସ ଗଭାଇଙ୍କୁ ଟାର୍ଗେଟ କରିବାରେ ଲାଗିଛନ୍ତି। ସେପଟେ ଅଭିଯୁକ୍ତ ଆଇନଜୀବୀ ମଧ୍ୟ ଅନୁତାପ କରିବା ପରିବର୍ତ୍ତେ ଆକ୍ରମଣ ସପକ୍ଷରେ ପ୍ରଚାର କରିବାରେ ଲାଗିଛନ୍ତି।

ଇତିମଧ୍ୟରେ ଜଷ୍ଟିସ ଗଭାଇଙ୍କ ପରିବାର ପକ୍ଷରୁ ଜୋତା ଆକ୍ରମଣ ଘଟଣାର ନିନ୍ଦା କରାଯାଇଛି। ଜଷ୍ଟିସ ଗଭାଇଙ୍କ ମାଆ କମଲ ଗଭାଇ ଏବଂ ଭଉଣୀ କିର୍ତ୍ତି ଗଭାଇ ଘଟଣାର ନିନ୍ଦା କରି କହିଛନ୍ତି ଯେ କୋର୍ଟ ରୁମ ଭିତରେ ଏଭଳି ଆଚରଣ ହେଉଛି ସମ୍ବିଧାନ ଉପରେ ଆକ୍ରମଣ। ଏଭଳି ଆଚରଣ ବନ୍ଦ ହେବା ଉଚିତ। ନହେଲେ ଭବିଷ୍ୟତ ପିଢ଼ି ଆମକୁ କେବେହେଲେ କ୍ଷମା ଦେବେ ନାହିଁ। ବିନା କୌଣସି କାର୍ଯ୍ୟାନୁଷ୍ଠାନରେ ସଂପୃକ୍ତ ଆଇନଜୀବୀଙ୍କୁ ଛାଡ଼ିଦେବା ଲାଗି ଜଷ୍ଟିସ ଗଭାଇଙ୍କ ପରାମର୍ଶ ତାଙ୍କର ବଡ଼ପଣିଆର ପ୍ରଦର୍ଶନ ଥିଲା। ଆକ୍ରମଣକାରୀଙ୍କ 'ବିଷାକ୍ତ ଆଦର୍ଶ'ର ସମାଲୋଚନା କରି ସେମାନେ କହିଛନ୍ତି ଯେ ଯେଉଁମାନେ ସମ୍ବିଧାନର ଅପମାନ କରୁଛନ୍ତି, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବା ଦରକାର।



ଜଷ୍ଟିସ ଗଭାଇଙ୍କ ପରିବାର କ୍ଷୁବ୍ଧ

ଅନ୍ୟପକ୍ଷରେ ଏହି ଘଟଣା ପରେ ସାମାଜିକ ଗଣମାଧ୍ୟମରେ କେତେକ ବ୍ୟକ୍ତି ଜଷ୍ଟିସ ଗଭାଇଙ୍କୁ କଟାକ୍ଷ କରିବା ଆରମ୍ଭ କରିଛନ୍ତି। ସେମାନେ ଆକ୍ରମଣକାରୀ ଓକିଲକୁ ସମର୍ଥନ କରି ପ୍ରଧାନ ବିଚାରପତିଙ୍କ ଉଦ୍ଦେଶ୍ୟରେ ଜାତିଆଣ ଟିପ୍ପଣୀ କରୁଛନ୍ତି। ଗତକାଲି ଠାରୁ ଏହି ଧାରା ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଇଥିବା ବେଳେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନଥିବାରୁ ବିଭିନ୍ନ ରାଜନୈତିକ ଦଳ ଓ ସଂଗଠନ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ସେମାନେ କହିଛନ୍ତି ଯେ ସଂପୃକ୍ତ ଓକିଲ ବିରୋଧରେ କାର୍ଯ୍ୟାନୁଷ୍ଠାନ ନନେବା ପାଇଁ ସୁପ୍ରିମକୋର୍ଟ କହିଥିଲେ ମଧ୍ୟ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ। କୋର୍ଟ ରୁମ ଭିତରେ ପ୍ରଧାନ ବିଚାରପତିଙ୍କ ଉପରେ ଜୋତା ଆକ୍ରମଣ ଉଦ୍ୟମ ଏକ ମାମୁଲି ଘଟଣା ନୁହେଁ। ସରକାର ଏହାକୁ ଗୁରୁତ୍ୱର ସହ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ। ସାମାଜିକ ଗଣମାଧ୍ୟମରେ ଜଷ୍ଟିସ ଗଭାଇଙ୍କୁ କଟାକ୍ଷ କରୁଥିବା ଲୋକମାନଙ୍କ ବିରୋଧରେ ପଞ୍ଜାବରେ ଏକାଧିକ ଏଫଆଇଆର୍ ଦାଖଲ କରାଯାଇଥିବା ଜଣାପଡ଼ିଛି।

## ଆଲୋଭେରା ସାମ୍ପୁ



**ରାସାୟନିକ ସାମ୍ପୁ ବ୍ୟବହାର କଲେ ଏହା କେଶକୁ କ୍ଷତି ପହଞ୍ଚାଇଥାଏ। ତେଣୁ କେଶକୁ ଘନ ଓ ମଜଭୂତ କରିବାକୁ ଚାହୁଁଥିଲେ ରାସାୟନିକ ସାମ୍ପୁ ବଦଳରେ ଘରେ ଆଲୋଭେରା ସାମ୍ପୁ ପ୍ରସ୍ତୁତ କରି ଲଗାଇପାରିବେ।**

### ସାମ୍ପୁ ପ୍ରସ୍ତୁତି ବିଧି

- ଗୋଟିଏ କାଚ ବାଉଲ୍‌ରେ ଆଲୋଭେରା ଜେଲ୍ ନେଇ ସେଥିରେ ନଡ଼ିଆ କ୍ଷୀର, ମହୁ ଓ ବାଦାମତେଲ ଦେଇ ଭଲ ଭାବେ ମିକ୍ସ କରି ଦିଅନ୍ତୁ।
- ଏହାକୁ ଗ୍ରାଇଣ୍ଡିଂ ଜାର୍‌ରେ ଦେଇ ଦୁଇ ତିନି ବୁନ୍ଦା ଏସେନ୍‌ସିଆଲ୍ ଅଏଲ୍ ମିଶାଇ ଗ୍ରାଇଣ୍ଡିଂ କରନ୍ତୁ। ଏଥିରେ ରୋଜମେରୀ ଏସେନ୍‌ସିଆଲ୍ ଅଏଲ୍ ମିଶାଇ ଏୟାରଟାଇଟ୍ ବୋତଲରେ ଭରି ଫ୍ରିଜ୍‌ରେ ଷ୍ଟୋର କରନ୍ତୁ।
- ପ୍ରଥମେ କେଶକୁ ଓଦା କରନ୍ତୁ। ଏହାପରେ ଅଳ୍ପ ମାତ୍ରାରେ ସାମ୍ପୁ ନେଇ ସ୍କାଲ୍‌ପରେ ହାଲୁକା ମସାଜ୍ କରନ୍ତୁ। ଏହାକୁ ଦୁଇ, ତିନି ମିନିଟ୍ ରଖି ପାଣିରେ ଧୋଇ ଦିଅନ୍ତୁ।

### ସାମ୍ପୁର ଫାଇଦା

- ଏହା କେଶକୁ ପ୍ରାକୃତିକ ପୋଷଣ ଦେବା ସହ କେଶରେ ଚମକ ବୃଦ୍ଧି କରିଥାଏ।
- କେଶକୁ କୋମଳ କରି ରୂପିକୁ ସମସ୍ୟା ଦୂର କରିବାରେ ସହାୟକ ହୋଇଥାଏ। ଏହା ସମ୍ପୂର୍ଣ୍ଣ ରସାୟନ ମୁକ୍ତ।
- ଏହାକୁ ଦଶରୁ ପନ୍ଦର ଦିନ ଫ୍ରିଜ୍‌ରେ ଷ୍ଟୋର କରି ରଖିପାରିବେ। ନିୟମିତ ବ୍ୟବହାର ଦ୍ୱାରା ଏହା କେଶକୁ ମଜଭୂତ କରିଥାଏ।

## ସିକ୍କି କଳାକୃତିରୁ ଆତ୍ମନିର୍ଭର



**ବର୍ତ୍ତମାନ ସମୟରେ ମହିଳାମାନେ ଘରେ ନ ବସି ଅର୍ଥ ଉପାର୍ଜନକୁ ପ୍ରାଧାନ୍ୟ ଦେଉଛନ୍ତି। କିଏ ଚାଷ କାର୍ଯ୍ୟ ତ କିଏ ବ୍ୟବସାୟ ତଥା କୁଟୀର ଶିଳ୍ପ ଦ୍ୱାରା ରୋଜଗାରକ୍ଷମ ହୋଇପାରୁଛନ୍ତି। ଏହାଦ୍ୱାରା ସେମାନେ ପରିବାର ପ୍ରତିପୋଷଣ ଭାର କାନ୍ଧକୁ ନେଇଛନ୍ତି। ଏହି ପରିପ୍ରେକ୍ଷୀରେ ସିକ୍କି ଘାସରୁ ଭଳିକି ଭଳି ଟ୍ରେ, ଚାଙ୍ଗୁଡ଼ି, ଟୋକେଇ, ବାକ୍ସ, ପାଛିଆ, ଖେଳନା ଆଦି ପ୍ରସ୍ତୁତ କରି ଆତ୍ମନିର୍ଭର ହୋଇଛନ୍ତି, ବିହାର ଚମ୍ପାରନ ଜିଲ୍ଲା ବଗହାର ଆଦିବାସୀ ମହିଳାମାନେ।**



### ସିକ୍କି କଳାକୃତିର ବିଶେଷତା

ବିହାରର ପ୍ରଚଳିତ ପ୍ରାଚୀନ ଲୋକକଳା ମଧ୍ୟରୁ ଗୋଟିଏ ସିକ୍କି କଳା। ନଦୀପଠାରେ ମିଳୁଥିବା ସିକ୍କି ଘାସରୁ ଏହି କଳାକୃତି କରାଯାଏ। ଏହା ୪୦୦ ବର୍ଷ ପୁରୁଣା। ବଗହା ଗାଁ ମହିଳାଙ୍କ କହିବାନୁଯାୟୀ, ଏଥିରୁ ତିଆରି ସାମଗ୍ରୀ ଯଥା- ଟୋକେଇ, ଆସନ, ଚାଙ୍ଗୁଡ଼ି ଦୈନନ୍ଦିନ ଜୀବନରେ ବ୍ୟବହାର ହେଉଥିଲା। କିନ୍ତୁ ସମୟକ୍ରମେ ଏଥିରୁ ଏବେ ଭଳିକି ଭଳି ଘରସଜ୍ଜା ସାମଗ୍ରୀ ପ୍ରସ୍ତୁତ ହେଉଛି। ଏହି ଘାସ ବିଶେଷ କରି ବିହାର ମିଥିଳା ନଦୀତଟ, ତଥା ପୋଖରୀ କୂଳରେ ଦେଖିବାକୁ ମିଳିଥାଏ। ଏହି ଘାସକୁ ପ୍ରଥମେ କାଟି ଖରାରେ ଶୁଖାଯାଏ। ଶୁଖିଗଲା ପରେ ରଙ୍ଗ ବୁଡ଼ାଇ ସିକ୍କି ଜାଲି ଉପକରଣରେ ଏହାକୁ ସୂତା ଆକାର ଦିଆଯାଏ। ଏହାପରେ ହାତରେ ବୁଣି ବିଭିନ୍ନ କଳାକୃତି ପ୍ରସ୍ତୁତ କରାଯାଏ।

### ଶୁଭକାର୍ଯ୍ୟରେ ଦିଆଯାଏ ଉପହାର

ପୌରାଣିକ କାହାଣୀ ଅନୁଯାୟୀ, ରାଜା ଜନକ ସୀତାଙ୍କୁ ବିଦାୟବେଳେ ସିକ୍କି କଳାକୃତି ନିର୍ମିତ ଟୋକେଇ, ଚାଙ୍ଗୁଡ଼ି, ଆଦି ଦେଇଥିଲେ। ଅବଶ୍ୟ କେତେକ ଗ୍ରାମାଞ୍ଚଳରେ ଏବେ ଝିଅ ଶାଶୁଘରକୁ ଗଲେ ସିକ୍କିରେ ତିଆରି ସାମଗ୍ରୀ ଦେବାର ପରମ୍ପରା ରହିଛି। ସେହିପରି ଘାସ ତିଆରି ଜିନିଷକୁ ଶୁଭ ମନଯାଏ। ଏଥିପାଇଁ ଏହାକୁ ଶୁଭକାର୍ଯ୍ୟରେ ବ୍ୟବହାର କରିବା ସହ ଉପହାର ଦିଆଯାଏ।

### ଆତ୍ମନିର୍ଭର ହୋଇଛନ୍ତି ଆଦିବାସୀ ମହିଳା

ସ୍ଥାନୀୟ ଅଞ୍ଚଳର ଶହ ଶହ ଆଦିବାସୀ ମହିଳା ଏହି କଳାକୃତି ଦ୍ୱାରା ଆତ୍ମନିର୍ଭର ହୋଇଛନ୍ତି। ଘରର କାର୍ଯ୍ୟ ସାରି ଦିନକୁ ଦୁଇ ତିନି ଘଣ୍ଟା ଏହି କଳାକୃତି କରିଥାନ୍ତି। ଏହାଦ୍ୱାରା ସେମାନେ ଅର୍ଥଉପାର୍ଜନ କରିବା ସହ ପାରମ୍ପରିକ କଳାକୁ ଜୀବିତ ରଖିଛନ୍ତି। ଏଥିସହ ମହିଳାମାନେ ସ୍ୱତନ୍ତ୍ର ପ୍ରଶିକ୍ଷଣ ନେଇ ସିକ୍କି କଳାରେ ଆଧୁନିକ ସାମଗ୍ରୀ ପ୍ରସ୍ତୁତ କରନ୍ତି। ଏହି କଳାକୃତିକୁ ବିଭିନ୍ନ ମେଳାଗୁଡ଼ିକରେ ଷ୍ଟଲ୍ ପକାଇ ବିକ୍ରିବଟା କରିଥାନ୍ତି। ସେହିପରି କିଛି ଏନ୍‌ଜିଓ ସହାୟତାରେ ଏହାକୁ ଅନ୍‌ଲାଇନ୍‌ରେ ମଧ୍ୟ ବିକ୍ରି କରିଥାନ୍ତି। କେବଳ ଭାରତ ନୁହେଁ, ବିଦେଶରେ ମଧ୍ୟ ଏହାର ଚାହିଦା ବୃଦ୍ଧି ପାଇଛି।

## ମଙ୍ଗଳସୂତ୍ର ବ୍ରେସ୍‌ଲେଟ୍

**ସମୟ ଅନୁସାରେ ବିଭିନ୍ନ ଟ୍ରେଣ୍ଡ ଦେଖିବାକୁ ମିଳିଥାଏ। ଏହି କ୍ରମରେ ଏବେ ମଙ୍ଗଳସୂତ୍ର ବ୍ରେସ୍‌ଲେଟର ଟ୍ରେଣ୍ଡ ଚାଲିଛି। ମହିଳାମାନେ ବେକ ଅପେକ୍ଷା ହାତରେ ମଙ୍ଗଳସୂତ୍ର ପିନ୍ଧିବାକୁ ବେଶୀ ପସନ୍ଦ କରୁଛନ୍ତି। ତେବେ ବିଭିନ୍ନ ଡିଜାଇନର ମଙ୍ଗଳସୂତ୍ର ରହିଛି, ଜାଣିବା ସେ ବିଷୟରେ...**

### ଫୁଲ ଡିଜାଇନ୍

ଫୁଲ ଡିଜାଇନର ମଙ୍ଗଳସୂତ୍ର ପିନ୍ଧିପାରିବେ। ଏହା ହାତକୁ ଖୁବ୍ ସୁନ୍ଦର ମାନିଥାଏ। ଏହା ଷ୍ଟାଇଲିଶ୍ ଦେଖାଯିବା ସହ କାର୍ଯ୍ୟ କରିବାରେ ସୁବିଧା ହୋଇଥାଏ।

### ପେଣ୍ଡେଣ୍ଟ ଡିଜାଇନ୍

ସେହିପରି ଚାହିଁଲେ, ପେଣ୍ଡେଣ୍ଟ ଡିଜାଇନ୍‌ର ମଙ୍ଗଳସୂତ୍ର ପିନ୍ଧିପାରିବେ। ଏଥିପାଇଁ ବେକ ମଙ୍ଗଳସୂତ୍ରରୁ ଲକେଟ୍ କାଢ଼ି କଳାମାଳିରେ ଗୁନ୍ଥି ହାତରେ ପିନ୍ଧିପାରିବେ।

### ଲିଫ୍ ଡିଜାଇନ୍


ଏହି ବ୍ରେସ୍‌ଲେଟ୍ ବେଶ୍ ସୁନ୍ଦର ହୋଇଥାଏ। ଏଥିରୁ ଏକ ଷ୍ଟାଇଲିଶ୍ ଲୁକ୍ ମିଳିଥାଏ।



## କାନଫୋଡ଼ାଇବା ପରେ ଯତ୍ନ

**ଅଧିକାଂଶ ମହିଳା ଶୀତଦିନେ କାନ ଫୋଡ଼ାଇଥାନ୍ତି। କାରଣ ଏ ଦିନେ କାନ ଶୀଘ୍ର ଶୁଖିଯାଏ। କିନ୍ତୁ ଏବେ ମହିଳାମାନେ ଟ୍ରେଣ୍ଡ ଅନୁଯାୟୀ କାନ ଫୋଡ଼ାଉଛନ୍ତି। ଫଳରେ ଏହାଦ୍ୱାରା କାନ ସଂକ୍ରମଣ ହୋଇଥାଏ। ତେଣୁ କାନ ଫୋଡ଼ାଇବାର ପରବର୍ତ୍ତୀ ଯତ୍ନ କିପରି ନେବେ ଜାଣିବା ସେ ବିଷୟରେ...**

- ଉପର କାନ ଫୋଡ଼ାଉଥିଲେ, ଏହା ସଂକ୍ରମଣ ହେବାର ବେଶୀ ଆଶଙ୍କା ଥାଏ। ତେଣୁ କାନକୁ ସର୍ବଦା ସଫା ରଖିବା ଜରୁରୀ।
- ଏଥିସହ ଉଷୁମ ପାଣିରେ ତୁଳା ବୁଡ଼ାଇ କାନଫୋଡ଼ାଇ ଥିବା ସ୍ଥାନକୁ ସଫା କରନ୍ତୁ। ଏହାଦ୍ୱାରା କାନ ପାଚେ ନାହିଁ।
- ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ, କାନରେ କ୍ରିମ୍ ବା ତେଲ ଲଗାଇପାରିବେ। ଏହା କାନଦରଜ ଦୂର କରିଥାଏ।
- ସେହିପରି କାନ ଶୁଖିଗଲେ ସଙ୍ଗେ ସଙ୍ଗେ କିଣା କାନଫୁଲ କାଢ଼ି ସୁନା କିମ୍ବା ରୂପା କାନ ଫୁଲ ଲଗାଇବା ଭଲ। ଏହା କାନକୁ ପାଚିବାକୁ ଦିଏନି।
- ସେହିପରି ଭାରି କାନଫୁଲ ବଦଳରେ ହାଲୁକା ଟପ୍ସ ଲଗାଇପାରିବେ।
- ବିଭିନ୍ନ ଡିଜାଇନର ଛୋଟ କାନଫୁଲ ପିନ୍ଧିପାରିବେ।



ମୋ ହାଣ୍ଡିଶାଳରୁ...

## ମଶରୁମ୍ ମସାଲା



### ଆବଶ୍ୟକ ସାମଗ୍ରୀ

ମଶରୁମ୍ – ୫୦୦ ଗ୍ରାମ୍, କଟା
ପିଆଜ – ଏକ କପ୍, କଞ୍ଚା ଲଙ୍କା- ତିନୋଟି,
ଜିରା – ଏକ ଚାମଚ, ଗୋଟା ଧନିଆ – ଏକ ଚାମଚ, ପାହମଧୁରୀ- ଏକ ଚାମଚ, ଗୋଲମରିଚ – ଚାରିଗୋଟି, ଅଦା ରସୁଣ ପେଷ୍ଟ – ଏକ ଚାମଚ, ଶୁଖିଲା ଲଙ୍କା – ତିନୋଟି, ହଳଦୀଗୁଣ୍ଡ - ଏକ ଚାମଚ, ଭୃସଙ୍ଗ ପତ୍ର – ଅଳ୍ପ, ଲୁଣ –ସ୍ୱାଦ ଅନୁସାରେ, ତେଲ – ଆବଶ୍ୟକତା ଅନୁସାରେ।

### ପ୍ରସ୍ତୁତି ପ୍ରଣାଳି

ପ୍ରଥମେ ଗ୍ୟାସ୍ ଲଗାଇ କଡ଼େଇ ବସାନ୍ତୁ। ସେଥିରେ ଜିରା, ଧନିଆ, ରାଶି, ଜାଇଫଳ, ଗୋଲମରିଚ, ଲବଙ୍ଗ, ପକାଇ ଧିମା ଆଞ୍ଚରେ ଭାଜନ୍ତୁ। ଥଣ୍ଡା ହୋଇଗଲେ ଏହାକୁ ଏକ ଜାର୍‌ରେ ଦେଇ ଗ୍ରାଇଣ୍ଡିଂ କରନ୍ତୁ। ଏହାପରେ ମଶରୁମ୍‌କୁ ମଝିରୁ ଦୁଇଫାଳ କରି ଭଲରେ ଧୋଇ ଦିଅନ୍ତୁ। ଏଥିରେ ଅଳ୍ପ ଲେମ୍ବୁରସ, ଲୁଣ, ଅଦାରସୁଣ ପେଷ୍ଟ ଓ ହଳଦୀଗୁଣ୍ଡ ଦେଇ ୨୦ ମିନିଟ୍ ଗୋଳାଇ ରଖନ୍ତୁ। ଏହାପରେ କଡ଼େଇ ବସାଇ ତେଲ ଦିଅନ୍ତୁ। ସେଥିରେ କଟାପିଆଜ ଦେଇ ହାଲୁକା ନାଲି ହେବା ଯାଏ ଭାଜନ୍ତୁ। ଏହାପରେ ମ୍ୟାରିନେଡ୍ କରି ରଖିଥିବା ମଶରୁମ୍‌କୁ ଦେଇ ଏପାଖସେପାଖ କରନ୍ତୁ। ସେଥିରେ କଞ୍ଚାଲଙ୍କା, ଭୃସଙ୍ଗପତ୍ର ସହ ମସଲାଗୁଣ୍ଡ ଦେଇ ଭାଜି ଦିଅନ୍ତୁ। ଦୁଇ ତିନି ମିନିଟ୍ ଭାଜି ହୋଇଗଲେ , ଧନିଆ ପତ୍ର ପକାଇ ପରଷନ୍ତୁ ମଶରୁମ୍ ମସାଲା।

## ବିବାହ ଲେହେଙ୍ଗା କିଣୁଥିଲେ



### ବଜେଟ୍

ଲେହେଙ୍ଗା କିଣିବାକୁ ଯିବାପୂର୍ବରୁ ପ୍ରଥମେ ନିଜର ବଜେଟ୍ ପ୍ରସ୍ତୁତ କରନ୍ତୁ। ବଜେଟ୍ ଅନୁସାରେ ପସନ୍ଦ ମୁତାବକ ଜିନିଷ କିଣିପାରିବେ। ଏଥିସହ ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ।

### ଟ୍ରେଣ୍ଡ

ଉଭୟ ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍‌ରେ ଲାଟେଷ୍ଟ ଡିଜାଇନ୍ ଦେଖନ୍ତୁ। ଏହାଦ୍ୱାରା ଆପଣଙ୍କୁ କେଉଁ ରଙ୍ଗର ଲେହେଙ୍ଗା ପସନ୍ଦ ସେ ବିଷୟରେ ସମ୍ୟକ୍ ଧାରଣା ମିଳିଥାଏ।

### ରଙ୍ଗ ଚୟନ

ନିଜ ତ୍ୱଚା ରଙ୍ଗ ଅନୁସାରେ ଲେହେଙ୍ଗା ଚୟନ କରନ୍ତୁ। ଲାଲ, ଖଇରିଆ ଓ ଗୋଲପୀ ଭଳି ପାରମ୍ପରିକ ରଙ୍ଗ ବ୍ୟତୀତ ପେଷ୍ଟାଲ୍ ଓ ଅନ୍ୟ ଉଜ୍ଜ୍ୱଳ ରଙ୍ଗ ବାଛିପାରିବେ।

### ଋତୁ ଅନୁଯାୟୀ ଫ୍ୟାବ୍ରିକ୍

ବିବାହଋତୁକୁ ଧ୍ୟାନରେ ରଖି କପଡ଼ା ଚୟନ କରନ୍ତୁ। ଗରମ ଦିନେ ଜର୍ଜେଟ୍ ତଥା ନେଟ୍ ଲେହେଙ୍ଗା ଭଲ ହୋଇଥିବାବେଳେ, ଶୀତଦିନେ ଭେଲଭେଟ୍ ଲେହେଙ୍ଗା ଭଲ ହୋଇଥାଏ।

### ଶରୀର ଅନୁଯାୟୀ କିଣନ୍ତୁ ଲେହେଙ୍ଗା

ଉଚ୍ଚତା ଓ ଶାରୀରିକ ଗଠନ ଅନୁସାରେ ଲେହେଙ୍ଗା ଚୟନ କରନ୍ତୁ। ଡେଙ୍ଗା ଯୁବତୀଙ୍କୁ ଓଜନିଆ ଲେହେଙ୍ଗା ଭଲ ମାନିଥାଏ। ସେହିପରି କମ୍ ଉଚ୍ଚତା ଯୁବତୀଙ୍କୁ ହାଲୁକା କାମ ଥିବା ଲେହେଙ୍ଗା ସୁନ୍ଦର ଦେଖାଯାଏ।

## ବେସିନ୍ ସଫେଇ

**ୱାସ୍ ବେସିନ୍‌ରୁ ଲଗାତାର ପାଣି ଝରିଲେ, ସେଥିରେ କ୍ୟାଲ୍‌ସିୟମ୍ ପରସ୍ତ ଜମିଯାଏ। ଅନେକ ସମୟରେ ସାବୁନ ଓ ଟୁଥ୍‌ପେଷ୍ଟ ଲାଗି ମଧ୍ୟ ବେସିନ୍ ହଳଦିଆ ହୋଇଯାଏ। ଫଳରେ ଏହା ଖୁବ୍ ଅପରିଷ୍କାର ଦେଖାଯାଏ। ତେଣୁ ସହଜ ଉପାୟ ଆପଣାଇ କିପରି ବେସିନ୍ ସଫା କରିବେ। ଜାଣି ରଖନ୍ତୁ ।**

- ବେସିନ୍ ସଫା ପାଇଁ ଦୁଇଟି ଲେମ୍ବୁ, ଏକ ଚାମଚ ବେକିଂ ସୋଡ଼ା, ଓ ଏକକପ୍ ଉଷୁମ ପାଣି ନିଅନ୍ତୁ। ପ୍ରଥମେ ଲେମ୍ବୁରୁ ରସ କାଢ଼ି ସେଥିରେ ବେକିଂସୋଡ଼ା ମିଶାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହି ପେଷ୍ଟକୁ ୱାସବେସିନ୍‌ର ହଳଦିଆ ଓ ଅପରିଷ୍କାର ସ୍ଥାନରେ ଲଗାଇ ଦଶରୁ ପନ୍ଦର ମିନିଟ୍ ଛାଡ଼ି ଦିଅନ୍ତୁ। ଏହାପରେ ନଖଉଷୁମ ପାଣିରେ ଧୋଇ ଏହାକୁ ସଫା କରନ୍ତୁ। ବେସିନ୍ ନୂଆ ଭଳି ଚକ୍ ଚକ୍ ହୋଇଯିବ।
- ଲେମ୍ବୁରେ ଥିବା ଏସିଡ୍ ଅପରିଷ୍କାର ଓ ଦାଗକୁ ଦୂର କରିଥାଏ। ଏହା ବେସିନ୍‌କୁ ନୂଆ ଭଳି ସଫା କରିଥାଏ। ବେକିଂସୋଡ଼ା ଦାଗକୁ ନ ଘଷି ସହଜରେ ସଫା କରିଥାଏ।



## ଆଇସିସି ମହିଳା ଦିନିକିଆ ବିଶ୍ୱକପ୍

# ହ୍ୟାଟ୍ରିକ୍ ବିଜୟ ଲକ୍ଷ୍ୟରେ ଭାରତ

ବିଶାଖାପାଟନମ, ୮ ।୧୦ (ଏଜେନ୍ସି):

ଚଳିତ ଆଇସିସି ମହିଳା ଦିନିକିଆ ବିଶ୍ୱକପ୍‌ରେ ଆୟୋଜକ ଭାରତ ଏହାର ୩ୟ ମୁକାବିଲାରେ ଗୁରୁବାର ଦକ୍ଷିଣ ଆଫ୍ରିକାକୁ ଭେଟିବ। ବିଶାଖାପାଟନମର ୱାଇଏସ୍ ରାଜଶେଖର ଷ୍ଟାଡିୟମରେ ଅପରାହ୍ଣ ୩ଟାରେ ଏହି ମ୍ୟାଚ୍ ଆରମ୍ଭ ହେବ। ଏହି ମ୍ୟାଚରେ ଦକ୍ଷିଣ ଆଫ୍ରିକାକୁ ହରାଇ ଭାରତୀୟ ମହିଳା ଦଳ ହ୍ୟାଟ୍ରିକ ବିଜୟ ଲକ୍ଷ୍ୟରେ ରହିଛି। ହରମନପ୍ରୀତ୍ କୌରଙ୍କ ଦଳ ବିଶ୍ୱକପ୍‌ର ପ୍ରଥମ ମ୍ୟାଚରେ ୫୯ ରନରେ ଶ୍ରୀଲଙ୍କାକୁ ଏବଂ ଦ୍ୱିତୀୟ ମୁକାବିଲାରେ ୮୮ ରନରେ ପାକିସ୍ତାନକୁ ମାତ୍ ଦେଇଥିଲେ। ୪ ପଏଣ୍ଟ ସହ ଭାରତୀୟ ଦଳ ବର୍ତ୍ତମାନ ପଏଣ୍ଟ ଟେବଲରେ ୨ୟ ସ୍ଥାନରେ ରହିଛି। ଅପରପକ୍ଷରେ ଦକ୍ଷିଣ ଆଫ୍ରିକା ମହିଳା ଦଳ ୨ଟି ମ୍ୟାଚରୁ ଗୋଟିଏ ଲେଖାଏ ବିଜୟ ଓ ପରାଜୟ ସହ ୨ ପଏଣ୍ଟ ପାଇଛି। ଦକ୍ଷିଣ ଆଫ୍ରିକା ପ୍ରଥମ ମ୍ୟାଚରେ ୧୦ ୱିକେଟ୍‌ରେ ଇଂଲଣ୍ଡ ନିକଟରୁ ଲଜ୍ଜାଜନକ ଭାବେ ପରାସ୍ତ ହୋଇଥିଲା। ତେବେ ପରବର୍ତ୍ତୀ ମ୍ୟାଚରେ ୬ ୱିକେଟ୍‌ରେ ନ୍ୟୁଜିଲାଣ୍ଡକୁ ହରାଇ ପଏଣ୍ଟ ଖାତା ଖୋଲିଥିଲା। ତେଣୁ ଆଫ୍ରିକା ମହିଳା ଦଳ ମଧ୍ୟ ବିଜୟକୁ ବଜାୟ ରଖିବା ଲକ୍ଷ୍ୟରେ ରହିଛି।





**ଆଜିର ମ୍ୟାଚ୍**
**ଭାରତ - ଦ. ଆଫ୍ରିକା**
**ଆରମ୍ଭ : ଅପରାହ୍ଣ ୩ଟା**
**ସ୍ଥାନ : ବିଶାଖାପାଟଣମ୍**

### ମନ୍ଧାନାଙ୍କ ଫର୍ମକୁ ନେଇ ଚିନ୍ତା

ଘରୋଇ ଭାରତୀୟ ଦଳର ପ୍ରମୁଖ ବ୍ୟାଟର୍ ସ୍ମୃତି ମନ୍ଧାନାଙ୍କ ଫର୍ମକୁ ନେଇ ଟିମ୍ ମ୍ୟାନେଜମେଣ୍ଟ ଚିନ୍ତାରେ ରହିଛି। ମନ୍ଧାନା ଶ୍ରୀଲଙ୍କା ବିପକ୍ଷ ପ୍ରଥମ ମ୍ୟାଚରେ ମାତ୍ର ୮ ରନ କରି ଆଉଟ୍ ହୋଇଥିଲେ। ସେହିଭଳି ପାକିସ୍ତାନ ବିପକ୍ଷ ଗୁରୁତ୍ୱପୂର୍ଣ୍ଣ ମ୍ୟାଚରେ ସେ ମାତ୍ର ୨୩ ରନ କରିବାକୁ ସମର୍ଥ ହୋଇଥିଲେ। ତେଣୁ ଦକ୍ଷିଣ ଆଫ୍ରିକା ଭଳି ଗୁରୁତ୍ୱପୂର୍ଣ୍ଣ ମୁକାବିଲାରେ ମ୍ୟାନେଜମେଣ୍ଟ ତାଙ୍କ ନିକଟରୁ ବଡ଼ ସ୍କୋର ଆଶାରେ ରହିଛି। ମନ୍ଧାନାଙ୍କ ସହ ଅଧିନାୟିକା ହରମନପ୍ରୀତ୍ ମଧ୍ୟ ଆଖିଦୃଶିଆ ପାଳି ବର୍ତ୍ତମାନ ସୁଦ୍ଧା ଖେଳିପାରି ନାହାନ୍ତି। ପ୍ରଥମ ଦୁଇଟି ମ୍ୟାଚରେ କୌର ମାତ୍ର ୪୦ ରନ କରି ନିରାଶ କରିଛନ୍ତି। ତେବେ ଦୀପ୍ତି ଶର୍ମା ଓ ସ୍ନେହ ରାଣାଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ ପ୍ରଥମ ଦୁଇଟି ମ୍ୟାଚରେ ବେଶ୍ ଉଲ୍ଲେଖନୀୟ ରହିଥିଲା। ସେହିଭଳି ହର୍ଲିନ ଦେଓଲ୍‌ଙ୍କ ବ୍ୟାଟିଂ ମଧ୍ୟ ପ୍ରଶଂସନୀୟ ରହିଛି।

### ଭାରତ-୨୧; ଦ.ଆଫ୍ରିକା- ୧୨

ରେକର୍ଡ ଉପରେ ନଜର ପକାଇଲେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଭାରତର ପଲା ବେଶ୍ ଭାରି ରହିଛି। ମହିଳା ଦିନିକିଆ କ୍ରିକେଟ୍‌ରେ ଉଭୟ ଦଳ ପରସ୍ପର ୩୪ଟି ମ୍ୟାଚରେ ସାମ୍ନାସାମ୍ନି ହୋଇଛନ୍ତି। ଏଥିରେ ଭାରତ ୨୧ ମ୍ୟାଚ୍ ଓ ଦକ୍ଷିଣ ଆଫ୍ରିକା ୧୨ଟି ମ୍ୟାଚ୍‌ରେ ବିଜୟୀ ହୋଇଛି। ଗୋଟିଏ ମ୍ୟାଚର ଫଳାଫଳ ବାହାରିନାହିଁ।

# ମୁନୀଙ୍କ ଶତକରେ ଅଷ୍ଟ୍ରେଲିଆ ବିଜୟୀ





କଲମ୍ବୋ, ୮ ।୧୦ (ଏଜେନ୍ସି): ଚଳିତ ଆଇସିସି ମହିଳା ଦିନିକିଆ ବିଶ୍ୱକପ୍‌ରେ ପାକିସ୍ତାନ ଦଳ ହ୍ୟାଟ୍ରିକ ପରାଜୟବରଣ କରିଛି। ବୁଧବାର ଅନୁଷ୍ଠିତ ବିଶ୍ୱକପ୍‌ର ୯ମ ମୁକାବିଲାରେ ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆ ୧୦୭ ରନର ବୃହତ୍ ବ୍ୟବଧାନରେ ପାକିସ୍ତାନକୁ ମାତ୍ ଦେଇଛି। ବେଥ୍ ମୁନୀ ଏହି ମ୍ୟାଚରେ ଦମ୍‌ଦାର ଶତକୀୟ ପାଳି ଖେଳି ଦଳକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବାରୁ ତାଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଏଥିସହ ଅଷ୍ଟ୍ରେଲିଆ ୩ ମ୍ୟାଚରୁ ୨ ବିଜୟ ଓ ଗୋଟିଏ ବାତିଲ ସହ ୫ ପଏଣ୍ଟ ପାଇ ଟେବଲ୍‌ର ଶୀର୍ଷ ସ୍ଥାନକୁ ଉଠିଛି। ପୂର୍ବରୁ ଅଷ୍ଟ୍ରେଲିଆ ପ୍ରଥମ ମ୍ୟାଚରେ ୮୯ ରନରେ ନ୍ୟୁଜିଲାଣ୍ଡକୁ ହରାଇ ଅଭିଯାନ ଆରମ୍ଭ କରିଥିଲା। କିନ୍ତୁ ଶ୍ରୀଲଙ୍କା ବିପକ୍ଷ ୨ୟ ମ୍ୟାଚ୍ ବର୍ଷା ଲାଗି ବାତିଲ ହୋଇଥିଲା।


**ପାକିସ୍ତାନର ହ୍ୟାଟ୍ରିକ ପରାଜୟ**

ସ୍ଥାନୀୟ ଆର୍ ପ୍ରେମଦାସ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଅଷ୍ଟ୍ରେଲିଆ ସାଂଘାତିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୭୬ ରନରେ ୭ଟି ଏବଂ ୧୧୫ ରନରେ ୮ଟି ୱିକେଟ୍ ହରାଇଥିଲା। ଏପରିକି ଦଳ ଦେଢ଼ଶ ରନ ଅତିକ୍ରମ କରିବା ନେଇ ସନ୍ଦେହରେ ରହିଥିଲା। ତେବେ ମଧ୍ୟକ୍ରମରେ ବେଥ୍ ମୁନୀ ତାଙ୍କ ଅଭିଜ୍ଞତାର ପରିଚୟ ଦେଇ ଦମ୍‌ଦାର ଶତକୀୟ ପାଳି ଖେଳିବା ସହ ଦଳକୁ ବିପର୍ଯ୍ୟୟରୁ ରକ୍ଷା କରିଥିଲେ। ସେ ୧୧ ଚୌକା ବଳରେ ୧୧୪ ବଲରୁ ୧୦୯ ରନ କରି ଇନିଂସର ଶେଷ ବଲରେ ଆଉଟ୍ ହୋଇଥିଲେ। ଦିନିକିଆରେ ଏହା ତାଙ୍କର ୪ର୍ଥ ଶତକ ଥିଲା। ଫଳରେ ଅଷ୍ଟ୍ରେଲିଆ ୯ ୱିକେଟ୍‌ରେ ୨୨୧ ରନର ସମ୍ମାନଜନକ ସ୍କୋର କରିପାରିଥିଲା। ଅଷ୍ଟ୍ରେଲିଆ ଇନିଂସର ୧୦ମ ସ୍ଥାନରେ ଆସିଥିବା ଲେଗ୍-ସ୍ପିନର ଆଲାନ କିଙ୍ଗ୍ ମଧ୍ୟ ୪୯ ବଲରେ ଅପରାଜିତ ୫୧ ରନ କରି ମୁନୀଙ୍କୁ ସହାୟତା କରିଥିଲେ। ଉଭୟଙ୍କ ମଧ୍ୟରେ ୯ ୱିକେଟ୍‌ରେ ୧୦୬ ରନର ମହତ୍ତ୍ୱପୂର୍ଣ୍ଣ ଭାଗୀଦାରି ହୋଇଥିଲା। ବୋଲିଂରେ ପାକିସ୍ତାନର ନାଶରା ସାନ୍ଧୁ ୩ ଏବଂ ଅଧିନାୟିକା ସାନା ଓ ରମୀନ ସମୀମ ୨ଟି ଲେଖାଏ ୱିକେଟ୍ ନେଇଥିଲେ। ଜବାବରେ ପାକିସ୍ତାନ ଦୟନୀୟ ପ୍ରଦର୍ଶନ କରି ୩୬.୩ ଓଭରରେ ୧୧୪ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ସିଦ୍ରା ଅମିନ ୩୫ ରନ କରିଥିଲେ। ଅଷ୍ଟ୍ରେଲିଆର କିମ୍ ଗାର୍ଥ ସର୍ବାଧିକ ୩ଟି ଏବଂ ମେଗନା ସ୍କଟ୍ ଓ ଆନ୍ନାବେଲ୍ ସଦରଲାଣ୍ଡ ୨ଟି ଲେଖାଏ ୱିକେଟ ନେଇଥିଲେ।

**ବୟୋଜ୍ୟେଷ୍ଠ ଜୀବିତ ଟେଷ୍ଟ କ୍ରିକେଟର୍**

# ୯୭ ବର୍ଷରେ ପାଦ ଥାପିଲେ ନେଲ୍ ହାର୍ଭେ

ସିଡ୍‌ନୀ, ୮ ।୧୦ (ଏଜେନ୍ସି): ଅଷ୍ଟ୍ରେଲିଆର ମହାନ କ୍ରିକେଟର୍ ନେଲ୍ ହାର୍ଭେ ବୁଧବାର ୯୭ ବର୍ଷ ବୟସରେ ପାଦ ଥାପିଛନ୍ତି। ବିଶ୍ୱରେ ଜୀବିତ ଥିବା ବୟୋଜ୍ୟେଷ୍ଠ ଟେଷ୍ଟ କ୍ରିକେଟର୍ ଭାବେ ସେ ବିବେଚିତ ହେଉଛନ୍ତି। ସେହିଭଳି ଅଷ୍ଟ୍ରେଲୀୟ କ୍ରିକେଟର ଭାବେ ସର୍ବାଧିକ ବର୍ଷ ବଞ୍ଚିବାର ରେକର୍ଡ ମଧ୍ୟ ନେଲ୍‌ଙ୍କ ନାମରେ ରହିଛି।



ଏଥିସହ କିମ୍ବଦନ୍ତୀ ବ୍ୟାଟର୍ ଡନ୍ ବ୍ରାଡ୍‌ମ୍ୟାନଙ୍କ ନେତୃତ୍ୱରେ ଖେଳିଥିବା ଶେଷ ଅଷ୍ଟ୍ରେଲୀୟ ହେଉଛନ୍ତି ହାର୍ଭେ। ୧୯୪୮ରେ ବ୍ରାଡ୍‌ମ୍ୟାନଙ୍କ ନେତୃତ୍ୱରେ ଅଷ୍ଟ୍ରେଲିଆ ଦଳ ଇଂଲଣ୍ଡ ଗସ୍ତ କରିଥିବାବେଳେ ହାର୍ଭେ ଏହି ଦଳର ସଦସ୍ୟ ରହିଥିଲେ। ଭିକ୍ଟୋରିଆ ଜନ୍ମିତ ବାମହାତୀ ବ୍ୟାଟର୍ ହାର୍ଭେ ୧୯୪୮ରୁ ୧୯୬୩ ମଧ୍ୟରେ ଅଷ୍ଟ୍ରେଲିଆ ପାଇଁ ୭୯ଟି ଟେଷ୍ଟ ମ୍ୟାଚ୍ ଖେଳିଥିଲେ। ଏଥିରେ ସେ ୪୮.୪୧ ହାରରେ ୬,୧୪୯ ରନ ସଂଗ୍ରହ କରିଥିଲେ। ଯେଉଁଥିରେ ୨୧ ଶତକ ଓ ୨୪ଟି ଅର୍ଦ୍ଧଶତକ ସାମିଲ ରହିଛି। ସେହିଭଳି ୩୦୬ଟି ପ୍ରଥମଶ୍ରେଣୀ ମ୍ୟାଚ୍ ଖେଳିଥିବା ହାର୍ଭେ ୬୭ ଶତକ ଓ ୯୪ ଅର୍ଦ୍ଧଶତକ ସହ ୨୧ ହଜାରରୁ ଊର୍ଦ୍ଧ୍ୱ ରନ ସଂଗ୍ରହ କରିଛନ୍ତି। ୧୯୫୨-୫୩ରେ ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟ ସିରିଜରେ ହାର୍ଭେ କ୍ୟାରିୟରର ଶ୍ରେଷ୍ଠ ପ୍ରଦର୍ଶନ କରି ୯ଟି ଇନିଂସରୁ ୮୩୪ ରନ କରିଥିଲେ। ସେହିଭଳି ୧୯୪୯-୫୦ ସିଜନରେ ଦକ୍ଷିଣ ଆଫ୍ରିକା ଗସ୍ତରେ ହାର୍ଭେ ୫ଟି ଟେଷ୍ଟ ମ୍ୟାଚରେ ୪ଟି ଶତକ ସହ ୬୬୦ ରନ ସଂଗ୍ରହ କରିଥିଲେ। ହାର୍ଭେ ତାଙ୍କର ପ୍ରଥମ ୧୩ଟି ଟେଷ୍ଟରେ ୬ଟି ଶତକ ମାରି ବେଶ୍ ଚର୍ଚ୍ଚାରେ ରହିଥିଲେ। ଅବସର ପରେ ସେ ଅଷ୍ଟ୍ରେଲିଆ ଜାତୀୟ ଦଳର ଚୟନକର୍ତ୍ତା ଭାବେ ୧୨ ବର୍ଷ ଦାୟିତ୍ୱ ତୁଲାଇଥିଲେ।

**ହେଡ୍-କମିନ୍ସଙ୍କ ଦେଶପ୍ରୀତି**

# ୫୮ କୋଟିର ଅଫର୍‌କୁ ପ୍ରତ୍ୟାଖାନ

ନୂଆଦିଲ୍ଲୀ, ୮ ।୧୦ (ଏଜେନ୍ସି): ବର୍ତ୍ତମାନ ବିଶ୍ୱରେ ଟି-୨୦ କ୍ରିକେଟ୍‌ର ରାଜୁତି ଚାଲିଛି। ବିଭିନ୍ନ ଦେଶରେ ଫ୍ରାଞ୍ଚାଇଜଭିତ୍ତିକ ଟି-୨୦ ଲିଗ୍ ବର୍ଷସାରା ଆୟୋଜିତ ହେଉଛି। ଯେଉଁଥିରେ ବିଭିନ୍ନ ଦେଶର ତାରକା କ୍ରିକେଟର୍‌ମାନେ ଅଂଶଗ୍ରହଣ କରି କୋଟି କୋଟି ଟଙ୍କା ରୋଜଗାର କରୁଛନ୍ତି। ଏପରିକି ୱେଷ୍ଟଇଣ୍ଡିଜ ଭଳି ଦେଶର ଖେଳାଳିମାନେ ଜାତୀୟ ଦଳକୁ ଅଣଦେଖା କରି ଲିଗ୍ କ୍ରିକେଟ୍ ଖେଳିବାକୁ ଅଧିକ ପସନ୍ଦ କରୁଛନ୍ତି। କିନ୍ତୁ ଏହାରି ଭିତରେ ବ୍ୟତିକ୍ରମ ଖବର ଏବେ ସାମ୍ନାକୁ ଆସିଛି। ବର୍ଷକୁ ୫୮ କୋଟି ଟଙ୍କାର ଆୟ କରିବାର ଅଫର୍ ଦିଆଯାଇଥିଲେ ମଧ୍ୟ ଅଷ୍ଟ୍ରେଲିଆର ଦୁଇ ତାରକା ଖେଳାଳି ଅଧିନାୟକ ପ୍ୟାଟ୍ କମିନ୍ସ ଓ ଟ୍ରାଭିସ ହେଡ୍ ଏହାକୁ ପ୍ରତ୍ୟାଖାନ କରିଛନ୍ତି। ରିପୋର୍ଟ ମୁତାବକ, ଆଇପିଏଲ୍‌ର ଏକ ଫ୍ରାଞ୍ଚାଇଜ କମିନ୍ସ ଓ ହେଡ୍‌ଙ୍କୁ ଏକ ଅଜବ ସର୍ତ୍ତ ରଖିଥିଲା। ଉଭୟ ଅଷ୍ଟ୍ରେଲିଆ କ୍ରିକେଟ ଦଳରୁ ଅବସର ନେଇ ବର୍ଷ ସାରା ଏହି ଫ୍ରାଞ୍ଚାଇଜ ଲାଗି ବିଭିନ୍ନ ଦେଶରେ ଲିଗ୍ କ୍ରିକେଟ୍ ଖେଳିବାକୁ ପ୍ରସ୍ତାବ ଦିଆଯାଇଥିଲା। ଏଥିଲାଗି ହେଡ୍ ଓ କମିନ୍ସଙ୍କୁ ବର୍ଷକୁ ପାଖାପାଖି ୫୮ କୋଟି ଟଙ୍କା ଲେଖାଏଁ ମିଳିଥାନ୍ତା। କିନ୍ତୁ ଉଭୟ ହେଡ୍ ଓ କମିନ୍ସ ଆଗ ଦେଶ ନ୍ୟାୟରେ ଜାତୀୟ ଦଳ ପ୍ରତି ତାଙ୍କ ପ୍ରତିବଦ୍ଧତା ଦେଖାଇ ବିନମ୍ରତାର ସହ ଏଭଳି ଲୋଭନୀୟ ଅଫର୍‌କୁ ମନା କରିଦେଇଥିବା ଜଣାପଡ଼ିଛି। ଯାହାକୁ ନେଇ ଏବେ ଉଭୟଙ୍କୁ ବେଶ୍ ପ୍ରଶଂସା କରାଯାଉଛି। ଉଲ୍ଲେଖଯୋଗ୍ୟ, କମିନ୍ସ ଓ ହେଡ୍ ବର୍ତ୍ତମାନ ଆଇପିଏଲ୍‌ରେ ସନରାଇଜର୍ସ ହାଇଦରାବାଦ୍ ଟିମ୍ ପକ୍ଷରୁ ଖେଳୁଛନ୍ତି। କମିନ୍ସ ଓ ହେଡ୍ ସନରାଇଜର୍ସ ଫ୍ରାଞ୍ଚାଇଜ ନିକଟରୁ ବର୍ଷକୁ ଯଥାକ୍ରମେ ୧୮ କୋଟି ଓ ୧୪ କୋଟି ଟଙ୍କା ପାଉଛନ୍ତି। କମିନ୍ସ ମଧ୍ୟ ଅଷ୍ଟ୍ରେଲିଆ ପକ୍ଷରୁ ଖେଳି କେନ୍ଦ୍ରୀୟ ଚୁକ୍ତି, ନେତୃତ୍ୱ ଓ ମ୍ୟାଚ୍ ପାଉଣା ବାବଦକୁ ବର୍ଷକୁ ପାଖାପାଖି ୧୮ କୋଟି ଟଙ୍କା ଆୟ କରୁଛନ୍ତି।

# ଗମ୍ଭୀରଙ୍କ ଡିନର ପାର୍ଟିରେ ୭୦ ପ୍ରକାର ଖାଦ୍ୟ

ନୂଆଦିଲ୍ଲୀ, ୮ ।୧୦ (ଏଜେନ୍ସି): ଘରୋଇ ଭାରତ ଓ ୱେଷ୍ଟଇଣ୍ଡିଜ କ୍ରିକେଟ୍ ଦଳ ମଧ୍ୟରେ ଅନ୍ତିମ ତଥା ୨ୟ ଟେଷ୍ଟ ମ୍ୟାଚ୍ ଶୁକ୍ରବାରଠାରୁ ସ୍ଥାନୀୟ ଅରୁଣ ଜେଟଲୀ ଷ୍ଟାଡିୟମରେ ଆରମ୍ଭ ହେବ। ପୂର୍ବରୁ ପ୍ରଥମ ଟେଷ୍ଟକୁ ଏକ ଇନିଂସ ଓ ୧୪୦ ରନରେ ଜିତିଥିବା ଶୁଭମନ ଗିଲ୍ ବାହିନୀ ଏବେ ଦିଲ୍ଲୀରେ ଜୋର୍‌ଦାର ଅଭ୍ୟାସ ଜାରି ରଖିଛି। ଏହି ଅବସରରେ ଦଳର ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ବୁଧବାର ରାତିରେ ଟିମ୍ ଇଣ୍ଡିଆ ପାଇଁ ଏକ ରାତ୍ରିଭୋଜନର ଆୟୋଜନ କରିଥିଲେ। ଯେହେତୁ ଗମ୍ଭୀର ଦିଲ୍ଲୀର ବାସିନ୍ଦା ତେଣୁ ତାଙ୍କ ବାସଭବନରେ ଆୟୋଜକ କରିଥିବା ଏହି ଡିନର ପାର୍ଟିରେ ଭାରତୀୟ ଦଳର ସମସ୍ତ ଖେଳାଳିଙ୍କୁ ନିମନ୍ତ୍ରଣ କରିଥିଲେ। ଗମ୍ଭୀରଙ୍କ ନିମନ୍ତ୍ରଣକୁ ରକ୍ଷା କରି ଅଧିନାୟକ ଗିଲ୍‌ଙ୍କ ସମେତ ଲୋକେଶ ରାହୁଲ, ଯଶପ୍ରୀତ୍ ବୁମ୍‌ରା, ମହମ୍ମଦ ସିରାଜ, ଅକ୍ଷର ପଟେଲ, କୁଲଦୀପ୍ ଯାଦବ ପ୍ରମୁଖ ଏକ ବସ୍ ଯୋଗେ ଗମ୍ଭୀରଙ୍କ ବାସଭବନରେ ପହଞ୍ଚି ରାତ୍ରୀଭୋଜନରେ ଯୋଗ ଦେଇଥିଲେ। ଭାରତୀୟ ଟିମ୍‌ର ସମସ୍ତ ସପୋର୍ଟିଂ ଷ୍ଟାଫ୍ ମଧ୍ୟ ଉପସ୍ଥିତ ରହିଥିଲେ। ଏହି ଡିନର ପାର୍ଟିରେ ୭୦ ପ୍ରକାର ଖାଦ୍ୟ ଓ ୧୦ ପ୍ରକାର ମିଠା ଟିମ୍ ଇଣ୍ଡିଆ ପାଇଁ ପ୍ରସ୍ତୁତ ହୋଇଥିବା ଜଣାପଡ଼ିଛି।

# ୟୁନିଲାଇଟ୍ କପ୍ ଆନ୍ତଃସ୍କୁଲ ଫୁଟ୍‌ବଲ ୧୪ରୁ

ଭୁବନେଶ୍ୱର, ୮ ।୧୦ (ସମିସ): ଭୁବନେଶ୍ୱର ଭେଟେରାନ ଫୁଟ୍‌ବଲ ଖେଳାଳି ସଂଘ ଆନୁକୂଲ୍ୟରେ ଆସନ୍ତା ୧୪ରୁ ତୃତୀୟ ଆନ୍ତଃସ୍କୁଲ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ 'ୟୁନିଲାଇଟ୍ କପ୍' ଆରମ୍ଭ ହେବ। ନକ୍‌ଆଉଟ୍‌ଭିତ୍ତିରେ





ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ କଟକ, ଭୁବନେଶ୍ୱର ଓ ଖୋର୍ଦ୍ଧାର ୯ ଗୋଟି ଦଳ ଅଂଶଗ୍ରହଣ କରିବେ। ଟୁର୍ଣ୍ଣାମେଣ୍ଟରେ ଗୋଟିଏ ପ୍ରି-କ୍ୱାର୍ଟର ମ୍ୟାଚ୍ ଅନୁଷ୍ଠିତ ହେବ। ଟୁର୍ଣ୍ଣାମେଣ୍ଟର ସମସ୍ତ ମ୍ୟାଚ୍ ୟୁନିଟ-୧ ଫୁଟ୍‌ବଲ ଏକାଡେମୀ ଗ୍ରାଉଣ୍ଡରେ ଖେଳାଯିବ। ସେହିଭଳି ଅକ୍ଟୋବର ୨୩ରେ ଫ୍ଲଡଲାଇଟ୍‌ରେ ଫାଇନାଲ ମ୍ୟାଚ୍ ଖେଳାଯିବ ବୋଲି ବୁଧବାର ସାମ୍ବାଦିକ ସମ୍ମିଳନୀରେ ଆୟୋଜକ ସଂଘର ସଭାପତି ନବରଞ୍ଜନ ପଟ୍ଟନାୟକ ସୂଚନା ଦେଇଛନ୍ତି। ଚାମ୍ପିଅନ ଓ ରନର୍ସଅପ୍ ଦଳକୁ ଯଥାକ୍ରମେ ୧୫ ହଜାର ଓ ୧୦ ହଜାର ଟଙ୍କାର ଆର୍ଥିକ ପୁରସ୍କାର ପ୍ରଦାନ କରାଯିବ। ଏହାବାଦ୍ ତୃତୀୟ ଓ ୪ର୍ଥ ସ୍ଥାନରେ ରହିଥିବା ଦଳ ମଧ୍ୟ ଯଥାକ୍ରମେ ୭ ହଜାର ଓ ୫ ହଜାର ଟଙ୍କା ପାଇବେ। ଏହି ଟୁର୍ଣ୍ଣାମେଣ୍ଟରେ ପ୍ରଭାବୀ ପ୍ରଦର୍ଶନ କରିଥିବା ଖେଳାଳିଙ୍କୁ ଚୟନ କରାଯାଇ ପରେ ସେମାନଙ୍କୁ ଟାଟା ଫୁଟ୍‌ବଲ୍ ଏକାଡେମୀରେ ଏକ ମାସ ଧରି ପ୍ରଶିକ୍ଷଣ ଦିଆଯିବ ବୋଲି ସମ୍ପାଦକ ପ୍ରଫୁଲ୍ଲ ମିଶ୍ର ସୂଚନା ଦେଇଛନ୍ତି। ସେହିଭଳି ଟୁର୍ଣ୍ଣାମେଣ୍ଟ ମଝିରେ ବିଡ଼ାନାସୀ, ରେଭେନ୍‌ସା, ଜାଗମରା ଓ ଓଡ଼ିଶା ପୋଲିସ ଦଳକୁ ନେଇ ଭେଟେରାନ ମ୍ୟାଚ୍ ଖେଳାଯିବାର କାର୍ଯ୍ୟସୂଚୀ ରହିଛି। ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଦେବବ୍ରତ ମହାନ୍ତି, ଉପସଭାପତି ପ୍ରଦୀପ କୁମାର ବଳିୟାରସିଂ, ବିରଞ୍ଚି ନାରାୟଣ ମହାନ୍ତି, ଚିନ୍ମୟ ଦାସ, ଶ୍ରୀମନ୍ତ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ରହିଥିଲେ।

# ଭାରତୀୟ ୟୁଥ୍ ଦଳର ସିରିଜ କ୍ଲିନସୁଇପ୍

ମାକୟ, ୮ ।୧୦ (ଏଜେନ୍ସି): ଘରୋଇ ଅଷ୍ଟ୍ରେଲିଆ ୧୯ ବର୍ଷରୁ କମ୍ ବାଳକ ଦଳ ବିପକ୍ଷରେ ଏଠାରେ ଅନୁଷ୍ଠିତ ଅନ୍ତିମ ତଥା ଦ୍ୱିତୀୟ ୟୁଥ୍ ଟେଷ୍ଟ ମ୍ୟାଚକୁ ଭାରତ ୭ ୱିକେଟ୍‌ରେ ସହଜରେ ଜିତିନେଇଛି। ପୂର୍ବରୁ ପ୍ରଥମ ମ୍ୟାଚକୁ ଏକ ଇନିଂସ ଓ ୫୮ ରନରେ ଜିତିଥିବା ଭାରତ ଏଥିସହ ଟେଷ୍ଟ ସିରିଜକୁ ୨-୦ରେ କ୍ଲିନସୁଇପ୍ କରିନେଇଛି। ଦ୍ୱିତୀୟ ୟୁଥ୍ ଟେଷ୍ଟରେ ଘରୋଇ ଅଷ୍ଟ୍ରେଲିଆ ପ୍ରଥମ ପାଳିରେ ମାତ୍ର ୧୩୫ ଓ ଭାରତୀୟ ୟୁଥ୍ ଦଳ ୧୭୧ ରନ କରିଥିଲା। ୩୬ ରନରେ ପଛୁଆ ରହିଥିବା ଅଷ୍ଟ୍ରେଲିଆ ପୁଣିଥରେ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ଦ୍ୱିତୀୟ ପାଳିରେ ୧୧୬ ରନରେ ସମସ୍ତ ୱିକେଟ୍ ହରାଇଥିଲା। ଫଳରେ ଭାରତ ସମ୍ମୁଖରେ ମାତ୍ର ୮୧ ରନ ଟାର୍ଗେଟ୍ ରହିଥିଲା। ଭାରତ ୧୨.୨ ଓଭରରେ ୩ ୱିକେଟ୍ ହରାଇ ବିଜୟୀ ହୋଇଥିଲା।

# ଆନ୍ତଃଜିଲ୍ଲା ଅସିଚାଳନା ଉଦ୍‌ଘାଟିତ



କଟକ,୮ ।୧୦(ସମିସ): ଓଡିଶା ଅସିଚାଳନା ସଂଘ ଆନୁକୂଲ୍ୟରେ ସ୍ଥାନୀୟ ଜବହରଲାଲ ନେହରୁ ଇନଡୋର ଷ୍ଟାଡିୟମରେ ଚତୁର୍ଥ ରାଜ୍ୟ ଆନ୍ତଃଜିଲ୍ଲା ଅସିଚାଳନା ପ୍ରତିଯୋଗିତା ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ୧୦ଟି ଜିଲ୍ଲାରୁ ୩୦୦ରୁ ଅଧିକ ଖେଳାଳି ଭାଗ ନେଇଛନ୍ତି। ଓଡିଶା ବାର କାଉନସିଲର ପୂର୍ବତନ ସଭାପତି ବିଜୟ ଦାଶ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିବସରେ ବଲାଙ୍ଗିର ଦଳ ଦମ୍‌ଦାର ପ୍ରଦର୍ଶନ କରି ୩ଟି ସ୍ୱର୍ଣ୍ଣ ସହ ୧୦ଟି ପଦକ ବିଜୟୀ ହୋଇଛି। ଉଦ୍‌ଘାଟନୀ ଦିବସରେ ଅନ୍ୟମାନଙ୍କ ମଧ୍ୟରେ ନୟନ କିଶୋର ମହାନ୍ତି, ଜିଲ୍ଲା କ୍ରୀଡ଼ା ଅଧିକାରୀ ଅଜୟ ବେହେରା, ଓଡ଼ିଶା କୁସ୍ତି ସଂଘ ସମ୍ପାଦକ କିଶୋର ବେହେରା, ରାଜ୍ୟ ଜିମ୍ନାଷ୍ଟିକ ସଂଘ ସମ୍ପାଦକ ଅଶୋକ ସାହୁ, ଓଡ଼ିଶା ସାଇକ୍ଲିଷ୍ଟ ସଂଘ ସମ୍ପାଦକ ପ୍ରସନ୍ନ ରାଉତ, ଓଡିଶା ଅସିଚାଳନା ସଂଘ ସମ୍ପାଦକ ଦେବେନ୍ଦ୍ର ସାହୁ, ସାଙ୍ଗଠନିକ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହିଥିଲେ। ଏହି ପରିପ୍ରେକ୍ଷୀରେ କ୍ରୀଡ଼ା ସାମ୍ବାଦିକ ବିମଳ କୁମାର ରାଉଳ ଓ ଜାତୀୟ ଅସିଚାଳନା ସଂଘର କୋଷାଧକ୍ଷ ଭାବେ ମନୋନୀତ ହୋଇଥିବାରୁ ଦେବେନ୍ଦ୍ର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

**୨୯ତମ ବାପୁନା କପ୍**

# ଓଡ଼ିଶା ଚାମ୍ପିଅନ





କଟକ,୮ ।୧୦(ସମିସ):


ବିଦର୍ଭ କ୍ରିକେଟ ଆସୋସିଏସନ ଦ୍ୱାରା ଆୟୋଜିତ ୨୯ତମ ବାପୁନା କପ୍‌ରେ ଓଡ଼ିଶା ୨୩ ବର୍ଷରୁ କମ୍ ଦଳ ଚାମ୍ପିଅନ ହୋଇଛି। ଦ୍ୱି-ଦିବସୀୟ ଫର୍ମାଟରେ ଆୟୋଜିତ ଟୁର୍ଣ୍ଣାମେଣ୍ଟର ୪ଟି ଯାକ ଲିଗ୍ ମ୍ୟାଚ୍‌କୁ ଡ୍ର ରଖିବାରେ ଓଡ଼ିଶା ସଫଳ ହୋଇଥିଲା। ଏପରିକି ଦିନାସ୍ୱାଶ ଏକାଦଶ, ବାପୁନା ଏକାଦଶ ଏବଂ ମହାରାଷ୍ଟ୍ର ବିପକ୍ଷ ପ୍ରଥମ ତିନୋଟି ଯାକ ମ୍ୟାଚ୍‌ରେ ଓଡ଼ିଶା ଦଳକୁ ଇନିଂସ ଅଗ୍ରଣୀ ପଏଣ୍ଟ ମିଳିଥିଲା। କେରଳ ବିପକ୍ଷ ମ୍ୟାଚ୍ ବର୍ଷା ଯୋଗୁଁ ବାତିଲ ହୋଇଥିବାବେଳେ କେରଳ ୪ ପଏଣ୍ଟ ଏବଂ ଓଡ଼ିଶା ୩ ପଏଣ୍ଟ ସଂଗ୍ରହ କରିଥିଲା। ତେବେ ପଏଣ୍ଟ ଭିତ୍ତିରେ ଓଡ଼ିଶାକୁ ଚାମ୍ପିଅନ ଘୋଷିତ କରାଯାଇଛି। ୩ଟି ମ୍ୟାଚ୍‌ରେ ୬ଟି ୱିକେଟ ଅକ୍ତିଆର କରିଥିବା ଓଡ଼ିଶାର ମହମ୍ମଦ ଡାନିସ୍ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ବୋଲର ବିବେଚିତ ହୋଇଛନ୍ତି। ପୁରସ୍କାର ସ୍ୱରୂପ ଡାନିସଙ୍କୁ ୧୦ହଜାର ଟଙ୍କାର ଆର୍ଥିକ ପୁରସ୍କାର ରାଶି ମିଳିଛି। ଚାମ୍ପିଅନ ଓଡ଼ିଶା ଦଳକୁ ଓସିଏ ପକ୍ଷରୁ ଶୁଭେଚ୍ଛା ଜଣାଯାଇଛି।

# ପରାଜୟରୁ ଓଡ଼ିଶାର ଅଭିଯାନ ଆରମ୍ଭ

କଟକ,୮ ।୧୦(ସମିସ): ବିସିସିଆଇ ଆନୁକୂଲ୍ୟରେ ଜାତୀୟ ସିନିଅର ମହିଳା ଟି-୨୦ ଟ୍ରଫି ବୁଧବାରଠାରୁ ଆରମ୍ଭ ହୋଇଛି। ଏଥିରେ ଓଡ଼ିଶା ପରାଜୟର ଅଭିଯାନ ଆରମ୍ଭ କରିଛି। ଗ୍ୱାଲିୟରର ଶ୍ରୀମନ୍ତ ମାଧବ ରାଓ ସିନ୍ଧିଆ କ୍ରିକେଟ ଷ୍ଟାଡିୟମରେ ଖେଳାଯାଇଥିବା ପ୍ରଥମ ମ୍ୟାଚରେ ଓଡ଼ିଶାକୁ ୫ ୱିକେଟରେ

**ଜାତୀୟ ସିନିଅର ମହିଳା ଟି-୨୦**

ହାଇଦ୍ରାବାଦ୍ ପରାସ୍ତ କରିଛି। ଓଡ଼ିଶା ଅଧିନାୟିକା ସୁଶ୍ରୀ ଦିବ୍ୟଦର୍ଶିନୀ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ଓପନର ମାଧୁରୀ ମେହଟା (୩୨ ରନ୍) ଏବଂ ଅଧିନାୟିକା ସୁଶ୍ରୀ(୨୮ ରନ୍)ଙ୍କ ବ୍ୟତୀତ ଅନ୍ୟ କୌଣସି ଖେଳାଳି ଆଶାନୁରୂପ ପ୍ରଦର୍ଶନ କରି ପାରିନଥିଲେ। ହାଇଦରାବାଦର ସାକ୍ଷୀ ରାଓ, ମହେଶ କାବ୍ୟା, କେଶରୀ ଧ୍ରୀତ୍ୟ ୨ଟି ଲେଖାଏ ୱିକେଟ ଦଖଲ କରିଥିଲେ। ଜବାବରେ ୧୮.୩ ଓଭରରେ ୫ ୱିକେଟ ହରାଇ ହାଇଦରାବାଦ୍ ବିଜୟୀ ହୋଇଥିଲା। ଜି ତ୍ରୀଶା ୩୫ ରନର ମ୍ୟାଚ୍ ବିଜୟୀ ପାଳି ଖେଳିଥିଲେ। ଓଡ଼ିଶା ପକ୍ଷରୁ ସୁଶ୍ରୀଙ୍କୁ ୨ଟି ୱିକେଟ ମିଳିଥିଲା। ଗୁରୁବାର ହିମାଚଳପ୍ରଦେଶ ବିପକ୍ଷରେ ଓଡ଼ିଶା ଦ୍ୱିତୀୟ ଲିଗ୍ ମ୍ୟାଚ୍ ଖେଳିବ।





PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS